# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୯/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, February 9/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 77 | ମୂଲ୍ୟ₹୭/-





**ମୟଙ୍କ ଅଗ୍ରୱାଲଙ୍କ ଶତକ**

ବେଙ୍ଗାଲୁରୁଠାରେ ଚାଲିଥିବା ସୌରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ଶତକ ହାସଲ କରିଛନ୍ତି କର୍ଣାଟକର ମୟଙ୍କ ଅଗ୍ରୱାଲ। ୧୬

୧୨ **ଘୁଞ୍ଚିଲା ଶକୁନ୍ତଳମ୍ ରିଲିଜ୍ ତାରିଖ**

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ଫିଲ୍ମ 'ଶକୁନ୍ତଳମ୍' ରିଲିଜ୍ ତାରିଖ ଘୁଞ୍ଚିବା ନେଇ ଫିଲ୍ମ ନିର୍ମାତା ଏକ ପୋଷ୍ଟ ଶେୟାର କରି ସ୍ପଷ୍ଟ କରିଛନ୍ତି।







ଆଦାନୀ ଗ୍ରୁପ୍‌ର ଜାଲିଆତି ବିରୋଧରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଯାଞ୍ଚ କରାଇବା ଦାବିରେ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ବୁଧବାର ପାର୍ଲାମେଣ୍ଟ ପରିସର ଗାନ୍ଧୀମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ବଢ଼ିଲା ଇଏମ୍‌ଆଇ ଯନ୍ତ୍ରଣା

## ୨୫ ବେସିସ୍ ପଏଣ୍ଟ୍‌ସ ରେପୋ ରେଟ୍ ବୃଦ୍ଧିକଲା ଆର୍‌ବିଆଇ

ମୁମ୍ବାଇ/ନୂଆଦିଲ୍ଲୀ,୮।୨

ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଏବେ ବି ଆକାଶଛୁଆଁ ରହିଛି। ମୁଦ୍ରାସ୍ଫୀତିଜନିତ ଦରବୃଦ୍ଧି ଯୋଗୁ ଦେଶବାସୀ ସନ୍ତୁଳି ହେଉଥିବାବେଳେ ଲୋକଙ୍କ ମଙ୍ଗଳ ପାଇଁ କେନ୍ଦ୍ର ସରକାର ଅନେକ ପ୍ରତିଶ୍ରୁତି ଦେଇଆସୁଥିଲେ। ଲୋକେ ମଧ୍ୟ ଦରଦାମ ବୃଦ୍ଧି ଉପରେ ସରକାର କିଛି ନା କିଛି କରିବେ ବୋଲି ବଜେଟକୁ ଅନେଇ ବସିଥିଲେ। କିନ୍ତୁ ସରକାର ୨୦୨୩-୨୪ ଆର୍ଥିକ ବର୍ଷର ବଜେଟରେ ପ୍ରାୟ କୌଣସି ପ୍ରତିଶ୍ରୁତି ରଖିଲେ ନାହିଁ। ଏହାକୁ ନେଇ ନାଗରିକମାନେ ଅସନ୍ତୁଷ୍ଟ ଥିବାବେଳେ ମୁଦ୍ରାସ୍ଫୀତି ଉପରେ ଲଗାମ ଲଗାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ପୁଣି ୦.୨୫% ବା ୨୫ ବେସିସ୍ ପଏଣ୍ଟ୍‌ସ (ବିପିଏସ୍) ରେପୋ ରେଟ୍ ବଢ଼ାଯାଇଛି। ଏହି ବୃଦ୍ଧି ସହ ରେପୋ ରେଟ୍ ୬.୨୫%ରୁ ୬.୫୦%ରେ ପହଞ୍ଚିଛି। ଏଥିଯୋଗୁ ଗୃହ, ଗାଡ଼ି ଓ ଅନ୍ୟ ଉପକରଣ ବାବଦକୁ ବ୍ୟାଙ୍କଗୁଡ଼ିକରୁ ଋଣ ନେଇଥିବା ଲୋକଙ୍କୁ ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟଲମେଣ୍ଟ (ଇଏମ୍‌ଆଇ) ବା ମାସିକ କିସ୍ତି ବୋଝ ସହିବାକୁ ପଡ଼ିବ। କେବଳ ଏତିକି ନୁହେଁ, ରିୟଲ ଇଷ୍ଟେଟ୍, ମାନୁଫାକ୍ଚରିଂ, ଅଟୋମୋବାଇଲ, ଭିତ୍ତିଭୂମି ନିର୍ମାଣ ସମେତ ବିଭିନ୍ନ କ୍ଷେତ୍ରରେ ଏହାର

**ରେପୋ ରେଟ୍: କେତେ ବୃଦ୍ଧି**

| ତାରିଖ | ଥିଲା | ହେଲା |
|---|---|---|
| ୨୦୨୨ ମେ' ୪ | ୪ % | ୪.୪୦% |
| ଜୁନ୍ ୮ | ୪.୪୦% | ୪.୯୦% |
| ଅଗଷ୍ଟ ୫ | ୪.୯୦% | ୫.୪୦% |
| ସେପ୍ଟେମ୍ବର ୩୦ | ୫.୪୦% | ୫.୯୦% |
| ଡିସେମ୍ବର ୭ | ୫.୯୦% | ୬.୨୫% |
| ୨୦୨୩ ଫେବୃୟାରୀ ୮ | ୬.୨୫% | ୬.୫୦% |

ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିବ। କୋଭିଡ୍-୧୯ ମହାମାରୀ ସମୟରେ ଲଗାତର ୨ ବର୍ଷ ଧରି ରେପୋ ରେଟ୍ ବଢ଼ି ନ ଥିଲା। କରୋନା ସଂକ୍ରମଣ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ସାମଗ୍ରୀର ଚାହିଦା ବଢ଼ିଲା। ଏଥିସହ ମହଙ୍ଗା ହାରରେ ବୃଦ୍ଧି ଘଟିବାରୁ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ରେପୋ ରେଟ୍ ମଧ୍ୟ ବଢ଼ାଇ ଚାଲିଛି। ଗତ ମେ' ପରଠୁ ସାଧାରଣ ଜନତାଙ୍କୁ ଏହା ହେଉଛି ଆର୍‌ବିଆଇର ଷଷ୍ଠ ଝଟ୍‌କା। ୨୦୨୨ ମେ'ରେ ରେପୋ ରେଟ୍ ୪.୪୦% ଥିବାବେଳେ ଜୁନ୍‌ରେ ୪.୯୦%କୁ ବୃଦ୍ଧି କରାଯାଇଥିଲା। ସେହିପରି ଅଗଷ୍ଟରେ ୫.୪୦%, ସେପ୍ଟେମ୍ବରରେ ୫.୯୦%, ଡିସେମ୍ବରରେ ୬.୨୫% ଏବଂ ଫେବୃୟାରୀରେ ଏହା ୬.୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ବେସିସ୍ ପଏଣ୍ଟ୍‌ସ ହିସାବରେ ଦେଖିଲେ ଏହି ବୃଦ୍ଧିର ପରିମାଣ ହେଉଛି ୨୫୦, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଲୋକଙ୍କ ପକେଟ ଉପରେ ପଡ଼ିବ। ସୁଧହାର ବଢ଼ିଲେ ସାମଗ୍ରୀଗୁଡ଼ିକର ଚାହିଦା କମିବ। ଲୋକେ ନିଜ ଖର୍ଚ୍ଚ ହ୍ରାସ କରି ବଜେଟକୁ ସଙ୍କୁଚିତ କରିବାକୁ ବାଧ୍ୟହେବେ। ପୂର୍ବରୁ କୌଣସି ଋଣ ବାବଦକୁ ଗ୍ରହୀତା ଯେତିକି ପରିମାଣର ସୁଧ ଦେଉଥିଲେ, ଏବେ ତହିଁରୁ ଅଧିକ ପଇଠ କରିବାକୁ ପଡ଼ିବ। କେନ୍ଦ୍ରୀୟ ବ୍ୟାଙ୍କ ସ୍ଥାନୀୟ ବ୍ୟାଙ୍କଗୁଡ଼ିକଠାରୁ ନେଉଥିବା ସୁଧ ବଢ଼ାଇଥିବାରୁ ସେଗୁଡ଼ିକ ଋଣ ଗ୍ରହୀତାମାନଙ୍କଠାରୁ ନେଉଥିବା ସୁଧ ବଢ଼ାଇବା ନିଶ୍ଚିତ। ସଞ୍ଚୟ ଯୋଜନା ଓ ରିଟେଲ୍ ଲୋନ୍‌କୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଗତ ୬ ତାରିଖରୁ ଚାଲିଥିବା ଏମ୍‌ପିସି ବୈଠକ ବୁଧବାର ଶେଷ ହେବା ପରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ମୁଦ୍ରାସ୍ଫୀତି ଏବେ ମଧ୍ୟ ଉଚ୍ଚରେ ରହିଛି। ଏହାକୁ ଦୃଷ୍ଟିରେ ରଖି ଏମ୍‌ପିସିର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ରେପୋ ରେଟ୍ ବଢ଼ାଇବା ଉପରେ ମତ ଦେଇଥିଲେ। ☞ପୃଷ୍ଠା-୪

# ରେଞ୍ଜର, ୨ ଫରେଷ୍ଟର ଜେଲ ଗଲେ

**ବଡ଼ମ୍ବା ବନ ବିଭାଗ ହେପାଜତରେ ଧନେଶ୍ୱରଙ୍କ ମୃତ୍ୟୁ ଘଟଣା**

- ୬ ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ୪ ଠେଙ୍ଗା, ୨ ବୋଲେରୋ ଗାଡ଼ି, ମୃତକଙ୍କ ପୋଷାକ ଜବତ

ଆଠଗଡ଼,୮।୨(ସ୍ୱ.ପ୍ର.)

କଟକ ଜିଲା ବଡ଼ମ୍ବା ବନବିଭାଗ ହେପାଜତରେ ରବିବାର ରାତିରେ ଧନେଶ୍ୱର ବେହେରାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବଡ଼ମ୍ବା ପୋଲିସ ଜଣେ ରେଞ୍ଜର, ୨ଜଣ ଫରେଷ୍ଟର ଏବଂ ୩ଜଣ ଫରେଷ୍ଟ ଗାର୍ଡଙ୍କୁ ଗିରଫ କରି ବୁଧବାର କଟକ ସ୍ୱତନ୍ତ୍ର କୋର୍ଟରେ ହାଜର କରିଛି। ସେମାନେ ହେଲେ ବଡ଼ମ୍ବା ବନାଞ୍ଚଳ ଅଧିକାରୀ ସୁବ୍ରତ ବେହେରା, ବନପାଳ ମନୋଜ ଦାସ, ଦୀପକ ସେଠୀ, ବନରକ୍ଷୀ ସୁନୟନ ମାଝି, କୁନା ବେହେରା ଏବଂ ପ୍ରଭାତ ପ୍ରଧାନ। ଏଥିସହ ସେମାନଙ୍କଠାରୁ ବନ ବିଭାଗ ଦ୍ୱାରା ବ୍ୟବହୃତ ୨ ବୋଲେରୋ ନଂ. ଓଡି୨୫-ଏଏଚ୍-୧୧୬୦, ଓଡି୦୨-ସି- ୫୪୮୧, ୪ଟି ଠେଙ୍ଗା, ମୃତ ଧନେଶ୍ୱରଙ୍କ ପ୍ୟାଣ୍ଟଶାର୍ଟ ଜବତ କରାଯାଇଛି। ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାପରେ ସେମାନଙ୍କୁ ଚୌଦ୍ୱାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଠଗଡ଼ ଥାନା ପରିସରରେ ବୁଧବାର ଏସ୍‌ଡିପିଓ ବିଜୟ କୁମାର ବିଶି ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ବଡ଼ମ୍ବା ଥାନା ଅନ୍ତର୍ଗତ ସାତଗୋଛିଆ ଗ୍ରାମର ଧନେଶ୍ୱର ବେହେରା ରବିବାର ପରିବାର ଓ ଗ୍ରାମବାସୀଙ୍କ ସହ ଏକ ଅଟୋ ଯୋଗେ ବନ୍ଧୁ ଘରୁ ଫେରୁଥିବାବେଳେ ବନ ବିଭାଗ କର୍ମଚାରୀ ତାଙ୍କୁ ବଡ଼ମ୍ବା ପେଟ୍ରୋଲ୍ ପମ୍ପ ନିକଟରୁ ଉଠାଇ ନେଇଥିଲେ। ପରେ ବନ ବିଭାଗ ହେପାଜତରେ ଥିବା ସମୟରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଧନେଶ୍ୱରଙ୍କୁ ବନ କର୍ମଚାରୀ ଏବଂ ଅଧିକାରୀମାନେ ପିଟି ☞ପୃଷ୍ଠା-୪

## ନାର୍କୋ ଟେଷ୍ଟ: ଗୋପାଳଙ୍କୁ ଗୁଜରାଟ ନିଆଗଲା

**ନବ ଦାସ ହତ୍ୟାକାଣ୍ଡ**

- ଆଉ ୫ଦିନ ରିମାଣ୍ଡକୁ ମଞ୍ଜୁରୀ
- ଘଟଣାସ୍ଥଳରେ ଜଷ୍ଟିସ ଦାସ, ଡିଜିପି

ବ୍ରଜରାଜନଗର, ୮।୨(ଡି.ଏନ୍.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡକୁ ୧୧ଦିନ ବିତିଯାଇଥିବାବେଳେ ଏହାର ରହସ୍ୟ ଉନ୍ମୋଚନ କରିପାରିନାହିଁ କ୍ରାଇମବ୍ରାଞ୍ଚ। ଘଟଣାର ମୁଖ୍ୟ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ ମାରାଥନ ଜେରା ସତ୍ତ୍ୱେ ସୁଫଳ ମିଳୁନାହିଁ। ମାମଲାକୁ ନେଇ ସନ୍ଦେହ ବଢୁଥିବାବେଳେ ଗୋପାଳଙ୍କ ନାର୍କୋ ଏବଂ ପଲିଗ୍ରାଫ୍ ପରୀକ୍ଷା ପାଇଁ କ୍ରାଇମବ୍ରାଞ୍ଚ ଅନୁମତି ମାଗିଥିଲା, ଯାହାକୁ ସବୁଜ ସଙ୍କେତ ଦେଇଛନ୍ତି ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟ। ଏଥିସହ ୫ ଦିନିଆ ରିମାଣ୍ଡକୁ ମଧ୍ୟ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ସଙ୍କଟ ମୁକାବିଲାର ପ୍ରସ୍ତୁତି**


# ମହିଳାଙ୍କୁ ବଳାତ୍କାର, ହତ୍ୟା

- ଜଗତପୁର ଟ୍ରକ୍ ଟର୍ମିନାଲରୁ ମୃତଦେହ ଜବତ
- ଯୌନାଙ୍ଗରେ ଝାଡୁ ପୂରେଇଦେଲେ ଦୁର୍ବୃତ୍ତ
- ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ
- ପୋଷ୍ଟମର୍ଟମ ରିପୋର୍ଟରୁ ମିଳିବ ଅଧିକ ତଥ୍ୟ: ଏସିପି

ମଙ୍ଗୁଳି/ଜଗତପୁର, ୮।୨(ଡି.ଏନ୍.ଏ.)

ଜଗତପୁର ଥାନା ଅଧୀନ ଟ୍ରକ୍ ଟର୍ମିନାଲ ନିକଟ ଏକ ପରିତ୍ୟକ୍ତ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ପୋଲିସ ଜବତ କରିଛି। ମୃତା ଜଗତପୁର ଷ୍ଟେଶନ ବଜାର ଅଞ୍ଚଳର ବୋଲି ଜଣାପଡ଼ିଛି। ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (ନଂ.୬୭/୨୩)ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ରାତି ଅନ୍ଧାର କାରଣରୁ ତଦନ୍ତ ସ୍ଥଗିତ ରହିଥିଲା। ବୁଧବାର ସକାଳୁ ସନ୍ଧାନୀକୁକୁର ଏବଂ ସାଇଣ୍ଟିଫିକ ଟିମ୍ ସହାୟତାରେ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରାଯାଇଥିଲା। ଘଟଣାସ୍ଥଳରୁ ଗୋଟେ ଝାଡୁ, ଏକ ବାଲ୍ଟି ଓ ମଗ ଜବତ କରାଯିବା ସହ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଯାଇଛି।

ସୂଚନା ଅନୁଯାୟୀ, ମୃତା ମହିଳାଙ୍କ ସ୍ୱାମୀ ସ୍ଥାନୀୟ ଏକ ଟ୍ରାନ୍ସପୋର୍ଟ ମାଲିକଙ୍କ ଟ୍ରକ୍ ଡ୍ରାଇଭର ଭାବେ କାମ କରନ୍ତି। ସେ ରବିବାର ଅପରାହ୍ନରେ ମାଲ୍ ଅନ୍‌ଲୋଡ଼ କରିବାକୁ ପାରାଦୀପ ଯାଇଥିଲେ। ମଙ୍ଗଳବାର ରାତି ପ୍ରାୟ ୮ଟାରେ ଘରେ ପହଞ୍ଚିଲା ପରେ ସ୍ତ୍ରୀଙ୍କୁ ନ ପାଇ ଝିଅକୁ ମା' କୁଆଡ଼େ ଯାଇଛି ବୋଲି ପଚାରିଥିଲେ। ମା' ସନ୍ଧ୍ୟାରୁ ବଜାରକୁ ଯାଇଥିଲା, ହେଲେ ଏଯାଏ ଫେରିନି ବୋଲି ଝିଅ କହିଥିଲେ। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ସ୍ତ୍ରୀ ଘରକୁ ନ ଫେରିବାରୁ ସ୍ୱାମୀ ଖୋଜିବାକୁ ବାହାରିଥିଲେ। ବହୁ ଖୋଜାଖୋଜି ପରେ ରାତି ପ୍ରାୟ ୧୧ଟା ବେଳକୁ କେହି ଜଣେ ମହିଳା ଏକ ପରିତ୍ୟକ୍ତ ଘରେ ☞ପୃଷ୍ଠା-୪

# କୋର୍ଟରେ ପଶିଲା କଲରାପତରିଆ

**ଆକ୍ରମଣରେ ୬ ଆହତ**

ଗାଜିଆବାଦ, ୮।୨

ଉତ୍ତରପ୍ରଦେଶର ଗାଜିଆବାଦ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟ କମ୍ପ୍ଲେକ୍ସରେ ବୁଧବାର ଅପରାହ୍ନ ୪ଟାବେଳେ ଏକ କଲରାପତରିଆ ବାଘ ପଶି ଲୋକଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ କାହାରି ମୃତ୍ୟୁ ଘଟି ନ ଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଏହାର ସୂଚନା ପାଇ ସ୍ଥାନୀୟ ପୋଲିସ ଏବଂ ବନ ବିଭାଗ ୪ ଘଣ୍ଟାର ଅପରେଶନ୍ ପରେ କଲରାପତରିଆକୁ ଧରିବାରେ ସଫଳ ହୋଇଛି। କୋର୍ଟ ପରିସରକୁ ଖାଲି କରାଯିବା ସହ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଆସିଷ୍ଟାଣ୍ଟ ପୋଲିସ କମିଶନର ଅଭିଷେକ



ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଘଟଣାର କିଛି ଭିଡିଓ ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରରେ ବହୁଳ ପ୍ରସାର ହେବାରେ ଲାଗିଛି। ଗତ ଡିସେମ୍ବରରେ ଗାଜିଆବାଦର ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ୱେ'ରେ ଏକ ଅଣ୍ଡିରା କଲରାପତରିଆ ଗାଡ଼ି ଧକ୍କାରେ ପ୍ରାଣ ହରାଇଥିଲା। ସୂଚନା ମୁତାବକ ବାଘର ବୟସ ୫ ବର୍ଷ ହୋଇଥିବାବେଳେ ରାସ୍ତା ପାର୍ ହେଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।




**ବର୍ଷକରେ ୧୮୭ ଆତଙ୍କବାଦୀ ନିହତ**

ଗତବର୍ଷ ୧୮୭ ଆତଙ୍କବାଦୀ ନିହତ ହୋଇଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ୧୧୧ କାଉଣ୍ଟର ଟେରର୍ ଅପରେଶନ୍ ଜରିଆରେ ଏହି ସଫଳତା ମିଳିଛି। ୨୦୨୨ରେ ୧୨୫ ଆତଙ୍କବାଦୀ ହିଂସାକାଣ୍ଡ ଭିଆଇଥିବାବେଳେ ଜମ୍ମୁ-କଶ୍ମୀରରେ ୧୧୭ ଏନ୍‌କାଉଣ୍ଟର ଘଟିଥିଲା। ୨୦୨୧ରେ ୯୫ କାଉଣ୍ଟର ଟେରର୍ ଅପରେଶନ ଜରିଆରେ ୧୮୦ ଆତଙ୍କବାଦୀ ନିହତ ହୋଇଥିଲେ।

## ସଂକ୍ଷେପରେ

### ନାବାଳିକା ସହାୟିକାଙ୍କୁ ଉଦ୍ଧାରକଲେ ସାମାଜିକ କର୍ମୀ

**ଶାରୀରିକ ନିର୍ଯାତନା ଦେଉଥିଲେ ମାଲିକ**

**ଗୁରୁଗ୍ରାମ, ୮।୨:** ଗୁରୁଗ୍ରାମରୁ ଜଣେ ନାବାଳିକା ଗୃହ ସହାୟିକାଙ୍କୁ ସାମାଜିକକର୍ମୀ ଉଦ୍ଧାର କରିଛନ୍ତି। ଏକ ଘରୋଇ କମ୍ପାନୀରେ ଚାକିରି କରିଥିବା ମନୀଶ କୌର ଏବଂ କମଲଜିତ କୌର ତାଙ୍କ ପିଲାର ଦେଖାରଖା ପାଇଁ ରାଞ୍ଚିର ଏକ ନବାଳିକାଙ୍କୁ ଆଣି ଘରେ ରଖିଥିଲେ। ଦମ୍ପତି ନାବାଳିକାଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ଖାଇବାକୁ ଦେଉ ନ ଥିବା ସାମାଜିକକର୍ମୀ ଦୀପିକା ନାରାୟଣ ଭରଦ୍ୱାଜ କହିଛନ୍ତି। ଦୀପିକାଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ହରିୟାଣା ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ମନୀଶଙ୍କୁ ଗିରଫ କରିଛି। ନାବାଳିକାଙ୍କ ଦେହସାରା ଖଣ୍ଡିଆ ଦାଗ ରହିଛି। ଉକ୍ତ ଦମ୍ପତି ତାଙ୍କୁ କୌଣସି ପାରିଶ୍ରମିକ ଦେଉ ନ ଥିଲେ। ୫ ମାସ ଧରି ମନୀଶ ଓ କମଲଜିତ ନାବାଳିକାଙ୍କୁ ନିର୍ଯାତନା ଦେଇଆସୁଛନ୍ତି। ଘଟଣା ନେଇ ପୋଲିସ ତଦନ୍ତ ଚଳାଇଛି।

### ଡାକ ଟିକଟରେ ଚାର୍ଲ୍ସଙ୍କ ମୁକୁଟ ବିହୀନ ଛବି




**ଲଣ୍ଡନ, ୮।୨:** ବ୍ରିଟେନ୍ ରୟାଲ୍ ମେଲ ପକ୍ଷରୁ ବୁଧବାର କିଙ୍ଗ ଚାର୍ଲ୍ସ ତୃତୀୟଙ୍କ ଡାକ ଟିକଟ ଅନାବରଣ କରାଯାଇଛି। ଷ୍ଟାମ୍ପରେ ଚାର୍ଲ୍ସଙ୍କ ମୁକୁଟ ବିହୀନ ଛବି ଦେଖିବାକୁ ମିଳିଛି। ପୂର୍ବ ପ୍ରକାରେ କୁଇନ୍ ଏଲିଜାବେଥ୍ ଦ୍ୱିତୀୟଙ୍କ ମୁହଁ ବାମ ଆଡକୁ ଥିବାବେଳେ ଏହି ନୂତନ ଷ୍ଟାମ୍ପରେ ୭୪ ବର୍ଷୀୟ ଚାର୍ଲ୍ସଙ୍କ ମୁଖ ମଧ ସମାନ ପାର୍ଶ୍ୱ ଆଡ଼କୁ ରହିଛି।

### ରିସାଇକେଲ୍ଡ ପ୍ଲାଷ୍ଟିକ୍‌ରେ ତିଆରି ମୋଦିଙ୍କ ଜ୍ୟାକେଟ୍



**ନୂଆଦିଲ୍ଲୀ, ୮।୨:** ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟକୁ ହାଲୁକା ନୀଳ ରଙ୍ଗର ଏକ ସ୍ଲିଭ୍ ଲେସ୍ ଜ୍ୟାକେଟ ପିନ୍ଧି ଆସିଥିଲେ। ସୂଚନାଯୋଗ୍ୟ ମୋଦି ପିନ୍ଧିଥିବା ଏହି ଜ୍ୟାକେଟ୍ ରିସାଇକେଲ୍ଡ (ପୁନଃଚକ୍ରଣ) ପ୍ଲାଷ୍ଟିକ୍ ବୋତଲରେ ତିଆରି କରାଯାଇଛି। ସୋମବାର ବେଙ୍ଗାଲୁରୁରେ ଅନୁଷ୍ଠିତ ଇଣ୍ଡିଆ ଏନର୍ଜି ୱିକ୍ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ (ଆଇଓସି) ପିଏମ୍‌ଙ୍କୁ ଏହି ଜ୍ୟାକେଟ୍ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ରିଟେଲ କଷ୍ଟମର ଆଟେଣ୍ଡାଣ୍ଟ ଏବଂ ଏଲ୍‌ପିଜି ଡେଲିଭରି କର୍ମଚାରୀମାନଙ୍କୁ ରିସାଇକେଲ୍ଡ ପଲିଷ୍ଟର ଓ କଟନ୍‌ରେ ତିଆରି ପୋଷାକ ଯୋଗାଇ ଦିଆଯିବ ବୋଲି ଆଇଓସି ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି।



ଆମେରିକାରେ ଉଡୁଥିବା ଚାଇନାର ଏକ ସନ୍ଦିଗ୍ଧ ବେଲୁନ୍‌କୁ ଶନିବାର ସାଉଥ୍ କାରୋଲିନା ଉପକୂଳ ଆକାଶରୁ ଏଫ୍-୨୨ ଫାଇଟର ଜରିଆରେ କ୍ଷେପଣାସ୍ତ୍ର ମାଡ଼ କରି ଖସାଇ ଦିଆଯାଇଥିଲା। ଏକ୍ସପ୍ଲୋସିଭ୍ ଅର୍ଡନାନ୍ସ ଡିସ୍ପୋଜାଲ ଗ୍ରୁପ୍ ୨ ଏହାର ଅବଶେଷକୁ ମିର୍ଟଲ ବିଚ୍ ନିକଟରେ ଠାବ କରିଛି।



ଚିଲିରେ ବନାଗ୍ନି ଘାତକ ସାଜିଥିବାବେଳେ କ୍ୱିଲୋନରେ ନିଆଁ ଲିଭାଉଛନ୍ତି ଅଗ୍ନିଶମ ବାହିନୀ।

# ଯୁଦ୍ଧରେ ହାରିବ ରୁଷିଆ



ବକିଂହାମ୍ ପ୍ୟାଲେସ୍‌ରେ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ସହ କରମର୍ଦ୍ଦନ କରୁଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

**ୟୁକ୍ରେନ୍ ଆକ୍ରମଣକୁ ୩୫୦ ଦିନ**

- ଲଣ୍ଡନରେ କିଙ୍ଗ୍ ଚାର୍ଲ୍ସ ଓ ଋଷି ସୁନକଙ୍କୁ ଭେଟିଲେ ଜେଲେନ୍‌ସ୍କି
- ପାଶ୍ଚାତ୍ୟକୁ ଅଧିକ ସାମରିକ ସହାୟତା ମାଗିଲେ

**ଲଣ୍ଡନ,୮।୨**

କିଭ୍ ବିରୋଧୀ ଯୁଦ୍ଧରେ ରୁଷିଆ ପରାଜିତ ହେବ ବୋଲି ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଲଣ୍ଡନ ଗସ୍ତରେ ଥିବା ଜେଲେନ୍‌ସ୍କି ଏହି ଆକ୍ରମଣର ପ୍ରଥମ ଦିନରୁ ସମର୍ଥନ ଦେଇଆସିଥିବା ବ୍ରିଟେନବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ରୁଷିଆକୁ ପ୍ରତିହତ କରିବା ପାଇଁ ପାଶ୍ଚାତ୍ୟ ସହଯୋଗୀଙ୍କୁ ଜେଲେନ୍‌ସ୍କି ଅଧିକ ସାମରିକ ସହାୟତା ମାଗିଛନ୍ତି।

ଆଉ ୨ ସପ୍ତାହ ଗଲେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ବର୍ଷେ ପୂରିବ। ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସୈନ୍ୟମାନଙ୍କୁ ୟୁକ୍ରେନ୍ ଉପରେ 'ସାମରିକ ଅପରେଶନ୍' ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରୟାଲ ଏୟାରଫୋର୍ସ ପ୍ଲେନ୍‌ରେ ପ୍ରଥମ ଥର ପାଇଁ ବ୍ରିଟେନ୍ ଗସ୍ତ କରିଛନ୍ତି। ସେ ବ୍ରିଟେନ ପାର୍ଲାମେଣ୍ଟକୁ ସମ୍ବୋଧନ କରିଛନ୍ତି। ଟ୍ରେଡ୍‌ମାର୍କ ଓଲିଭ୍ ସ୍ୱେଟ୍‌ଶାର୍ଟ ପିନ୍ଧିଥିବା ଜେଲେନ୍‌ସ୍କି ୯୦୦ ବର୍ଷ ପୁରୁଣା ୱେଷ୍ଟମିନିଷ୍ଟର ହଲ୍‌ରେ ନିଜ ଐତିହାସିକ ଅଭିଭାଷଣରେ କହିଛନ୍ତି, ଆମ ବୀର ସୈନ୍ୟଙ୍କ ତରଫରୁ ଆପଣମାନଙ୍କୁ ଧନ୍ୟବାଦ ଦେଉଛି। ଏହି ଯୁଦ୍ଧରେ ମସ୍କୋ ହାରିବ। ରୁଷିଆର ବର୍ବରତା ବିରୋଧରେ ୟୁକ୍ରେନ୍ ବିଜୟ ହାସଲ କରିବ। ଏହା ଆମ ଓ ଆପଣଙ୍କ ପରମ୍ପରାରେ ସନ୍ନିବେସିତ ହୋଇଛି। ଜେଲେନ୍‌ସ୍କି ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କୁ ଭେଟିଛନ୍ତି। ଏହି ଅବସରରେ ସୁନକ ୟୁକ୍ରେନୀୟମାନଙ୍କୁ ଫାଇଟର ଜେଟ୍ ପାଇଲଟ୍ ଭାବେ ତାଲିମ ସହାୟତା ଏବଂ ସେମାନଙ୍କ ଦକ୍ଷତା ବୃଦ୍ଧି ଲାଗି ବୁଡ଼ାଜାହାଜ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ସପ୍ତାହରେ ବ୍ରିଟେନ ଯାଇଥିବା ୟୁକ୍ରେନୀୟ ପାଇଲଟ୍‌ମାନେ ଏହି ତାଲିମ ପରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନେଇଜେଶନ୍ (ନାଟୋ) ଷ୍ଟାଣ୍ଡାର୍ଡରେ ଫାଇଟର ଜେଟ୍ ଉଡ଼ାଣ କରିପାରିବେ ବୋଲି ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୁହାଯାଇଛି। ବକିଂହାମ୍ ପ୍ୟାଲେସ୍ ଜେଲେନ୍‌ସ୍କିଙ୍କ ଗସ୍ତକୁ ସର୍‌ପ୍ରାଇଜ୍ ଭିଜିଟ୍ ବୋଲି କହିଛି। ସୁରକ୍ଷାଗତ କାରଣରୁ ଗସ୍ତ ସମ୍ପର୍କରେ ପୂର୍ବରୁ ଘୋଷଣା କରାଯାଇ ନ ଥିଲା। ଜେଲେନ୍‌ସ୍କି କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କୁ ମଧ ସାକ୍ଷାତ କରିଛନ୍ତି। ବ୍ରିଟେନ ସରକାରଙ୍କ ଅଧିକାରୀମାନଙ୍କ ମତରେ କିଙ୍ଗ୍ ଚାର୍ଲ୍ସ ଏବଂ ଜେଲେନ୍‌ସ୍କିଙ୍କ ମଧ୍ୟରେ ୟୁକ୍ରେନ୍‌କୁ ସହାୟତା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଛି। ଇତିମଧ୍ୟରେ ବ୍ରିଟେନ ରୁଷିଆ ଉପରେ ଆହୁରି କଟକଣା ଲଗାଇଛି। ପ୍ରକାଶ ଯେ, ୟୁକ୍ରେନ୍‌କୁ ବ୍ରିଟେନ ୨ ବିଲିୟନ ପାଉଣ୍ଡ (୨.୫ ବିଲିୟନ ଆମେରିକୀୟ ଡଲାର) ମୂଲ୍ୟର ଅସ୍ତ୍ରଶସ୍ତ୍ର ଓ ସାମରିକ ଉପକରଣ ଯୋଗାଇଦେଲାଣି। ଜେଲେନ୍‌ସ୍କି ବ୍ରିଟେନରୁ ଫ୍ରାନ୍ସ ଗସ୍ତ କରିବେ ବୋଲି ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

> ଆମେ ଜାଣିଛୁ ସ୍ୱାଧୀନତାର ବିଜୟ ହେବ। ରୁଷିଆ ପରାଜିତ ହେବ ଏବଂ ୟୁକ୍ରେନ୍‌ର ବିଜୟ ସାରା ବିଶ୍ୱରେ ପରିବର୍ତ୍ତନ ଆଣିବ।
>
> –ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି

> ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ବ୍ରିଟେନ ଗସ୍ତ ତାଙ୍କ ଦେଶର ସାହସ, ଦୃଢ଼ତା ଓ ବୀରତ୍ୱକୁ ପ୍ରମାଣିତ କରୁଛି। ବ୍ରିଟେନ ଓ ୟୁକ୍ରେନ୍ ମଧ୍ୟରେ ବନ୍ଧୁତ୍ୱ ଅତୁଟ ରହିବ।
>
> –ଋଷି ସୁନକ, ବ୍ରିଟେନ ପ୍ରଧାନମନ୍ତ୍ରୀ

## ପୁଟିନ୍‌ଙ୍କ ନିର୍ଦ୍ଦେଶରେ ଖସାଯାଇଥିଲା ଏମ୍‌ଏଚ୍ ୧୭



୨୦୧୪ ଜୁଲାଇ ୧୭ରେ ଆମ୍‌ଷ୍ଟରଡାମ୍‌ରୁ କୁଆଲାଲୁମ୍ପୁର ଅଭିମୁଖେ ଯାତ୍ରାକରୁଥିବା ମାଲେସିଆ ଏୟାରଲାଇନ୍ସର ଏମ୍‌ଏଚ୍ ୧୭ ବିମାନ ପୂର୍ବ ୟୁକ୍ରେନ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସମସ୍ତ ୨୯୮ ଯାତ୍ରୀ ପ୍ରାଣ ହରାଇଥିଲେ। ରୁଷିଆର ମିଶାଇଲ୍ ଆକ୍ରମଣରେ ବିମାନ ଖସିପଡ଼ିଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ୬ଟି ଦେଶର ତଦନ୍ତକାରୀ ଟିମ୍ ଏ ନେଇ ଏବେ ଚାଞ୍ଚଲ୍ୟକର ପ୍ରଘଟ କରିଛନ୍ତି। ଏମ୍‌ଏଚ୍ ୧୭କୁ ଟାର୍ଗେଟ୍ କରିଥିବା ଖସାଇ ଦେଇଥିବା ମିଶାଇଲ୍ ଯୋଗାଣ ପାଇଁ ଡୋନେସ୍କର ବିଚ୍ଛିନ୍ନତାବାଦୀଙ୍କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଅନୁମତି ଦେଇଥିଲେ ବୋଲି ତଦନ୍ତକାରୀ ଟିମ୍ କହିଛି।

## ମୃତ୍ୟୁସଂଖ୍ୟା ୧୧୦୦୦କୁ ବୃଦ୍ଧି

**ଭୂକମ୍ପ ସ୍ଥିତି ପରିଦର୍ଶନ କଲେ ତୁର୍କୀ ରାଷ୍ଟ୍ରପତି ଇର୍ଦୋଗାନ**

**ଗାଜିଆଣ୍ଟେପ, ୮।୨**

ତୁର୍କୀ ଓ ସିରିଆରେ ଅନୁଭୂତ ଶକ୍ତିଶାଳୀ ଭୂକମ୍ପକୁ ତିନିଦିନ ବିତିଯାଇଛି। ଦିନ ବିତିବା ସାଙ୍ଗକୁ ମୃତ୍ୟୁସଂଖ୍ୟା ମଧ ବଢ଼ିବାରେ ଲାଗିଛି। ବୁଧବାର ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟା ୧୧,୦୦୦ରେ ପହଞ୍ଚିଛି। ତୁର୍କୀ ରାଷ୍ଟ୍ରପତି ରିସେପ ଟାୟିପ ଇର୍ଦୋଗାନ୍ ଭୂକମ୍ପରେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। କୌଣସି ନାଗରିକଙ୍କୁ ଅସହାୟ ଭାବେ ରାସ୍ତା କଡ଼ରେ ଛଡ଼ାଯିବ ନାହିଁ ବୋଲି ଇର୍ଦୋଗାନ୍ ଭୂକମ୍ପ ସ୍ଥିତି ପରିଦର୍ଶନ ବେଳେ କହିଛନ୍ତି। ଭୂକମ୍ପରେ ତୁର୍କୀରେ ବର୍ତ୍ତମାନ ସୁଦ୍ଧା ୮,୫୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ସେ ସୂଚନା ଦେଇଛନ୍ତି। ରେସ୍କ୍ୟୁଟିମ୍ ପକ୍ଷରୁ ଦିନରାତି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନ୍ୟପକ୍ଷେ ସିରିଆ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂଗୃହୀତ ସୂଚନା ଅନୁସାରେ ୧,୨୫୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨,୦୫୪ ଆହତ ହୋଇଛନ୍ତି। ତୁର୍କୀରେ ବର୍ତ୍ତମାନ ୬୦,୦୦୦ ଉଦ୍ଧାରକାରୀ ଦଳ ପକ୍ଷରୁ ରେସ୍କ୍ୟୁ କାର୍ଯ୍ୟ ଚାଲିଛି। ପାଖାପାଖି ୨୪ରୁ ଊର୍ଦ୍ଧ୍ୱ ଦେଶ ତୁର୍କୀକୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଭଗ୍ନାବଶେଷ ତଳୁ ମୋଟ ୮୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିବାବେଳେ ୩,୮୦,୦୦୦ ଜଣ ବିଭିନ୍ନ ହୋଟେଲ ଏବଂ ଆଶ୍ରୟସ୍ଥଳଗୁଡ଼ିକରେ ରହୁଛନ୍ତି।



ତୁର୍କୀର ହତାୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## 'ଅପରେଶନ ଦୋସ୍ତ'

**ନୂଆଦିଲ୍ଲୀ, ୮।୨**

ଭୂକମ୍ପରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ତୁର୍କୀ ଓ ସିରିଆକୁ ଭାରତ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଛି। କେନ୍ଦ୍ର ସରକାର 'ଅପରେଶନ୍ ଦୋସ୍ତ' ଆରମ୍ଭ କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବୁଧବାର ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି। ଅନେକ ସମୟରେ ବିଶ୍ୱର ଭୂରାଜନୀତିରେ ବହୁ ପରିବର୍ତ୍ତନ ଦେଖିବାକୁ ମିଳୁଛି। କିନ୍ତୁ ଭାରତ 'ବସୁଧୈବ କୁଟୁମ୍ବକମ୍' ନୀତି ଆପଣାଇ ସବୁବେଳେ ମାନବ ଜାତିର କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ସ୍ଲାବ୍ ତଳେ ଭାଇକୁ ସୁରକ୍ଷା ଦେଉଛି ଭଉଣୀ



**ଦାମସ୍କସ୍, ୮।୨:** ଭୂକମ୍ପରେ ପ୍ରଭାବିତ ସିରିଆରେ ସ୍ଲାବ୍ ତଳେ ଫସି ରହିଥିବା ଭଉଣୀ ଭାଇଙ୍କ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ସାନ ଭାଇକୁ ରକ୍ଷା କରିବା ଲାଗି ତା' ମୁଣ୍ଡ ଉପରେ ଭଉଣୀ ନିଜ ହାତକୁ ରଖିଛି। ଭିଡିଓରେ ଦେଖାଯାଉଥିବା ଝିଅର ନାଁ ମରିଅମ ବୋଲି ଜଣାପଡ଼ିଛି। ପାଖାପାଖି ୩୦ ଘଣ୍ଟାଧରି ସିରିଆର ନର୍ଦ୍ଦର୍ନ ଅଞ୍ଚଳରେ ସ୍ଲାବ୍ ତଳେ ଏହି ଦୁଇ ଶିଶୁ ଫସି ରହିଥିବା କୁହାଯାଉଛି। ରେସ୍କ୍ୟୁଟିମ୍ ପକ୍ଷରୁ ଉଦ୍ଧାର ପରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଆଦାନୀ ପ୍ରସଙ୍ଗ: ସଂସଦରେ ଅଚଳାବସ୍ଥା ଜାରି

- ୨୦୦୪ରୁ ୨୦୧୪ ଦୁର୍ନୀତି ଓ ହିଂସାର ଦଶନ୍ଧି: ମୋଦି
- ସରକାର ବିତର୍କରୁ ପଳାୟନ କରୁଛନ୍ତି: କଂଗ୍ରେସ

**ନୂଆଦିଲ୍ଲୀ,୮।୨**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲୋକ ସଭାରେ ଆଦାନୀ ଗ୍ରୁପ୍‌ର ଜାଲିଆତି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଟାର୍ଗେଟ କରିବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ବକ୍ତବ୍ୟ ରଖିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି, ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରଙ୍କ ୧୦ ବର୍ଷ ଶାସନ କାଳରେ ସେମାନେ ଦେଶକୁ ଶୁଷ୍କ କରିଦେଇଥିଲେ। ୨୦୦୪ରୁ ୨୦୧୪ ଦୁର୍ନୀତି ଓ ହିଂସାର ଦଶନ୍ଧି ଥିଲା। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଦେଶ ଆତଙ୍କବାଦରେ ବୁଡ଼ିଥିଲା। ସେହି ୧୦ ବର୍ଷ ଭିତରେ ବିଶ୍ୱ ମଞ୍ଚରେ ଭାରତର ଛବି ମଳିନ ହୋଇଯାଇଥିଲା। ଭାରତ କଥା କେହି ଶୁଣୁ ନ ଥିଲେ। ଉପା ସରକାର ପ୍ରତ୍ୟେକ ସୁଯୋଗକୁ ସଙ୍କଟରେ ପରିଣତ କରୁଥିଲେ। ବର୍ତ୍ତମାନ ବିରୋଧୀ ଦଳଗୁଡ଼ିକ ଦେଶର ପ୍ରଗତି ଦେଖି ସହିପାରୁ ନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ବିରୋଧୀ ଦଳଗୁଡ଼ିକୁ ଲୋକେ ଏକାଠି କରିପାରିଲେ ନାହିଁ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେମାନଙ୍କ ବିରୋଧରେ ଦୁର୍ନୀତି ମାମଲାରେ ତଦନ୍ତ କରୁଥିବାବେଳେ ବିରୋଧୀ ଗୋଟିଏ ମଞ୍ଚରେ ଏକଜୁଟ ହୋଇଛନ୍ତି। ଏଥିପାଇଁ ସେମାନେ ଇଡିକୁ ଧନ୍ୟବାଦ ଦେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଅଣାଯାଇଥିବା ଅଭିଯୋଗ ଉପରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) କିମ୍ବା ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ତଦନ୍ତ କରାଯିବା ଦାବିରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଡ଼ିବସିଛନ୍ତି। ସରକାର ବିତର୍କ କରାଇବା ପରିବର୍ତ୍ତେ ପଳାୟନ ପନ୍ଥା ଆପଣାଇଥିବା କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ମୋଦି ସରକାର ୨୦୧୪ରେ କ୍ଷମତାକୁ ଆସିବା ପରଠାରୁ କେନ୍ଦ୍ରରେ ଆଦାନୀ ଗ୍ରୁପ୍‌କୁ ଅନୁଗ୍ରହ ଓ ଅନୁକମ୍ପାରେ ପୋତି ଆସିଛନ୍ତି। ଏଥିପାଇଁ ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀ ଭାଜପାକୁ କେତେ ଟଙ୍କା ଦେଇଛି ବୋଲି ମଙ୍ଗଳବାର ଲୋକ ସଭାରେ ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ। ଏଥିପାଇଁ ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଦାବି କରିଛନ୍ତି।

## 'ହିମ ହ୍ରଦ ବନ୍ୟା'ରେ ପ୍ରଭାବିତ ହେବେ ୩ ନିୟୁତ ଭାରତୀୟ

**ଲଣ୍ଡନ, ୮।୨**




ଭବିଷ୍ୟତରେ ସାରା ବିଶ୍ୱ ହିମ ହ୍ରଦ ବନ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଯାଉଛି। ବ୍ରିଟେନ ନ୍ୟୁକାଷ୍ଟଲ ୟୁନିଭର୍ସିଟି ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରେ ଏହା ଜଣାପଡ଼ିଛି। ଗ୍ଲାସିଆଲ ଲେକ୍ ଆଉଟ୍‌ବ୍ରଷ୍ଟ ଫ୍ଲଡ୍ସ (ଜିଏଲ୍‌ଓଏଫ୍) ବା ହିମ ହ୍ରଦ ବନ୍ୟା ସମ୍ପର୍କିତ ଅଧ୍ୟୟନର ବିସ୍ତୃତ ତଥ୍ୟ ଜର୍ନାଲ ନେଚର କମ୍ୟୁନିକେଶନ୍‌ରେ ପ୍ରକାଶ ପାଇଛି। ରିପୋର୍ଟ ମୁତାବକ ବିଶ୍ୱର ୧୫ ନିୟୁତ ଲୋକେ ଏହା ଦ୍ୱାରା ପ୍ରଭାବିତ ହେବେ। ଭାରତ ଉପରେ ମଧ ଏହାର ପ୍ରଭାବ ପଡ଼ିବ ଯଦ୍ୱାରା ପାଖାପାଖି ୩ ନିୟୁତ ଲୋକଙ୍କୁ ଜିଏଲ୍‌ଓଏଫ ପ୍ରଭାବିତ କରିବ। ଭାରତ, ପାକିସ୍ତାନ, ପେରୁ ଓ ଚାଇନା ବିଶ୍ୱର ୪ ଜନବହୁଳ ରାଷ୍ଟ୍ର। ଏଗୁଡ଼ିକ ମଧ୍ୟରୁ ଭାରତ ଓ ପାକିସ୍ତାନରେ ସର୍ବାଧିକ ଲୋକ ବସବାସ କରନ୍ତି। ହିମବାହରୁ ସୃଷ୍ଟି ହୋଇଥିବା ଏହି ହିମ ହ୍ରଦ ସୃଷ୍ଟି। ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ଘଟିବା ଦ୍ୱାରା ହିମ ହ୍ରଦ ତରଳିବା ଆରମ୍ଭ କରିବ, ଯାହାଫଳରେ ଜିଏଲ୍‌ଓଏଫ ବା ହିମ ହ୍ରଦ ବନ୍ୟା ସୃଷ୍ଟି ହେବ। ପ୍ରକାଶିତ ରିପୋର୍ଟ ମୁତାବକ ବନ୍ୟା ସୃଷ୍ଟି ହେବା ଦ୍ୱାରା ଏହି ହ୍ରଦର ଜଳ ଅତିବେଶୀରେ ୧୨୦ କି.ମି ଦୂର ପର୍ଯ୍ୟନ୍ତ ଅତିକ୍ରମ କରିପାରିବ। ବହୁ ସମ୍ପତ୍ତି ସାଙ୍ଗକୁ ଇନ୍‌ଫ୍ରାଷ୍ଟ୍ରକ୍ଚର, ଚାଷ ଜମି କ୍ଷେତ୍ରରେ ବଡ଼ କ୍ଷତି ଘଟିବାର ଆଶଙ୍କା ରହିଛି। ୨୦୨୧ରେ ଉତ୍ତରାଖଣ୍ଡର ଚମୋଲିରେ ଜିଏଲ୍‌ଓଏଫ ଦ୍ୱାରା ୮୦ ଜଣଙ୍କ ମୃତ୍ୟୁ ଘଟିଥିଲା।

୧୯୯୦ ପରଠାରୁ ବିଶ୍ୱରେ ହିମ ହ୍ରଦର ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ବିଶ୍ୱରେ ମୋଟ ୧,୦୮୯ ଟି ହିମ ହ୍ରଦ ବିଶେଷଜ୍ଞଙ୍କ ଦ୍ୱାରା ଠାବ କରାଯାଇଛି। କେତେକ ହ୍ରଦଠାରୁ ୫୦ କି.ମି. ଦୂରରେ ଲୋକେ ବସବାସ କରୁଥିବା ବିଶେଷଜ୍ଞ ଦଳ ପକ୍ଷରୁ କୁହାଯାଇଛି। ପ୍ରଭାବିତ ହେବାକୁ ଥିବା ଲୋକଙ୍କ ମଧ୍ୟରୁ ୯.୩ ନିୟୁତ ଲୋକ ଡେଞ୍ଜର ଜୋନ୍‌ରେ ଥିବା ଅଧ୍ୟୟନରୁ ଜଣାପଡ଼ିଛି।

**ଡେଞ୍ଜର ଜୋନ୍‌ରେ ୯.୩ ନିୟୁତ ଲୋକ**




# ସିଭିଲ ସର୍ଭିସ୍ ପାଇଁ ମାଗଣା କୋଚିଂ ଭେଳିକି

**କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା(ପ୍ରିଲିମ/ମୁଖ୍ୟ) ପାଇଁ ରାଜ୍ୟ ସରକାର ମାଗଣା କୋଚିଂ ଦେବାକୁ ପୁଣି ନିଷ୍ପତ୍ତି ନେଇଛନ୍ତି। ଏଥର ୨୦୦ ଆଶାୟୀଙ୍କୁ କୋଚିଂ ଲାଗି ଉଚ୍ଚଶିକ୍ଷା ବିଭାଗ ଯୋଜନା କରିଛି। ତେବେ ଏହା ରାଜ୍ୟ ସରକାରଙ୍କର ପ୍ରଥମ ପ୍ରୟାସ ନୁହେଁ। ପୂର୍ବରୁ ମଧ ଏଭଳି ବ୍ୟବସ୍ଥା କରାଯାଇଥିଲା। ହେଲେ ଦୁଇଥର ମାଗଣା କୋଚିଂ ଯୋଜନାରେ ସାମିଲ କୌଣସି ଓଡ଼ିଆ ପିଲାଙ୍କୁ ଆଇଏଏସ୍ ଅଫିସର କରିବାରେ ରାଜ୍ୟ ସରକାର ସଫଳ ହୋଇ ନ ଥିଲେ। ବାରମ୍ବାର ବିଫଳତା ସତ୍ତ୍ୱେ ସରକାର ଚେତିଲେନି, କି ବିଫଳତାକୁ ତର୍ଜମା କଲେନି। ଏବେ ପୁଣିଥରେ ମାଗଣାରେ ସିଭିଲ ସର୍ଭିସ କୋଚିଂ ଦେବାକୁ ଉଚ୍ଚଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଥିବାରୁ ଯୋଜନାର ସଫଳତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।**

- ଭଲ କୋଚିଂ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉ
- ଅନ୍ୟ ରାଜ୍ୟ ଭଳି ଦୀର୍ଘ ମିଆଦୀ ଯୋଜନା ହେଉ

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଆଙ୍କ ସଫଳତା ହାର ନୈରାଶ୍ୟଜନକ ରହୁଛି। ଏ କ୍ଷେତ୍ରରେ ନିଜ ଛାତ୍ରୀଛାତ୍ରଙ୍କୁ ଦକ୍ଷ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ଆଇଏଏସ୍ କୋଚିଂ ବ୍ୟବସ୍ଥା କରାଯାଇଥିଲା। ୨୦୧୬-୧୭ରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୋଚିଂ ଦିଆଯାଇଥିଲା। ହେଲେ ଦୁର୍ଭାଗ୍ୟର କଥା, ସରକାରୀ କୋଚିଂ ନେଇଥିବା ଜଣେ ବି ପିଲା ଆଇଏଏସ୍ ପାଇଲେ ନାହିଁ। ପରବର୍ତ୍ତୀ ସମୟରେ ୨୦୧୯-୨୦ରେ ସରକାର ପୁଣି ମାଗଣା କୋଚିଂ ବ୍ୟବସ୍ଥା କରିଥିଲେ। ତେବେ ସରକାରୀ ଅନୁଷ୍ଠାନ ଦ୍ୱାରା କୋଚିଂ ନ ଦେଇ ଏହି ଦାୟିତ୍ୱ ଧ୍ୟେୟ ଏଜୁକେଶନାଲ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଘରୋଇ ସଂସ୍ଥା ହାତରେ ଟେକିଦେଲେ। ସେଥିରେ ୯୯ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ହେଲେ ଏମାନଙ୍କ ମଧ୍ୟରୁ ଜଣେ ହେଲେ ବି କୃତିତ୍ୱ ଅର୍ଜନ କଲେ ନାହିଁ। ନିକଟରେ ହୋଇଥିବା ବିଧାନସଭା ଅଧିବେଶନରେ ବିଧାୟକ ମୋହନ ମାଝୀଙ୍କ ପ୍ରଶ୍ନରେ ନିଜେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଏହି ବିଫଳତାକୁ ସ୍ୱୀକାର କରିଥିଲେ। ଏବେ ଉଚ୍ଚ ଶିକ୍ଷା ବିଭାଗ ଆଇଏଏସ୍ ବା ସିଭିଲ୍ ସର୍ଭିସ୍‌ରେ ଓଡ଼ିଆ ପିଲାଙ୍କ କୃତକାର୍ଯ୍ୟ ସଂଖ୍ୟା ବଢ଼ାଇବାକୁ ପୁଣି ସମାନ ପନ୍ଥା ଆପଣାଇଛନ୍ତି। ଏଥର ୨୦୦ ସିଭିଲ ସର୍ଭିସ ଆଶାୟୀଙ୍କୁ କୋଚିଂ ଦେବାକୁ ଯୋଜନା ହେଉଛି। ମାଗଣା ନାଁରେ ଯେପରି ଅନାମଧେୟ ସଂସ୍ଥା ହାତରେ କୋଚିଂ ଦାୟିତ୍ୱ ଦେଇ ସରକାର ଆଶାୟୀଙ୍କ ସ୍ୱପ୍ନକୁ ଭାଙ୍ଗି ନ ଦିଅନ୍ତି, ସେଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି।

ସୂଚନାନୁସାରେ, ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଏହି କୋଚିଂ ପାଇଁ ନାମଲେଖା ହେବ। ଆଶାୟୀଙ୍କୁ ଆବେଦନ କରିବା ସହ ଉଚ୍ଚଶିକ୍ଷା ବିଭାଗର ୱେବ୍‌ସାଇଟ୍‌ରୁ ପ୍ରବେଶିକା ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିବାକୁ ପଡ଼ିବ। ସାମ୍ସ ପୋର୍ଟାଲ ଅଧୀନରେ ଏଥିପାଇଁ ଏକ ଅନ୍‌ଲାଇନ ମଡ୍ୟୁଲ ବିକଶିତ କରାଯିବ। ଆସନ୍ତା ୨୬ରେ ଆଶାୟୀଙ୍କ ପାଇଁ ପ୍ରି-କ୍ୱାଲିଫାଇଂ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ତେଣୁ ସାମ୍ସ ପୋର୍ଟାଲ ଅଧୀନରେ ଉପରୋକ୍ତ ମଡ୍ୟୁଲ ବିକଶିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓକାକ୍ ଜେନେରାଲ ମ୍ୟାନେଜରଙ୍କୁ ଅନୁରୋଧ କରାଯାଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ତେବେ ପୂର୍ବରୁ ଦୁଇଥର ବିଫଳ ହେବା ପରେ ରାଜ୍ୟ ସରକାରଙ୍କ ପୁନର୍ବାର ଏହି ନିଷ୍ପତ୍ତି କେତେ ଫଳପ୍ରଦ ହେଉଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଶିକ୍ଷାବିତ୍‌ଙ୍କ ମତରେ ରାଜ୍ୟରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଅର୍ଥ ବାଧକ ସାଜୁଥିବାରୁ ଆଇଏଏସ୍ ବା ସିଭିଲ୍ ସର୍ଭିସ ପରୀକ୍ଷା ଦେବା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟୁଛି। ତେଣୁ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ତା' କିପରି କାର୍ଯ୍ୟକ୍ଷମ ହେବ ସେ ଉପରେ ଗୁରୁତ୍ୱାରୋପ କରିବା ଉଚିତ। ପଶ୍ଚିମବଙ୍ଗ, ତାମିଲନାଡୁ ଭଳି ରାଜ୍ୟରେ ସିଭିଲ୍ ସର୍ଭିସ କୋଚିଂ ଲାଗି ସରକାରୀ ସ୍ତରରେ ଦୀର୍ଘ ମିଆଦୀ ବ୍ୟବସ୍ଥା ହୋଇଛି। ଆମ ରାଜ୍ୟରେ ମଧ ଏଭଳି ଯୋଜନା କରିବା ଉଚିତ ବୋଲି ଶିକ୍ଷାବିତ୍‌ମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ବିଜେବି କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ ମହାନ୍ତି କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପ୍ରଶଂସନୀୟ। କିନ୍ତୁ କେବଳ ଯୋଜନା କରିଦେଲେ ହେବ ନାହିଁ। ତାହା କିପରି କାର୍ଯ୍ୟକାରୀ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଜରୁରୀ। ଏହି ବ୍ୟବସ୍ଥାରେ ଯେଉଁମାନେ ସମ୍ପୃକ୍ତ ରହିବେ, ସେମାନେ ଏହାକୁ ସଫଳ କରିବା ପାଇଁ ପ୍ରତିବଦ୍ଧତା ହେବା ଉଚିତ। ସବୁ ସ୍ତରରେ ଏହାକୁ ମିଳିତ ଭାବେ କାର୍ଯ୍ୟ କରିବା ଏବଂ ପର୍ଯ୍ୟାୟକ୍ରମେ ଏହାର ତଦାରଖ କରିବା ଆବଶ୍ୟକ ବୋଲି ପ୍ରଫେସର ମହାନ୍ତି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ରାଜ୍ୟରୁ ପ୍ରାୟ ୫ରୁ ୬ ଲକ୍ଷ ପିଲା ଉଚ୍ଚଶିକ୍ଷା ଲାଭ କରୁଛନ୍ତି। ହେଲେ ବହୁତ କମ୍ ପିଲା ୟୁପିଏସ୍‌ସିରେ ସଫଳ ହେଉଥିବା ଦେଖାଯାଉଛି। ୨୦୧୭ରେ ୧୩ଜଣ ଓଡ଼ିଆ ଛାତ୍ରୀଛାତ୍ର ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ୨୦୧୮ରେ ୧୫, ୨୦୧୯ରେ ୨୧, ୨୦୨୦ରେ ୧୧ ଏବଂ ୨୦୨୧ରେ ମାତ୍ର ୧୪ଜଣ ସଫଳ ହୋଇଛନ୍ତି।

# ଜଳିଗଲା ଟ୍ରକ୍, ଡ୍ରାଇଭର ଜୀବନ୍ତ ଦଗ୍ଧ

**ରେଢ଼ାଖୋଲ, ୮।୨(ଡି.ଏନ.ଏ.)**

ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ତେରବେଡା ଗ୍ରାମ ନିକଟରେ ବୁଧବାର ଭୋର ସମୟରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ଗାଡ଼ି ଭିତରେ ଥିବା ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ମୃତ ଚାଳକ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା ଘୁଷର ଗ୍ରାମର ଅଲେଖ ବାଦି। ସୂଚନା ଅନୁଯାୟୀ ଓଡି୧୯-୨୨୭୭ନଂ ବିଶିଷ୍ଟ ଟ୍ରକ୍ ମଙ୍ଗଳବାର ରାତିରେ ରାଉରକେଲାରୁ ବାହାରି ଦେବଗଡ଼, ନାକଟିଦେଉଳ ଦେଇ ରେଢ଼ାଖୋଲ ଅଭିମୁଖେ ଆସୁଥିଲା। ତେରବେଡା ନିକଟରେ କୌଣସି କାରଣରୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟିପଡିବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ଚାପିହୋଇ ରହିଥିବା ଚାଳକ ଗାଡ଼ି ଭିତରୁ ବାହାରି ନ ପାରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସକାଳେ ରେଢ଼ାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲ ପଠାଇଛି। ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାର ତଦନ୍ତ ଚଳାଇଛି।


ଜଳିଯାଇଥିବା ଟ୍ରକ୍।

# ଜେଇଇ ମେନ୍‌ରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ଦେଶର ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇବା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ କରାଯାଇଥିବା ଜେଇଇ ମେନ୍ ସେସନ-୧ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଭଲ ପ୍ରଦର୍ଶନ କରିଛନ୍ତି। ଏହି ବିଦ୍ୟାଳୟର ୩୫ଜଣ ଛାତ୍ରୀଛାତ୍ର ୮୦ ପର୍ସେଣ୍ଟାଇଲ ଉପରେ ସ୍କୋର କରିଥିବାବେଳେ ୧୫ଜଣ ୯୦ ପର୍ସେଣ୍ଟାଇଲ ଉପରେ ସ୍କୋର୍ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଶୁଭେଚ୍ଛା ଜଣାଇଛନ୍ତି। ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଏବଂ ଏହାର ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ପିଲାକୁ ସଶକ୍ତ କରିବାର ଓଡ଼ିଶାର ମିଶନ ଫଳପ୍ରଦ ହେଉଛି ବୋଲି ଟୁଇଟ୍‌ରେ କହିଛନ୍ତି। ସେହିପରି ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହା

**ଭୁବନେଶ୍ୱର,୮।୨(ବ୍ୟୁରୋ):** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେ ଲୋକ ସଭା ପ୍ରବାସ କାର୍ଯ୍ୟକ୍ରମ ପାଇଁ ଢେଙ୍କାନାଳ ଏବଂ ଭଦ୍ରକ ଗସ୍ତ କରିବେ। ସେଠାରେ ବିଭିନ୍ନ ଜନସଭାକୁ ସମ୍ବୋଧନ କରିବା ସହ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ତେବେ ଗସ୍ତ ସମ୍ପର୍କରେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇ ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଅମିତ ଶାହା ୨୦୨୨ ଅଗଷ୍ଟ ୮ ରେ ଶେଷ ଥର ପାଇଁ ଓଡିଶା ଗସ୍ତ କରିଥିଲେ।




# ସିରାଜୁଦ୍ଦିନ ଖଣି କମ୍ପାନୀରେ ଆୟକର ବିଭାଗ ଚଢ଼ାଉ

**ଯୋଡ଼ା,୮।୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ସିରାଜୁଦ୍ଦିନ ଖଣି କମ୍ପାନୀରେ ବୁଧବାର କେନ୍ଦ୍ରୀୟ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କେନ୍ଦୁଝର ସହରସ୍ଥିତ ଖଣି କାର୍ଯ୍ୟାଳୟ ସମେତ ଯୋଡ଼ା ଓ କୋଲକାତା କାର୍ଯ୍ୟାଳୟରେ ଚଢ଼ାଉ ଚାଲିଥିବା ସୂଚନା ମିଳିଛି। ଆୟକର ବିଭାଗର ୪ ଟିମ୍ ଚଢ଼ାଉରେ ସାମିଲ ହୋଇଛନ୍ତି। ଆୟକର ବିଭାଗ ସହିତ ଡାଇରେକ୍ଟର ଜେନେରାଲ କମର୍ସିଆଲ ଇଣ୍ଟେଲିଜେନ୍ସ (ଡିଜିସିଆଇ)ର ଅଧିକାରୀମାନେ ମଧ ଚଢ଼ାଉରେ ସାମିଲ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଖଣି ଖନନ ଅବଧି ଶେଷ ପରେ ନିଲାମ ପ୍ରକ୍ରିୟାରେ ସିରାଜୁଦ୍ଦିନ କମ୍ପାନୀ ଖଣିକୁ ପୁନଃ ହାତେଇ ଥିଲେ ହେଁ ବିଭିନ୍ନ ବୈଧାନିକ କାରଣ ହେତୁ ଏହା ବନ୍ଦ ହୋଇଯାଇଥିଲା। ମାତ୍ର ଏକ ମାସ ହେଲା ଖଣିରେ ପୂର୍ବ ଗଚ୍ଛିତ ଖଣିଜକୁ ପରିବହନ ପାଇଁ ସରକାରୀ ଅନୁମୋଦନ ମିଳିଥିଲା। ପରିବହନ କାର୍ଯ୍ୟ ଚାଲିଥିବା ବେଳେ କମ୍ପାନୀ ବୁଧବାର କେନ୍ଦ୍ରୀୟ ଆୟକର ବିଭାଗ ଦ୍ୱାରା ଚଢ଼ାଉର ସମ୍ମୁଖୀନ ହୋଇଛି। ଚଢ଼ାଉରେ ସାମିଲଥିବା ଅଧିକାରୀମାନେ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନ ଥିଲେ। ଏ ନେଇ ଖଣି କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଏ ନେଇ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଆର୍ଥିକ ହେରଫେରକୁ ନେଇ ଚଢ଼ାଉ ହୋଇଥିବା କୁହାଯାଉଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ



- ନବ ଦାସଙ୍କ ସ୍ମୃତି ସଭାରେ ଯୋଗଦେବେ
- ୧୩ରେ କେନ୍ଦୁଝର, ୧୬ରେ ପଦ୍ମପୁର ଗସ୍ତ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଦ୍ୱାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଝାରସୁଗୁଡ଼ା ଗସ୍ତରେ ଯିବେ। ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ବାହାରି ଝାରସୁଗୁଡ଼ା ବିମାନବନ୍ଦରରେ ପୂର୍ବାହ୍ନ ୧୨ଟାରେ ପହଞ୍ଚିବେ। ସରବାହାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଠାରେ ମୁଖ୍ୟମନ୍ତ୍ରୀ ନବଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଜେଡିର ବହୁ ନେତା ଓ ମନ୍ତ୍ରୀ ବୁଧବାର ଝାରସୁଗୁଡାରେ ପହଞ୍ଚି ସାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦେଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ୧ଟାରେ ଝାରସୁଗୁଡ଼ାରୁ ବାହାରି ୧ଟା ୫୦ରେ ଭୁବନେଶ୍ୱରରେ ପହଞ୍ଚିବେ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଆସନ୍ତା ୧୬ ତାରିଖରେ ପଦ୍ମପୁର ଗସ୍ତରେ ଯିବେ ବୋଲି ଜଣାପଡ଼ିଛି। ଗତ ଡିସେମ୍ବର ମାସରେ ପଦ୍ମପୁର ବିଧାନସଭା ଉପନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ଓ ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇବାକୁ ନବୀନ ପଦ୍ମପୁର ଯିବେ। ଏଥିପାଇଁ ଉଭୟ ପ୍ରଶାସନ ଓ ବିଜେଡି ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ପଦ୍ମପୁରବାସୀ ରେକର୍ଡ ପରିମାଣର ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କୁ ବିଜୟୀ କରିଥିବାରୁ ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇବାକୁ ମୁଖ୍ୟମନ୍ତ୍ରୀ ପଦ୍ମପୁର ଯିବେ ବୋଲି ସୂଚନା ମିଳିଛି।

ଏହି ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଆସନ୍ତା ୧୩ ତାରିଖରେ କେନ୍ଦୁଝର ଜିଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ମଧ ରହିଛି। ସାଧାରଣ ନିର୍ବାଚନ ପୂର୍ବରୁ ନବୀନ ପ୍ରତ୍ୟେକ ଜିଲାକୁ ୨ଥର ସରକାରୀ ଭାବେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ନବୀନଙ୍କ ଏହି ଗସ୍ତ ସମୟରେ ଜିଲାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି।

# ମହୁମାଛି ଆକ୍ରମଣରେ ୧୯ ଆହତ


ଡାକ୍ତରଖାନାରେ ଚିକିତ୍ସିତ ଗୁରୁତର ଲୋକେ।

**ଆନନ୍ଦପୁର,୮। ୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୧୫ ନଂ. ୱାର୍ଡ ଘସିପୁରାସ୍ଥିତ ଝାଡ଼େଶ୍ୱର ମନ୍ଦିର ନିକଟରେ ମହୁମାଛି ଆକ୍ରମଣରେ ୧୯ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେଥି ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମନ୍ଦିର ନିକଟ ଏକ ଗଛରେ ମହୁମାଛି ଘୋରା ରହିଥିଲା। ବୁଧବାର ମହୁମାଛି କୌଣସି କାରଣରୁ ବିକ୍ଷିପ୍ତ ଅବସ୍ଥାରେ ଏଣେତେଣେ ବୁଲୁଥିଲେ। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ୧୯ ଜଣ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୧୫ ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଯାଇଥିବା ବେଳେ ୪ ଜଣ ଗୁରୁତରଙ୍କ ଚିକିତ୍ସା ଜାରି ରହିଛି। ସେମାନଙ୍କ ସ୍ୱାସ୍ଥ୍ୟ ବସ୍ଥା ସ୍ଥିରଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

# ମାଟ୍ରିକ୍ ପରୀକ୍ଷା ନେଇ ବୋର୍ଡ ବିଜ୍ଞପ୍ତି

**ସମ୍ମେଟିଭ-୨ ପରୀକ୍ଷାରୁ ବଞ୍ଚିତ ହେବେ କପି କରି ଧରାପଡିଥିବା ପରୀକ୍ଷାର୍ଥୀ**

**କଟକ ଅଫିସ, ୮।୨**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଚଳିତବର୍ଷର ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା ନିମନ୍ତେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପରୀକ୍ଷାର୍ଥୀ ସମ୍ମେଟିଭ-୧ ପରୀକ୍ଷାରେ କପି କରି ଧରାପଡିଥିଲେ, ସେମାନେ ସମ୍ମେଟିଭ-୨ ପରୀକ୍ଷା ଦେବାରୁ ବଞ୍ଚିତ ହେବେ। ସେମାନଙ୍କୁ ସମ୍ମେଟିଭ-୨ ପରୀକ୍ଷା ପାଇଁ ଫର୍ମପୂରଣ କରିବାକୁ ଅନୁମତି ଦିଆଯାଇ ନ ଥିବା ଜଣାପଡିଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା-୨୦୨୨ (ଦ୍ୱିତୀୟ)ରେ ଯେଉଁ ବିଷୟରେ ପରୀକ୍ଷାର୍ଥୀ କପି କରି ଧରାପଡିଥିଲେ, ସେହି ବିଷୟର ମାର୍କ ପ୍ରକାଶକୁ ବୋର୍ଡ ପକ୍ଷରୁ ବାତିଲ କରାଯାଇଥିବା ସୂଚନା ମିଳିଛି।

ସୂଚନାଥାଉ କି, ଚଳିତବର୍ଷ ଦଶମ ଶ୍ରେଣୀ ସମ୍ମେଟିଭ-୧ ପରୀକ୍ଷା ଦେବାକୁ ୫ ଲକ୍ଷ ୩୨ ହଜାର ୭୪୬ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧୩ ହଜାର ୫୮ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେହିଭଳି କପି କରି ୧୪୩ ଜଣ ପରୀକ୍ଷାର୍ଥୀ ଧରାପଡିଥିଲେ। ଗତ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସମ୍ମେଟିଭ-୨ ପରୀକ୍ଷା ଫର୍ମପୂରଣରୁ ସେମାନଙ୍କୁ ବଞ୍ଚିତ କରାଯାଇଛି।



**ଆଜିର ମନ୍ତବ୍ୟ**

"ଭାରତର ବିକାଶ କାହାଣୀରେ ବିଶ୍ୱ ନିଜ ସମୃଦ୍ଧିକୁ ଦେଖୁଛି। ଦେଶର ଏହି ସଫଳତାକୁ କେତେଜଣ ହତାଶ ବ୍ୟକ୍ତି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**"



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ତେଣ୍ଟା, ମାଇପ ଖେଣ୍ଟା,**
**ମଠୁଆ ବଳଦ ଯା'ର,**
**ଯମ ଘର ଯାଇ କି ଫଳ ହେବ,**
**ନିତି ମରଣ ତା'ର।**

ଅଳପ ଟଙ୍କା ପଇସା ବ୍ୟକ୍ତିକୁ ଅକଳରେ ପକେଇ ଦେଇଥାଏ। ସବୁ କ୍ଷେତ୍ରରେ ସେ ନାଚାର ହୋଇଯାଇଥାଏ। ଖେଣ୍ଟେଇକରି କଥା କହୁଥିବା ଘରଣୀ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ଏପରି ସ୍ତ୍ରୀ ଥିଲେ ଘରେ ଅଶାନ୍ତି ହେବା ସୁନିଶ୍ଚିତ। ସେହିପରି ମଠୁଆ ବଳଦ ହଳ ଚାଷବାସ କରିବାରେ ଅନ୍ତରାୟ ସୃଷ୍ଟି କରିବସୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅନେଇ ଦେଲା,**
**ଦନେଇ ଦିହରୁ ଫୁଲାଏ ନେଲା।**

ଏପରି କିଛି ବ୍ୟକ୍ତି ଅଛନ୍ତି, ଯାହାଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଅନ୍ୟର ସ୍ୱାସ୍ଥ୍ୟ ଖରାପ ହେବା ସହ ଦେହ ଶୁଖିଯାଉଥିବାର ଦେଖିବାକୁ ମିଳିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଲୋକଙ୍କ ମନରେ ଏଭଳି ଭ୍ରାନ୍ତ ଧାରଣା ଯୁଗ ଯୁଗରୁ ଘର କରି ରହିଆସିଛି। ଜଣଙ୍କର ନଜର ଲାଗି ଅନ୍ୟର ଦେହ ଶୁଖିଯିବା ବା ଅସୁସ୍ଥ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତରବରିଆ ନାର୍କୋ ଟେଷ୍ଟକୁ ନେଇ ପ୍ରଶ୍ନ

**ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

ଭୁବନେଶ୍ୱର,୮।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାର ଅଭିଯୁକ୍ତ ଏଏସ୍ଆଇ ଗୋପାଳକୃଷ୍ଣ ଦାସଙ୍କୁ ବୁଧବାରଠାରୁ କ୍ରାଇମ୍ବ୍ରାଞ୍ଚ ତୃତୀୟ ପର୍ଯ୍ୟାୟରେ ୫ଦିନ ପାଇଁ ରିମାଣ୍ଡରେ ନେଇଛି। ହତ୍ୟା ଘଟଣାକୁ ୧୧ଦିନ ପୂରିଥିବାବେଳେ ହତ୍ୟାର ଉଦ୍ଦେଶ୍ୟ ସମ୍ପର୍କରେ ଗୋପାଳଙ୍କଠୁ କ୍ରାଇମ୍ବ୍ରାଞ୍ଚ ତଥ୍ୟ ହାସଲ କରିପାରି ନାହିଁ। ଇତିମଧ୍ୟରେ ଗୋପାଳଙ୍କ ଲେୟାର୍ଡ ଭଏସ୍ ଆନାଲିସିସ୍(ଏଲ୍ଭିଏ) ଏବଂ ସାଇକୋ ଆନାଲିସିସ୍ ଟେଷ୍ଟ ସରିଛି। ତେବେ ଘଟଣା ପଛର ସତ ଜାଣିବାକୁ ଏବେ ଗୋପାଳଙ୍କ ପଲିଗ୍ରାଫ୍ ଓ ନାର୍କୋ ଟେଷ୍ଟ କରିବାକୁ କ୍ରାଇମ୍ବ୍ରାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ଉଭୟ ଟେଷ୍ଟ ପାଇଁ ଗୋପାଳ ସହମତି ପ୍ରକାଶ କରିବା ପରେ କ୍ରାଇମ୍ବ୍ରାଞ୍ଚକୁ କୋର୍ଟ ଅନୁମତି ଦେଇଛନ୍ତି। ତେବେ ଓଡ଼ିଶାରେ ଏହି ଟେଷ୍ଟ କରିବାକୁ ସୁବିଧା ନ ଥିବାବେଳେ କ୍ରାଇମ୍ବ୍ରାଞ୍ଚ ଗୋପାଳଙ୍କୁ ଝାରସୁଗୁଡ଼ା ବିମାନ ବନ୍ଦରରୁ ବିମାନ ଯୋଗେ ଗୁଜରାଟ ଗାନ୍ଧୀନଗର ନିଆଯାଇଥିବା କୁହାଯାଉଛି। ତେବେ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଫରେନସିକ୍ ସାଇନ୍ସ ଲାବୋରେଟୋରି(ଏସ୍ଏଫ୍ଏସ୍ଏଲ୍)ରେ ପଲିଗ୍ରାଫ୍ ଟେଷ୍ଟ ହେଉଥିବାବେଳେ ତାହା ଏଠାରେ କାହିଁକି କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ନାର୍କୋ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ ତରବରିଆ ଭାବେ ଗୁଜରାଟ ନେଇଥିବା ଚର୍ଚ୍ଚା ହେଉଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଗୋପାଳଙ୍କ ରିମାଣ୍ଡ ଅବଧି ଥିବାବେଳେ ହତ୍ୟାର ପ୍ରକୃତ ଉଦ୍ଦେଶ୍ୟ ବାହାର କରିବା କ୍ରାଇମବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ହୋଇଛି। ପୋଲିସ ଡିଜି ବୁଧବାର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ତଦନ୍ତ ଠିକ୍ ଭାବେ ଚାଲିଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଯେତେବେଳେ ମାମଲାର ତଦନ୍ତ ସମୟରେ ଅଭିଯୁକ୍ତମାନେ ସତ କହି ନ ଥାନ୍ତି,ସେଭଳିସ୍ଥିତିରେ ଏହି ନାର୍କୋ ଟେଷ୍ଟକୁ ତଦନ୍ତକାରୀ ସଂସ୍ଥା ଭରସା କରିଥାଏ। ଏହି ନାର୍କୋ ଟେଷ୍ଟରେ ଯାଞ୍ଚ ଅଧିକାରୀ, ଫରେନ୍ସିକ ବିଶେଷଜ୍ଞ, ମନୋ ବିଶେଷଜ୍ଞଙ୍କ ଉପସ୍ଥିତିରେ କରାଯାଇଥାଏ। ଟେଷ୍ଟରେ ଅଭିଯୁକ୍ତଙ୍କୁ ସୋଡିଅମ୍ ପେଣ୍ଟୋଥଲ୍ ଇଞ୍ଜେକସନ୍ ଦିଆଯାଇଥାଏ। ଫଳରେ ଅଭିଯୁକ୍ତ ଜଣଙ୍କର କିଛି ସମୟ ପାଇଁ ସ୍ନାୟୁକୁ ଦୁର୍ବଳ କରିପକାଏ। ସେତେବେଳେ ସେ ବିଚାର ଶକ୍ତି ହରାଇ ବସି ସତ କହିବାକୁ ବାଧ୍ୟ ହୋଇଥାଏ। ତେବେ ଏହି ଟେଷ୍ଟରୁ ମିଳିଥିବା ତଥ୍ୟକୁ କେତେକ ଘଟଣାରେ ଶୁଣାଣି ସମୟରେ କୋର୍ଟ ଗ୍ରହଣ କରି ନ ଥାନ୍ତି ବୋଲି ଜଣେ ଆଇନଜୀବୀ କହିଛନ୍ତି।

# ରାଜତନ୍ତ୍ର ବିରୋଧରେ ସ୍ୱର ଉଠାଇଥିଲେ ପବିତ୍ର ମୋହନ




ସୂଚନା ଭବନଠାରେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୮।୨(ବ୍ୟୁରୋ)

ଓଡ଼ିଶାର ଗଡ଼ଜାତ ଅଞ୍ଚଳର ରାଜା, ଜମିଦାରଙ୍କ ଅତ୍ୟାଚାରୀ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନ। ଅପୂର୍ବ ତ୍ୟାଗ, ସାହସିକତା ଓ ନିଷ୍ଠା ବଳରେ ଜନସାଧାରଣଙ୍କ ପାଖରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ମୂଲ୍ୟବୋଧଭିତ୍ତିକ ଆଦର୍ଶ, ତ୍ୟାଗ, ସଂଗ୍ରାମୀ କାର୍ଯ୍ୟକଳାପ, ସାହିତ୍ୟ ସାଧନା ଏବଂ ସମାଜସେବା ନିମନ୍ତେ ସେ ସର୍ବଦା ସ୍ମରଣୀୟ ଓ ଚିରନମସ୍ୟ ହୋଇ ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ସୂଚନା ଭବନଠାରେ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ପାଲଲହଡ଼ା ବିଧାୟକ ମୁକେଶ ପାଲ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପବିତ୍ର ମୋହନଙ୍କ ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣ ଓ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପିଏମ୍ଏୱାଇ ଟଙ୍କା ନେଇ ପ୍ରେମିକ ସହ ୪ ମହିଳା ଫେରାର

ଲକ୍ଷ୍ନୌ, ୮।୨: ଉତ୍ତର ପ୍ରଦେଶରେ ୪ ବିବାହିତା ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ) ଟଙ୍କା ନେଇ ନିଜ ନିଜ ପ୍ରେମିକଙ୍କ ସହ ଫେରାର ହୋଇଯାଇଛନ୍ତି। ଘଟଣାରେ ସମ୍ପୃକ୍ତ ମହିଳାମାନେ ଯୁପିର ନଗର ପଞ୍ଚାୟତ ବେଲହରା, ବାଙ୍କି, ଜେଦପୁର ଏବଂ ସିଦ୍ଧଉର ଜିଲାର ବୋଲି ଜଣାପଡ଼ିଛି। ପିଏମ୍ଏୱାଇର ପ୍ରଥମ ପାଳି ୫୦,୦୦୦ ଟଙ୍କା ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲେ ସୁଦ୍ଧା ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀମାନେ ଏବେ ଅଡୁଆରେ ପଡ଼ିଯାଇଛନ୍ତି। କାରଣ ଜିଲା ସହରାଞ୍ଚଳ ଉନ୍ନୟନ ଏଜେନ୍ସି (ଡିୟୁଡିଏ) ଅଫିସର ସୌରଭ ତ୍ରିପାଠୀ ନୋଟିସ୍ ଜାରି କରି ଘର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସ୍ ପାଇବା ପରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀମାନେ ଅଫିସରଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସବୁ କଥା ଜଣାଇଥିଲେ। ଏଥିସହ ଯୋଜନା ନେଇ ପଠାଯିବାକୁ ଥିବା ଦ୍ୱିତୀୟ ପାଳି କିସ୍ତି ଉକ୍ତ ବ୍ୟାଙ୍କ ଆକାଉଣ୍ଟକୁ ନ ପଠାଇବା ଲାଗି ସେମାନେ ଅଫିସରଙ୍କୁ ସତର୍କ କରିଥିଲେ। ଉକ୍ତ ମହିଳାମାନଙ୍କଠାରୁ ଟଙ୍କା କିପରି ଭାବେ ଫେରସ୍ତ ମିଳିବ ସେ ନେଇ ସରକାରୀ ସ୍ତରରେ କାର୍ଯ୍ୟ ଚାଲିଥିବା ଡିୟୁଡିଏ ଅଫିସର କହିଛନ୍ତି। ଆର୍ଥିକ ସ୍ତରରେ ପଛୁଆ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରକୁ ଉତ୍ତମ ବାସଗୃହ ଯୋଗାଇ ଦେବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆରମ୍ଭ କରାଯାଇଛି। ଯୋଜନା ଅନ୍ତର୍ଗତ ପରିବାରର ମହିଳାଙ୍କ ଖାତାକୁ ହିଁ ଏହି ଟଙ୍କା ପଠାଯାଇଥାଏ।

ପ୍ରଥମ ପୃଷ୍ଠାରୁ...

## ବଢ଼ିଲା ଇଏମ୍ଆଇ ...

**୨୦୨୨ ମେ ମାସଠାରୁ କ୍ରମାଗତ ୬ ଥର ରୋପୋ ରେଟ୍ ବୃଦ୍ଧି ଯୋଗୁ ଋଣ ଇଏମ୍ଆଇ ୧୬% ବଢ଼ିଛି। ଗୃହ ଋଣକୁ ଉଦାହରଣ ଭାବେ ନିଆଯାଇପାରେ। ଜଣେ ବ୍ୟକ୍ତି ୧୫ ବର୍ଷ ପାଇଁ ୭% ସୁଧରେ ୫୦ ଲକ୍ଷ ଟଙ୍କାର ଗୃହ ଋଣ ନେଇଥିଲେ ମୂଳ ଉପରେ ରୋପୋ ରେଟ୍ ବୃଦ୍ଧି ଜନିତ ସୁଧ କେତେ ବଢ଼ିବ ତାହା ନିମ୍ନ ସାରଣୀରେ ଦର୍ଶାଯାଇଛି।**

### ଇଏମ୍ଆଇ ବୃଦ୍ଧିର ପ୍ରଭାବ

| | ସୁଧ | ଇଏମ୍ଆଇ (ଟଙ୍କାରେ) | ରୋପୋ ରେଟ୍ ବୃଦ୍ଧି ପରେ ଇଏମ୍ଆଇ ₹ | ମୋଟ ସୁଧ ଦେୟ (ଲକ୍ଷରେ) | ମୋଟ ଦେୟ (ଲକ୍ଷରେ) |
|---|---|---|---|---|---|
| ଆରମ୍ଭରୁ | ୭% | ୪୪,୯୪୧ | - | ୩୦.୮୯ | ୮୦.୮୯ |
| ରୋପୋ ରେଟ୍ ବୃଦ୍ଧି-୧ (ମେ ୨୦୨୨) | ୭.୪% | ୪୬,୦୬୭ | ୧,୧୨୬ | ୩୨.୯୨ | ୮୨.୯୨ |
| ରୋପୋ ରେଟ୍ ବୃଦ୍ଧି-୨ (ଜୁନ୍ ୨୦୨୨ | ୭.୯% | ୪୭,୪୯୪ | ୨,୫୫୩ | ୩୫.୪୯ | ୮୫.୪୯ |
| ରୋପୋ ରେଟ୍ ବୃଦ୍ଧି-୩ (ଅଗଷ୍ଟ ୨୦୨୨) | ୮.୪% | ୪୮,୯୪୪ | ୪,୦୦୩ | ୩୮.୧୦ | ୮୮.୧୦ |
| ରୋପୋ ରେଟ୍ ବୃଦ୍ଧି-୪ (ସେପ୍ଟେମ୍ବର ୨୦୨୨) | ୮.୯% | ୫୦,୪୧୬ | ୫,୪୭୫ | ୪୦.୭୫ | ୯୦.୭୫ |
| ରୋପୋ ରେଟ୍ ବୃଦ୍ଧି-୫ (ଡିସେମ୍ବର ୨୦୨୨) | ୯.୨୫% | ୫୧,୪୬୦ | ୬,୫୧୯ | ୪୨.୬୩ | ୯୨.୬୩ |
| ରୋପୋ ରେଟ୍ ବୃଦ୍ଧି-୬ (ଫେବୃୟାରୀ ୨୦୨୩) | ୯.୫% | ୫୨,୨୧୧ | ୭,୨୭୦ | ୪୩.୯୮ | ୯୩.୯୮ |

**(ଇଏମ୍ଆଇ ପରିମାଣ ଅପରିବର୍ତ୍ତିତ ରହିଲେ, ଋଣ ଅବଧି ସାଢ଼େ ୭ ବର୍ଷ ବୃଦ୍ଧିପାଇବ। ଅର୍ଥାତ୍ ୧୮୦ ମାସ ପରିବର୍ତ୍ତେ ୨୭୦ ମାସ ପର୍ଯ୍ୟନ୍ତ କିସ୍ତି ଦେବାକୁ ପଡ଼ିବ। ଫଳରେ ଋଣ ଗ୍ରହୀତାଙ୍କୁ ମୂଳ ଏବଂ ସୁଧ ମିଶି ୧ କୋଟି ୨୧ ଲକ୍ଷ ୩୪ ହଜାର ୭୦ ଟଙ୍କା ଦେବାକୁ ପଡ଼ିବ।)**

ଅନ୍ୟ ୨ ଜଣ ବଢ଼ାଇବାକୁ ଚାହିଁ ନ ଥିଲେ। ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ମତ ଅନୁସାରେ ରିପର୍ଚେଜ୍ ରେଟ୍କୁ ୬.୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୨୦୨୨ ନଭେମ୍ବର ଓ ଡିସେମ୍ବରରେ ମୁଦ୍ରାସ୍ଫୀତି କମିଥିଲେ ହେଁ ଗତ ୧୫ ମାସ ଧରି ଏହା ୬% ଉପରେ ରହିଥିବାରୁ ଏମ୍ପିସି ବୈଠକରେ ଚିନ୍ତା ବ୍ୟକ୍ତ କରାଯାଇଛି। ମୁଦ୍ରାସ୍ଫୀତିକୁ କୋଭିଡ୍ ପୂର୍ବ ସମୟ ସ୍ତରକୁ ଆଣିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ଶକ୍ତିକାନ୍ତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଅଭିବୃଦ୍ଧି କଥା ଦେଖିଲେ ଏପ୍ରିଲ ୧ରୁ ଆରମ୍ଭ ହେବାକୁ ଥିବା ୨୦୨୩-୨୪ ଆର୍ଥିକବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬.୪% ରହିବା ନେଇ ଆର୍ବିଆଇ ଅନୁମାନ କରିଛି। ଚଳିତ ଆର୍ଥିକବର୍ଷରେ ଜିଡିପି ୭% ରହିବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ବୈଶ୍ୱିକ ଅନିଶ୍ଚିତତା ଓ କମୋଡିଟିଜ୍ ମୂଲ୍ୟ ବୃଦ୍ଧିଜନିତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଭାରତୀୟ ଅର୍ଥନୀତି ସକ୍ଷମ ବୋଲି ଆର୍ବିଆଇ ଗଭର୍ନର ପ୍ରକାଶ କରିଛନ୍ତି। ଶକ୍ତିକାନ୍ତଙ୍କ ଏହି ଦୃଢ଼ୋକ୍ତି ସତ୍ତ୍ୱେ ଅନେକ ଶିଳ୍ପ ବିଶେଷଜ୍ଞ ରେପୋ ରେଟ୍ ବୃଦ୍ଧିକୁ ନାପସନ୍ଦ କରିଛନ୍ତି। ବିଶେଷକରି ରିୟଲ ଇଷ୍ଟେଟ୍ ସେକ୍ଟର ଏହାକୁ ଶେଷ ରେପୋ ରେଟ୍ ବୃଦ୍ଧି ବୋଲି ମନେକରୁଥିଲା। କିନ୍ତୁ ଶକ୍ତିକାନ୍ତଙ୍କ ମୁହଁରୁ ଏହା ଶୁଣିବାକୁ ମିଳିନାହିଁ। ରିୟଲ୍ଟରମାନଙ୍କ ସର୍ବୋଚ୍ଚ ସଂସ୍ଥା କ୍ରେଡାଇର ଜାତୀୟ ସଭାପତି ହର୍ଷବର୍ଦ୍ଧନ ପାଟୋଡିଆ କହିଛନ୍ତି, ସୁଧହାରରେ ଲଗାତର ବୃଦ୍ଧି ଯୋଗୁ ଲୋକେ ଓ ବିଜ୍ନେସ୍ ହାଉସ୍ମାନଙ୍କ ଋଣ ନେବା ଆଗ୍ରହ ହ୍ରାସ ପାଇବାରେ ଲାଗିଛି। ଭାରତୀୟ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ରିୟଲ ଇଷ୍ଟେଟ୍ କନ୍ସଲ୍ଟାଣ୍ଟ ଆନାରୋକ୍ ଅଧ୍ୟକ୍ଷ ଅନୁଜ ପୁରୀଙ୍କ ମତରେ ବର୍ତ୍ତମାନ ରେପୋ ରେଟ୍ ୬.୫% ରହିଥିବାରୁ ଲୋକେ ଗୃହଋଣ ନେବାକୁ ମଙ୍ଗିବେ ନାହିଁ। ଘର କିଣୁଥିବା ଲୋକଙ୍କ ଉପରେ ମଧ୍ୟ ଏହା ଏକ ଅତିରିକ୍ତ ବୋଝ। ଗତ ୨-୩ ତ୍ରୈମାସିକରେ ପ୍ରପର୍ଟି ପ୍ରାଇସ୍ ହ୍ରାସ ପାଇବା ପଛରେ ରେପୋ ରେଟ୍ ବୃଦ୍ଧିକୁ ଦାୟୀ କରାଯାଇପାରେ। ଟାଟା ରିୟଲ୍ଟି ଆଣ୍ଡ ଇନ୍ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ଏମ୍ଡି ତଥା ସିଇଓ ସଞ୍ଜୟ ଦତ୍ତ କୁହନ୍ତି, ରିଅଲ ଇଷ୍ଟେଟ୍ ବ୍ୟବସାୟର ଦୃଷ୍ଟିକୋଣରୁ ରେପୋ ରେଟ୍ ବୃଦ୍ଧି ହୋମ୍ ଲୋନ୍କୁ ମହଙ୍ଗା କରିଦେବ। ଫଳରେ ଆଗକୁ ଘର କିଣିବା ପାଇଁ ଲୋକେ ଆଗ୍ରହ ପ୍ରକାଶ କରିବେ ନାହିଁ। ଅନ୍ୟପକ୍ଷେ ମିଡ୍-ସେଗ୍ମେଣ୍ଟ ଓ ଆଫର୍ଡେବଲ୍ ହାଉସିଂ ଉପରେ ଏହାର ସ୍ୱଳ୍ପମିଆଦୀ ପ୍ରଭାବ ରହିବ ବୋଲି ଓମାକ୍ସେ ଲିଃ ଡାଇରେକ୍ଟର ଫାଇନାନ୍ସ ଅତୁଲ ବଂଶଲ ମତ ଦେଇଛନ୍ତି।

## ରେଞ୍ଜର, ୨ ଫରେଷ୍ଟର ...

ମାରିଦେଇଥିବା ନେଇ ମୃତକଙ୍କ ସ୍ତ୍ରୀ ତୁଳସୀ ବେହେରା ବଡ଼ମ୍ବା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବଡ଼ମ୍ବା ଥାନାରେ ଆଇପିସି ଦଫା ୩୪୧, ୩୨୩, ୨୯୪, ୩୫୪, ୩୬୫, ୩୪୨, ୩୦୨/୩୪, ଆର୍ମସ ଆକ୍ଟର ଦଫା ୨୫,ଓ ୨୭ ଏବଂ ଏସ୍ସି,ଏସ୍ଟି ଆଟ୍ରୋସିଟି ଆକ୍ଟରେ ଏକ ମାମଲା(ନଂ. ୨୫/୨୦୨୩) ରୁଜୁ କରାଯାଇଥିଲା। ଅଟୋ ଡ୍ରାଇଭର ଅବଦୁଲ୍ ସାଜିତ ଖାଁ, ମୃତକଙ୍କ ସ୍ତ୍ରୀ ତୁଳସୀ, ବଡ଼ ଝିଅ ଓ ଅନ୍ୟ ୩ଜଣ ଗ୍ରାମବାସୀଙ୍କ ବୟାନକୁ ଭିତ୍ତିକରି ପ୍ରଥମ ପର୍ଯ୍ୟାୟରେ ୬ ଅଭିଯୁକ୍ତ ବନ କର୍ମଚାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୨ ସହକାରୀ ବନ ସଂରକ୍ଷକ ଘନଶ୍ୟାମ ମୁଦୁଲି, ହରେକୃଷ୍ଣ ମଲ୍ଲିକଙ୍କ ସମେତ ଜଣେ ପୋଲିସ କନଷ୍ଟେବଳ, ୨ଜଣ ଡ୍ରାଇଭର, ୩ଜଣ ବନ ଜଗୁଆଳିଙ୍କୁ ଅଧିକ ପଚରାଉଚରା ଚାଲିଛି। ବଡ଼ମ୍ବା ଥାନାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଅନ୍ୟ ଆହତମାନଙ୍କ ପକ୍ଷରୁ ଆଠଗଡ଼ ବନଖଣ୍ଡ ଅଧିକାରୀ ଓ ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ନାମରେ ଅଭିଯୋଗ ହୋଇଛି। ଆହତମାନଙ୍କ ବୟାନ ରେକର୍ଡ ଓ ଅଧିକ ତଦନ୍ତ ପରେ ଗିରଫ ସଂଖ୍ୟା ବଢିବା ସମ୍ଭାବନା ରହିଛି। ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ ନାମରେ ଏତଲା ଥିବାରୁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତଦନ୍ତ ସମୟରେ ଅଭିଯୁକ୍ତ ବନ ବିଭାଗ କର୍ମଚାରୀମାନେ ହେଡ୍ କ୍ୱାର୍ଟର ନ ଛାଡିବା ପାଇଁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଥାନା ଅଧିକାରୀ ବାମଦେବ ସ୍ୱାଇଁ ଓ ତିଗିରିଆ ଥାନା ଅଧିକାରୀ ସୁଚିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ବଳାତ୍କାର..

ପଡ଼ିଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିବାବେଳକୁ ସ୍ତ୍ରୀଙ୍କୁ କେହି ଦୁର୍ବୃତ୍ତ ପିନ୍ଧା ଲୁଗାରେ ଗଳା ଚିପି ହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଏପରି କି ମୃତଦେହ ନିର୍ବସ୍ତ୍ର ଅବସ୍ଥାରେ ପଡ଼ି ରହିଥିବାବେଳେ ତାଙ୍କ ଯୌନାଙ୍ଗରେ କେହି ଦୁର୍ବୃତ୍ତ ଏକ ଝାଡୁ ପୂରେଇ ରକ୍ତାକ୍ତ ଅବସ୍ଥାରେ ଛାଡ଼ି ଦେଇଥିବା ଦେଖିବାକୁ ପାଇଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଅନେକ ତଥ୍ୟ ସଂଗ୍ରହ କରିଛନ୍ତି। ଅପରପକ୍ଷେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ କହିବା ହେଲା ପ୍ରାଥମିକ ଅନୁସନ୍ଧାନରୁ ମହିଳାଙ୍କୁ ତାଙ୍କ ପିନ୍ଧିଥିବା ଲୁଗାରେ ହିଁ ଗଳା ଚିପି ହତ୍ୟା କରାଯାଇଥିବା ଜଣାପଡ଼ିଛି। ଟ୍ରକ ଟର୍ମିନାଲକୁ ସବୁବେଳେ ଗାଡ଼ି ଆସୁଥିବାରୁ ସ୍ଥାନଟି ସବୁବେଳେ ଜନ ଗହଳିପୂର୍ଣ୍ଣ ଥାଏ। ଜଣେ ବ୍ୟକ୍ତି ଏଭଳି କାର୍ଯ୍ୟ କରିବା ଅସମ୍ଭବ। ଏହି ଘଟଣାରେ ଏକାଧିକ ବ୍ୟକ୍ତି ସାମିଲ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବାପରେ ହତ୍ୟା ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ସ୍ୱାଇଁ କହିଛନ୍ତି।

## ନାର୍କୋ ଟେଷ୍ଟ: ଗୋପାଳଙ୍କୁ ...

ମଞ୍ଜୁର କରିଛନ୍ତି। ତେବେ ଗୁଜରାଟରେ ନାର୍କୋଟେଷ୍ଟ ହେବାକୁ ଥିବାବେଳେ ସନ୍ଧ୍ୟାରେ କ୍ରାଇମ୍ବ୍ରାଞ୍ଚ ଅଧିକାରୀମାନେ ଗୋପାଳଙ୍କୁ ସାଙ୍ଗରେ ଧରି ଝାରସୁଗୁଡ଼ା ଏୟାରପୋର୍ଟରୁ କୋଲକାତା ଅଭିମୁଖେ ଯାଇଛନ୍ତି। ସେଠାରୁ ଅଭିଯୁକ୍ତଙ୍କୁ ଗୁଜରାଟର ଗାନ୍ଧୀନଗର ନିଆଯିବ ବୋଲି ଜଣାପଡ଼ିଛି। ପରୀକ୍ଷା ସମ୍ପର୍କରେ ଅଭିଯୁକ୍ତ ଗୋପାଳଙ୍କୁ ପଚାରିବାରେ ସେ ମାନସିକସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଓ ଉଭୟ ଟେଷ୍ଟ ପାଇଁ ରାଜି ଥିବା କୋର୍ଟକୁ କହିଛନ୍ତି।

ହତ୍ୟା ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେବାପରଠାରୁ ଗୋପାଳଙ୍କୁ ଅଦ୍ୟାବଧି ୩ ଥର ରିମାଣ୍ଡରେ ଆଣିସାରିଲାଣି। ଦ୍ୱିତୀୟ ପାଳି ରିମାଣ୍ଡର ବୁଧବାର ଥିଲା ୪ର୍ଥ ତଥା ଶେଷଦିନ। ୩ୟ ପାଳି ରିମାଣ୍ଡ ଗୁରୁବାରଠାରୁ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ତାଙ୍କର ନାର୍କୋ ଓ ପଲିଗ୍ରାଫ୍ ଟେଷ୍ଟ କରାଯିବ। ତେବେ ମାରାଥନ୍ ଜେରା, କ୍ରାଇମ୍ ସିନ୍ ରିକ୍ରିଏଶନ ସତ୍ତ୍ୱେ ମନ୍ତ୍ରୀଙ୍କ ହତ୍ୟା ରହସ୍ୟ ଘେରରେ ରହିଛି। କେଉଁ କାରଣରୁ ଗୋପାଳ ଏଭଳି ନାରକୀୟ କାଣ୍ଡ ରଚିଲେ ତାହା ସ୍ପଷ୍ଟ ହେଉନାହିଁ। ଏହା ଏକ ହାଇପ୍ରୋଫାଇଲ ହତ୍ୟାକାଣ୍ଡ ହୋଇଥିବାରୁ କ୍ରାଇମ୍ବ୍ରାଞ୍ଚ ସମସ୍ତ ଦିଗକୁ ନେଇ ତଦନ୍ତ ପ୍ରକ୍ରିୟା ଜାରି ରଖିଛି। ୫ଦିନ ରିମାଣ୍ଡରେ ତଦନ୍ତର ଦିଗ କେଉଁଆଡ଼କୁ ଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଅପରପକ୍ଷେ ମନ୍ତ୍ରୀ ହତ୍ୟାକାଣ୍ଡର ତଦନ୍ତ ତଦାରଖ ଦାୟିତ୍ୱ ନେଇଥିବା ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଜେ.ପି. ଦାସ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲ ବୁଧବାର ପୃଥକ୍ ଭାବେ ଘଟଣାସ୍ଥଳ ବ୍ରଜରାଜନଗର ଗାନ୍ଧୀ ଛକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତଦନ୍ତର ନେତୃତ୍ୱ ନେଇଥିବା କ୍ରାଇମ୍ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୁକ୍ତ ଏଏସ୍ଆଇ ଗୋପାଳ ଦାସ ଘଟଣାଦିନ ମନ୍ତ୍ରୀଙ୍କୁ କିଭଳି ଗୁଳି ମାରିଥିଲେ ସେ ସମ୍ପର୍କରେ ଉତ୍ତରାଞ୍ଚଳ ଆଇଜି ବୁଝାଇଥିଲେ। ଘଟଣାସ୍ଥଳରେ ପ୍ରାୟ ଅଧାଘଣ୍ଟା ରହିବା ପରେ ଜଷ୍ଟିସ ଦାସ, ଡିଜିପି ବଂଶଲ ଫେରିଆସିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଷଷ୍ଠସ୍ଥ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ ଏବଂ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିପାରନ୍ତି। ସଭାସମିତିରେ ସୀମା ଭିତରେ ରହିବା ଭଲ ନଚେତ୍ ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିବ। ସହକର୍ମୀଙ୍କୁ ଦେଇଥିବା ଜିନିଷ ଫେରି ପାଇବେ କିମ୍ବା ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି।

**ବୃଷ**
ମଙ୍ଗଳ ରାଶିରେ ରହି ବାଣିଜ୍ୟ, ବ୍ୟବସାୟକୁ ପ୍ରତିବନ୍ଧକ ମୁକ୍ତପୂର୍ବକ ଲାଭାବାନ୍ କରାଇବେ। ଆଜି ବିଭିନ୍ନ କ୍ଷେତ୍ରରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ବିଭିନ୍ନ ପ୍ରକାରର ସଂଘର୍ଷମୟ ସ୍ଥିତି କାରଣରୁ ମାନସିକ ଅବସ୍ଥା ସେତେଟା ଭଲ ରହି ନ ପାରେ। ଶନି ଓ ଶୁକ୍ର ସଂଯୋଗରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ**
କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନଚେତ୍ ଅସୁବିଧାରେ ପଡିବେ। ପୁନର୍ବସୁ ନକ୍ଷତ୍ରର ମନୋବଳ ଟାଣ ରହିବ ଏବଂ ନିଜ ଜିଦ୍ରେ ଅଟଳ ରହିବେ। ଗତକାଲି ଯେଉଁଥି ପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ଆଲୋଚନା ଓ ସଭାସମିତିରେ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ।

**ସିଂହ**
ତୃତୀୟସ୍ଥ କେତୁ ଯୋଗୁ ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳି ଯିବାକୁ ବସିପାରେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଯାତ୍ରା, କଚେରି ମାମଲା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଅବହେଳା କାରଣରୁ ଆକସ୍ମିକ ସୁଯୋଗ ହାତଛଡା ହୋଇପାରେ।

**କନ୍ୟା**
ମଙ୍ଗଳ ସ୍ୱଗୃହକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। କୋଣଭାବସ୍ଥ ବୁଧଙ୍କ ଯୋଗୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଚିନ୍ତିତ ରହିପାରନ୍ତି। ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା**
କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ଅପ୍ରିୟ ସତ୍ୟ କହିବା କାରଣରୁ ବନ୍ଧୁଙ୍କ ଭିତରେ ମନାନ୍ତର ସୃଷ୍ଟି ହୋଇପାରେ। ସମସ୍ୟାର ସମାଧାନ କ୍ଷେତ୍ରରେ ସହକର୍ମୀ ସାହାଯ୍ୟ କରିବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରନ୍ତି।

**ବିଛା**
ଭଲ ସମ୍ପର୍କ ନ ଥିବା କେତେଜଣ ବ୍ୟକ୍ତି ପଛରେ ବିଭିନ୍ନ ପ୍ରକାରର କଥା କହିପାରନ୍ତି। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, ରାଜନୀତି, କଳା ସାହିତ୍ୟରେ ସମ୍ମାନିତ ହେବେ। ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ କୌଣସି ବନ୍ଧୁଙ୍କର ଦେଖା ପାଇବେ ନାହିଁ।

**ଧନୁ**
ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବା ପାଇଁ ଚେଷ୍ଟା କରିବେ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କଠିନ ଶ୍ରମଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜିର ସାଧାରଣ କଥାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିବେ।

**ମକର**
ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ,ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବା ସକାଶେ ଆପ୍ରାଣ ଚେଷ୍ଟା କଲେ ସଫଳତା ମିଳିବ।

**କୁମ୍ଭ**
ପରିବାରର ଅକୁହାକଥାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆଜି ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିବେ।

**ମୀନ**
ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ର ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଚାଲୁରହିବ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫାଲଗୁନ କୃଷ୍ଣ ଚତୁର୍ଥୀ ଗୁରୁବାର, ଫେବୃୟାରୀ ୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରା ଫାଲଗୁନୀ/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୨ମି. ଗତେ ଘ.୦୭।୫୨ମି. ମଧ୍ୟେ, ଘ.୧୦।୫୩ ମି. ଗତେ ଘ.୦୧।୦୮ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧।୨୫ମି. ଗତେ ଘ.୦୨।୫୦ମି. ମଧ୍ୟେ ରାହୁକାଳ ।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।



# ସ୍ୱର୍ଗତଃ ନବ କିଶୋର ଦାସ

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ

୦୭.୦୧.୧୯୬୨ – ୨୯.୦୧.୨୦୨୩

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି
ନିମନ୍ତେ ମହାପ୍ରଭୁଙ୍କ ପଦାରବିନ୍ଦରେ
ଆମେ ପ୍ରାର୍ଥନା କରୁଛୁ ।

ବିଜୁ ଜନତା ଦଳ, ଝାରସୁଗୁଡ଼ା

❝ ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। –ଶ୍ରୀମା



# ସଙ୍କଟ ମୁକାବିଲାର ପ୍ରସ୍ତୁତି



ମମ୍‌ତା ମୂର୍ତ୍ତି

ବିଶ୍ୱରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତିରେ ଅଭାବ ଓ ଦୁର୍ବଳତାକୁ କୋଭିଡ୍‌–୧୯ ମହାମାରୀ ସାମ୍ନାକୁ ଆଣିଛି। ଯେତେବେଳେ କୋଭିଡ୍ ଭୂତାଣୁ ସଂକ୍ରମଣ ଶୀର୍ଷରେ ପହଞ୍ଚିଥିଲା ସେତେବେଳେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଇଦେଇଥିଲେ। ଏଥିରେ ସେମାନେ ମାତୃତ୍ୱ ସ୍ୱାସ୍ଥ୍ୟସେବା, ନିୟମିତ ଶିଶୁ ଟିକାକରଣ ଏବଂ ଅଣ ସଂକ୍ରାମକ ରୋଗର ଚିକିତ୍ସା ସେବା ଜାରି ରଖିଥିଲେ। ଉକ୍ତ ଦୁଃଖଦାୟକ ସମୟ ଅତିକ୍ରାନ୍ତ ହେବା ପରେ ଏକ ଖରାପ ସ୍ଥିତି ହଟିଯାଉଥିବା ଆଶା କରାଯାଉଥିବାବେଳେ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ, ସହରୀକରଣ, ଜଙ୍ଗଲ ଧ୍ୱଂସ, ଜଳାଭାବ, ପ୍ରାଣୀଠାରୁ ମଣିଷକୁ ରୋଗବାହାକ ଭୂତାଣୁ ସଂକ୍ରମଣ ଏବଂ ଯୁଦ୍ଧଜନିତ କ୍ଷତି ଯୋଗୁ ଲଗାତର ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟ ଆସିବାର ଆଶଙ୍କା ରହିଛି। ଜୀବନଜୀବିକା ଉପରେ ଥିବା ଏହି ସମ୍ଭାବ୍ୟ ସଙ୍କଟକୁ କମ୍ କରିବା ପାଇଁ ବିଶ୍ୱରେ ସରକାରଗୁଡ଼ିକ ସେମାନଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାର କ୍ଷମତା ବୃଦ୍ଧି କରିବା ଲାଗି ଜରୁରୀ ପଦକ୍ଷେପ ନେବା ଉଚିତ। ନିକଟରେ ବିଶ୍ୱ ବ୍ୟାଙ୍କ୍ ରିପୋର୍ଟରୁ ଜଣାପଡ଼ିଛି ଯେ, ରୋଗ ପ୍ରତିହତକାରୀ ଏକ ସକ୍ଷମ ତଥା ଦୃଢ଼ ସମନ୍ୱିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ସର୍ବଦା ବିପଦ ଓ ସଙ୍କଟଜନକ ସମସ୍ୟାଗୁଡ଼ିକୁ ଚିହ୍ନଟ କରିଥାଏ। ଏହା ଆବଶ୍ୟକ ସାଧନ ବିକାଶ କରିବାରେ ତ୍ୱରିତ ପଦକ୍ଷେପ ନେବାରେ ସକ୍ଷମ ହୋଇଥାଏ ଏବଂ ସ୍ୱାସ୍ଥ୍ୟସେବାରେ ଥିବା ବାଧାଗୁଡ଼ିକୁ ଦୂର କରିବା ପାଇଁ ତ୍ୱରିତ ପଦକ୍ଷେପ ନେଇଥାଏ। ବିଶ୍ୱ ବ୍ୟାଙ୍କ ଏହି କାର୍ଯ୍ୟସୂଚୀକୁ ନେଇ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ସହ କାର୍ଯ୍ୟ କରିଆସୁଛି ଏବଂ ୩୪ ବିଲିୟନ ଡଲାରର ବୈଶ୍ୱିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ୨୪୦ରୁ ଅଧିକ ପ୍ରୋଜେକ୍ଟକୁ ସାମିଲ କରିଛି। ଏହି କାର୍ଯ୍ୟକ୍ରମସବୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରାଥମିକ ସେବା ଏବଂ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ସଶକ୍ତ କରି ଗରିବ ଓ ବିପଦରେ ଥିବା ଲୋକମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ସମ୍ମିଳିତ ପଦକ୍ଷେପ ନେବାକୁ ଦେଶଗୁଡ଼ିକୁ ସାହାଯ୍ୟ କରୁଛି। ଉଦାହରଣ ସ୍ୱରୂପ, ଜୁନ୍ ୨୦୨୨ରେ ବିଶ୍ୱବ୍ୟାଙ୍କ ପାକିସ୍ତାନର ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଜଭୁତ କରିବା, ଜରୁରୀ ସ୍ୱାସ୍ଥ୍ୟ ସ୍ଥିତିକୁ ଭଲ ଭାବେ ମୁକାବିଲା କରିବା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଉପକରଣ ଯୋଗାଇବା ଲକ୍ଷ୍ୟରେ ସେଠାକାର ଜାତୀୟ ସ୍ୱାସ୍ଥ୍ୟ ସହଯୋଗ କାର୍ଯ୍ୟକ୍ରମକୁ ୨୫୮ ମିଲିୟନ ଡଲାର ମଞ୍ଜୁର କରିଥିଲା।

ସ୍ୱାସ୍ଥ୍ୟସେବାରେ ଥିବା ଅଭାବଗୁଡ଼ିକୁ ପୂରଣ କରିବା ପାଇଁ ନୂଆ କରି ମହାମାରୀ ପାଣ୍ଠି (ପାଣ୍ଡେମିକ୍ ଫଣ୍ଡ) ଗଢ଼ାଯାଇଛି। ବିକାଶଶୀଳ ଦେଶଗୁଡ଼ିକ ଆଗାମୀ ସ୍ୱାସ୍ଥ୍ୟ ସଙ୍କଟକୁ ଲକ୍ଷ୍ୟକରି ତା'ପୂର୍ବରୁ ପ୍ରତିଷେଧମୂଳକ ପଦକ୍ଷେପ ବଢ଼ାଉଥିବାରୁ ଏବଂ ପ୍ରସ୍ତୁତିରେ ଉନ୍ନତି ଆଣୁଥିବାରୁ ସେମାନଙ୍କ ପାଇଁ ଆର୍ଥିକ ସହଯୋଗର ଆବଶ୍ୟକତା ରହିଛି। ଏଥିପାଇଁ ଏହି ଫଣ୍ଡ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାରେ ଏକ ପ୍ରମୁଖ ଉତ୍ସ । ଏହା ଜି୨୦ ସହଯୋଗରେ ପ୍ରତିଷ୍ଠା କରାଯାଇଛି। ସାର୍ବଭୌମ ଡୋନର ରାଷ୍ଟ୍ର, ଅର୍ଥ ସାହାଯ୍ୟ ଗ୍ରହଣ କରୁଥିବା ଦେଶର ସରକାର, ଜନସେବାରେ ବ୍ରତୀ ସଂସ୍ଥା ଏବଂ ସିଭିଲ୍ ସୋସାଇଟି ସଂଗଠନଗୁଡ଼ିକର ସଦସ୍ୟମାନଙ୍କୁ ନେଇ ଗଠିତ ଏକ ସମ୍ମିଳିତ କମିଟି ଦ୍ୱାରା ଉକ୍ତ ଫଣ୍ଡ ସଞ୍ଚାଳିତ। ଫଣ୍ଡ ୧.୬ ବିଲିୟନ ଡଲାର ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏବେ ତାହା ପ୍ରଥମ ପର୍ଯ୍ୟାୟ ପାଣ୍ଠି ଯୋଗାଣ ସମ୍ପର୍କରେ ଘୋଷଣା କରିଛି। ଏହି ଅତିରିକ୍ତ ଦୀର୍ଘମିଆଦୀ ସାଧନଗୁଡ଼ିକ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ସହ ସଙ୍କଟ ସମ୍ପର୍କରେ ସଚେତନ କରିବ। ପ୍ରାଥମିକ ସତର୍କତାମୂଳକ ପଦକ୍ଷେପରେ ଉନ୍ନତି ଆଣିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀଙ୍କ ସଂଖ୍ୟା ବଢ଼ାଇବାରେ ଦେଶଗୁଡ଼ିକୁ ସାହାଯ୍ୟ କରିବ। ଦୃଢ଼ ଯୋଗାଯୋଗ ଏବଂ ଗୋଷ୍ଠୀ ଭାଗୀଦାରି ବିଶ୍ୱାସ ବୃଦ୍ଧି କରି ସଙ୍କଟର ମୁକାବିଲାରେ ସହଯୋଗ କରିବ। ମହାମାରୀ ପରେ ସବୁ ଦେଶ ଅଣ୍ଟା ସଳଖୁଥିବାବେଳେ ସେମାନେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ତେବେ ଏକ ଦୃଢ ସ୍ୱାସ୍ଥ୍ୟ ବ୍ୟବସ୍ଥା ସେବାର ପ୍ରସ୍ତୁତିରେ ଉନ୍ନତି ଆଣି ଏହି ସବୁ ଆହ୍ୱାନର ପ୍ରଭାବକୁ ହ୍ରାସ କରିପାରିବ। ଏହାସହ ଉପଯୋଗୀ କାର୍ଯ୍ୟକ୍ରମଗୁଡ଼ିକୁ ମଜଭୁତ କରି ଅନ୍ୟ ସ୍ୱାସ୍ଥ୍ୟ ସଙ୍କଟର ସଞ୍ଚାଳନ ବି କରିବ।



ବିଭିନ୍ନ ଦେଶ ଓ ଆଞ୍ଚଳିକଭିତ୍ତିରେ ଆବଶ୍ୟକତା ଏବଂ ପଦକ୍ଷେପରେ ଫରକ ରହିବା ସ୍ୱାଭାବିକ। ଉଦାହରଣ ସ୍ୱରୂପ,ସଂକ୍ରାମକ ରୋଗ ପ୍ରକାଶ ପାଇବାର ପେଣ୍ଠ ହେଉଛି କାମ୍ବୋଡ଼ିଆ। ଏହା ମଣିଷ, ପ୍ରାଣୀ ଏବଂ ପରିବେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ସାମଗ୍ରିକ ଭାବେ ବହୁ ସେକ୍ଟରଭିତ୍ତିକ ସହଯୋଗ ବଢ଼ାଇବାକୁ ଯୋଜନା କରିଛି। କେନିଆ ସଂକ୍ରାମକ ରୋଗ ନିୟନ୍ତ୍ରଣ ସକାଶେ ସର୍ଭିଲାନ୍ସ ଓ ପରୀକ୍ଷାଗାର କ୍ଷମତା ବୃଦ୍ଧି କରିବାକୁ ଚାହୁଁଛି। ବାଂଲାଦେଶ ଭବିଷ୍ୟତରେ ମହାମାରୀର ମୁକାବିଲା କରିବାକୁ ସ୍ୱାସ୍ଥ୍ୟ ସେବା ସୁବିଧା, କର୍ମଚାରୀ ସଂଖ୍ୟା ଓ ମାଇକ୍ରୋବାୟୋଲୋଜି ପରୀକ୍ଷାଗାର କ୍ଷମତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏଣୁ ସାରା ବିଶ୍ୱରେ ଦୃଢ ସ୍ୱାସ୍ଥ୍ୟ ସଞ୍ଚାଳକ ଏବଂ ମଜଭୁତ ସାର୍ବଜନୀନ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ତଥ୍ୟ ଆଧାରିତ ନିଷ୍ପତ୍ତି ନେବା ସହ ସଙ୍କଟ ସମ୍ପର୍କିତ ଯୋଜନା ନିଶ୍ଚିତ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ଦେଶଗୁଡ଼ିକ ମଧ୍ୟ ବାହ୍ୟ ସଂସାଧନଗୁଡ଼ିକର ଉପଯୋଗ କରିବା ପାଇଁ ବିତ୍ତୀୟ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ। ସମନ୍ୱିତ ଓ ସକ୍ଷମ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବୁଝାମଣାଭିତ୍ତିକ ନିବେଶଗୁଡ଼ିକ ଅଧିକ ପ୍ରଭାବୀ ହୁଏ। ଏହିସବୁ ନିବେଶରୁ ସାର୍ବଜନୀନ ଜରୁରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଦୀର୍ଘମିଆଦୀ ଲାଭ ବି ମିଳିବ।

ଏକ ଦୃଢ଼ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଏହା ଭିତରେ ଓ ବାହାରେ ଭାଗୀଦାରିର ଆବଶ୍ୟକତା ରହିଛି। ଏହା ବ୍ୟତୀତ କୋଭିଡ୍–୧୯ ମହାମାରୀ ମୁକାବିଲାରେ ପ୍ରମୁଖ ଭୂମିକା ନେଇଥିବା ସିଭିଲ୍ ସୋସାଇଟି ଓ ପ୍ରାଇଭେଟ ସେକ୍ଟର ସହ ସାମିଲ କରିବାକୁ ପଡ଼ିବ। ସ୍ୱାସ୍ଥ୍ୟ ଝଟ୍‌କାରୁ ସୁରକ୍ଷା ଲାଗି ଗବେଷଣା କ୍ଷମତା ବୃଦ୍ଧି କରିବା ସହ ଚିକିତ୍ସା ପ୍ରଯୁକ୍ତିର ନୂତନତ୍ୱକୁ ଗ୍ରହଣ କରିବା ଦରକାର ଏବଂ ଡିଜିଟାଲ ଟେକ୍‌ନୋଲୋଜିକୁ ଆପଣାଇବାକୁ ହେବ। ଏହି ଦାୟିତ୍ୱ ବଡ଼ ହେଲେ ବି ଆମେ ଅତୀତର ସଙ୍କଟ ଆମକୁ ମୂଲ୍ୟବାନ ଶିକ୍ଷା ଦେଇଛି ଏବଂ ସଫଳତା କିଭଳି ହାସଲ କରାଯାଇପାରେ ତାହା ଆମକୁ ଦେଖାଇଦେଇଛି। ଉଦାହରଣ ସ୍ୱରୂପ୨୦୧୪–୧୬ ମଧ୍ୟରେ ଇବୋଲା କାରଣରୁ ପଶ୍ଚିମ ଆଫ୍ରିକାରେ ୧୧,୦୦୦ ଲୋକଙ୍କ ଜୀବନ ନେଇଥିଲା। ଏଥିପାଇଁ ଆଫ୍ରିକା ମହାଦେଶର ସବୁଅଞ୍ଚଳରେ ସର୍ଭିଲାନ୍ସ ଓ ସଞ୍ଚାଳନ ପାଇଁ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନଶନ ପ୍ରତିଷ୍ଠା କରାଯାଇଥିଲା। ଫଳରେ ଇବୋଲା ନିୟନ୍ତ୍ରଣ ସମ୍ଭବ ହୋଇଥିଲା।

କୋଭିଡ୍–୧୯ ମହାମାରୀ କ୍ରମଶଃ ଦୁର୍ବଳ ହେଉଥିବାରୁ ଏବେ ଖୁସି ହେବାର ସମୟ ନୁହେଁ। ଆମେ ସମସ୍ତେ ମହାମାରୀର ବିଧ୍ୱଂସକ ପ୍ରଭାବକୁ ନିକଟରୁ ଦେଖିଛେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ ଅନୁଯାୟୀ କୋଭିଡ୍ ମହାମାରୀ ଯୋଗୁ ୨୦୨୦–୨୧ରେ ବିଶ୍ୱରେ ପାଖାପାଖି ୧୫ ମିଲିୟନ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ମହାମାରୀ ଦାରିଦ୍ର୍ୟ ହ୍ରାସ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଲିଙ୍ଗଗତ ସମାନତାରେ ଯାହା ହାସଲ କରିବା କଥା ତାହା କରାଇ ଦେଇ ନ ଥିଲା। ତେବେ ଭବିଷ୍ୟତ ସଙ୍କଟକୁ ମୁକାବିଲା କରିବା ପାଇଁ ସ୍ୱାସ୍ଥ୍ୟ ସାମର୍ଥ୍ୟ ବଢ଼ାଇବା ସହ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ଲୋଡ଼ା। ଏହା ନିଶ୍ଚିତ ଯେ,ଅଧିକ ସଙ୍କଟ ଆସିବ। ଏଣୁ ଦେଶଗୁଡ଼ିକ ଦୀର୍ଘମିଆଦୀ ଏବଂ ସ୍ଥାୟୀ ନୀତି ପାଇଁ ରାଜନୈତିକ ଇଚ୍ଛାଶକ୍ତି ପ୍ରକାଶ କଲେ ତାହା ସେମାନଙ୍କ ନାଗରିକ ଓ ଅର୍ଥ ବ୍ୟବସ୍ଥାକୁ ସୁରକ୍ଷିତ ରଖିବ।

**ମାନବ ବିକାଶର ଉପାଧ୍ୟକ୍ଷ (ବିଶ୍ୱ ବ୍ୟାଙ୍କ)**

# ପ୍ରେମ ହିଁ ମହାଶକ୍ତି



ମୀରା ବେଉରା

ସେଦିନ ଫ୍ରାନ୍ସର ଲେଖକ, ଦାର୍ଶନିକ ରୁଷୋ ଖୋଜି ଖୋଜି ନିଜର ସ୍ତ୍ରୀ ହେବା ପାଇଁ ଜଣେ ମହିଳାଙ୍କୁ ପାଇଥିଲେ। ତାଙ୍କ ନାମ ଟେରେସି। ରୂପରେ କୁତ୍ସିତା, ବୁଦ୍ଧିରେ ମୂଢ଼ା, ସ୍ୱଭାବତଃ କଳହପ୍ରିୟ। ଗୁଣରେ କ୍ରୂର ଓ କର୍କଶଭାଷୀ ସର୍ବୋପରି ମୂର୍ଖ ଓ ଅଜ୍ଞ। କେଉଁ ପ୍ରକାର ଗୁଣ ଦେଖି ରୁଷୋ ତାଙ୍କୁ ସ୍ତ୍ରୀ ରୂପେ ବରଣ କରିଥିଲେ ସେ କଥା ପ୍ରକୃତରେ ସେ ହିଁ ଜାଣିଥିବେ। ଏହା ଆଜିର ଯୁବପିଢ଼ିଙ୍କ ଭିତରେ ହୁଏତ ଦୁର୍ଭାଗ୍ୟବୋଧ ହେବ। ତଥାପି ସେ କେବେ ଦୁଃଖ ପ୍ରକାଶ କରିନ ଥିଲେ।

ସେହିପରି ଡିସ୍‌ରାଏଲି ଯଦିଓ କହିଲେ, ମୁଁ ଜୀବନରେ ଅନେକ ଭୁଲ୍ କରିପାରେ କିନ୍ତୁ ପ୍ରେମକରି ବିବାହ କରିବାକୁ ଆଦୌ ଇଚ୍ଛା କରୁନାହିଁ। ମାତ୍ର ବାସ୍ତବ ଜୀବନରେ ସେ ଟିକିଏ ଭିନ୍ନ କରିଥିଲେ। ୩୫ ବର୍ଷ ବୟସରେ ଉପନୀତ ହେଲାପରେ ତାଙ୍କଠାରୁ ୧୫ ବର୍ଷ ବଡ଼ ଜଣେ ଧନୀ ମହିଳାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଲେ। ସେ ମହିଳାଙ୍କର ତ୍ରୁଟି ସମ୍ପୂର୍ଣ୍ଣ ପାଚିଯାଇଥିଲା। କିନ୍ତୁ ଏହା ସତ୍ୟ ଯେ ସେ ପ୍ରେମରେ ପଡ଼ି ଏଭଳି ବିବାହ ପ୍ରସ୍ତାବ ଦେଇ ନ ଥିଲେ, ଯଦିଓ ସେ ମହିଳା ଜଣଙ୍କ ଜାଣିଥିଲେ ଯେ ଡିସ୍‌ରାଏଲି ତାଙ୍କ ଧନସମ୍ପତ୍ତିକୁ ଲୋଭ ରଖି ତାଙ୍କୁ ବିବାହ କରିବାକୁ ଚାହୁଁଛନ୍ତି। ତା'ପରେ ସେ ମହିଳା ଜଣଙ୍କ ଡିସ୍‌ରାଏଲିଙ୍କ ଚରିତ୍ର ଜାଣିବା ପାଇଁ ତାଙ୍କୁ ୧ ବର୍ଷ ସମୟ ମାଗିଥିଲେ। ଏହି ପ୍ରେମ କାହାଣୀ ଯଦିଓ ଶୁଷ୍କ ଥିଲା ତଥାପି ଆମ ପାଇଁ ଆଶ୍ଚର୍ଯ୍ୟଜନକ। କାରଣ ଡିସ୍‌ରାଏଲିଙ୍କ ବୈବାହିକ ଜୀବନ ଏତେ ସୁଖମୟ ଥିଲା ଯେ ବିବାହ ଇତିହାସରେ ତାହା ବିରଳ। ସେ ଯେଉଁ ମହିଳାଙ୍କୁ ବିବାହ କଲେ ନା ସେହି ଧନୀ ମହିଳାଙ୍କର ଯୌବନ ଥିଲା ନା ସୌନ୍ଦର୍ଯ୍ୟ ଥିଲା। ନା ଥିଲା ବୁଦ୍ଧି ଓ ଜ୍ଞାନ। କିନ୍ତୁ ବୈବାହିକ ଜୀବନର ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଙ୍କର ଖୁବ୍ ପାରଦର୍ଶିତା ଥିଲା। ସେ ଭଦ୍ର ମହିଳା ଜଣକ ହେଲେ ମେରୀ। ଦୀର୍ଘବର୍ଷ ସେମାନେ ଏକାଠି ରହିଥିଲେ। କେବେ ବି ତାଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠୁ ନ ଥିଲା। ଉଭୟେ ସ୍ୱାମୀ ସ୍ତ୍ରୀ ସବୁବେଳେ ଗୋଟିଏ କଥାକୁ ନେଇ ଥଟ୍ଟାମଜା କରୁଥିଲେ। ଡିସ୍‌ଲାଏଲି ତାଙ୍କୁ ମନ ପକାଇ ଦିଅନ୍ତି କେବଳ ଟଙ୍କା ପାଇଁ ସେ ତାଙ୍କୁ ବିବାହ କରିଛନ୍ତି। ମେରୀ ସଙ୍ଗେ ସଙ୍ଗେ ହସି କହନ୍ତି, ଆଉ ଥରେ କିନ୍ତୁ ସେପରି ଘଟିଲେ ତୁମେ ମୋତେ ପ୍ରେମ କରି ବିବାହ କରିବ।

ଏହି ପ୍ରସଙ୍ଗ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଆଜିର ପ୍ରେମ ସ୍ଥୂଳ ଶରୀରର ଆକର୍ଷଣ ପାଲଟିଯାଇଛି। ପାର୍ଥିବ ପ୍ରେମର ବାସ୍ନାରେ ଯଦିଓ ଆଜିର ଯୁବପିଢି ଆକର୍ଷିତ ହେଉଛନ୍ତି, କିନ୍ତୁ କ୍ଷଣିକ ପରେ ତାହା ମଉଳିଯାଉଛି। ସୂକ୍ଷ୍ମ ମନ ଅପେକ୍ଷା ସ୍ଥୂଳ ଶରୀରକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଯେଉଁଠି ପ୍ରେମ ଟିକିଏ ଊଣା ହେଉଛି ଦୁହେଁ ଦୁହିଁଙ୍କୁ ଛାଡ଼ପତ୍ର ଦେବାକୁ ପଛାଉନାହାନ୍ତି। ପ୍ରେମର ପରିଭାଷା ବୁଝିବା ପାଇଁ ନା ଅଛି ଏମାନଙ୍କ ପାଖରେ ସମୟ, ଶ୍ରଦ୍ଧା ବା ସମ୍ମାନ। ପ୍ରେମ ଥାଏ ଶୁଦ୍ଧ ଚେତନାରେ, ସତ୍ୟରେ, ସ୍ୱଚ୍ଛତାରେ ହୃଦୟର ପବିତ୍ରତାରେ। ଏଇଠି ମନେପଡ଼ିଥାଏ ଆମେରିକୀୟ ବିଦ୍ୱାନ ଜେମ୍ସ ଇଫଷ୍ଟଙ୍କ କଥା , ଯିଏ କହିଥିଲେ– ''ଏକ ସମୃଦ୍ଧ ସଫଳ ଦାମ୍ପତ୍ୟଜୀବନ ପଛରେ ଥାଏ ଅତି ଛୋଟିଆ ତତ୍ତ୍ୱ।'' ଗୁରୁତର ତ୍ରୁଟିକୁ ସାମାନ୍ୟ ବିଚାରିବା, ସମର୍ପିତ ମନୋଭାବ ଆଣିବା, କୃତଜ୍ଞ ରହିବା, ଭୋଗ ବଦଳେ ତ୍ୟାଗକୁ ସ୍ୱୀକାର କରିବା, ପ୍ରକୃତ ପ୍ରେମରେ ପରିହାସ ନ ଥାଏ, ସମାଲୋଚନା ନ ଥାଏ। ଥାଏ ସମର୍ପଣଭାବ, ଥାଏ ଅମୃତ ଅନ୍ୱେଷଣର ଭାବ।

ଆଉ ଜଣେ ଆମେରିକୀୟ ଲେଖିକା ମହିଳା ଉଦ୍ୟୋଗୀ ଫାଉନ୍ ୱେଭର କହିଥିଲେ, ''ପୃଥିବୀର ସବୁଠୁ ସୁନ୍ଦର ଜିନିଷ, ସୃଷ୍ଟିର ସବୁଠୁ କୋମଳ ସତ୍ତା ହେଉଛି ନାରୀର ହୃଦୟ। ଏହା କୋମଳ ଯେତିକି ମଜଭୁତ ମଧ୍ୟ ସେତିକି। ଯେତିକି ସୌଖୀନ, ସେତିକି ସମ୍ବେଦନଶୀଳ। ତା' ହୃଦୟ ବଦଳେ ତାକୁ ସମ୍ମାନ, ପ୍ରେମ, ସ୍ନେହ ମର୍ଯ୍ୟାଦା ଦେଲେ ସମଗ୍ର ଦୁନିଆ ଦେବାକୁ ସିଏ କୁଣ୍ଠାକରେ ନାହିଁ। କିନ୍ତୁ ଆଜିର ପ୍ରେମ ସୌଭାଗ୍ୟ ବଦଳେ ଲେଖୁଛି ଦୁର୍ଭାଗ୍ୟର ଦସ୍ତାବିଜ। ଦେହ ଓ ଦାହର ଦୁନିଆରେ ପ୍ରେମ କାରାବଦ୍ଧ ହୋଇଛି। ପ୍ରେମ ଅମୃତର ଅନୁଭବ, ବିଶ୍ୱାସ ଭରସାର ପାତ୍ର ବଦଳେ ହୋଇଛି ପ୍ରବଞ୍ଚନା ପ୍ରତାରଣା ଓ ପାଶବିକତାର ପଦଚିହ୍ନ। ପ୍ରକୃତରେ ପ୍ରେମ ଏକ ତପସ୍ୟା। 'ନମ୍ରତା ହିଁ ପ୍ରେମର ପରିଭାଷା ଚେତନାର ବିଦ୍ୟାନୁଭାବ। ପ୍ରକୃତ ପ୍ରେମ ଏଭଳି ଏକ ମହୌଷଧି ଯାହା କି ପ୍ରାଣିଜଗତକୁ ବଶ କରିଦିଏ ଓ ସବୁ ଜଟିଳ ସମସ୍ୟାକୁ ସମାଧାନ କରିଦିଏ । ପ୍ରେମ ଏଭଳି ଏକ ଅସ୍ତ୍ର ଯାହା ପରମାଣୁ ବୋମାଠାରୁ ମଧ୍ୟ ଶକ୍ତିଶାଳୀ। ପ୍ରେମ ହିଁ ମହାଶକ୍ତି, ଯାହାଦ୍ୱାରା ସବୁ ହୃଦୟ ଜୟ କରାଯାଇପାରେ। ପ୍ରେମ ରା ସବୁଲାଭ କରାଯାଇପାରେ। ନମ୍ରତା, ସହନଶୀଳତା, ଶ୍ରଦ୍ଧା, ସମର୍ପଣ, ସହଯୋଗ, ନିଷ୍କପଟ, ନିଷ୍ପାପର ଭଲପାଇବା ହିଁ ପ୍ରେମର ପ୍ରକୃତ ନିଦର୍ଶନ।

**ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, ତୁଳସୀପୁର, କଟକ**
**ମୋ– ୯୮୫୩୩୫୦୩୮୪**

## ଏଇ ଭାରତରେ

ବହୁ ସମୟରେ ନିଜ ପସନ୍ଦର ବୃତ୍ତି ତଥା ସ୍ୱାଧୀନ ଭାବେ ରୋଜଗାର କରିବା ଲକ୍ଷ୍ୟରେ ଅନେକେ ସୁରକ୍ଷିତ ଓ ଉଚ୍ଚ ବେତନର ଚାକିରି ଛାଡ଼ି ଦେଇଥାନ୍ତି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ହରିୟାଣର ଦୀପକ ସିଂ। ଦୀପକ ରହୁଛନ୍ତି ମହେନ୍ଦ୍ରଗଡ଼ରେ। ସେ ଶିକ୍ଷକ ଚାକିରି ଛାଡ଼ି ଜିଆଖତ ପ୍ରସ୍ତୁତ କରୁଛନ୍ତି। ପ୍ରତି ମାସରେ ସେ ୬୦,୦୦୦ ଟଙ୍କା ରୋଜଗାର କରୁଛନ୍ତି। ଦୀପକ ମହାମାରୀ ସମୟରେ ଛୁଟିରେ ଗାଁରେ ରହିବା ପରେ ଏହା ଆରମ୍ଭ କରିଥିଲେ। ସ୍କୁଲ ଖୋଲିବା ପରେ ସେ ନିଜ ଡ୍ୟୁଟି କରିବା ସହ ଏହାକୁ ଜାରି ରଖିଥିଲେ। ପରେ ଏହାର ଚାହିଦା ବଢ଼ିବା ଯୋଗୁ ସେ ଚାକିରି ଛାଡ଼ି ଏହି ବ୍ୟବସାୟ କରୁଛନ୍ତି। ଜିଆଖତ ପ୍ରସ୍ତୁତ କରି କୃଷକମାନଙ୍କୁ ମଧ୍ୟ ଜୈବିକ ଚାଷ କରିବାକୁ ପ୍ରେରିତ କରୁଛନ୍ତି। ଏବେ ସେ ୧୦୦ରୁ ଅଧିକ ବେଡ୍‌ରେ ଜିଆଖତ ତିଆରି କରୁଛନ୍ତି। ଏହି କାର୍ଯ୍ୟରେ ସେ ଅନେକଙ୍କୁ ନିଯୁକ୍ତ କରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଫେବୃୟାରୀ ୧୯୯୮

- ଦକ୍ଷିଣ–ପୂର୍ବ ତୁର୍କୀରେ ତୁର୍କୀ ନିରାପତ୍ତା ବାହିନୀ ଓ ବେଆଇନ ଘୋଷିତ କୁର୍ଦ୍ଦିଶ ୱାର୍କର୍ସ ପାର୍ଟି (ପିକେକେ) ମଧ୍ୟରେ ସଂଘର୍ଷ ଘଟି ୨୦ରୁ ଊର୍ଦ୍ଧ୍ୱ ଉଗ୍ରପନ୍ଥୀ ନିହତ।
- ଚେଚେନିଆର କୌଣସି ମନ୍ତ୍ରୀ କିମ୍ବା କୌଣସି ସଂସ୍ଥାର ମୁଖ୍ୟ ରୁଷିଆ ରାଜଧାନୀ ମସ୍କୋ ଗସ୍ତ କରିପାରିବେ ନାହିଁ ବୋଲି ଚେଚେନିଆ ରାଷ୍ଟ୍ରପତି ଆସ୍ଲାନ ମାସ୍କା ହାଦୋଭଙ୍କ ନିର୍ଦ୍ଦେଶ।
- ନାଗାଲାଣ୍ଡ ବିଧାନସଭାର ୬୦ଟି ଆସନ ମଧ୍ୟରୁ ୪୩ଟି ଆସନରେ କଂଗ୍ରେସ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | 5 |
| | | | | | 9 | 8 | | 7 |
| | | | | 6 | 3 | 9 | | |
| | 4 | 1 | 3 | | | | | 8 |
| | 5 | 2 | | | | | | 1 |
| | | | 1 | | | 6 | 4 | |
| | | 9 | | | 4 | 3 | | |
| 2 | | | 7 | 8 | | | | |
| | 7 | 5 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 4 | 5 | 8 | 3 | 1 | 7 | 9 |
| 5 | 3 | 9 | 2 | 7 | 1 | 4 | 8 | 6 |
| 7 | 8 | 1 | 6 | 9 | 4 | 2 | 3 | 5 |
| 9 | 7 | 6 | 1 | 5 | 8 | 3 | 4 | 2 |
| 8 | 5 | 3 | 4 | 2 | 9 | 6 | 1 | 7 |
| 1 | 4 | 2 | 3 | 6 | 7 | 5 | 9 | 8 |
| 4 | 9 | 5 | 8 | 1 | 6 | 7 | 2 | 3 |
| 2 | 1 | 8 | 7 | 3 | 5 | 9 | 6 | 4 |
| 3 | 6 | 7 | 9 | 4 | 2 | 8 | 5 | 1 |

ଗତକାଲିର ଉତ୍ତର

# ଧର୍ମ ଏକା ପୋତ ?



ରଞ୍ଜନ କୁମାର ଦାସ

ଆଗକାଳରେ ଗାଁରେ ବୁଢ଼ାଲୋକମାନେ କହନ୍ତି– ଧର୍ମ ଏକା ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏହି ସଂସାର ବାରିଧି। ଖାଲି ବୁଢ଼ାବୁଢ଼ୀ ନୁହନ୍ତି, ଆଗକାଳରେ ଲୋକମାନେ ପ୍ରାୟତଃ ଧର୍ମବିଶ୍ୱାସୀ ଥିଲେ। ଅବଶ୍ୟ ଅତୀତରେ ଲୋକଙ୍କ ଭିତରେ ପାପୀ, ଅନ୍ୟାୟୀ, ଦୁରାଚାରୀ ଲୋକ ଯେ ନ ଥିଲେ ସେକଥା କହିହେବ ନାହିଁ। ଇତିହାସ, ପୁରାଣରେ ଏଭଳି ଲୋକଙ୍କର ରାଶି ରାଶି ଉଦାହରଣ ଅଛି। ତଥାପି ଲୋକ ଭାବୁଥିଲେ ଈଶ୍ୱରବିଶ୍ୱାସୀ ଓ ଧର୍ମପରାୟଣ ହେଲେ ନିଜର ପୁଣ୍ୟ ବଢୁ କି ନ ବଢୁ ସମାଜରେ ପାପ ଅନ୍ତତଃ କମିବ। ସେଥିଲାଗି ଧର୍ମାନୁଷ୍ଠାନ ସବୁ ଗଢ଼ିଉଠୁଥିଲା, ସତ୍‌ସଙ୍ଗ ସବୁ ଆୟୋଜନ କରାଯାଉଥିଲା, ପ୍ରବଚନ ଦିଆଯାଉଥିଲା। ଉଦ୍ଦେଶ୍ୟ ଥିଲା ଲୋକଙ୍କର ଚରିତ୍ର ବଦଳିବ। ଏ ପ୍ରୟାସରେ ପୃଥିବୀରେ କେତେ ନୂଆ ନୂଆ ଧର୍ମଗୁରୁଙ୍କର ଆବିର୍ଭାବ ହୋଇଛି। କେତେ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ତୋଳା ହୋଇଛି। ସମସ୍ତେ ଧର୍ମର ନୂଆ ନୂଆ ଧାରଣା ଉପସ୍ଥାପିତ କରିଛନ୍ତି। କେତେ କେତେ ଧର୍ମଗ୍ରନ୍ଥ ଲେଖାହୋଇଛି, କେତେ ପ୍ରବଚନ ଦିଆଯାଇଛି। କେତେ ଯଜ୍ଞାନୁଷ୍ଠାନ କରାଯାଇଛି, କେତେ ବଳି ଦିଆଯାଇଛି, କେତେ ଧର୍ମଯୁଦ୍ଧ ବି ହୋଇଛି। ହେଲେ ସତରେ କ'ଣ ମଣିଷର ପଶୁତୁଲ୍ୟ ଚରିତ୍ର କାଣିଚାଏ ବଦଳିଛି? କେବଳ ଯାହା ପୃଥିବୀରେ ବିଭ୍ରାନ୍ତିର ମାତ୍ରା ବଢ଼ିଛି। ଧର୍ମାଚାର ନାଁରେ ଶଠାଚାର ଓ କପଟାଚାର ବଢ଼ିଛି।

ଧାର୍ମିକ ବିସ୍ତାରବାଦର ଶାର୍ଗୁଣା ଡେଣା ମେଲେଇ ଉଡ଼ିଚାଲିଛି ଭୂଖଣ୍ଡରୁ ଭୂଖଣ୍ଡ। ଏ ପ୍ରକ୍ରିୟାରେ ହିଂସା ବଢ଼ିଛି, ଦ୍ୱେଷ ବଢ଼ିଛି, ଯୁଦ୍ଧ ବି ହୋଇଛି; ମଣିଷ ମରିଛନ୍ତି। ହେଲେ କଲ୍ୟାଣ ହୋଇଛି କାହାର? ଧର୍ମ ଓ ଆଧ୍ୟାତ୍ମବାଦ୍ କଥା କହିଲେ ସାଧାରଣ ଲୋକେ ଯାହା ବୁଝନ୍ତି ତାହା ହେଲା ବସ୍ତୁବାଦ୍‌ର ବିପରୀତ। ଅର୍ଥାତ୍ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନାର ଲୋକଟିଏ ସଂସାରାସକ୍ତ ଓ ବିଷୟାଚ୍ଛନ୍ନ ନ ହୋଇ ପୁଣ୍ୟକାର୍ଯ୍ୟରେ ମଗ୍ନ ହେବ। ଅପରପକ୍ଷରେ ବସ୍ତୁବାଦୀ ଲୋକଟିଏ ବିଷୟାସକ୍ତ ହୋଇ ଆର୍ଥିକ ଓ ଭୌତିକ ବିକାଶରେ ବୁଡ଼ିରହିବ। ମାତ୍ର ଦେଖିବେ ଆଜିକାଲି ସବୁ ଧର୍ମ ଓ ଆଧ୍ୟାତ୍ମିକ ଅନୁଷ୍ଠାନଗୁଡ଼ିକ ସାଧାରଣ ମଣିଷଠୁ ଅଧିକ ବିଷୟାସକ୍ତ। କେମିତି ତାଙ୍କର ଭକ୍ତ ଓ ଅନୁଗାମୀଙ୍କ ସଂଖ୍ୟା ବଢ଼ିବ, କିଭଳି ନୂଆ ନୂଆ ଆଶ୍ରମ ଓ ଉପାସନା ଗୃହ ପ୍ରତିଷ୍ଠିତ ହେବ, ସେଥିପାଇଁ କିଭଳି ନୂଆ ଜାଗାବାଡ଼ି କିଣାଯିବ, କିଭଳି ସଂସ୍ଥା ଚାଲିବା ପାଇଁ ଦାନ ଓ ଅନୁଦାନ ସଂଗ୍ରହ କରାଯିବ ସେଥିରେ ସବୁ ଧର୍ମାନୁଷ୍ଠାନ ମଗ୍ନ। ମୋର ବୋଲି କିଛି ନାହିଁ, ସବୁ ଈଶ୍ୱରଙ୍କର ବୋଲି ପ୍ରବଚନ ଦେଉଥିବା ଧର୍ମଗୁରୁମାନେ ମୋର ମୋର ବୋଲି କହି ଯୁଦ୍ଧକୁ ମଧ୍ୟ ଓହ୍ଲେଇ ଆସୁଛନ୍ତି। କ'ଣ ଶିଖିବେ ତାଙ୍କଠାରୁ ସାଧାରଣ ଅନୁଗାମୀ ଓ ଭକ୍ତଜନ? ଧର୍ମଗୁରୁମାନେ ଯେତେବେଳେ ନିଜ ଆଚରଣରେ ପରିବର୍ତ୍ତନ ଆଣିପାରୁନାହାନ୍ତି ସେମାନେ ବା କ'ଣ ବଦଳେଇବେ ତାଙ୍କ ଭକ୍ତ ଓ ଅନୁଗାମୀମାନଙ୍କୁ? ସେମାନେ କ'ଣ ବଦଳେଇବେ ପୃଥିବୀକୁ? ସେମାନେ କ'ଣ ପୁନରାୟ ପୃଥିବୀକୁ ଆଣିପାରିବେ ତାଙ୍କ ପ୍ରବଚନରେ ପ୍ରଚାରିତ ସତ୍ୟଯୁଗ? ଅନେକ ଧର୍ମଗୁରୁ ଓ ତାଙ୍କ ଅନୁଗାମୀ ଦାବି କରନ୍ତି ସେମାନେ ପୃଥିବୀରେ ଧର୍ମ ଓ ସତ୍ୟର ପ୍ରବର୍ତ୍ତନ ପାଇଁ ଅବତାର ଗ୍ରହଣ କରିଛନ୍ତି। ସେମାନେ ପ୍ରତିଷ୍ଠା କରିବେ ରାମରାଜ୍ୟ, ସେମାନେ ପ୍ରତିଷ୍ଠା କରିବେ



ସତ୍ୟଯୁଗ। ତାଙ୍କ ପ୍ରାର୍ଥନା ଓ ତପସ୍ୟାର ପ୍ରଭାବରେ ବଦଳିଯିବ ପୃଥିବୀ। ବଦଳିଯିବ ଲୋକଙ୍କ ଚରିତ୍ର। ବିଶ୍ୱ ଶାନ୍ତି ଆସିବ। ବେଳେବେଳେ ଲାଗେ ଖାଲି କ'ଣ ଏ ପିଆଜ ରସୁଣ ଛାଡ଼ିଦେଲେ ପୃଥିବୀ ବଦଳିଯିବ? ସଂକୀର୍ତ୍ତନର ଶବ୍ଦରେ ଗଗନପବନ ପ୍ରକମ୍ପିତ କରିଦେଲେ ତା'ର ଧ୍ୱନି ପ୍ରଭାବରେ ବାକିତକ ପୃଥିବୀର କାୟାକଳ୍ପ ବଦଳିଯିବ?

ନିକଟରେ ଗୋଟିଏ ମହାର୍ଘ ଧର୍ମାନୁଷ୍ଠାନକୁ ଯିବାର ସୌଭାଗ୍ୟ ଲଭିଥିଲା ଏ ଲେଖକ। ସେଠି ମଧ୍ୟ ଦାବି ଥିଲା, ଆଧ୍ୟାତ୍ମିକ ସତ୍‌ସଙ୍ଗର ପ୍ରଭାବ ଏତେ ପ୍ରଭାବଶାଳୀ ଯେ ସେଠିକି ଥରେ ଆସିଥିବା ଲୋକ ଉପରେ ତା'ର ଜୀବନବ୍ୟାପୀ ପ୍ରଭାବ ରହିବ। ସେ ପ୍ରଭାବରେ ସେ ନିଶ୍ଚୟ ଅମୃତମୁଖୀ, ସ୍ୱର୍ଗଗାମୀ ହେବ। ଆଶ୍ରମରୁ ବାହାରିବାବେଳେ ଆଶ୍ରମର ଠିକ୍ ସାମ୍ନାରେ ଦେଖିଲି ଏକ ମଦ ଦୋକାନ। ମଦ ଦୋକାନ ସାମ୍ନାରେ ସକାଳୁ ସକାଳୁ ଲୋକ ଲାଇନ୍ କରି ଠିଆ ହୋଇଥା'ନ୍ତି ମଦ ପିଇବା ପାଇଁ। ବୁଝିଲି ମଦ ଦୋକାନଟି ଏଠି ଗତ ପନ୍ଦର କୋଡ଼ିଏ ବର୍ଷ ହେଲା ଚାଲିଛି। କିନ୍ତୁ ଆଶ୍ରମ ସେଠି ଶହେବର୍ଷ ପାଖାପାଖି ହେବ ପ୍ରତିଷ୍ଠିତ ହେଲାଣି। ମୁଁ ପଚାରିଲି, ଏଇ ନାକ ସାମ୍ନାରେ ଯଦି ଲୋକେ ଆଧ୍ୟାତ୍ମିକ ସତ୍‌ସଙ୍ଗର ପ୍ରଭାବରେ ବଦଳିପାରିଲେ ନାହିଁ, ତେବେ କ'ଣ ଭରସା ଅଛି ଆଗାମୀ ଦିନରେ ଯାର ପ୍ରଭାବରେ ପୃଥିବୀ ବଦଳିଯିବ ବୋଲି? ଆଧ୍ୟାତ୍ମିକତାର ପ୍ରଭାବରେ କ'ଣ କୌଣସି ତୀର୍ଥସ୍ଥଳରେ ଜୀବହତ୍ୟା ବନ୍ଦ ହେଲାଣି? ମଦ୍ୟପାନ, ଈର୍ଷା, ଦ୍ୱେଷ, ହତ୍ୟା, ବଳାତ୍କାର ଆଦି କମିଲାଣି?

ଏବେ ଆମେରିକାରେ ଗୋଟିଏ ଅନୁଷ୍ଠାନ ଧର୍ମବିଶ୍ୱାସୀ ଓ ସାଧାରଣ ଲୋକମାନଙ୍କ ବ୍ୟବହାର ଉପରେ ଏକ ଗବେଷଣା କରିଥିଲେ। ଗବେଷଣାରୁ ଜଣାପଡ଼ିଲା ନିୟମିତ ପୂଜାପାଠ, ପ୍ରାର୍ଥନା କରୁଥିବା ଈଶ୍ୱରବିଶ୍ୱାସୀ ଲୋକଙ୍କ ଭିତରୁ ୪୧ ପ୍ରତିଶତ ଲୋକ ଈର୍ଷା, ଦ୍ୱେଷ, କ୍ରୋଧ ଓ କ୍ରୂରତା ପ୍ରଦର୍ଶନ କରନ୍ତି ଯେତେବେଳେ ସାଧାରଣ ଲୋକମାନଙ୍କ ଭିତରୁ ୪୩ ପ୍ରତିଶତ ଏଭଳି କରିଥା'ନ୍ତି। ଧାର୍ମିକ ବିଶ୍ୱାସ ଥିବା ଲୋକଙ୍କ ଭିତରୁ ୩୯ ପ୍ରତିଶତ ମିଥ୍ୟାଚରଣ କରୁଥିବାବେଳେ ସାଧାରଣ ଲୋକଙ୍କ ଭିତରୁ ୪୫ ପ୍ରତିଶତ ମିଥ୍ୟାଚରଣ କରିଥା'ନ୍ତି। ଇଏ ଏକ ନମୁନା ମାତ୍ର। ତେବେ ଉଭୟ ପରିସଂଖ୍ୟାନ ଭିତରେ ତଫାତ୍ କେତେ? ଏଥିରୁ ଯାହା ଜଣାପଡ଼ିଲା ତାହା ହେଲା ମନ୍ଦିର, ମସ୍‌ଜିଦ୍ ବା ଚର୍ଚ୍ଚର ପରିଧି ଭିତରେ ରହୁଥିବା ଲୋକେ ଯେ ଅଧିକ ଈଶ୍ୱରୋପମ ହୋଇଥିବେ ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ତାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରିବାଟା ସେମିତି ମଧ୍ୟ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ନୁହେଁ। ଧର୍ମ ନାମକ ଯେଉଁ ପୋତ ଈଶ୍ୱର ଗଢ଼ିଥିଲେ ବୋଲି କୁହାଯାଇଥିଲା ତାହା ଈଶ୍ୱର ଗଢ଼ିଥିଲେ କି କୋଉ ମଣିଷ ଗଢ଼ିଥିଲା ତାହା ମଧ୍ୟ ଜଣାନାହିଁ। ସେ ପୋତରେ ଥରେ ବସିଲେ ସେ ନେଇ ଆରକୂଳରେ ନିର୍ଭରଯୋଗ୍ୟ ଭାବେ ଲଗେଇପାରିବ କି ନାହିଁ ତାହା ମଧ୍ୟ ଜଣାନାହିଁ। ମଝିନଈରେ ମଧ୍ୟ ସେ ନାଉରିକୁ କହିହେବନାହିଁ ଯେ ମତେ ଓହ୍ଲେଇଦିଅ, ମୁଁ ମୋ ବାଟ ଖୋଜି ଚାଲିଯିବି। କହିଲେ ବି ନାଉରି କହିବ, ଏଠି ନଈରେ ଗଭୀର ଜଳ, ତା' ଭିତରେ ପୁଣି କୁମ୍ଭୀର ଥିବ। ତମେ କ'ଣ ବିନା ସାହାରାରେ, ବିନା ଗୁରୁରେ ପହଁରି ପହଁରି ଏ ନଈକୁ ପାରି ହୋଇପାରିବ? ପୁଣି ବିଭ୍ରାନ୍ତି ବଢ଼ିବ। ପୁଣି ମାୟାରେ ଭ୍ରମିତ ହେବ ମନ।

**ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ମୋ:୯୪୩୭୨୮୬୫୧୨**

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଅସ୍ମିତା ବଜାୟ ରଖନ୍ତୁ

ମହାଶୟ,

ଗତ କିଛିବର୍ଷ ଧରି ଓଡ଼ିଆଙ୍କୁ ପଦ୍ମ ପୁରସ୍କାର ୪ ଭିତରେ ସୀମିତ ଥିବା ସ୍ଥଳେ ଦକ୍ଷିଣ ରାଜ୍ୟଗୁଡ଼ିକରେ ଅଧିକ ମିଳୁଛି। ଅନେକ ସମୟରେ ଅଭିଯୋଗ ଆସେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀ ଅଥବା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କୃତିମାନ ଇଂଲିଶ ଅନୂଦିତ ହୋଇଥିଲେ ନୋବେଲ ପାଇବାରୁ କେହି ବଞ୍ଚିତ କରିପାରି ନ ଥାନ୍ତେ । ସେ ଯାହାହେଉ, ବର୍ତ୍ତମାନ ସମୟରେ ପଦ୍ମ ପୁରସ୍କାରଗୁଡ଼ିକର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଅଛି । ଓଡ଼ିଶାରେ ଅନେକ ପ୍ରତିଭା ଅଛନ୍ତି, ଯାହାଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳୁନାହିଁ । ଏହା ସତ୍ୟ ଯେ, ଅନେକ ବର୍ଷର ଯୋଗଦାନ ଫଳରେ ପଦ୍ମ ପୁରସ୍କାର ଦିଆଯାଏ ଏବଂ ଏଥିନିମନ୍ତେ ଆବଶ୍ୟକ ଦସ୍ତାବିଜ ତଥା ଆଭାସି ପତ୍ର ପୂରଣ ପରିଣତ ବୟସର ଲୋକେ କରିପାରନ୍ତି ନାହିଁ । ଆଜି କାଲିର ଯୁବପିଢ଼ି ୱେବ୍‌ସାଇଟଗୁଡ଼ିକୁ ନିଖୁଣ ଭାବେ ପ୍ରୟୋଜନ କରୁଛନ୍ତି। କେନ୍ଦ୍ର ସରକାର ଏହି ପଦ୍ମ ପୁରସ୍କାର ନିମିତ୍ତ ଏକ ଉତ୍ସର୍ଗୀକୃତ ୱେବ୍‌ସାଇଟ ଜାରି କରିଛନ୍ତି। ଯଦି ନିଜ ଅଞ୍ଚଳର ସେହିଭଳି ପ୍ରତିଭା ଅଛନ୍ତି, ତେବେ ଆପଣମାନେ ତାଙ୍କ ଦରଖାସ୍ତ ପୂରଣ କରନ୍ତୁ । ପୁରସ୍କାର ମିଳିବ ନ ମିଳିବ ତାହା ଭିନ୍ନ କଥା, କିନ୍ତୁ ଓଡ଼ିଆ ଅସ୍ମିତାକୁ ଆମେ ବଜାୟ ରଖିବା ।

**–ଅରୁଣ କୁମାର ତ୍ରିପାଠୀ, ଜୟପୁର, କୋରାପୁଟ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସ ତପତ ଜୀବନ ସୁଧା
ଏ ମରୁ ପଥେ ରସ–ସଉଦା
ସକଳ ତୃଷା ସକଳ କ୍ଷୁଧା ଚଞ୍ଚଳା,
ଆସ ଗୋ ଚାରୁ–ହାସିନୀ ଶ୍ୟାମ–ଅଞ୍ଚଳା।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ତୁର୍କୀ, ସିରିଆ ଭୂକମ୍ପ ପୀଡ଼ିତଙ୍କୁ ସମବେଦନା ଜଣାଇ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଅସୁସ୍ଥ ହାତୀ ଆଖି ବୁଜିଲା

## ୬ ମାସରେ ୫ ହାତୀ ମୃତ

ଭଞ୍ଜନଗର,୮।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଗାଲେରି ରେଞ୍ଜରେ ଅସୁସ୍ଥ ଥିବା ମାଈ ହାତୀର ବୁଧବାର ସକାଳେ ମୃତ୍ୟୁ ଘଟିଛି। ୫ଦିନ ତଳେ ହାତୀଟି ଅସୁସ୍ଥ ଅବସ୍ଥାରେ ଥିବା ଦେଖାଯାଇଥିଲା। ସେ ଦୁର୍ବଳ ହୋଇ ପଡିଥିବାରୁ ଚାଲି ପାରୁ ନ ଥିଲା। ଗତ ରବିବାର ହାତୀର ଚିକିତ୍ସା ପାଇଁ ନନ୍ଦନକାନନରୁ ଡାକ୍ତରୀ ଟିମ୍ ଆସିଥିଲେ। ଟ୍ରାଙ୍କୁଲାଇଜ ମାଧ୍ୟମରେ ତାକୁ ଅଚେତ କରାଯାଇଥିଲା। ଯାଞ୍ଚ କରାଯିବାରୁ ପାଟିରେ କୌଣସି କାରଣରୁ କ୍ଷତ ସହ ସଂକ୍ରମଣ ଥିବା ଜଣାପଡିଥିଲା। ଡାକ୍ତରୀ ଟିମ୍ ଚିକିତ୍ସା କରିଥିଲେ। ସେମାନଙ୍କ ପରାମର୍ଶକ୍ରମେ ବନ ବିଭାଗର ତଳିଆ କର୍ମଚାରୀମାନେ ହାତୀକୁ ଔଷଧ ଦେଉଥିଲେ ମଧ୍ୟ ବୁଧବାର ସକାଳେ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଜଙ୍ଗଲରେ ପୋତି ଦିଆଯାଇଛି।

ଉତ୍ତର ଘୁମୁସର ବନଖଣ୍ଡରେ ଗତ ୬ମାସ ମଧ୍ୟରେ ୫ଟି ହାତୀଙ୍କ ମୃତ୍ୟୁ ଘଟିଲାଣି। ସେଥିମଧ୍ୟରେ ୨ଟି ଦନ୍ତା ହାତୀଙ୍କୁ ଶିକାରୀ ହତ୍ୟା କରିଥିବା ବେଳେ ଆଉ ୨ଟି ଦନ୍ତାଙ୍କ କିଭଳି ମୃତ୍ୟୁ ଘଟିଲା ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ଏଭଳି ସ୍ଥିତିରେ ଅସୁସ୍ଥ ହାତୀର ଚିକିତ୍ସା ସତ୍ତ୍ୱେ ମୃତ୍ୟୁ ହେବା ଘଟଣାକୁ ନେଇ ପରିବେଶପ୍ରେମୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଡାକ୍ତରୀ ଟିମ୍ ଏଠାରେ ରହି ନିୟମିତ ଚିକିତ୍ସା କରିଥିଲେ ସମ୍ଭବତଃ ହାତୀଟି ସୁସ୍ଥ ହୋଇ ପାରିଥାନ୍ତା ବୋଲି ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ କହିଛନ୍ତି।




# ଓଡ଼ିଆରେ ଇଞ୍ଜିନିୟରିଂ ଶିକ୍ଷା ପାଇଁ ଆଗ୍ରହ ବୃଦ୍ଧି

## 'ଇ-କୁମ୍ଭ' ପୋର୍ଟାଲରୁ ସର୍ବାଧିକ ଓଡ଼ିଆ ଭାଷାର ଇଞ୍ଜିନିୟରିଂ ପୁସ୍ତକ ଡାଉନ୍‌ଲୋଡ୍

ଭୁବନେଶ୍ୱର, ୮।୨(ବ୍ୟୁରୋ)

ଆଞ୍ଚଳିକ ବା ମାତୃଭାଷାରେ ବୈଷୟିକ ଶିକ୍ଷା ପ୍ରଚଳନ ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଯେଉଁ ଉଦ୍ୟମ ଆରମ୍ଭ କରିଛି, ତାହା ସଫଳତା ଏବେଠୁ ପ୍ରତିଫଳିତ ହେଲାଣି। ବିଶେଷକରି ଓଡ଼ିଆରେ ଇଞ୍ଜିନିୟରିଂ ପାଠପଢ଼ିବା ପାଇଁ ସର୍ବାଧିକ ଆଗ୍ରହ ପ୍ରକାଶ ପାଇଥିବା ଜଣାପଡିଛି।

ବିଭିନ୍ନ ଭାରତୀୟ ଆଞ୍ଚଳିକ ଭାଷାରେ ଇଞ୍ଜିନିୟରିଂ ଡିଗ୍ରୀ ଓ ଡିପ୍ଲୋମା ବିଦ୍ୟାର୍ଥୀଙ୍କ ପାଇଁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ପ୍ରସ୍ତୁତ କରିଥିବା ପୁସ୍ତକର ସହଜ ଉପଲବ୍ଧ ନିମନ୍ତେ ଗତ ନଭେମ୍ବରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ଇ-କୁମ୍ଭ' ପୋର୍ଟାଲ ଉନ୍ମୋଚିତ ହୋଇଥିଲା। ଏଥିରେ ୧୨ଟି ଭାରତୀୟ ଭାଷାରେ ଅନୁବାଦ ହୋଇଥିବା ପୁସ୍ତକ ସଂଯୁକ୍ତ କରାଯାଇଥିଲା। ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଦ୍ୱାରା ଅନୁବାଦ ହୋଇଥିବା ଡିଗ୍ରୀ ଓ ଡିପ୍ଲୋମା ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଓଡ଼ିଆ ବହି ଅନ୍ୟ ଭାଷାର ବହି ତୁଳନାରେ ସର୍ବାଧିକ ଡାଉନ୍‌ଲୋଡ୍ ହୋଇଥିବା ଏଆଇସିଟିଇ ସୂତ୍ରରୁ ଜଣାପଡ଼ିଛି। ୩ ମାସ ଭିତରେ ଓଡ଼ିଆ ବହି ୭,୦୬୨, ହିନ୍ଦୀ ବହି ୪,୧୫୫, ମରାଠୀ ବହି ୨,୨୩୯, ତାମିଲ ଭାଷାର ୧,୯୪୦ ଖଣ୍ଡ ବହି ଡାଉନ୍‌ଲୋଡ ହୋଇଛି। ଓଡ଼ିଆରେ ଇଞ୍ଜିନିୟରିଂ ଶିକ୍ଷା ପାଇଁ ବହି ପ୍ରସ୍ତୁତ ହୋଇ ନ ଥିବାରୁ ଗତ ୨୦୨୨-୨୩ ଶିକ୍ଷାବର୍ଷରେ କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ଓଡ଼ିଆ ମାଧ୍ୟମରେ ଶିକ୍ଷା ପ୍ରଦାନର ଅନୁମତି ପାଇଁ ଏଆଇସିଟିଇକୁ ଆବେଦନ କରି ନ ଥିଲେ। ମାତ୍ର ସର୍ବାଧିକ ଇ-ପୁସ୍ତକ ସଂଗ୍ରହ ପିଲାଙ୍କ ମଧ୍ୟରେ ଓଡ଼ିଆରେ ଇଞ୍ଜିନିୟରିଂ ପାଠ ପଢ଼ିବା ନେଇ ଯଥେଷ୍ଟ ପରିମାଣରେ ଆଗ୍ରହ ଥିବା ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ଓଡ଼ିଆ ମାଧ୍ୟମର ଶିକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଚିନ୍ତା କରୁଛନ୍ତି। ଏହି ଶିକ୍ଷା ବ୍ୟବସ୍ଥା ଅନୁସାରେ ପାଠକୁ ସହଜରେ ବୁଝିବା ପାଇଁ ମାତୃଭାଷାକୁ ମାଧ୍ୟମ ଭାବରେ ଗ୍ରହଣ କରାଯାଇଥିଲେ ମଧ୍ୟ ଆବଶ୍ୟକତା ଦୃଷ୍ଟିରୁ ଦେଶ ବିଦେଶରେ ନିଯୁକ୍ତି ପାଇଁ ଯୋଗାଯୋଗ ନିମନ୍ତେ ଇଂଲିଶ ଭାଷା ଶିକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି। ତେଣୁ ଓଡ଼ିଆରେ ପଢ଼ିଲେ ମଧ୍ୟ ନିଯୁକ୍ତି ପାଇଁ ଏହା ବାଧକ ହେବାର ସମ୍ଭାବନା ନ ଥିବାରୁ ପିଲାମାନେ ମାତୃଭାଷାରେ ଇଞ୍ଜିନିୟରିଂ ପଢ଼ିବାକୁ ଅଧିକ ଆଗ୍ରହୀ ହେଉଥିବା ଜଣାପଡ଼ିଛି।

# ମାୟାଧର ସ୍ୱାଇଁଙ୍କୁ ଜାତୀୟ ଜନପ୍ରିୟ ବିଜ୍ଞାନ ପୁରସ୍କାର

ଭୁବନେଶ୍ୱର,୮।୨(ବ୍ୟୁରୋ)



ବିଜ୍ଞାନକୁ ଜନପ୍ରିୟ କରାଇବାରେ ବିଶେଷ ଅବଦାନ ଲାଗି ଓଡ଼ିଶାର ଜଣାଶୁଣା ଜନପ୍ରିୟ ବିଜ୍ଞାନ ଲେଖକ ଇଂ ମାୟାଧର ସ୍ୱାଇଁଙ୍କୁ ଜାତୀୟ ଜନପ୍ରିୟ ବିଜ୍ଞାନ ପୁରସ୍କାରରେ ସମ୍ମାନିତ କରାଯିବ। ୨୦୨୨ ମସିହା ନିମିତ୍ତ ଏହି ଜାତୀୟ ପୁରସ୍କାର ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଘୋଷଣା କରିଛି। ଆସନ୍ତା ଫେବୃଆରୀ ୨୮ ଜାତୀୟ ବିଜ୍ଞାନ ଦିବସ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଇଂ ସ୍ୱାଇଁ ୭୦ଟି ଜନପ୍ରିୟ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି। ଧରିତ୍ରୀର ବିଜ୍ଞାନ ଓ ସମ୍ପାଦକୀୟ ପୃଷ୍ଠାରେ ତାଙ୍କ ଲେଖା ନିୟମିତ ପ୍ରକାଶ ପାଇ ଆସୁଛି। ଅନେକ ପତ୍ରିକାରେ ମଧ୍ୟ ତାଙ୍କ ଲେଖା ପ୍ରକାଶ ପାଉଛି। ଜନପ୍ରିୟ ବିଜ୍ଞାନ ରଚନା ପାଇଁ ସେ ଓଡ଼ିଶା ବିଜ୍ଞାନ ଏକାଡେମୀ, ବିଜ୍ଞାନ ପ୍ରଚାର ସମିତି, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ପରିବେଶ ସମିତି ଏବଂ ଆହୁରି ଅନେକ ସଂସ୍ଥା ଦ୍ୱାରା ସମ୍ମାନିତ ହୋଇଛନ୍ତି। ସେ ବର୍ତ୍ତମାନ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରକାଶିତ ମାସିକ ଇଂରାଜୀ ପତ୍ରିକା 'ସାଇନ୍ସ ହୋରିଜନ୍'ର ସମ୍ପାଦକ ଅଛନ୍ତି। ସେ କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ବାସେଲିହାଟ ଗ୍ରାମର ଫକିର ସ୍ୱାଇଁ ଓ ବଣିଜ ଦେବୀଙ୍କ ପୁତ୍ର।

# ୧୦ରେ ପିଲାଙ୍କୁ ଦିଆଯିବ କୃମିନାଶକ ବଟିକା

**ଭୁବନେଶ୍ୱର, ୮।୨(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୧୦ ତାରିଖ ଦିନ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ପାଳନ କରାଯିବ। ପ୍ରତ୍ୟେକ ପିଲାଙ୍କ ଶରୀରରୁ କୃମିନାଶ କରି ରକ୍ତହୀନତା ଓ ଅପପୁଷ୍ଟିରୁ ସୁରକ୍ଷା ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏଥିରେ ୧ ରୁ ୧୯ ବର୍ଷର ପିଲାଙ୍କୁ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ କୃମିନାଶକ ବଟିକା(ଆଲ୍‌ବେଣ୍ଡାଜୋଲ୍) ଦିଆଯିବ। ଫଳରେ ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ପାଇବା ସହ ବିଦ୍ୟାଳୟରେ ସେମାନଙ୍କ ଉପସ୍ଥାନ ବଢ଼ିବ ଏବଂ ଭବିଷ୍ୟତରେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.63-KUR-TRD-OT-2022-23

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/TRD/ଇଚ୍ଛାପୁରମ୍ (IPM) ପରିସୀମା ଅଧୀନରେ OHE ଷ୍ଟ୍ରକ୍‌ଚରଗୁଡ଼ିକର ପ୍ରତ୍ୟାରୋପଣ (Implantations) ଜନିତ ଉନ୍ନୟନ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,35,88,430.39, EMD (ଟଙ୍କାରେ) : 2,18,000/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.02.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.27.02.2023 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-979/N/22-23

**WANTED**
Experience Telecaller (Female) for well established Health Center, Jagamara. Walk in interview 9.2.23 to 11.2.23 at 10 A.M. onwards.
**Contact: 7205553831**

**PARADIP PORT AUTHORITY**
**MARINE DEPARTMENT**
No:MD/ACCTS/WK-R-12/2022/138
Dated, the 03rd February 2023
Second Corrigendum to e- Tender Call Notice No : MD/ACCTS/WK-R-12/2022/1337 Dt.09.12.2022.
Name of the work : Supply of One Modem Survey Launch and Manning Crew on Hire for Hydrographic Survey of Paradip Port Waters for a period of seven years. Estimated cost put to tender : Rs.24,70,34,847/- excluding GST.
With reference to above tender, as per minutes of pre-bid meeting Dt.05.01.2023 some tender clauses has been modified and revised tender document has been re-floated in the website with extension of date & time for submission and opening of bids through on-line bidding as follows: End Date & Time for submission of Bids : 1600 hours of Dt.23.02.2023. Date & Time for Opening of Tech. Bids - 1630 hours of Dt.24.02.2023. For further details, please log on to the Website : https://eprocure.gov.in/eprocure/app.
Dy. Conservator, PPA
PPA/PR/223/2022-23, Dt.07.02.2023

# ଯାଜପୁର ଓଡ଼ିଶାର ୧ ନମ୍ବର ଜିଲା ହେବ: ମୁଖ୍ୟମନ୍ତ୍ରୀ

## ଯାଜପୁର ଜିଲା ମହୋତ୍ସବ ଉଦ୍‌ଘାଟିତ

## ଯାଜପୁର ବିଭିନ୍ନ ଧର୍ମ, ଆଧାତ୍ମିକ ତତ୍ତ୍ୱର ସଙ୍ଗମ ସ୍ଥଳ




ଭୁବନେଶ୍ୱର,୮।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୁଧବାର ଯାଜପୁର ଜିଲାମହୋତ୍ସବ-୨୦୨୩ଉଦ୍‌ଘାଟନକରିଛନ୍ତି। ଏହି ଜିଲା ମହୋତ୍ସବ ୬ ଦିନ ପର୍ଯ୍ୟନ୍ତ ଚାଲିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନେକ ଧର୍ମ, ଆଧାତ୍ମିକ ଓ ଦର୍ଶନ ତତ୍ତ୍ୱର ସଙ୍ଗମ ସ୍ଥଳ ହେଉଛି ଯାଜପୁର। ଯାଜପୁରର ସଂସ୍କୃତିରେ ବିଭିନ୍ନ ତତ୍ତ୍ୱର ପ୍ରତିଫଳନ ଦେଖିବାକୁ ମିଳିଥାଏ। ଯାଜପୁର ଦିନେ ଓଡ଼ିଶାର ରାଜଧାନୀ ଥିଲା। ଧର୍ମ, ସାହିତ୍ୟ ଓ ସଂସ୍କୃତିର କେନ୍ଦ୍ର ଥିଲା। ହିନ୍ଦୁ ଧର୍ମ ପରି ବୌଦ୍ଧ ଧର୍ମର ମଧ୍ୟ ବିକାଶ ହୋଇଥିଲା। ରତ୍ନଗିରି, ଲଳିତଗିରି ଓ ଉଦୟଗିରି ଏବେ ସାରା ବିଶ୍ୱର ବୌଦ୍ଧମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି ବୋଲି ସେ କହିଛନ୍ତି। ମା' ବିରଜାଙ୍କୁ ପ୍ରଣାମ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାଜପୁର ହେଉଛି ଶକ୍ତିପୀଠ। ଏହାର ଗୌରବମୟ ଇତିହାସ ରହିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି କଳା, ସାହିତ୍ୟ, ସଂସ୍କୃତି, କୃଷି, ପର୍ଯ୍ୟଟନ ସବୁ କ୍ଷେତ୍ରରେ ଯାଜପୁରର ସ୍ୱତନ୍ତ୍ର ପରିଚୟ ରହିଛି। ଯାଜପୁର ତା'ର ଐତିହ୍ୟକୁ ସାଥିରେ ନେଇ ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପ, ନିଯୁକ୍ତି ଓ ଭିତ୍ତିଭୂମି ଆଜି ଯାଜପୁରର ନୂଆ ପରିଚୟ ହୋଇଛି। ଯାଜପୁର ରାଜ୍ୟର ଏକ ନମ୍ବର ଜିଲା ହୋଇ ସମସ୍ତଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ବିଧାୟକ ସୁନନ୍ଦା ଦାସ ପ୍ରମୁଖ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ବିଧାୟକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଯାଜପୁର ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ଓ ଭଲପାଇବା ଅଛି। ଯାଜପୁର ଆଜି ବିକାଶ କ୍ଷେତ୍ରରେ ସୁନାମ କରିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯାଜପୁରରେ କଳିଙ୍ଗ ନଗର ଷ୍ଟିଲ୍ କମ୍ପ୍ଲେକ୍ସ ଓ ମେଡିକାଲ କଲେଜ ହେବା ସହିତ ଯୋଗାଯୋଗ କ୍ଷେତ୍ରରେ ଯାଜପୁରର ଦ୍ରୁତ ବିକାଶ ହୋଇପାରିଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରଣବ ବଳବନ୍ତରାୟ, ଅଶୋକ ବଳ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସ୍ୱାଗତ ଭାଷଣ ଦେଇଥିଲେ।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834008, Jharkhand, India
Email: hodiad.cmpdi@coalindia.in Phone: 0651-2792068
Visit us at http://www.cmpdi.co.in

Notice No. : CMPDI (HQ)/IAD/EoI/2022-23/01
**APPOINTMENT OF INTERNAL AUDITORS FOR A PERIOD OF 3 YEARS FROM 2023-24**
Online Expression of Interest (EOI) are invited through e-tender on CIL's e-procurement portal **(https://coalindiatenders.nic.in)** from Firms / LLP's of the Chartered Accountants / Cost Accountants for empanelment of Internal Auditors for Central Mine Planning & Design Institute Limited (CMPDIL), Ranchi and its Regional Institutions situated at Asansol, Dhanbad, Ranchi, Nagpur, Bilaspur, Singrauli and Bhubaneswar for audit throughout the year 2023-24 with a provision for yearly renewals for the year 2024-25 and 2025-26.
For complete details of documents to be submitted by the firm, terms of reference, scope of work of Internal Audit, audit fees, selection criteria, etc. please visit Tender section of our website **https://www.cmpdi.co.in**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553
Lifeline of Odisha

No. CAD-4773 **TENDER ALERT**
**1) E-Tender Call Notice No.CPC-42/2022-23:** Bids invited in e-tendering mode only under single stage two-bid system for "Procurement of different size Control cables and power cables" at an estimated cost of the package Rs. 9,15,66,595.85/-.
**2) E-Tender Call Notice No.CPC-30/2022-23:** Bids invited in e-tendering mode only under single stage two-bid system for "Supply of 24f/48f OPGW" at an estimated cost of the package Rs.1,26,04,701/-.
Complete set bidding documents are available at **http://tenderwizard.com/OPTCL** & **http://www.optcl.co.in** .
**OIPR-04011/11/0175/2223** **HIPR-59/2022-23**

**ପୂର୍ବ ତଟ ରେଳପଥ**

1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-68-22

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ର ସୀତାରାମ ଚୌକ ଠାରୁ ନ୍ୟୁ ଷ୍ଟେସନ ବିଲ୍ଡିଂ ପର୍ଯ୍ୟନ୍ତ ରୋଡ଼ ର ପ୍ରସ୍ତାବିତ ମରାମତି ଏବଂ ଚୌଡ଼ାଇ ସମ୍ବନ୍ଧରେ ବିଦ୍ୟୁତିକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹42,55,939.21, EMD (ଟଙ୍କାରେ) : ₹85,100/-, କାର୍ଯ୍ୟ ଶେଷ ହେବା ଅବଧି : 3 ମାସ।

2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-69-22

କାର୍ଯ୍ୟର ବିବରଣୀ : ରେଳ ସଦନ ଠାରେ ERV ଫ୍ରେସ୍ ଏୟାର ୟୁନିଟ୍ ର ଯୋଗାଣ ସହିତ ଉର୍ଜା କୁଶଳ VRF ଏୟାର କଣ୍ଡିସନର ଦ୍ୱାରା ପୁରୁଣା ଏୟାର କଣ୍ଡିସନର କୁ ବଦଳାଇବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,15,80,447/-, EMD (ଟଙ୍କାରେ) : ₹2,57,900/-, କାର୍ଯ୍ୟ ଶେଷ ହେବା ଅବଧି : 6 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) : ତା.27.02.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ଼
PR-982/N/22-23

# ପରଲୋକରେ ଯାତ୍ରା କିମ୍ବଦନ୍ତୀ ଯଦୁ ପଣ୍ଡା

ସୋର, ୮।୨(ଡି.ଏନ.ଏ.)



ଦୀର୍ଘ ୬ଦଶନ୍ଧି ଧରି ଓଡ଼ିଆ ଯାତ୍ରା ଜଗତର ଆଗଧାଡ଼ିର କଳାକାର ଭାବେ ନେତୃତ୍ୱ ନେଇଥିବା କିମ୍ବଦନ୍ତୀ ପୁରୁଷ ଯଦୁ ପଣ୍ଡା(୮୩)ଙ୍କର ବୁଧବାର ଅପରାହ୍ନରେ ସୋର ବ୍ଲକ ମହୁମୁହାଣ ଶାସନସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୁର୍ଘଟଣାର ଶିକାର ହେବା ପରେ ଦୀର୍ଘ ୬ବର୍ଷ ଧରି ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ମାତ୍ରେ ସମଗ୍ର ଯାତ୍ରାଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି।

ସ୍ୱର୍ଗତ ପଣ୍ଡାଙ୍କ ପିତା କାଶୀନାଥ ପଣ୍ଡା ଓ ଆଙ୍ଗୁଳା କୃଷ୍ଣଚନ୍ଦ୍ର ଜେନାଙ୍କ ପରିଚାଳନାରେ ଗଢ଼ି ଉଠିଥିବା ଯାତ୍ରାପାର୍ଟିରେ ଓସ୍ତାଦ୍ ବିଦ୍ୟାଧର ଜେନା ଓ କୃଷ୍ଣପ୍ରସାଦ ବେହେରାଙ୍କ ନିର୍ଦ୍ଦେଶନାରେ ଶିଶୁ ଅଭିନେତା ଭାବେ ଅଭିନୟ ଆରମ୍ଭ କରିଥିଲେ। ଏହାପରେ ନଗେଶପୁର ଯାତ୍ରାପାର୍ଟିରେ ଯୋଗଦାନ କରି ମୁଖ୍ୟନାୟକ ଭୂମିକାକୁ ଉନ୍ନୀତ ହୋଇଥିଲେ। ମାତ୍ର ୧୬ ବର୍ଷ ବୟସରେ 'ଝାନସୀ ରାଣୀ' ନାଟକରେ ଇଂରେଜ ସାହେବ, 'ସମ୍ରାଟ ଅଶୋକ'ରେ ଅଶୋକଙ୍କ ପୁତ୍ର ମହେନ୍ଦ୍ର, 'ବର୍ଗୀ ଉତ୍କଳ'ରେ ଦିବାକର (ମୁଖ୍ୟଚରିତ୍ର),'ରକ୍ତ ଦିପାଳୀ'ରେ ଚନ୍ଦନ ଭଟ୍ଟ ଚରିତ୍ରରେ ଅଭିନୟ କରି ସଫଳତା ଲାଭ କରିଥିଲେ। ସେ ୧୯୭୪ମସିହାରେ ଓଡ଼ିଶା ଅପେରାରେ ଯୋଗଦେଲେ। 'ସ୍ୱର୍ଣ୍ଣ ମନ୍ଦିର ଇନ୍ଦିରା', 'ଛବିରାଣୀ ହତ୍ୟାକାଣ୍ଡ', 'ଡିସ୍କୋ ଡ୍ୟାନ୍ସ'ରେ ଡିସ୍କୋ ଡ୍ୟାନ୍ସର ଅଭିନୟ କରିଥିଲେ। ୧୯୮୨ ମସିହାରେ ଜନତା ପାର୍ଟିରେ 'କଚ ଦେବଯାନୀ', 'ମା, ମାଟି ମମତା', 'ଉର୍ବଶୀ'ରେ ପାର୍ଥ' ଭୂମିକାରେ ବିଶେଷ ସଫଳତା ଲାଭ କଲେ। 'ତୁଳସୀ' ଗଣନାଟ୍ୟରେ 'ରାତି ନ'ରୁ ସକାଳ ଛ', 'ଯେ ପକ୍ଷୀ ଉଡ଼େ ଯେତେଦୂର' ଅଭିନୟ କରି ବିଶେଷ ସଫଳତା ହାସଲ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ୧୯୮୨ ମସିହାରେ ଯାତ୍ରା ନାୟିକା ମାଧବୀ ପଣ୍ଡାଙ୍କୁ ବିବାହ କରିଥିଲେ। ଶେଷରେ 'ତାରିଣୀ' ଗଣନାଟ୍ୟରେ ଦୀର୍ଘ ୪୦ ବର୍ଷର ଯାତ୍ରା ଜଗତରେ ଜଣେ ଆଗଧାଡ଼ିର କଳାକାର ଥାଇ ଅବସର ନେଲେ। ସେ କେବଳ ହିରୋ ଅଭିନୟ ନୁହେଁ ଜଣେ ଖଳନାୟକ ଏବଂ କମେଡ଼ି ଅଭିନେତା ଭାବେ ତାଙ୍କର ବେଶ୍ ସୁଖ୍ୟାତି ରହିଛି।

**SBI** **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in
**ଇ-ନିଲାମ ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: **୨୪.୦୨.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ**
ଗାଡି ତନଖି କରିବାର ତାରିଖ ଏବଂ ସମୟ: **୨୨.୦୨.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

| କ୍ର ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶୁବୋଦ୍ଧ ନାଥ,** ପିତା: ଶ୍ରୀ ଦିବାକର ନାଥ, ସା: ଜାରସିଂହ ଉଚ୍ଚ ବିଦ୍ୟାଳୟ ନିକଟ, ପୋ.: ଜାରସିଂହ, ପାରଙ୍ଗ, ଭବାନୀପାଟଣା, ଅନୁଗୁଳ, ପିନ୍ - ୭୫୯୧୪୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଦିବାକର ନାଥ,** ସା: ଜାରସିଂହ ଉଚ୍ଚ ବିଦ୍ୟାଳୟ ନିକଟ, ପୋ.: ଜାରସିଂହ, ପାରଙ୍ଗ, ଭବାନୀପାଟଣା, ଅନୁଗୁଳ, ପିନ୍ - ୭୫୯୧୪୩ **ଆକାଉଣ୍ଟ ନଂ.: ୩୮୦୬୧୯୮୯୦୫୭** | Ashok Leyland Truck (Half Body open) Model No.: AL 3118 Super BS4, Regd. No.: OD 19 N 8215 Engine No.: JEPZ119704 Chasis No.: MB1KACHD77PBE719, | ୧୫.୦୭.୨୦୨୨ ସୁଦ୍ଧା ଟ.୨୮,୯୮,୪୪୫/- + ସୁଧ | ଟ.୯,୨୫,୦୦୦/- ଟ.୯୨,୫୦୦/- ଟ.୧୦,୦୦୦/- |

ଇଚ୍ଛୁକ ନିଲାମଧାରୀ ଯେଉଁମାନେ ଲଗ୍‌ଇନ୍ ଆଇଡି ଏବଂ ପାସ୍‌ୱାର୍ଡ ତିଆରି କରିବା ପାଇଁ ସହାୟତା ଚାହୁଁଛନ୍ତି, ଡାଟା ଅପ୍‌ଲୋଡିଂ, ବିଡ୍ କାଗଜାତ ଦାଖଲ, ଟ୍ରେନିଂ/ଡେମୋନଷ୍ଟ୍ରେସନ୍, ଅନ୍‌ଲାଇନ ଇଣ୍ଟର-ସେ ବିଡିଂର ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ଏବଂ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରିବା ନିମନ୍ତେ ୱେବସାଇଟ୍ **https://www.mstcecommerce.com/auctionhome/ibapi/index.jsp** ପରିଦର୍ଶନ କରନ୍ତୁ। **MSTC** ବ୍ୟାଙ୍କ ଆକାଉଣ୍ଟରୁ ରସିଦ ପ୍ରାପ୍ତ କଲାପରେ ଏବଂ ଏହି ସୁଚନାକୁ ଇ-ନିଲାମ ୱେବସାଇଟ୍‌ରେ ଅପଲୋଡ କରିବା ପରେ ପ୍ରାକ୍-ବିଡ୍ ଅମାନତ ବିଡରଙ୍କୁ କ୍ରେଡିଟ୍ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ନିମନ୍ତେ ଇ-ନିଲାମ ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ। ଏହି ନୋଟିସଟି ଉପର ଦର୍ଶିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ଅନୁଯାୟୀ ୧୫ଦିନିଆ ବିକ୍ରୟ ନୋଟିସ ଭାବେ ବିବେଚନା କରାଯିବ। ସରକାର/ସ୍ଥାନୀୟ ସଂସ୍ଥାକୁ ଥିବା ବୈଧାନିକ ଦେୟ/ବକେୟା ବିଷୟରେ କୌଣସି ସୂଚନା ନାହିଁ, ଯଦି ଥାଏ ତାହା ସଫଳ ନିଲାମଧାରୀ ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ **ୱେବସାଇଟ୍:**
**https://sbi.co.in/web/sbi-in-the-news/auction-notices/sarfaesi-and-others, https://ibapi.in** ଦେଖନ୍ତୁ।

ଗାଡିର ପାର୍କିଂ ୟାର୍ଡ ବିବରଣୀ: ମେସର୍ସ ଏସ୍‌କେ ଟ୍ରାନ୍ସପୋର୍ଟ, ସା/ପୋ.: କୁର୍ଲାଡ, ଥାନା: ନାଲ୍‌କୋ ନଗର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍ - ୭୫୯୧୪୫, ମୋ.: ୯୯୩୭୯୭୯୭୩୬
**ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ: ଶ୍ରୀ ପ୍ରଦୀପ ରଞ୍ଜନ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୯୨୦୩୫୭୧, ଶେଖ୍ ମସିଉଲ୍ଲା, ମୋ.: ୯୯୩୮୭୭୮୯୪୯, ଯୋଗାଯୋଗ କରନ୍ତୁ**

**ତାରିଖ: ୦୮.୦୨.୨୦୨୩, ସ୍ଥାନ: କଟକ** **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**

## ଷୋହଳ ପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

ବେହେରା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ଡ଼ହଗାଁରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ବୁଧବାର ଶୁଭଖମ୍ବ ସ୍ଥାପନ କରାଯାଇଛି। ସଦନ ମଣ୍ଡା ଓ ନୃପ ମଣ୍ଡା ଦମ୍ପତି କର୍ତ୍ତା ଭାବେ ପୂଜାରେ ବସିଥିବା ବେଳେ ପୂଜକ ନାରାୟଣ ତିୱାରୀ, ଭୁପେଶ ତିୱାରୀ ଓ ଧ୍ରୁବ ତିୱାରୀ ପୂଜା କାର୍ଯ୍ୟ କରିଥିଲେ। ଆସନ୍ତା ୧୫ ତାରିଖରେ କଳସଯାତ୍ରା ଓ ଅଧିବାସ, ୧୬ରେ ନାମରମ୍ଭ ହୋଇ ୧୮ ତାରିଖରେ ସମାପନ ହେବ। ଶୁଭଖମ୍ବ ସ୍ଥାପନରେ ଗ୍ରାମର ଅନେକ ମହିଳା ଓ ଭକ୍ତବୃନ୍ଦ ଉପସ୍ଥିତ ହୋଇ ପୂଜନ କାର୍ଯ୍ୟରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କୁଲିଗାଁ ସେବାଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଖଡ଼ିଆଳ,୮।୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ କୁଲିଗାଁ ସେବାଶ୍ରମ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ବୁଧୁବାର ଉଦଘାଟିତ ହୋଇଯାଇଛି। କ୍ରୀଡା ଉତ୍ସବ ୮ ଓ ୯ ତାରିଖ ଦୁଇଦିନ ଧରି ଚାଲିବ। ସେବାଶ୍ରମର ସ୍କୁଲ ପ୍ରଧାନ ଶିକ୍ଷକ ପୀତବାସ ଜଗତଙ୍କ ଅଧକ୍ଷ୍ୟତାରେ ଆୟୋଜିତ କ୍ରୀଡା ଉତ୍ସବରେ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ ଖଡ଼ିଆଳ ବ୍ଲକ ସମ୍ପ୍ରସାରଣ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀ, କୁନୁ କରୁଆଁ, ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ ତାଣ୍ଡି ପ୍ରମୁଖ କୁନିକୁନି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ରଜନୀକାନ୍ତ ଯୋଷୀ, ରତ୍ନାକର ଠେଲା, ଶ୍ୟାମ କୁମାର ମେହେର, ଶୋଭାକର ମାଝି, ଲତିକା ମଞ୍ଜରୀ ରାଉତ, ଲତିକା ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ପାଳିତ

ରୁପ୍ରା ରୋଡ଼,୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ସତସଙ୍ଗ କେନ୍ଦ୍ରରେ ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହୋତ୍ସବ ଓ ଷୋଡଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲା ସହିତ ନବରଙ୍ଗପୁର, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ ଜିଲାରୁ ବହୁ ସଂଖ୍ୟକ ଭକ୍ତ ଯୋଗଦାନ କରିଥିଲେ। ଏଥିପାଇଁ ସରକାରୀ ଅନୁମତିକୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାତଃରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଉଷା କୀର୍ତ୍ତନ, ନଗର ସଂର୍କିତନ, ସମବେତ ପ୍ରାର୍ଥନା, ପ୍ରଣାମ, ଗ୍ରନ୍ଥପାଠ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ରୋଗୀଙ୍କ ସକାଶେ ଡାକ୍ତରଙ୍କ ପରାମର୍ଶ ପ୍ରଦାନ କରାଯାଇଥିଲା। ସମ୍ପାଦକ ଶ୍ୱେତ କୁମାର ନାଏକ, ଚିତ୍ତରଞ୍ଜନ ପଟ୍ଟନାୟକ, ଅଧୁର୍ଜକର୍ମୀ ସରୋଜ ଜେନା, ସଭାପତି ବଟକୃଷ୍ଣ ଡାକୁଆ, ହୃଷିକେଶ ଭୋଇ, ଶାନ୍ତନୁ କୁମାର ମୁଜମଦାର୍ ପ୍ରମୁଖ ଯୋଗଦେଇଥିଲେ।

### ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ

ବେହେରା,୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବଣୁଆଙ୍କ ଅଧକ୍ଷତାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ନଗର ପରିକ୍ରମ କରିଥିଲେ। ବିଭିନ୍ନ ସଚେତନ ବାର୍ତ୍ତା ପ୍ଲାକାର୍ଡ ଧରି ସଡକ ସୁରକ୍ଷା ସ୍ଲୋଗାନ ଦିଆଯାଇଥିଲା। କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ଗଉଡ଼ ଓ ଚକ୍ରଧର ବାରିକ ପରିଚାଳନା କରିଥିବା ବେଳେ ହରେକୃଷ୍ଣ ପ୍ରଧାନ, ଚନ୍ଦନ ରାଉତ, ମୋନଲିସା ନାଏକ, ନରେନ୍ଦ୍ର ନାଏକ, ପ୍ରେମ ଲାଲ ନାଏକ, ଜିତେନ୍ଦ୍ର ନାଏକ, ରମେଶ ବେହେରା, କୃପାସିନ୍ଧୁ ବେହେରା ପ୍ରମୁଖ ଶିକ୍ଷକ ସହଯୋଗ କରିଥଲେ।

### ଯୋଜନା ଓ ସଂଯୋଜନ ମନ୍ତ୍ରୀଙ୍କ ସିନାପାଲି ଅଞ୍ଚଳ ଗସ୍ତ

ସିନାପାଲି,୮।୨(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳ ଗସ୍ତ କରିଛନ୍ତି ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ। ଗସ୍ତ ସମୟରେ ସିନାପାଲି ସାମ୍ବାଦିକ ଭବନରେ କିଛି ସମୟ ରହି ସ୍ଥାନୀୟ ସାମ୍ବାଦିକମାନଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକ ଭବନ ଦୁରାବସ୍ଥା ଦେଖି ଏକ ନୂତନ ଭବନ ନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ସାମ୍ବାଦିକ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପରେ ସିନାପାଲି ବ୍ଲକର ବିଭିନ୍ନ ସ୍ଥାନ ବୁଲି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିବା ସହ ପରିଦର୍ଶନ କରିଥିବା ଜଣାପଡ଼ିଛି। ମନ୍ତ୍ରୀଙ୍କ ସହ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଆଶା ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ୨ କୋଠରିରେ ୫ ଶ୍ରେଣୀର ଛାତ୍ରୀଛାତ୍ର

## ଅବ୍ୟବସ୍ଥାରେ ବରପଦର ପ୍ରାଥମିକ ବିଦ୍ୟାଳୟ

■ରୋଷେଇ ଗୃହ ନାହିଁ, ପାନୀୟଜଳ ଅଭାବ

ସିନାପାଲି,୮।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ବରପଦର ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥାରେ ଗତି କରୁଛି। ବିଦ୍ୟାଳୟରେ ୨ଟି ଶ୍ରେଣୀ ଗୃହରେ ବର୍ତ୍ତମାନ ୫ଟି ଶ୍ରେଣୀର ପ୍ରାୟ ୭୧ଜଣ ଛାତ୍ରୀଛାତ୍ର ପାଠପଢୁଥିବା ଜଣାପଡିଛି। ବିଦ୍ୟାଳୟରେ ରୋଷେଇ ଗୃହ ନ ଥିବା ବେଳେ ପାନୀୟ ଜଳ ଅସୁବିଧା ଦେଖାଦେଇଛି। ପ୍ରାପ୍ତ ଖବର ଅନୁସାରେ ୧୯୭୫ରେ ବିଦ୍ୟାଳୟ ସ୍ଥାପିତ ହୋଇଛି। ପ୍ରଥମରୁ ପଞ୍ଚମ ଯାଏ ମୋଟ ୭୧ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୩ଜଣ ଶିକ୍ଷକ ରହିଛନ୍ତି। ୫ଟି ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ୨ଟି କକ୍ଷରେ ଶିକ୍ଷାଦାନ ସମ୍ଭବ ହୋଇପାରୁ ନାହିଁ। ସେହିପରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ରୋଷେଇ ଗୃହ ନ ଥିବା ବେଳେ ପାନୀୟଜଳ ଘୋର ସମସ୍ୟା ଦେଖାଦେଇଛି। ଗତ ୨ବର୍ଷ



ବରପଦର ପ୍ରାଥମିକ ବିଦ୍ୟାଳୟ।

ପୂର୍ବେ ବିଦ୍ୟାଳୟର ନଳକୂପରେ ମୋଟର ସଂଯୋଗ କରି ସୋଲାର ମାଧମରେ ଜଳ ଯୋଗାଇ ଦିଆଯିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ କିଛି ଦିନ ପରେ ସୋଲାର ପ୍ଲେଟ ଚୋରି ହୋଇଯାଇଥିଲା। ଫଳରେ ଛାତ୍ରୀଛାତ୍ରଙ୍କ ପାଇଁ ପାନୀୟଜଳ ଯୋଗାଣ ବନ୍ଦ ହୋଇଛି। ନିକଟସ୍ଥ ଏକ ନଳକୂପରୁ ପାଣି ଆଣି ବ୍ୟବହାର କରାଯାଇଛି। ପୁଣି ସ୍ଥାନୀୟ ଏମଇ ସ୍କୁଲ ଛାତ୍ରୀଛାତ୍ରମାନେ ମଧ ଏହି ନଳକୂପରେ ନିର୍ଭର କରିଥାନ୍ତି। ଏ ସମସ୍ୟା ନେଇ ସ୍ଥାନୀୟ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ସୋଲାର ପ୍ଲେଟ ଚୋରି ନେଇ ସିନାପାଲି ଥାନାରେ ଏତଲା ଦିଆଯାଇଥିବା ପ୍ରଧାନ ଶିକ୍ଷକ ଧବଳସିଙ୍ଗ ମାଝି କହିଛନ୍ତି। ହେଲେ ତାର ମଧ କୌଣସି ସୁଫଳ ମିଳିନାହିଁ। ବିଦ୍ୟାଳୟ ସମସ୍ୟା ନେଇ ବାରମ୍ବାର ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ବି କୌଣସି ସୁଫଳ ମିଳି ନ ଥିବା ବିଦ୍ୟାଳୟ ଚେୟାରମ୍ୟାନ ପୀତାମ୍ବର ଛତ୍ରିଆ କହିଛନ୍ତି। ଆଗାମୀ ଦିନରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି ଚେୟାରମ୍ୟାନ କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ନର୍ଲା ବ୍ଲକକୁ ଫୋକସ, ସାମୂହିକ ଔଷଧ ସେବନ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଭବାନୀପାଟଣା,୮।୨(ସ୍ୱ.ପ୍ର.)

ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ବାହକଜନିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଫାଇଲେରିଆ ନିରାକରଣ ଅଭିଯାନ ହେବ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କଳାହାଣ୍ଡି ଜିଲାର ସମସ୍ତ ବ୍ଲକର ଚିହ୍ନିଟ ଗ୍ରାମରେ ରାତ୍ରିକାଳୀନ ରକ୍ତ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ଏହି ପରୀକ୍ଷା ପରେ ନର୍ଲା ବ୍ଲକରେ ଫାଇଲେରିଆ କୃମିମାତ୍ର ୧%ରୁ ଅଧିକ ଥିବା ଜଣାପଡିଛି। ସେଥିପାଇଁ ଜିଲାର କେବଳ ନର୍ଲା ବ୍ଲକକୁ ପ୍ରଥମ ଥର ସାର୍ବଜନୀନ ବାତଜର ଔଷଧ ସେବନ କାର୍ଯ୍ୟକ୍ରମ ବା ମାସ ଡ୍ରଗ୍ସ ଆଡ୍ମିନିଷ୍ଟ୍ରେସନ ପାଇଁ ରାଜ୍ୟ ସରକାର ପକ୍ଷରୁ ଚିହ୍ନଟ କରାଯାଇଛି ବୋଲି ଭବାନୀପାଟଣା ଜିଲା

## ଫାଇଲେରିଆ ନିରାକରଣ ଅଭିଯାନ

ମୁଖ୍ୟ ଚିକିତ୍ସାଳୟ କନଫରେନ୍ସ ହଲଠାରେ ବୁଧବାର ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ .ରଞ୍ଜନ ମିତ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମତେ ଡିପିଏଚଓ ଡ .ରାକେଶ ସାହୁ, ଡିଆଇପିଆରଓ ମନୋଜ ବେହେରା, ଡ ନିଶ୍ରି ଦାସ, ଡବ୍ଲୁଏଚଓ ପ୍ରତିନିଧି ଭବାନୀ ସାହୁ, ଡିଏମଆର୍ସିଏଚ, ନିହାର ଠାକୁର, ଶେଖ ନିଶାର, ଭିବିଡି ବିଶେଷଜ୍ଞ, ସନ୍ତୋଷ ବାଗ, ଭିବିଡି ପରାମର୍ଶଦାତା ଉପସ୍ଥିତ ଥିଲେ।

# କାୟାକଳ୍ପ ଟିମ୍ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କେସିଙ୍ଗା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ ପରିଦର୍ଶନ କରିଛନ୍ତି। ଭିତ୍ତିଭୂମି, ରୋଗୀସେବା, ସ୍ୱଚ୍ଛତା ଓ କର୍ମକର୍ତ୍ତାଙ୍କ ଦକ୍ଷତା ଉପରେ ଟିମ୍ ଅନୁଧ୍ୟାନ କରିଛି। ପରିଦର୍ଶନରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀ ଓ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ମିଳିତ ଟିମରେ ଜୈନ ଡ଼ାଇରେକ୍ଟର ଯକ୍ଷ୍ମା ବିଶେଷଜ୍ଞ ଡ଼. ଅର୍ଘ୍ୟ ପ୍ରଧାନ, ଦୀପକ କୁମାର ବିଶ୍ୱାଳ, ସନ୍ତୋଷ କୁମାର ନାୟକ ପରାମର୍ଶ ଦାତା, ଅତିରିକ୍ତ ମେନେଜର ରୀତା ନାୟକ, ଡ଼.ସୁବାଷ ଚନ୍ଦ୍ର ବେହେରା ଅଧକ୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କେସିଙ୍ଗା, କୁନି ରାଉତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ, ପାଷ୍ଟିକୁଡି, ବିଶ୍ୱ ମୋହନ ଠାକୁର ଗୋଷ୍ଠୀ ପରିଚାଳକ, ଡ଼.ଆଶୀଷ ସଥପଥୀ ଦାନ୍ତ ବିଶେଷଜ୍ଞ, ଡ଼.ଲଳିତ ଅଗ୍ରୱାଲ ଶିଶୁ ବିଶେଷଜ୍ଞ, ଡ଼.ମଙ୍ଗଳ ହାସଦା ମେଡ଼ିକାଲ ଅଫିସରଙ୍କ ସମେତ ବିଶ୍ୱ ଭୂଷଣ ପ୍ରଧାନୀ ହିସାବ ପରିଚାଳକ ପ୍ରମୁଖଙ୍କ ଉପସ୍ଥିତଥିଲେ। କେସିଙ୍ଗା



କାୟାକଳ୍ପ ଟିମ୍ ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ରୋଗୀସେବା, ରକ୍ତଭଣ୍ଡାର ଉପରେ ଦେଲେ ଗୁରୁତ୍ୱ

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି, ସ୍ୱଚ୍ଛତା, କର୍ମକାର୍ତ୍ତାଙ୍କ ଦକ୍ଷତା, ବର୍ଜ୍ୟବସ୍ତୁ, ପରିଚାଳନା, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଅର୍ଥ ଅନୁଦାନର କାଗଜପତ୍ର ଯାଞ୍ଚ କରିବା ସହିତ ଇଣ୍ଡୋର, ଆଉଟଡୋର, ପ୍ରସୂତୀ ଗୃହ, ଶିଶୁ ଭବନ, କୋଭିଡ୍ ଫିଭର କ୍ଲିନିକ, ଡ୍ରେନ, ପାନୀୟଜଳ, ବିଦ୍ୟୁତ୍ ପ୍ରଭୃତି ବିଭାଗ ପରିଦର୍ଶନ କରିଥିଲେ। ଉକ୍ତ ଗୋଷ୍ଠୀକେନ୍ଦ୍ରର ରକ୍ତ ଭଣ୍ଡାର, ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗୋଷ୍ଠୀକେନ୍ଦ୍ର ଫାର୍ମାସିଷ୍ଟ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ, ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

# ଜଳ ଯୋଗାଣ ବନ୍ଦ, ଲୋକେ ହନ୍ତସନ୍ତ

## ପାଇପ ଫାଟି ୧୫ ଦିନ ବିତିଲା

ବୋଡେନ,୮।୨(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ତିଖାଲି ଡ୍ୟାମଠାରୁ ପାଣି ଯୋଗାଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ନିମ୍ନମାନର କାମ ଯୋଗୁଁ ବାରମ୍ବାର ପାଣି ପାଇପ ଫାଟୁବାରୁ ପାଣି ଯୋଗାଣ ଠପ ହୋଇଯାଇଛି। ଫଳରେ ଲୋକେ ବାଧ୍ୟ ହୋଇ ନଳକୂପର ଫ୍ଲୋରାଇଡ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏପରି କି ଅନେକ ଗାଁଗୁଡିକରେ ନଳକୂପ ନ ଥିବାରୁ ମହିଳାମାନେ ଦୀର୍ଘ କି.ମି. ଦୂର ଚାଲି ପାଣି ସଂଗ୍ରହ କରୁଛନ୍ତି। ବର୍ତ୍ତମାନ ବୋଡେନ, ବିନପୁର, ବୋଇରଗାଁ, ସୁନାପୁର, ବାଗବାହାଲ, ଆମ୍ବଗୁଡା ସର୍ଗିଗୁଡା ନାଗପଡା, କର୍ଲାକୋଟ ଖଇରା, କେଶରାଜପୁର, ଡୁର୍କାମୁଣ୍ଡା, ସାଲେପଡା, ବୁଡାପଡା, ଡମଝର, ମରଗାଁ ସିର୍ଲୀ, ମାକରବିର୍ଲି, ଲିଟିସର୍ଗି ଆଦି ଗାଁକୁ ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଲୋକମାନେ ପାଣି ପାଇଁ ଅସୁବିଧା ଭୋଗ କରୁଛନ୍ତି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଏବେଠୁ ଲୋକେ ପାଣି ପାଇଁ ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ତିଖାଲି ଜଳ ଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଫୋନ ଯୋଗେ ପଚାରିବାରୁ ଖଡିଆଳ ବ୍ଲକ ବରଗାଁ ନିକଟ ଚାଷ ଜମିରେ ମୁଖ୍ୟ ପାଣି ପାଇପ ଫାଟି ଯାଇଥିବାରୁ ଜଳ ଯୋଗାଣ ସମ୍ଭବ ହୋଇପାରୁ ନାହିଁ ବୋଲି କହିଥିଲେ। ଫାଟିଥିବା ସ୍ଥାନରେ କଂକ୍ରିଟ କରାଯାଇଛି। କିଛି ଦିନ ଭିତରେ ଜଳ ଯୋଗାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଜଳ ଯୋଗାଣ କରା ନ ଗଲେ ଜନଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

# ୧୦ରୁ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ



ଜିଲା ଚିକିତ୍ସା ଅଧିକାରୀ ଡା.ଚୌଧରୀ ସୋଭାରାଣୀ ମିଶ୍ର ସୂଚନା ଦେଉଛନ୍ତି।

ନୂଆପଡ଼ା ଅଫିସ,୮।୨

ନୂଆପଡା ଜିଲାରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାର୍ବଜନୀନ ବାତଜ୍ୱର ଓ କୃମି ନିରାକରଣ ନିମନ୍ତେ ଔଷଧ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଜିଲାର ୫ଟି ବ୍ଲକ ଓ ୩ଟି ବିଜ୍ଞାପିତ ପରିଷଦରେ ଏକକାଳିନ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧରୀ ସୋଭାରାଣୀ ମିଶ୍ର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ନିମନ୍ତେ ଜିଲାସ୍ତରରେ ସମ୍ପୂର୍ଣ୍ଣ ପ୍ରସ୍ତୁତି ସରିଛି। ଜିଲାର ମୋଟ ଜନସଂଖ୍ୟା ୭ଲକ୍ଷ ୩୯ ହଜାର ୧୦ଜଣ ଥିବା ବେଳେ ୬ଲକ୍ଷ ୩ ହଜାର ୪୪୧ଜଣ ଏଥିରେ ସାମିଲ କରିବା ନେଇ ସିଡିଏମଓ ମିଶ୍ର ସୂଚନା ଦେଇଥିଲେ। ବିଶେଷ କରି ବାତଜ୍ୱର ପାଇଁ ଉର୍ଦ୍ଦିଷ୍ଟ ଔଷଧକୁ ସ୍ୱେଚ୍ଛାସେବୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ଯାଇ ଔଷଧ ସେବନ କରାଇବା କାର୍ଯ୍ୟକ୍ରମ ରହିଛି। ଜିଲାରେ ଗତଥର ୯୧ ପ୍ରତିଶତ ସଫଳ ହୋଇଥିଲା। ଜିଲା ମୋଟ ଘର ସଂଖ୍ୟା ୧ ଲକ୍ଷ ୪୮ ହଜାର ୧୨ଟି ହୋଇଥିବା ବେଳେ ବାତଜ୍ୱର ଔଷଧ ୧୮ଲକ୍ଷ ୪୭ ହଜାର ୫୨୫ଟି ଓ କୃମି ଔଷଧ ୬ଲକ୍ଷ ୭୩ ହଜାର ୪୪୧ଟି ଔଷଧ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆବଶ୍ୟକ ରହିଛି।

# ମା' ଲଙ୍କେଶ୍ୱରୀ ଫୁଟ୍‌ବଲ: ଟିକିଲି ବିଜୟୀ

କୋକସରା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ବୋବରିଆ ଖେଳ ପଡ଼ିଆରେ ମା' ଲଙ୍କେଶ୍ୱରୀ ଫୁଟବଲ ଆସୋସିଏଶନ ପକ୍ଷରୁ ବୁଧବାର ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ସଭାପତି ରୋହିତ କୁମାର ପୂଝାରୀଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ସମ୍ମାନିତ ଅତିଥି ଭାବେ ଟେମରା ସମିତି ସଭ୍ୟା ଅନୁସୟା ମାଝି, ଟେମରା ନାଏକ ସରପଞ୍ଚ ପୂର୍ଣ୍ଣମୀ ମାଝି, ବୋବରିଆ ୱାଡ ସଭ୍ୟା ବବିତା ବେସ୍ରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଟିକିଲି


ଖେଳାଳିଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

ଓ ବିଜମରା ଦଳ ମଧରେ ଚିତାକର୍ଷକ ଖେଳ ପ୍ରଦର୍ଶିତ ହୋଇଥିଲା। ଟିକିଲି ୩-୧ ଗୋଲରେ ବିଜମରାକୁ ପରାଜିତ କରି ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ଖେଳକୁ ଶିକ୍ଷକ ତାପସ କୁମାର ଦାସ, ଭୁପେନ୍ଦ୍ର ଗୋପାଳ ଓ ଜଗମୋହନ ମାଝି ପରିଚଳନା କରିଥିଲେ। ଖେ ଧାରା ବିବରଣୀ ଚୈତନ ପାତ୍ର ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ନୀଳାମ୍ବର ଛତ୍ରିଆ, ଜଗମୋହନ ମାଝି ସହଯୋଗ କରିଥିଲେ।

# ୨ ଛାତ୍ର ରାଜ୍ୟ କ୍ରିକେଟ ଚାମ୍ପିୟନଶିପ ପାଇଁ ମନୋନୀତ

କୋକସରା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ୨ଜଣ ଛାତ୍ର ୧୭ ବର୍ଷରୁ କମ ରାଜ୍ୟସ୍ତରୀୟ କ୍ରିକେଟ ଚାମ୍ପିୟନଶିପ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ହାଇସ୍କୁଲଠାରେ ଆୟୋଜିତ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବା ପାଇଁ ସ୍ଥାନ ପାଇଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୩୧୭୦ ତାରିଖ ୩/୨/୨୩ ଅନୁସାରେ ସୂଚନା ଦିଆଯାଇଛି। କୋକସରା ଜବାହର ଉଚ୍ଚ ବିଦ୍ୟାଳୟ


ନେତ୍ରାନନ୍ଦ


ଶୁଭମ

ନବମ ଶ୍ରେଣୀରେ ପଢୁଥିବା ୨ ଛାତ୍ର ହେଲେ ଶୁଭମ ପଟେଲ ଓ ନେତ୍ରାନନ୍ଦ ବାଗ। ହାଇସ୍କୁଲ ଖେଳ ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ପ୍ରଶିକ୍ଷଣରେ ୨ ଛାତ୍ର ସୁଯୋଗ ପାଇଛନ୍ତି। ଛାତ୍ରଙ୍କ ଏହି ସଫଳତା ପାଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ଓ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଭବାନୀପାଟଣା,୮।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲାପାଳଙ୍କ ସମ୍ମେଳନ କକ୍ଷରେ ବୁଧବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ ପାଳିତ ହୋଇଯାଇଛି। ଜିଲା ପାଣି ପଞ୍ଚାୟତ ଅଧକ୍ଷ ତଥା ଜିଲାପାଳ ପି ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିବା ବେଳେ ଜଳସମ୍ପଦ ବିଭାଗ ଜଳ ସେଚନ ପ୍ରଣାଳୀ, ଜଳ ବଣ୍ଟନ ସମ୍ବଳ ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଅବିନାଶ ଠାକୁର, ଜଳ ସେଚନ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସିମାଦ୍ରି ସମ୍ପଦ ରାଓ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଜିଲାର ଜଳ ସମ୍ପଦ ବିଭାଗ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ, ପାଣି ପଞ୍ଚାୟତ ସଭାପତି ଓ ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବରେ ଅତିଥି।

# ପ୍ରଦର୍ଶିତ ହେଲା ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ

କର୍ଲାମୁଣ୍ଡା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଆତ୍ମା କାର୍ଯ୍ୟାଳୟରେ ଚାଲିଥିବା ଦୁଇଦିନିଆ ଖାଦ୍ୟ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବିପିସି ଜଗଦୀଶ ପ୍ରସାଦ ରଣା, ଏବିପିସି ପ୍ରଦୀପ କୁମାର ସାହୁ, ଏଓ ଅରୁଣ କୁମାର ପାଢୀ, ଓଏଲଏମର ଭାରପ୍ରାପ୍ତ ବିପିଏମ ଲଳିତ କୁମାର ବିଶି ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଜାତୀୟ ଶଷ୍ୟର ଉପକାରୀତା ଉପରେ ଆଲୋଚନା କରିଥିଲେ। ଶିବିରରେ ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ରିଷିଡା ଓ ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ବିଜାପାଟିର ସଭ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ବରା, ସିଙ୍ଗଡ଼ା, ମିକ୍ଚର, ଲଡୁ, ମାଲପା, ବିସ୍କୁଟ, କେକ ଓ କାଙ୍ଗୁ ବିସ୍କୁଟ, କୋଦୋ କ୍ଷୀରି, ମାଣ୍ଡିଆ ପଣା ପ୍ରଭୃତି ବେଶ ଆକର୍ଷଣୀୟ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସଙ୍ଗଠକ ଜିତେନ୍ଦ୍ର ଭୋଇ, ମଞ୍ଜୁ କୁମାର, ଅଜିତ



ଖାଦ୍ୟମେଳା ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥିବୃନ୍ଦ।

## ଦୁଇ ଦିନିଆ ଖାଦ୍ୟ ମେଳା ଉଦ୍‌ଯାପିତ

କୁମାର ପ୍ରଧାନୀ, ସିଆରପି ଭାନୁମତି ପ୍ରଧାନ, ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରିଆ, ପ୍ରବୀଣ ଭୋଇ, ଶ୍ରଦ୍ଧାଞ୍ଜଳୀ ବାଗ, କ୍ଷୀର କୁମାର, ସତ୍ୟ ପ୍ରଧାନ, ଭୂପିନ୍ଦର ଚୌଧୁରୀ, କୃଷକସାଥି ସାମନ୍ତ ଦୀପ, ଅଜୁ ରଣାଓ ସମସ୍ତ ଏମବିକେ, ସିଆରପି, ଗ୍ରାମ କୃଷି କର୍ମଚାରୀମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଆୟୋଜନ କରିଥିବା ବେଳେ ରାଜ୍ୟ ସରକାରଙ୍କ ଓଡିଶା ମିଲେଟ ମିଶନ, ମିଶନଶକ୍ତି, ଆତ୍ମା କଳାହାଣ୍ଡି, ଓୱାସନ ସହାୟତା କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, ସମ୍ମାନିତ ଅତିଥି ଭାବେ ବିଡିଓ ସୁଚରିତା ମୁଗ୍ରୀ, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ବ୍ଲକ କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସହକାରୀ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ମିଶନ ଶକ୍ତି ବିପିସି ବିପିନ ବାରିକ, ଓଏଲଏମ ଭାରପ୍ରାପ୍ତ ବିପିଏମ ଲଳିତ କୁମାର ବିଶି, ସ. ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ବିପିସି ଜଗଦୀଶ ପ୍ରସାଦ ରଣା, ଏବିପିସି ପ୍ରଦୀପ କୁମାର ସାହୁ, କାର୍ଯ୍ୟକ୍ରମ ସଂଯୋଜକ ଅମ୍ବରିଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ୨୨ ବର୍ଷରେ ବଳକା ଧାନ ସଂଗ୍ରହ ବଢ଼ିଛି ୫୪ଲକ୍ଷ କୁଇଣ୍ଟାଲ

ସୋନପୁର,୮।୨(ନି.ପ୍ର.)

ଜଳସମ୍ପଦ ବିଭାଗ ପକ୍ଷରୁ ଫେବୃୟାରୀ ୧ ତାରିଖଠାରୁ ରାଜ୍ୟବ୍ୟାପୀ ପାଣି ପଞ୍ଚାୟତ ପକ୍ଷ ପାଳନ ହେଉଛି । ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କ୍ରମରେ ସୁବର୍ଣ୍ଣପୁର ଉଠାଜଳସେଚନ ନିଗମ, ତେଲ ଜଳସେଚନ ବିଭାଗ ଓ କ୍ଷୁଦ୍ର ଜଳସେଚନ ନିଗମର ମିଳିତ ସହଯୋଗରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ବୁଧବାର ପାଳିତ ହୋଇଯାଇଛି । ନୂତନ ଟାଉନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ନୋଡାଲ ଅଫିସର ତଥା ସୁବର୍ଣ୍ଣପୁର ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ ବେହେରା ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତ ମାଧ୍ୟମରେ ଜଳର ସୁବିନିଯୋଗରେ କୃଷିର ଉନ୍ନତି ବୋଲି କହିଥିଲେ । ମନ୍ତ୍ରୀ ପୂଜାରୀ କହିଥିଲେ ଜିଲା ମଧ୍ୟ ଦେଇ ଚିରସ୍ରୋତା ମହାନଦୀ ଦୀର୍ଘ ୭୦ କି.ମି. ପ୍ରବାହିତ ହେଉଛି । ସେହିପରି ତେଲନଦୀ ଓ ଅଙ୍ଗ ନଦୀ ୩୫ କି.ମି. ଲେଖାଏ, ସୁକତେଲ ୧୪ କି.ମି. ଏବଂ ନିବୃତ୍ତି ଯୋର ୧୦ କି.ମି ପ୍ରବାହିତ ହେଉଛି । ଚାଷ ଜମିକୁ ଜଳସେଚନ ପାଇଁ ଜିଲାରେ ଯଥେଷ୍ଟ ସମ୍ଭାବନା ରହିଛି । ଏଥିପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଜଳସମ୍ପଦ ମନ୍ତ୍ରୀ ଥିବା ସମୟରେ ମହାନଦୀ ଓ ତେଲ ନଦୀ କୂଳରେ ୧୧ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ମଞ୍ଜୁର କରିଥିଲେ । ଅଙ୍ଗ କେନାଲ ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଅର୍ଥର ବ୍ୟବସ୍ଥା କରାଯାଇଛି । ଏହାର ସୁଫଳ ଆଗାମୀ ଦିନରେ ଚାଷୀଙ୍କୁ ମିଳିବ । ଜିଲାରେ ୨୦୦୦ ମସିହାରେ ମାତ୍ର ୫ଲକ୍ଷ କୁଇଣ୍ଟାଲ ବଳକା ଧାନ ସଂଗ୍ରହ କରା ଯାଉଥିଲା । ୨୦୨୨ ମସିହାରେ ଏହା ବୃଦ୍ଧି ପାଇ ୬୦ ଲକ୍ଷ କୁଇଣ୍ଟାଲରେ ପହଞ୍ଚିଛି। ଗତ ୨୨ ବର୍ଷରେ ଜିଲାରେ ଧାନ ସଂଗ୍ରହ ୫୫ଲକ୍ଷ କୁଇଣ୍ଟାଲ ବୃଦ୍ଧି ପାଇବା ଜଳସେଚନ ବ୍ୟବସ୍ଥାର ବ୍ୟାପକତାକୁ ଦର୍ଶାଉଛି । ମହାନଦୀର ଖଇରମାଳରେ ବ୍ୟାରେଜ୍ ନିର୍ମାଣ ହେଲେ ଓ ଜଳର ସୁପରିଚାଳନା ହେଲେ ଖାଦ୍ୟ ଶସ୍ୟ ଉତ୍ପାଦନ ଆହୁରି ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଜଳର ଅପଚୟ ନକରି କୃଷି କ୍ଷେତ୍ରରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ଜଳ ପ୍ରଭାରୀ ଏବଂ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ(ଆନ୍ତଃରାଜ୍ୟ ଜଳବିବାଦ ଓ ଆଇନ) ଇଂ ଆଶୁତୋଷ ଦାଶ ଯୋଗଦେଇ ଜଳସେଚନ ବୃଦ୍ଧି କରିବାକୁ କହିଥିଲେ । ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସେଚାଞ୍ଚଳରେ ସମାନୁପାତିକ ଜଳ ବଣ୍ଟନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିପିଏମ୍ ନାବାର୍ଡ ତାପସ ଶଙ୍କର ରାଉତ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନନ୍ତ ଚନ୍ଦ୍ର ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ



ସୁବର୍ଣ୍ଣପୁର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ■ ଜଳର ସୁବିନିଯୋଗରେ କୃଷିର ଉନ୍ନତି

କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅଶେଷ କୁମାର କର ଓ ଜଳ ବିଭାଜିକା ସଂଘର ପ୍ରକଳ୍ପ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦେହୁରୀ ପ୍ରମୁଖ ଯୋଗଦାନ କରି ସେଚାଞ୍ଚଳ ଉନ୍ନୟନ ଓ ପରିଚାଳନା କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ । ତେଲ ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର ପାଢୀ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ମତ୍ସ୍ୟ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଠା ଜଳସେଚନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ପ୍ରଦର୍ଶନୀ ଖୋଲାଯାଇଥିଲା। ମନ୍ତ୍ରୀ ପୂଜାରୀ ଏହି ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ । ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ ସୁଶାନ୍ତ କୁମାର ସାମଲ, ରାଜକିଶୋର ପାଢୀ, କନିଷ୍ଠ ଯନ୍ତ୍ରୀ ଇଂ ବିକାଶ ରମଣ ପ୍ରତାପ ରାୟ, ସୁରଜ ମେହେର ଓ ଦିଲୀପ କର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ବୌଦ୍ଧ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ
# ଡିସିଏ ଖୋର୍ଦ୍ଧା ବିଜୟୀ


ଖେଳାଳି ଓ ଅତିଥି ।

ବୌଦ୍ଧ,୮।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଜିଲା ଷ୍ଟାଡିୟମ ଠାରେ ଚାଲିଥିବା ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ ବୁଧବାର ଦିନ ଆଭାର୍ ଟାଇଗର ସମ୍ବଲପୁର ଓ ଡିସିଏ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ମ୍ୟାଚରେ ଅତିଥି ଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ଅଗ୍ରୱାଲ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମ୍ୟାଚରେ ୧୪.୪ ଓଭର ବ୍ୟାଟିଂ କରି ସମସ୍ତ ଉଇକେଟ୍ ବିନିମୟରେ ୯୧ ରନ ସଂଗ୍ରହ କରିଥିଲା । ବିପକ୍ଷରେ ଖୋର୍ଦ୍ଧା ଦଳ ୯୨ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୧୪. ୫ ଓଭରରେ ୩ ଉଇକେଟ୍ ହରାଇ ବିଜୟୀ ହୋଇଥିଲା । ଖେଳକୁ ଅମ୍ପାୟର୍ ବଳରାମ ପଟ୍ଟନାୟକ ଓ ବିଶ୍ୱମ୍ଭର ମହାକୁଡ ପରିଚାଳନା କରିଥିବା ବେଳେ ମହେଶ କୁମାର୍ ମଲ୍ଲିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଧାରା ବିବରଣୀ ଶ୍ରୀଧର ମଲ୍ଲିକ ପ୍ରଦାନ କରିଥିଲେ । ଗୁରୁବାର ଦିନ ଗ୍ରୁପ୍ ବିର ଦ୍ୱିତୀୟ ମ୍ୟାଚ ଜିଲା କ୍ରିକେଟ ଆସୋସିଏଶନ ବୌଦ୍ଧ ଓ ଏସିସି ଅନୁଗୋଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଡୁଙ୍ଗୁରିପାଲି,୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଏଫସିଆଇ ନିକଟ ଦେବଦତ୍ତ କ୍ଲବଠାରେ ଚାଲିଥିବା ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ପଞ୍ଚାୟତିରାଜ ପାନୀୟ ଜଳ ବିଭାଗର ଏହି କାର୍ଯ୍ୟକ୍ରମ ପରିଚାଳନାରେ ଦେବଦତ୍ତ କ୍ଲବ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଏପିଡି ଶୈବାଳିନୀ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନବ କିଶୋର ମିଶ୍ର ଯୋଗ ଦେଇଥିଲେ। ଦେବଦତ୍ତ କ୍ଲବ ମୁଖ୍ୟ ପରିଚାଳକ ନରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରକାଶ ପୁରୋହିତ ଓ ଖଗେଶ୍ୱର ମନହୀରା ତାଲିମ ପ୍ରଦାନ କରିଥିଲେ। ତାଲିମଦାତାମାନେ ୱାର୍ଡ ସଭ୍ୟାସଭ୍ୟଙ୍କୁ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ତାଲିମ ଦେଇଥିଲେ। ବ୍ଲକର ୨୬ ପଞ୍ଚାୟତର ୩୨୩ ୱାର୍ଡ ସଭ୍ୟାସଭ୍ୟ ପ୍ରଶିକ୍ଷଣ ନେଇଥିଲେ । ୱାର୍ଡ ସଭ୍ୟାସଭ୍ୟଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ବୃଷ୍ଟିପାତର ପୂର୍ବାନୁମାନ କରିବାରେ ଓଡ଼ିଆ ବୈଜ୍ଞାନିକ କୀର୍ତ୍ତିଚନ୍ଦ୍ରଙ୍କ କୃତିତ୍ୱ

ତରଭା,୮।୨(ଡି.ଏନ.ଏ.)

ବୃଷ୍ଟିପାତର ପୂର୍ବାନୁମାନ କରିବା ପାଇଁ ଏକ ରେନଡ୍ରପ ରିସର୍ଚ୍ଚ ଫେସିଲିଟି(ଆରଆରଏଫ) ଯନ୍ତ୍ର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ହାଇଦ୍ରାବାଦରେ ନୀତି ଆୟୋଗର ସଦସ୍ୟ ଭି କେ ସାରସତ୍ୱତଙ୍କ ଦ୍ୱାରା ଗତ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସାରସତ୍ୱତ ତାଙ୍କ ବକ୍ତବ୍ୟରେ ଆରଆରଏଫର ମୁଖ୍ୟ ଗବେଷକ ପ୍ରଫେସର କୀର୍ତ୍ତିଚନ୍ଦ୍ର ସାହୁଙ୍କ ଭୂୟସୀ ପ୍ରଶଂସା କରିବା ସହ ଆରଆରଏଫ ଏକ ବିଶ୍ୱସ୍ତରୀୟ ସୁବିଧା ବୋଲି କହିଥିଲେ। ବର୍ଷା ଜଳର ଗଠନ ଏବଂ ପରିବେଶ ଉପରେ ଏହାର ପ୍ରଭାବକୁ ବୁଝିବାରେ ଆରଆରଏଫ ସହାୟକ ହେବ ବୋଲି କହିଥିଲେ। ଆଇଆଇଟି ହାଇଦ୍ରାବାଦର ନିର୍ଦ୍ଦେଶକ ପ୍ରଫେସର ବି.ଏସ.ମୂର୍ତ୍ତି ଏହି ସୁବିଧା ପାଣିପାଗର ଜଟିଳତାକୁ ବୁଝିବାରେ ଅନେକ ସୁବିଧା ପ୍ରଦାନ କରିବ। ଏହା କେବଳ ଭାରତ ପାଇଁ ନୁହେଁ ସମଗ୍ର ବିଶ୍ୱର ପାଣିପାଗ ସଠିକତାର ପୂର୍ବାନୁମାନ କରିବାରେ ଉପଯୋଗୀ ସିଦ୍ଧ ହେବ ବୋଲି କହିଥିଲେ। ଆରଆରଏଫ ଯନ୍ତ୍ରର ସ୍ୱତନ୍ତ୍ରତା ବିଷୟରେ ବର୍ଣ୍ଣନା କରି ମୁଖ୍ୟ ଗବେଷକ ସାହୁ କହିଲେ ବୃଷ୍ଟିପାତର ପୂର୍ବାନୁମାନ ଅନେକ ସ୍ଥଳରେ ଭୁଲ ପ୍ରମାଣିତ ହେଉଥିବାରୁ ମାନବ ସମାଜକୁ ବହୁମୂଲ୍ୟ ଦେବାକୁ ପଡୁଛି। ଏହାର ମୁଖ୍ୟ କାରଣ ହେଉଛି ପ୍ରକୃତ ବାୟୁମଣ୍ଡଳୀୟ ଅବସ୍ଥାରେ ଭୌତିକ ପ୍ରକ୍ରିୟା ବିଷୟରେ ମୌଳିକ ଜ୍ଞାନର ଅଭାବ। ଆଇଆଇଟି ହାଇଦ୍ରାବାଦରେ


ପ୍ରଫେସର କୀର୍ତ୍ତିଚନ୍ଦ୍ର ସାହୁ।

## ■ ତରଭାକୁ ଗୌରବାନ୍ୱିତ କଲେ

ଏହି ଅନନ୍ୟ ପରୀକ୍ଷାମୂଳକ ସୁବିଧା ବ୍ୟବହାର କରି ଆମେ ପୃଥିବୀରେ ପ୍ରଥମ ଥର ପାଇଁ ମେଘରୁ ଭୂମି ପର୍ଯ୍ୟନ୍ତ ଗତିଶୀଳ ବାୟୁମଣ୍ଡଳୀୟ ସ୍ଥିତିକୁ ଅନୁମାନ କରିପାରିବା ଏବଂ ବିଭିନ୍ନ ଉଚ୍ଚତାରେ ବର୍ଷା ଜଳର ଆକାର ଏବଂ ଆକାର ବଣ୍ଟନକୁ ଆକଳନ କରିପାରିବା। ପ୍ରଫେସର ସାହୁ ଆହୁରି ମଧ୍ୟ କହିଲେ ଯେ ବର୍ଷା ଜଳର ଆକାର ବଣ୍ଟନର ପୂର୍ବାନୁମାନ କରିବା ପାଇଁ ଆମେ ହୋଲୋଗ୍ରାଫି ପଦ୍ଧତି ବ୍ୟବହାର କରୁ।ବର୍ତ୍ତମାନ ବ୍ୟବହୃତ ମାପ ପ୍ରଣାଳୀ ଅପେକ୍ଷା ଏହି ପଦ୍ଧତି ବହୁତ ଭଲ। ଆରଆରଏଫ ଯନ୍ତ୍ର ବ୍ୟବହାର କରି ଆମେ ବିଭିନ୍ନ ଉଚ୍ଚତାରେ ବର୍ଷା ଜଳର ଗତିଶୀଳତା ପୂର୍ବାନୁମାନ କରିପାରିବା । ଏହା ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣରେ ସହାୟକ ହେବ।

ସମଗ୍ର ବିଶ୍ୱରେ ପ୍ରଥମେ ଆରଆରଏଫ ଯନ୍ତ୍ର ଉଦ୍ଭାବନ କରିଥିବା ପ୍ରଫେସର କୀର୍ତ୍ତିଚନ୍ଦ୍ର ତରଭାର ମୂଳ ବାସିନ୍ଦା । ୧୯୭୮ ଜୁଲାଇ ୮ ତାରିଖରେ ଜନ୍ମଗ୍ରହଣ କରିଥିବା କୀର୍ତ୍ତିଚନ୍ଦ୍ର ପ୍ରାଥମିକ ଶିକ୍ଷକ କୁଶଳେଶ୍ୱର ସାହୁ ଓ ଭଗବତୀ ସାହୁଙ୍କ ପୁଅ। ସେ ତରଭାରେ ସ୍କୁଲ ଶିକ୍ଷା ଶେଷ କରି ବଲାଙ୍ଗୀର ରାଜେନ୍ଦ୍ର କଲେଜରୁ ଯୁକ୍ତ-୨, ବୁର୍ଲା ଇଞ୍ଜିନିୟରିଂ କଲେଜରେ ମେକାନିକାଲ ଇଞ୍ଜିନିୟରିଂ ପାଠ ପଢିଥିଲେ। ୨୦୦୬ ମସିହାରେ ଜବାହରଲାଲ ନେହେରୁ ସେଣ୍ଟର ଫର ଏଡଭାନ୍ସ ସାଇଣ୍ଟିଫିକ ରିସର୍ଚ୍ଚରେ ପିଏଚଡି କରିବା ପରେ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ଇମ୍ପିରିଏଲ କଲେଜରେ ରିସର୍ଚ୍ଚ କରିଥିଲେ। ୨୦୧୦ରୁ ହାଇଦ୍ରାବାଦ ଆଇଆଇଟିରେ ମେକାନିକାଲ ଇଞ୍ଜିନିୟରିଂର ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର କୀର୍ତ୍ତିଚନ୍ଦ୍ରଙ୍କୁ ସମ୍ମାନଜନକ ଭାସଭିକ ପୁରସ୍କାର, ଭାରତୀୟ ବିଜ୍ଞାନ ଏକାଡେମୀର ଯୁବ ବୈଜ୍ଞାନିକ ପଦକ, ଇଣ୍ଡିଆନ ଏକାଡେମୀ ଅଫ ସାଇନ୍ସ ଫେଲୋସିପି ଓ ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ ୟୁକେ ଫେଲୋସିପି ମିଳିଛି।

# ରାସ୍ତା ଉନ୍ନତିକାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ


ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି ।

ଡୁଙ୍ଗୁରିପାଲି,୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ହନୁମାନ ମନ୍ଦିର ଛକ ନିକଟ ହରିଜନ ପଡ଼ା ଠାରୁ ଡୁଙ୍ଗୁରିପାଲି ସହଲା ଭାୟା ସୁନାପାଲି ରାସ୍ତାର ଉନ୍ନତୀକରଣ ପାଇଁ ଅର୍ଥ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

ମଙ୍ଗଳବାର ସନ୍ଧ୍ୟାରେ ମନ୍ତ୍ରୀ ପୂଜାରୀ ଦିଗଶିରା ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଓ ୱାର୍ଡ ସଭ୍ୟା ପୂଜା ବାଗ ତାଙ୍କୁ ସ୍ୱାଗତ ଜଣାଇଥିଲେ । ମନ୍ତ୍ରୀ ଏକ ଶୋଭାଯାତ୍ରାରେ ଯାଇ ଦିଗଶିରା ହରିଜନପଡାରେ ପହଞ୍ଚିବା ପରେ ପଡାବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ନିକଟରେ ଥିବା ଖେଳ ପଡିଆ ଓ ଅର୍ଦ୍ଧନିର୍ମିତ କଲ୍ୟାଣମଣ୍ଡପର ଉନ୍ନତୀକରଣ ପାଇଁ ପୁଣି ୧୦ ଲକ୍ଷ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ୨ କୋଟି ୬୪ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଦିଗଶିରା ହରିଜନପଡ଼ା ଡୁଙ୍ଗୁରିପାଲି ସହଲା ଭାୟା ସୁନାପାଲି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଦିଗଶିରା ସରପଞ୍ଚ କୌଶଲ୍ୟା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମନ୍ତ୍ରୀ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିଗଶିରା ପଞ୍ଚାୟତର ବିକାଶ ସହ ଅଙ୍ଗନଦୀରେ ଏକ ବ୍ରିଜ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ପୂର୍ବତନ ଜିଲା ପରିଷଦ ସଭାପତି ହିମାଂଶୁ ଶେଖର ବିଶ୍ୱାଳ,ଦିଗଶିରା ସମିତି ସଭ୍ୟା ମମତା ମହାନନ୍ଦ, ସୁନାପାଲି ସରପଞ୍ଚ ପୁଷ୍ପାଞ୍ଜଳୀ ସେଠ, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ସୋନପୁର ନରେନ୍ଦ୍ର କୁମାର ରେଡ୍ଡୀ ମଞ୍ଚାସୀନ ଥିଲେ। ପୂର୍ବତନ ୱାର୍ଡ ସଭ୍ୟ ଦୀନବନ୍ଧୁ ସୁନା ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଦିଗଶିରା ସରପଞ୍ଚ ଲବ ମେହେର, ପ୍ରଦୀପ ମହାନନ୍ଦ,ସହକାରୀ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର କୁମାର ତ୍ରିପାଠୀ, ପ୍ରଭାତ ମହନ୍ତ, କନିଷ୍ଠ ଯନ୍ତ୍ରୀ ବିକ୍ରମ ଖିଲାରୀ ଉପସ୍ଥିତ ଥିଲେ । ଗ୍ରାମର ମହିଳା ଏସଏଚଜି ୱାର୍ଡ ସଭ୍ୟା ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ୧୧ ସଂକୀର୍ତ୍ତନ୍ୟ ମଣ୍ଡଳୀ ସମ୍ବର୍ଦ୍ଧିତ

ଅମରପାଲି,୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମରେ ୧୧ ସଂକୀର୍ତ୍ତନ୍ୟ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମରେ ହେଉଥିବା ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ନାମଯଜ୍ଞ କମିଟି ପକ୍ଷରୁ ଉକ୍ତ ସଂକୀର୍ତ୍ତନ୍ୟ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଛି। ଭାଲୁଡୁଙ୍ଗୁରୀ ସଂକୀର୍ତ୍ତନ୍ୟ ମଣ୍ଡଳୀ ସହିତ ଟିଙ୍ଗିରାନାଲି, ଚାରୁଣୀ, ଅଙ୍ଗାରପଡା, ଜଉଁରାଭଉଁରା, ରାମବଡମାଲ, ଡୁମୁରୀ, ସାଗଯୋରୀ, ଅମରପାଲି, ବଡମାଲ ଓ କେସଲଗା ସଂକୀର୍ତ୍ତନ୍ୟ ମଣ୍ଡଳୀକୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ ପରିଚାଳନା କମିଟି ତରଫରୁ ନାମଯଜ୍ଞ କମିଟିର ସଭାପତି କହ୍ନେଇଚରଣ ପ୍ରଧାନ, ସମ୍ପାଦକ ଜୟ ପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା,ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବହଲପଦର ସରପଞ୍ଚ ନିରୁପମା ସେଠୀ, ସମିତିସଭ୍ୟା ସୁଗନ୍ଧା ଘିବିଲା ଅତିଥି ଭାବେ ଯୋଗଦେଇ ଥିଲେ। ଏହାସହିତ ବୀରମହାରାଜପୁର ଉପକଣ୍ଠ ଉଲୁଣ୍ଡା ବ୍ଲକ ମାଟଖାଇ ଗ୍ରାମର ସଂକୀର୍ତ୍ତନ୍ୟ ଗୁରୁ ଦାମୋଦର ମେହେରଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୀତାମ୍ବର ସାହୁ ସଂଯୋଜନା କରିଥିଲେ। ସମସ୍ତ ସଂକୀର୍ତ୍ତନ୍ୟ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା ।


ଅମରପାଲିରେ ସଂକୀର୍ତ୍ତନ୍ୟ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି ।

# ଫାଇନାଲରେ ସୋନପୁର, କଟକ


ଅତିଥିଙ୍କ ଗହଣରେ ଖେଳାଳି ।

ତରଭା,୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଚତୁର୍ଥ ଗୋପବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସେମିଫାଇନାଲ ମ୍ୟାଚ ସୋନପୁର ଓ ତରଭା ମଧ୍ୟରେ ହୋଇଥିଲା । ଏଥିରେ ସୋନପୁର ଦଳ ୩ -୧ ଗୋଲରେ ତରଭା ଦଳକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ତରଭା ଥାନାଧିକାରୀ ସୁବ୍ରତ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ନାଏକ, ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ସଂଶିତ ସାହୁ, ଆକାଶ ସାହୁ, ମଧୁସୂଦନ ପାଣ୍ଡେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ କଟକ ଦଳ ଓ ଫୁଲବାଣୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଟକ ଦଳ ୩ -୧ ଗୋଲରେ ଫୁଲବାଣୀ ଦଳ ଠାରୁ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା । ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଅର୍ଥ, ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଖେଳୁଆଡ଼ ଓ ଭାତୃ ମନୋଭାବ ରଖି ପ୍ରତ୍ୟେକ ମ୍ୟାଚ ଖେଳିବାକୁ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଏଡିଏମ ସୂର୍ଯ୍ୟ ନାରାୟଣ ଦାସ, ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ବିଡିଓ ବିନୟ ପଟେଲ, ଏନଏସି ଉପ ନଗରପାଳ ଗଗନ ଅଗ୍ରୱାଲ, ସଞ୍ଜୁ ଅଗ୍ରୱାଲ, .ସଭାପତି ଜନାର୍ଦ୍ଦନ ଥନାପତି, ଆକାଶ ସାହୁ, ଦୁର୍ଗା ପ୍ରସାଦ ଷଡଙ୍ଗୀ ମଞ୍ଚାସୀନ ଥିଲେ । ଖେଳ ପରିଚାଳନା କରିଥିଲେ ପିଇଟି ସଞ୍ଜୀବ ସାହୁ, ସକିଲ ମହମ୍ମଦ । ଧାରା ବିବାରଣୀ ପ୍ରଦାନ କରିଥିଲେ ହିରଣ୍ମୟ ପଟ୍ଟନାୟକ, ସୁଧୀର ପଣ୍ଡା । ଗୁରୁବାର କଟକ ଓ ସୋନପୁର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ମଧୁସୂଦନ ପାଣ୍ଡେ, ରଶ୍ମିରଞ୍ଜନ ଦାସ, ସୁରେନ୍ଦ୍ର ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ■ ରାଜ୍ୟସ୍ତରୀୟ ଗୋପବନ୍ଧୁ ଫୁଟ୍‌ବଲ ଟୁର୍ନାମେଣ୍ଟ

# ନବନିର୍ମାଣ କୃଷକ ସଙ୍ଗଠନର ରାଲି, ପ୍ରତିବାଦ ସଭା

ସୋନପୁର,୮।୨(ନି.ପ୍ର.)

ନବନିର୍ମାଣ କୃଷକ ସଂଗଠନ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ୯ ଦଫା ଦାବି ନେଇ ବୁଧବାର ଜିଲା ସଦର ମହକୁମାରେ ରାଲି କରାଯାଇଥିଲା । ଶତାଧିକ କୃଷକ ରୟାଲ ପଡିଆରୁ ଏକ ବାଇକ୍ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଏହି ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠନର ସୁବର୍ଣ୍ଣପୁର ଜିଲା ସଂଯୋଜକ ବିଶେଶ୍ୱର ପାଣିଗ୍ରାହୀ ସଭାରେ ଅଧ୍ୟକ୍ଷତା କରିଥିଲେ। ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ପ୍ରଦାନ ପାଇଁ ଦାବି କରିଥିଲେ । ଜିଲାରେ ଚାଷୀ ଓ ଚାଷର ସମସ୍ୟା, ଏକମାତ୍ର ସୂତା କଳ ବନ୍ଦ ରହିବା ଯୋଗୁ ଜିଲାର କପା ଚାଷୀ ମହାରାଷ୍ଟ୍ରର ବ୍ୟବସାୟୀଙ୍କୁ କପା ବିକ୍ରି କରିବା ପାଇଁ ବାଧ୍ୟ ହେଉଥିବା କହିଥିଲେ। ମଣ୍ଡିରେ କଟ୍‌ନୀ ଛଟ୍‌ନୀ, ଧାନ ବିକ୍ରି ପରେ ଚାଷୀଙ୍କୁ ପ୍ରାପ୍ୟ ମିଳିବାରେ ବିଳମ୍ବ ଓ ବକେୟା ବିଦ୍ୟୁତ୍ ବିଲକୁ ନେଇ ଟାଟା କମ୍ପାନୀର ଶୋଷଣ ବିଷୟରେ ଚାଷୀ ନେତା ଅକ୍ଷୟ କୁମାର ବର୍ଷିଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚାଷୀ ନେତା ଅକ୍ଷୟ କୁମାର ଓ ଅନ୍ୟ ନେତୃବୃନ୍ଦ ।

## ■ ଦାବି ପୂରଣ ନ ହେଲେ ଆନ୍ଦୋଳନ

ଚାଷୀ ପରିବାରକୁ ସୁରକ୍ଷା ଭତ୍ତା ମାସିକ ୫ ହଜାର ଟଙ୍କା, ଧାନ କୁଇଣ୍ଟାଲ ୩ ହଜାର ଟଙ୍କାକୁ ବୃଦ୍ଧି, ଚାଷୀଙ୍କ ବକେୟା ବିଦ୍ୟୁତ୍ ବିଲ ଓ କୃଷି ଋଣ ଛାଡ କରିବା, ସରକାର ଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କାର ନିବେଶ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ସମସ୍ତ ଚାଷ ଜମିକୁ ଜଳସେଚନ, କୃଷି ପାଇଁ ମାଗଣା ବିଜୁଳି ଓ ପାଣିର ବ୍ୟବସ୍ଥା, ବାର୍ଦ୍ଧକ୍ୟ ଭତ୍ତା ଅଢେଇ ହଜାର ଟଙ୍କା କରିବାକୁ ଦାବି କରିଥିଲେ । ଚାଷୀର ହକ୍ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା। ପ୍ରତିବାଦ ସଭାରେ ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, ଚିନ୍ମୁ ଦାସ ତାଙ୍କ ବକ୍ତବ୍ୟରେ ବିଗତ ଦୁଇ ବର୍ଷ ହେବ ଜିଲାର ଚାଷୀଙ୍କ ଠାରୁ ଗଭୀର ନଳକୂପ ଖନନ ବାବଦରେ ଅଂଶଧନ ସ୍ୱରୂପ ସାଢେ ୪ କୋଟି ଟଙ୍କା ନେଇଥିଲେ ମଧ୍ୟ ନଳକୂପ ଖନନ ହୋଇପାରିନି ବୋଲି ଅଭିଯୋଗ କରିଥିଲେ । ସଂଗଠନର ଉପଦେଷ୍ଟା ତଥା ବରିଷ୍ଠ ଚାଷୀ ନେତା ରାଜେନ୍ଦ୍ର ମିଶ୍ର, ଶିବ ପ୍ରସାଦ ପଣ୍ଡା, ନିତିନ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ବ୍ରଜେନ୍ଦ୍ର ବିଶି, ରାଜେନ୍ଦ୍ର ସା, ତ୍ରିଲୋଚନ ତାଣ୍ଡିଆ, ପୂର୍ଣ୍ଣଚନ୍ଦ୍ର ଧଳ, ଦୟାନିଧି ମେହେର, ଦେବାଶିଷ ଦାସ, ଜଗନ୍ନାଥ ଦାସ ଓ ବିନିକା ବ୍ଲକ ଗଣେଷ କୃଷକ ସଂଗଠନର କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିବା ସହ ସ୍ମାରକପତ୍ର ଗ୍ରହଣ କରିଥିଲେ ।

# ଢିଙ୍କିକୁଟା ଚାଉଳର ବଢୁଛି ଚାହିଦା

- ସୁନ୍ଦରଗଡ଼ ଜିଲାର ଆଦିବାସୀ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ
- ମହିଳାମାନଙ୍କୁ ସରକାରଙ୍କ ପକ୍ଷରୁ ପାରମ୍ପରିକ ଢିଙ୍କି ଯୋଗାଣ

ସୁନ୍ଦରଗଡ଼, ୮।୨(ଡି.ଏନ.ଏ.)

ବର୍ତ୍ତମାନ ସମୟରେ ବଜାରରେ ଢିଙ୍କିକୁଟା ଚାଉଳର ଚାହିଦା ବଢୁଛି। ସୁନ୍ଦରଗଡ଼ ଜିଲାର ଆଦିବାସୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଢିଙ୍କିକୁଟା ଚାଉଳ ସ୍ଥାନୀୟ ବଜାର ସହିତ ଓରମାସ ମେଳା ଆଦି ମାଧ୍ୟମରେ ଭଲ ବିକ୍ରି ହେଉଛି। ଫଳରେ ଏହା ସ୍ଥାନୀୟ ଆଦିବାସୀ ପରିବାରର ମହିଳାମାନଙ୍କ ପାଇଁ ରୋଜଗାରର ବଡ଼ ମାଧ୍ୟମ ହୋଇପାରିଛି।

ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଅଧୀନରେ ଜିଲାର ୯ଟି ବ୍ଲକ ରହିଛି। ଏହି ବ୍ଲକଗୁଡ଼ିକ ଆଇଟିଡିଏ ପକ୍ଷରୁ ମୋଟ ୧୮ଟି 'ବନ ଧନ ବିକାଶ କେନ୍ଦ୍ର' ବା ଭିଡିଭିକେ ୟୁନିଟ ଗଠନ କରାଯାଇଛି। ଏହା ମାଧ୍ୟମରେ ଆଦିବାସୀ ପରିବାରର ମହିଳାମାନଙ୍କୁ ବିଭିନ୍ନ ଜୀବିକା ବିକାଶ ଲାଗି ଆର୍ଥିକ ପ୍ରୋତ୍ସାହନ ସହ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ଏହି ଭିଡିଭିକେ ୟୁନିଟଗୁଡ଼ିକ ମାଧ୍ୟମରେ ଜିଲାର ଆଦିବାସୀ ବର୍ଗର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଢିଙ୍କିକୁଟା ଚାଉଳ ଉତ୍ପାଦନ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ବଜାରରେ ଏହି ରେଡ୍ ରାଇସ୍ ବା ପୁଷ୍ଟିଯୁକ୍ତ ଚାଉଳର ଭଲ ଚାହିଦା ରହିଛି। ଏଥିରେ ପୋଷଣ ଗୁଣ ରହିଥିବାରୁ ସାଧାରଣ ଚାଉଳଠାରୁ ଏହା ଅଧିକ ଦାମରେ ବିକ୍ରି ହେଉଛି। ପ୍ରତି ଭିଡିଭିକେ ୟୁନିଟରେ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଯୋଡ଼ା ଯାଇଛି। ଫଳରେ ପ୍ରତି ୟୁନିଟ ଅଧୀନରେ ୩୦୦ରୁ ଅଧିକ ମହିଳା ସାମିଲ ହୋଇଛନ୍ତି। ଢିଙ୍କିକୁଟା ଚାଉଳ ଉତ୍ପାଦନ ପାଇଁ ପ୍ରତି ଦୁଇ ଜଣ ମହିଳାଙ୍କୁ ସରକାରଙ୍କ ପକ୍ଷରୁ ଗୋଟିଏ କରି ପାରମ୍ପରିକ ଢିଙ୍କି ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ସୁନ୍ଦରଗଡ଼ ଆଇଟିଡିଏ ଅଧୀନରେ ମୋଟ ୧୨୦୦ ମହିଳାଙ୍କ ପାଇଁ ୬୦୦ଟି ଢିଙ୍କି ଯୋଗାଇ ଦିଆଯାଇଛି। ଏହା ସହ ସେମାନଙ୍କୁ ଓଜନ ମାପ ଓ ପ୍ୟାକେଜିଂ ମେସିନ ମଧ୍ୟ ଦିଆଯାଉଛି। 'ବନ ଧନ ବିକାଶ କାର୍ଯ୍ୟକ୍ରମ' ଅଧୀନରେ ଆଇଟିଡିଏ ପକ୍ଷରୁ ଆମକୁ ଢିଙ୍କି ମିଳିଛି। ସେଥିରେ ଆମେ ଲୁସରି ଧାନକୁ କୁଟି ନାଲି ଚାଉଳ ବାହାର କରୁଛୁ। ତାହାକୁ ବିକି ଭଲ ଦି'ପଇସା ପାଉଛୁ ବୋଲି କହିଛନ୍ତି ଲେଫ୍ରିପଡ଼ା ବ୍ଲକ ସାହେବଡେରା ଗ୍ରାମରେ ଥିବା ତ୍ରିବେଣୀ ଭିଡିଭିକେ ୟୁନିଟର ସଦସ୍ୟା ଚଞ୍ଚଳା ନାଏକ। ଭିଡିଭିକେ ସଦସ୍ୟାମାନେ ଢିଙ୍କି କୁଟି ଧାନରୁ ପୁଷ୍ଟିଯୁକ୍ତ ଚାଉଳ ବାହାର କରୁଛନ୍ତି। ତାକୁ ଓଜନ ମେସିନରେ ମାପି ପରେ ତା'ର ପ୍ୟାକେଜିଂ କରୁଛନ୍ତି। ବଜାରରେ ସାଧାରଣ ଚାଉଳ ଅପେକ୍ଷା ଏହି ଢିଙ୍କିକୁଟା ଚାଉଳ କିଲୋଗ୍ରାମ ପିଛା ପ୍ରାୟ ୩ ଗୁଣା ଅଧିକ ଦରରେ ବିକ୍ରି ହେଉଛି। ଏହି ଚାଉଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ତେଣୁ ବଜାରରେ ଏହାର ଚାହିଦା ବଢୁଥିବାରୁ ସୁନ୍ଦରଗଡ଼ ଜିଲାର ଆଦିବାସୀ ମା'ମାନଙ୍କ ପାଇଁ ଏହା ଏକ ଭଲ ରୋଜଗାରର ବାଟ ହୋଇପାରିଛି। ଢିଙ୍କିକୁଟା ଚାଉଳ ଉତ୍ପାଦନ କରିବା ପାଇଁ ଆମକୁ ଆଇଟିଡିଏ ପକ୍ଷରୁ ତାଲିମ ଦିଆଯାଇଛି। ଢିଙ୍କି ସହ ବିଭିନ୍ନ ମେସିନ ମଧ୍ୟ ଦିଆଯାଇଛି। ଧାନକୁ କୁଟି ନାଲି ଚାଉଳ କରିବା ପରେ ତାକୁ ପ୍ୟାକେଜିଂ କରି ଆମେ ସ୍ଥାନୀୟ ବଜାର ଓ ବିଭିନ୍ନ ମେଳାରେ ବିକୁଛୁ ବୋଲି କହିଛନ୍ତି ଭିଡିଭିକେ ୟୁନିଟର ଆଉ ଜଣେ ସଦସ୍ୟା ପୁଷ୍ପା ମାଝି। ରାଜ୍ୟରେ ବିଭିନ୍ନ ଆଦିବାସୀ କ୍ଷେତ୍ରରେ 'ବନ ଧନ ବିକାଶ' କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ପରିବାରର ମହିଳାମାନେ ଢିଙ୍କିକୁଟା ଚାଉଳ ଉତ୍ପାଦନ ସହ ଖଲିପତ୍ର ସିଲେଇ ଏବଂ ବିଭିନ୍ନ ବନଜାତ ଦ୍ରବ୍ୟରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।



ସୁନ୍ଦରଗଡ଼ ଜିଲାର ଆଦିବାସୀ ମହିଳା ଢିଙ୍କିରେ ଚାଉଳ ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### ରାଜଗାଙ୍ଗପୁରରେ ଟଙ୍କା ଲୁଟ୍

**ରାଜଗାଙ୍ଗପୁର, ୮।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ପୁଣି ଲୁଟ୍ ଆରମ୍ଭ ହୋଇଯାଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ଜଣେ ବ୍ୟାଙ୍କରୁ ଟଙ୍କା ଉଠାଇ ଆସୁଥିବାବେଳେ କାଂଶବାହାଲଠାରେ ଦୁଇ ଜଣ ଲୁଟେରା ବାଇକ୍ ଯୋଗେ ଆସି ତାଙ୍କଠାରୁ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଲୁଟ୍‌କରି ଫେରାର୍ ହୋଇଯାଇଥିଲେ। ସେହିପରି ବୁଧବାର ଜାମପାଲି ବାଇପାସ୍ ନିକଟରେ ଜଣେ ମହିଳା ସାଇକେଲ ଯୋଗେ ଯାଉଥିବା ସମୟରେ ଦୁଇ ଜଣ ଲୁଟେରା ବାଇକ୍ ଯୋଗେ ଆସି ତାଙ୍କ ଠାରୁ ଦୁଇଟି ମୋବାଇଲ ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ଏ ସମ୍ପର୍କରେ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି।

### ଷ୍ଟାମ୍ପ ପେପର ନ ମିଳିବାରୁ ଅସନ୍ତୋଷ

**ରାଜଗାଙ୍ଗପୁର, ୮।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ କିଛି ମାସ ହେବ ପାଞ୍ଚ ଟଙ୍କିଆ, ଦଶ ଟଙ୍କିଆ ଓ କୋଡିଏ ଟଙ୍କିଆ ମୂଲ୍ୟର ଷ୍ଟାମ୍ପ ପେପର ନ ମିଳିବାରୁ ବିଭିନ୍ନ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି ଉପରୋକ୍ତ ମୂଲ୍ୟର ଷ୍ଟାମ୍ପ ପେପରଗୁଡିକ ବିଭିନ୍ନ ଆଫିଡେଭିଟ, ଏଗ୍ରିମେଣ୍ଟ ଭଳି ବିଭିନ୍ନ ମୂଲ୍ୟବାନ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ଏହି ଷ୍ଟାମ୍ପ ପେପର ନ ମିଳିବାରୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଜନଅସନ୍ତୋଷ ବୃଦ୍ଧି ପାଇଛି। ଜିଲା ପ୍ରଶାସନ ଏହି ପରିପ୍ରେକ୍ଷୀରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରିଛନ୍ତି ।

### ଗଞ୍ଜେଇ ଚୋରା ଚାଲାଣ: ଜଣେ ଗିରଫ

**ରାଉରକେଲା ଅଫିସ,୮।୨:** ଗଞ୍ଜେଇ ଚୋରା ଚାଲାଣ ସମୟରେ ଅବକାରୀ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସେକ୍ଟର ୫ ଅଞ୍ଚଳର ଅମର ପରିଡା(୪୭) । ସୂଚନାଯୋଗ୍ୟ, ସେକ୍ଟର-୫ ସ୍ଥିତ ଅଭିରାମପାଲୀରେ ଅମର ପରିବାର ସହ ବାସ କରେ। ବୁଧବାର ସକାଳ ସାଢେ ୫ଟାରେ ଏକ ସ୍କୁଟିଗାଡି ଯୋଗେ ଅମର ଗଞ୍ଜେଇ ନେଇ ମଧୁସୂଦନପାଲି ଅଞ୍ଚଳକୁ ଯାଉଥିଲେ। ଖବର ପାଇ ଅବକାରୀ ପୋଲିସ ସେକ୍ଟର-୨୧ ନୟାବଜାର ଛକରୁ ଅମରଙ୍କୁ ଧରିଥିଲା। ଉକ୍ତ ସ୍କୁଟି ଗାଡିର ଡିକିରୁ ପୋଲିସ ୮ କେ.ଜି ୩୫୦ ଗ୍ରାମ ଗଞ୍ଜେଇକୁ ଜବତ କରିଥିଲା। ଏକ ମାମଲା(୪୨୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ମଦ ସହ ବାଇକ ଜବତ, ଛାଡ଼ି ପଳାଇଲେ ବେପାରୀ

**କୁତ୍ରା, ୮।୨ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଞ୍ଚଳରେ ମଦ ବେପାରୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। କନ୍ଦେଇମୁଣ୍ଡା ରାସ୍ତାକଡରେ ମଦ ବିକ୍ରି କରିବାକୁ ନେଇ ଗ୍ରାମବାସୀ ବୁଧବାର ୨ଜଣ ଙ୍କୁ ଧରିଥିଲେ। ହେଲେ କୌଶଳକ୍ରମେ ସେମାନେ କିଛି ସମୟପରେ ସେଠାରୁ ପଳାଇ ଯାଇଥିଲେ। ତେବେ ଗ୍ରାମବାସୀ ବେପାରୀଙ୍କ ଏକ ବାଇକ ଓ ଦୁଇଟି ଅଖାରେ ଥିବା ମହୁଲି ମଦ ଜବତ କରି କନ୍ଦେଇମୁଣ୍ଡା ସରପଞ୍ଚ ସୁଧିର ମିଞ୍ଜଙ୍କ ମାର୍ଫତରେ ଦେଇଥିବା ସରପଞ୍ଚ ସୂଚନା ଦେଇଛନ୍ତି । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପାରୀମାନେ ଆସିଲେ ଗ୍ରାମରେ ବିଚାର କରାଯିବ ତାପରେ ବାଇକ ତାଙ୍କୁ ଦିଆଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି। ଏହାକୁ ନେଇ ରିପୋର୍ଟ ଲେଖିବା ପର୍ଯ୍ୟନ୍ତ(ରାତ୍ରି ୮ସୁଦ୍ଧା )ଥାନାରେ କୌଣସି ଅଭିଯୋଗ ଦିଆଯାଇନାହିଁ।

### ଯୋଜନା ଓ ସଂଯୋଜନ ମନ୍ତ୍ରୀଙ୍କ ସିନାପାଲି ଅଞ୍ଚଳ ଗସ୍ତ

**ସିନାପାଲି,୮।୨(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳ ଗସ୍ତ କରିଛନ୍ତି ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ। ଗସ୍ତ ସମୟରେ ସିନାପାଲି ସାମ୍ବାଦିକ ଭବନରେ କିଛି ସମୟ ରହି ସ୍ଥାନୀୟ ସାମ୍ବାଦିକମାନଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକ ଭବନ ଦୁରାବସ୍ଥା ଦେଖି ଏକ ନୂତନ ଭବନ ନିର୍ମାଣ ପାଇଁ ପାଣ୍ଠି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ସାମ୍ବାଦିକ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପରେ ସିନାପାଲି ବ୍ଲକର ବିଭିନ୍ନ ସ୍ଥାନ ବୁଲି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିବା ସହ ପରିଦର୍ଶନ କରିଥିବା ଜଣାପଡ଼ିଛି। ମନ୍ତ୍ରୀଙ୍କ ସହ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଆଶା ଜୈନ ଉପସ୍ଥିତ ଥିଲେ।

### ବଡ଼ଗାଁ ମେଡିକାଲ ପରିଦର୍ଶନ କଲେ ଜିଲାପାଳ

ବଡ଼ଗାଁ, ୮।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ମଙ୍ଗଳବାର ଜିଲାପାଳ ଡକ୍ଟର ପରାଗ ହର୍ଷଦ ଗାଭାଲି ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ତର୍ଜମା କରିଛନ୍ତି। ୫-ଟି ରେ କାର୍ଯ୍ୟକାରୀ ହେବାକୁ ଥିବା 'ମୋ ଡାକ୍ତରଖାନା' ଯୋଜନାରେ ବଡ଼ଗାଁ ଡାକ୍ତରଖାନା ସାମିଲ ହୋଇଥିବାରୁ ଜିଲାପାଳ ଏହି ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହିତ ଡିପିଏମ୍ ଶଙ୍କର ଆଚାର୍ଯ୍ୟ, ବିପିଏମ୍ ଅରୁଣ ବେହେରା ଓ ବିଭିନ୍ନ ବିଭାଗର ଅଧିକାରୀ ଆଲୋଚନା କରିଥିଲେ। ଜିଲାପାଳ ବଡ଼ଗାଁ ମେଡିକାଲର ସ୍ୱାସ୍ଥ୍ୟ ଅଧିକାରୀ ସାରଦା ପ୍ରସନ୍ନ ଜେନାଙ୍କୁ ବିଭିନ୍ନ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ।

### ରାସ୍ତାକଡରୁ ମୃତଦେହ ଜବତ

ରାଉରକେଲା ଅଫିସ,୮।୨

ରାଉରକେଲା ପ୍ଲାଣ୍ଟସାଇଟ ପୋଲିସ ରେଳ ଷ୍ଟେଶନ ନିକଟ ଅମରଭବନ ନିକଟ ରାସ୍ତାକଡରୁ ଜଣେ ବ୍ୟକ୍ତି ମୃତଦେହ ଜବତ କରିଛି। ପୋଲିସ ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ରଖି ଘଟଣାର ତଦନ୍ତ ଚଳାଇଛି । ମୃତଙ୍କ ପରିଚୟ ମିଳିନାହିଁ। ଏନେଇ ଥାନାରେ ଏକ ମାମଲା(୩/୨୨)ରୁଜୁ ହୋଇଛି।

# ବିଶ୍ରା ଛକରେ ସିଟୁ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ, ୮।୨

ରାଉରକେଲା ବିଶ୍ରା ଛକରେ ବୁଧବାର ସକାଳ ୮ଟାରେ ସିଟୁ ତରଫରୁ ରାଉରକେଲା ଷ୍ଟିଲ ଏମ୍ପ୍ଲୋୟେଜ୍ ଟ୍ରେଡ୍ ୟୁନିୟନ ଏବଂ ରାଉରକେଲା କଂଟ୍ରାକ୍ଟର ୱାର୍କସ ୟୁନିୟନ ରାଉରକେଲା ଇସ୍ପାତ କାରଖାନା ବିଶ୍ରା ଛକ୍ ମୁଖ୍ୟ ଫାଟକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇସ୍ପାତ ଶ୍ରମିକଙ୍କ ସହିତ ଠିକା ଶ୍ରମିକଙ୍କର ଏନ୍‌ଜେସିଏସ୍‌ରେ ତୁରନ୍ତ ଚୁକ୍ତିନାମା ସ୍ୱାକ୍ଷରିତ ଦାବି ସହ ବିଭିନ୍ନ ଦାବି ପୂରଣ ନେଇ ବୁଧବାର ବିକ୍ଷୋଭ ହୋଇଥିଲା। ଏହି ବିକ୍ଷୋଭରେ ଷ୍ଟିଲ ଏମ୍ପ୍ଲୋୟେଜ ଟ୍ରେଡ୍ ୟୁନିୟନ ସାଧାରଣ ସମ୍ପାଦକ ବସନ୍ତ ନାୟକ, ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ବିମାନ ମାଇତି, ଉପସଭାପତି ଶ୍ରୀମନ୍ତ ବେହେରା, ସମ୍ପାଦକ ବିପି ମହାପାତ୍ରଙ୍କ ସମେତ ପ୍ଲାଣ୍ଟରେ କାମ କରୁଥିବା ଠିକା ଶ୍ରମିକମାନେ ସମ୍ମିଳିତ ରହିଥିଲେ ।




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନକଲି ମଦ ଜବତ, ଜଣେ ଗିରଫ

- ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରୁ ମଦ ଆଣୁଥିଲେ
- ବିଭିନ୍ନ କମ୍ପାନୀର ଲୋଗୋ ଓ ଲେବୁଲ ଲଗାଇ ବିକ୍ରି କରୁଥିଲେ

ରାଉରକେଲା ଅଫିସ,୮।୨

ରାଉରକେଲା ଅବକାରୀ ପୋଲିସ ବିଶ୍ରା ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣରେ ନକଲି ମଦ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଲୁଣ୍ଡରା ଗ୍ରାମର ଲକ୍ଷ୍ମଣ ମୁଣ୍ଡାରୀ(୬୨)। ଏନେଇ (୩୨୦/୨୩)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଲକ୍ଷ୍ମଣ ଝାରଖଣ୍ଡ ସୀମାନ୍ତ ଅଞ୍ଚଳରୁ ନକଲି ମଦ ଆଣି ସେଥିରେ ବିଭିନ୍ନ କମ୍ପାନୀର ଲୋଗୋ ଓ ଲେବୁଲ ଲଗାଇ ରାଉରକେଲା ତଥା ଆଖପାଖ ଅଞ୍ଚଳରେ ଚଢା ଦାମରେ ବିକ୍ରି କରୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ବୁଧବାର ସକାଳେ ଚଢାଉ କରିଥିଲା। ଏହି ଚଢାଉ ସମୟରେ ପୋଲିସ ୫୪୭ଲି.୮୯୦ ମି.ଲି ନକଲି ମଦ, ୧୪୦ ନକଲି ମଦ ବୋତଲ ଠିପି, ୧୪୦ଟି ଲେବୁଲ ସହ ୩୩୦ଟି ବିଭିନ୍ନ କମ୍ପାନୀର ମଦ ଷ୍ଟିକରକୁ ଜବତ କରିଥିଲା। ଜବତ ସମସ୍ତ ମଦର ଆନୁମାନିକ ମଲ୍ୟ ୩ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକ ସୂଚନା ଦେଇଛନ୍ତି।



ଜବତ ନକଲି ମଦ ସହ ଅବକାରୀ ଅଧିକାରୀ ଓ ଅଭିଯୁକ୍ତ।

# ବାଳକରେ କାନ୍ତା, ବାଳିକାରେ କବିତା ଚାମ୍ପିୟନ

## ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ

ଦେବଗଡ଼, ୮।୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ତିଲେଇବଣି ବ୍ଲକ କଂସରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ବାଳକ ବର୍ଗରେ କାନ୍ତା ହାସା ଓ ବାଳିକା ବର୍ଗରେ କବିତା ଡାଙ୍ଗ ଚାମ୍ପିୟନ ହୋଇଥିଲେ। ଅପରାହ୍ନରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନବୀନ କୁମାର ନନ୍ଦଙ୍କ ପରିଚାଳନା ଓ ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅନିଭା ନାୟକ ଯୋଗଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ, ରୋହିତ କୁମାର ସାହୁ, ସୁଧିର କୁମାର ପ୍ରଧାନ, ମିଲନ ସାହୁ, ଉଦ୍ଧବ ପ୍ରଧାନ, ତପନ କୁମାର ପ୍ରଧାନ, ଗୌରାଙ୍ଗ ବିଶ୍ୱାଳ, ଶିକ୍ଷୟିତ୍ରୀ ମଥୁରା ବେହେରା, ଜୟଶ୍ରୀ ଦେବତା, ସ୍ମିତାରେଖା ଦାସ, ସୁନୀତା ଧଳ, କମଳାପତି ସାହୁ, ଅଶୋକ କୁମାର ଦାସ, ସଦାନନ୍ଦ ଜେନା ଓ ଭିକାରୀ ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

### ବିବିଧ ରେକର୍ଡ ସହିତ ଆରଏସ୍‌ପି(ସେଲ)ର କ୍ୟାଲେଣ୍ଡର ବର୍ଷ ହେଲା ଶୁଭାରମ୍ଭ

ରାଉରକେଲା ଅଫିସ,୮।୨

ରାଉରକେଲା ଇସ୍ପାତ କାରଖାନା ହେଉଛି ମହାରତ୍ନ କମ୍ପାନୀ ସେଲର ଏକ ସର୍ବୋଚ୍ଚ ଅନ୍ୟତମ ୟୁନିଟ୍ । ତେବେ ଆର୍‌ଏସପି (ସେଲ) ବିବିଧ ରେକର୍ଡ ସହିତ ୨୦୨୩ କ୍ୟାଲେଣ୍ଡର ବର୍ଷ ଇତି ମଧ୍ୟରେ ଶୁଭାରମ୍ଭ ହୋଇଯାଇଛି। ବିଗତ ୨୦୨୨-୨୩ ଆର୍ଥିକ ବର୍ଷର ୧୦ ମାସ ଅବଧିରେ ଉତ୍ତପ୍ତ ଧାତୁ କ୍ଷେତ୍ରରେ ୩୫୮୮୨୮୯ ଟନ୍, ଅଶୋଧିତ ଇସ୍ପାତ ଧାତୁ କ୍ଷେତ୍ରରେ ୩୩୭୫୮୦୬ ଟନ୍ ଓ ବିକ୍ରି ଯୋଗ୍ୟ ଇସ୍ପାତ୍ ଉତ୍ପାଦ କ୍ଷେତ୍ରରେ ୩୧୩୧୮୫୫ଟନ୍ ବିକ୍ରି ଉତ୍ପାଦ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଏପ୍ରିଲ-ଜାନୁୟାରୀ ପ୍ରଦର୍ଶନ ରେକର୍ଡ କରିଛି ଆର୍‌ଏସପି(ସେଲ) । ତେବେ ଆର୍‌ଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆରଏମ୍‌ସି ସର୍ବ ସମୁହଙ୍କୁ ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ଅବଧିମାନଙ୍କେ ଜାରି ରହିଥିବାର ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ଯଦ୍ୱାରା ଚଳିତ ଅର୍ଥିକ କ୍ୟାଲେଣ୍ଡର ବର୍ଷର ଶୁଭାରମ୍ଭ ଓ ପରିସମାପ୍ତି ରେକର୍ଡ ରୁପ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ଦିଗଦର୍ଶନ ଦେଇଛନ୍ତି।

# ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା ପ୍ରଦାନ

ଦେବଗଡ, ୮।୧(ଡି.ଏନ.ଏ.)

ଦେବଗଡ ଜିଲା ତିଲେଇବଣି ବ୍ଲକ ବାବୁରିକାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବାବୁଲାଲ ମାଝି(୫୨)ଙ୍କ ପରଲୋକ ହୋଇଯାଇଛି। ଏକଦଶାହ ଅବସରରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ପ୍ରତିନିଧି ଦଳ ଏବିଇଓ ନାରାୟଣ ସିଂ ସାମାଡ଼ଙ୍କ ନେତୃତ୍ୱରେ ସ୍ୱର୍ଗତ ଶିକ୍ଷକଙ୍କ ଗ୍ରାମ ବମ୍ପରଡାକୁ ଯାଇ ତାଙ୍କର ପତ୍ନୀ ଦମୟନ୍ତୀ ମାଝିଙ୍କୁ ୨୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ସିଆରସିସି ଅଞ୍ଜନ ପ୍ରଧାନ, ଅଶୋକ ସାହୁ, ଦୁଷ୍ମନ୍ତ ସାମଲ ଓ ଶିକ୍ଷକ ଗୋବିନ୍ଦ ନାଏକ ଉପସ୍ଥିତ ଥିଲେ। ପ୍ରକାଶଥାଉକି ବିଭିନ୍ନ ରୋଗରେ ପୀଡିତ ମାଝିଙ୍କର ଜାନୁଆରୀ ୨୭ ତାରିଖରେ ପରଲୋକ ଘଟିଥିଲା।

# ଦେବଗଡ଼ରେ ଇଏସ୍‌ଆଇସିର ଶାଖା ଶୁଭାରମ୍ଭ

ଦେବଗଡ଼, ୮।୨(ଡି.ଏନ୍.ଏ.)

ଦେବଗଡ଼ ଜିଲାରେ ଭାରତ ସରକାରଙ୍କ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟର ଇଏସଆଇସି ବିଭାଗର ଶାଖା ସ୍ଥାନୀୟ ଗୋପାଳଜୀ ମନ୍ଦିର ସମ୍ମୁଖରେ ଶୁଭାରମ୍ଭ ହୋଇଯାଇଛି। ଦେବଗଡ଼ ଜିଲାର ସମସ୍ତ ପଞ୍ଜୀକୃତ ପ୍ରତିଷ୍ଠାନର କର୍ମଚାରୀମାନେ ସାମାଜିକ ସୁରକ୍ଷାର ଲାଭାର୍ଥୀ ହୋଇପାରିବେ। ଏହି ଶାଖା ଶୁଭାରମ୍ଭ ବିଭାଗର ଓଡିଶା କ୍ଷେତ୍ରର କ୍ଷେତ୍ରୀୟ ନିର୍ଦ୍ଦେଶକ ପାର୍ଥ ସାରଥି ପଣ୍ଡାଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗର ସହାୟକ ନିର୍ଦ୍ଦେଶକ ବିଶ୍ୱମୋହନ ପାଣିଗ୍ରାହୀ, ଶାଖା ପ୍ରମୁଖ ରୋହିତ ରାଠୋର, ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଜିଲାର ଅନେକ ପ୍ରତିଷ୍ଠାନର ନିଯୁକ୍ତ ଏବଂ କାର୍ଯ୍ୟରତ କର୍ମଚାରୀମାନଙ୍କୁ ପଣ୍ଡା ଇଏସଆଇସିର ବିଭିନ୍ନ ଲାଭଦାୟୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଆଗାମୀ ଦିନରେ ଜିଲାରେ ଥିବା ପ୍ରତିଷ୍ଠାନର ପଞ୍ଜୀକୃତ କର୍ମଚାରୀମାନେ ଇଏସଆଇସିର ଯୋଜନାରେ ଲାଭାର୍ଥୀ ହୋଇ ପାରିବେ।




ଇଏସଆଇସିର ଶାଖା ଶୁଭାରମ୍ଭରେ ଉପସ୍ଥିତ ଅଧିକାରୀ।

# ଦେବଗଡ଼ ରାଇଜିଂ ଷ୍ଟାର୍ ବିଜୟୀ




କ୍ରିକେଟ ଟୁର୍ନାମେଣ୍ଟର ଅତିଥିଙ୍କ ସହ ଖେଳାଳି।

## ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଦେବଗଡ଼,୮।୨(ଡି.ଏନ୍.ଏ.)

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧି ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଚତୁର୍ଥ ଦିନ ମ୍ୟାଚରେ ଦେବଗଡ଼ ରାଇଜିଂ ଷ୍ଟାର୍ ବିଜୟୀ ହୋଇଛି। ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ବନାମ ରାଇଜିଂ ଷ୍ଟାର୍ ଦେବଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟାର୍ ଦେବଗଡ଼ ଦଳ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦଳକୁ ୭ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମେ ରାଇଜିଂ ଦଳ ଟସ୍ ଜିତି ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଡିଷ୍ଟ୍ରିକ୍ଟ କ୍ରିକେଟ କ୍ଲବ ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୪୦ ଓଭର୍‌ରୁ ୨୧.୩ ଓଭର୍‌ରେ ୮ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରାଇଜିଂ ଦଳ ୨୨.୩ ଓଭରରେ ୩ ଉଇକେଟ ହରାଇ ୧୨୩ ରନ୍ କରି ବିଜୟୀ ହୋଇଥିଲା। ମ୍ୟାଚରେ ରାଇଜିଂ ଦଳର ଅନୁରାଗ ପ୍ରିୟଦର୍ଶୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳରେ ଦିଲ୍ଲୁ ଦସଭାୟା ଓ ଗୁରୁଦୀପ ସିଂହ ଅମ୍ପାୟାର ରହିଥିବାବେଳେ, ରୋମି ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରିକେଟ ସଂଘର ସମ୍ପାଦକ ସୁଜିତ ପ୍ରଧାନ (ଟିକିନା), ପ୍ରବୀଣ କୁମାର ଆଚାର୍ଯ୍ୟ, ରାଘବ ମହାରଣା, ଅଞ୍ଜନ ପ୍ରଧାନ, ବେଣୁଧର ଗଡନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ।

## ପାଇପ ବିଛା ପାଇଁ ଖୋଳାଯାଇଥିବା ନାଳରେ ପଡ଼ିଲା ବଳଦ

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହକୁମାର ବଜାରପଡାରୁ ମୁରିବାହାଲ ବସ୍ତି ପର୍ଯ୍ୟନ୍ତ ପାଇପ ବିଛା ପାଇଁ ଖୋଳା ଯାଇଥିବା ନାଳରେ ବୁଧବାର ବଳଦ ପଡିଯାଇଥିଲା। ଉକ୍ତ ମୁରିବାହାଲ ଅଗ୍ନିଶମ ବିଭାଗ କର୍ମଚାରୀ ନାଳରୁ ବଳଦକୁ ଉଦ୍ଧାର କରିଥିଲେ। ଉକ୍ତ ନାଳରେ ପ୍ରତେକ ଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ସଂକ୍ଷେପରେ

### ଇଟାଭାଟିରେ ଦାଦନ ଶ୍ରମିକ ନିର୍ଯାତିତ

**ଲୋଇସିଂହା,୮।୨(ଡି.ଏନ.ଏ):** ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ବାହାର ରାଜ୍ୟରେ ନିର୍ଯାତିତ ଖବର ଅନେକ ସମୟରେ ଶୁଣିବାକୁ ମିଳିଥାଏ । ହେଲେ ପଡୋଶୀ ବରଗଡ ଜିଲାର ଏକ ଦାଦନ ପରିବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ଏକ ଇଟାଭାଟିରେ ନିର୍ଯାତିତ ହେଉଥିବା ନେଇ ବୁଧବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକାରୀ ଦୁଇଜଣଙ୍କ ମଧରେ ଜଣେ ନାବାଳକ ରହିଛନ୍ତି। ଇଟାଭାଟି ମାଲିକ ଠିକ୍‌ଭାବେ ଖାଇବା ବାବଦ ଟଙ୍କା ଦେଉନାହାନ୍ତି। ଘରକୁ ବି ଛାଡୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବରଗଡ ଜିଲା ଝାରବନ୍ଧ ବ୍ଲକ ସଦର ଗ୍ରାମର ଅମରଦାସ ସତନାମୀ(୨୨), ତାଙ୍କ ସ୍ତ୍ରୀ ତୁଳସୀବାଇ ସତନାମୀ, ମା' ସାନି ସତନାମୀଙ୍କ ସହ ଜଣେ ନାବାଳକ ଓ ଶିଶୁ ଗତ ୧୫ ଜାନୁୟାରୀରୁ ଇଟାଭାଟିରେ ଅଛନ୍ତି। ସେମାନେ ୨୦ହଜାର ଇଟା ଗଢି ସାରିଲେଣି। ଭାଟି ମାଲିକ ଅଗ୍ରୀମ ବାବଦକୁ ୧୦ ହଜାର ଟଙ୍କା ଦେଇଥିଲେ। ଇତିମଧରେ ଉକ୍ତ ଟଙ୍କା ସରି ଗଲାଣି । ଚଳଣି ପାଇଁ ଟଙ୍କା ମାଗିଲେ ଇଟାଭାଟି ମାଲିକ ଦେଉ ନ ଥିବାରୁ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅମରଦାସ ସତନାମ ଅଭିଯୋଗ କରିଛନ୍ତି। ଘରକୁ ଛାଡି ଦେବାକୁ କହିଲେ ମାଲିକ ଓଲଟି ଧମକଚମକ ଦେଉଥିବାରୁ ସେମାନେ ଭୟଭୀତ ହୋଇ ପଡିଥିବା ଅମର ଏବଂ ନାବାଳକ ତିଲକରାମ ଏସଆଇ ଅଭିନାଷ ନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ବୃତ୍ତି ପାଇଲେ ତଲିପଡ଼ା ପ୍ରାଥମିକ ବିଦ୍ୟାଳୟର ୩ ବିଦ୍ୟାର୍ଥୀ

**ଲୋଇସିଂହା,୮।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତୃତୀୟ ଓ ପଞ୍ଚମ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବୁର୍ଡାର ତଲିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ୩ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ତୃତୀୟ ଶ୍ରେଣୀର ଛାତ୍ର ଅଭିଲାଷ ଚିନ୍ଦା, ପଞ୍ଚମ ଶ୍ରେଣୀର ଅଦର୍ଶୀ ସାହୁ ଓ ସୃତିକା ସାହୁ ବୃତ୍ତି ପାଇଛନ୍ତି। ୩ ବିଦ୍ୟାର୍ଥୀଙ୍କ ସଫଳତା ନେଇ ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ମଲ୍ଲିକ ଓ ସହକାରୀ ଶିକ୍ଷକ ମୁରାସିଂ କୁଅଁର ଖୁସିବ୍ୟକ୍ତ କରିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚର ସ୍ୱାସ୍ଥ୍ୟ ପରୀକ୍ଷା

**ବଲାଙ୍ଗୀର ଅଫିସ, ୮।୨:** ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଉଟଡୋର କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଜଣ ବରିଷ୍ଠ ନାଗରିକ ମଞ୍ଚ ସଭ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତ ଥିଲେ। ଡକ୍ଟର ଓ ପାରା ମେଡିକାଲ ଷ୍ଟାଫ୍ ସହଯୋଗ କରିଥିଲେ। ଶିବିରରେ ପ୍ରଭାକର ମିଶ୍ର ସଭାପତି, ମନୋରଞ୍ଜନ ମିଶ୍ର ସାଧାରଣ ସମ୍ପାଦକ, ନରେନ୍ଦ୍ର କବାଟ କୋଷାଧ୍ୟକ୍ଷ, ସଙ୍ଗଠନ ସମ୍ପାଦକ ବିନୟ କୁମାର ମିଶ୍ର, ଅତିରିକ୍ତ ସାଧାରଣ ସମ୍ପାଦକ ସୁନିଲ ବିଶ୍ୱାଳ, ଉପଦେଷ୍ଟା ଡ. ପ୍ରମୋଦ ମିଶ୍ର ଉପସ୍ଥିତ ଥିଲେ।

### ନାଗରିକ କମିଟି ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ, ୮।୨:** ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ହଲ୍ ଠାରେ ବଲାଙ୍ଗୀର ନାଗରିକ କମିଟିର ମାସିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରିଷଦର ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ପୂର୍ବ ବିବରଣୀ ପାଠ କରିବା ସହ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପ୍ରଥମେ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାଶଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବଲାଙ୍ଗୀର ଜିଲାରେ ଉପୁଜୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି, ମୁଖ୍ୟ ଡାକ୍ତରଖାନାର ଆବର୍ଜନାକୁ ବର୍ଜ୍ୟବସ୍ତୁ ସୁପରିଚାଳନା ବ୍ୟବସ୍ଥା କରିବା, ମହିଳା ମହାବିଦ୍ୟାଳୟରେ ସୌନ୍ଦର୍ଯ୍ୟକରଣ ନାଁରେ ରାସ୍ତା ଅବରୋଧ ଯୋଗୁଁ ବିଶୃଙ୍ଖଳା ହେବାର ଆଶଙ୍କା ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଜୟରାମ ମିଶ୍ର, ଗୋପଭୂଷଣ ନାଥ, ଦିବାକର ହୋତା, ଆର୍ତ୍ତତ୍ରାଣ ମିଶ୍ର, ଗଜେନ୍ଦ୍ର ତ୍ରିଭୁବନ ଦାସ ଭ୍ରମର, ପର୍ଶୁରାମ ନାୟକ, ବିଶ୍ୱନାଥ ତ୍ରିପାଠୀ, ସଲିମ ଖାଁ, ଦୁର୍ଗାପ୍ରସନ୍ନ ଛୁରିଆ, ଅଶୋକ ମିଶ୍ର, ଗୋପବନ୍ଧୁ ପୁରୋହିତ ଅଂଶଗ୍ରହଣ କରିଥିଲେ । ସଂଘ ଉପସଭାପତି ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# 'ବିକଳ୍ପ ଘର ନ ହେଲେ ଉଠିବୁ ନାହିଁ'


ତୁଳସୀନଗର ଠାରେ ଉଚ୍ଛେଦ କରିବାକୁ ଯାଇଥିବା ଟିମ୍ ଫେରି ଆସୁଛନ୍ତି।

**ବଲାଙ୍ଗୀର ଅଫିସ, ୮।୨**

- ତୁଳସୀନଗରରେ ଜବରଦଖଲ ଉଚ୍ଛେଦ ହେଲାନି
- ଫେରିଲା ପ୍ରଶାସନ, ପୋଲିସ

ବଲାଙ୍ଗୀର ମହାରାଣୀ ସାଗର ଜଳାଶୟ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପାଇଁ ୨୨ କୋଟି ଟଙ୍କା ଅନୁଦାନ ଆସି ପଡିରହିଛି। ଜବରଦଖଲ ସମସ୍ୟା ଯୋଗୁଁ ଏହି ପ୍ରକଳ୍ପ ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବନ୍ଦ ହୋଇ ପଡିରହିଛି। ଜବରଦଖଲକୁ ନେଇ ଦବରଦଖଲକାରୀ, ମ୍ୟୁନିସିପାଲିଟି ଏବଂ ପ୍ରଶାସନ ଏବଂ ପୋଲିସ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ଫଳରେ ଏହି ପ୍ରକଳ୍ପ ଟଙ୍କା ଥାଇ ମଧ କାମ ହୋଇପାରୁନାହିଁ। ତୁଳସୀନଗର ମହାରାଣୀ ସାଗର ପଟେ ଥିବା ଜବରଦଖଲ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ଟିମ୍ ବୁଧବାର ପୂର୍ବାହ୍ନ ୧୦ଟାରେ ତୁଳସୀନଗରରେ ପହଞ୍ଚିଥିଲେ। ଉପଜିଲାପାଳ କୁମାର ନାଗଭୂଷଣ, ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ପୋଲିସ ଏସ୍‌ଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ ପୋଲିସ ଫୋର୍ସ, ମ୍ୟୁନିସିପାଲିଟି ଟିମ୍ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିଲେ। ଲୋକେ ପୁରୁଣା ପ୍ରଶ୍ନ ପଚାରିଥିଲେ। ବିକଳ୍ପ ଘର ସୁବିଧା ନ କରି ପୁଣି କାହିଁକି ଉଚ୍ଛେଦ ପାଇଁ ଆସିଛ ବୋଲି ପ୍ରଶ୍ନ କରିଥିଲେ। ବିକଳ୍ପ ଘର ତିଆରି ନହେଲେ ସେମାନେ କୌଣସି ପରିସ୍ଥିତିରେ ସେଠାରୁ ଉଠିବେ ନାହିଁ ବୋଲି କହିଥିଲେ। ଅପରାହ୍ଣ ପ୍ରାୟ ୩ଟାରେ ପୌରାଧ୍ୟକ୍ଷା ଲିକା ସାହୁ ଘଟଣାସ୍ଥଳକୁ ଆସି ଲୋକଙ୍କ ପାଇଁ ଘର ତିଆରି ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଉଚ୍ଛେଦ କରାଯିବ ନାହିଁ ବୋଲି କହିବାରୁ ତହସିଲଦାର, ଏସ୍‌ଡିପିଓ ପୋଲିସ ଫୋର୍ସ, ପ୍ରଶାସନିକ ଟିମ୍ ସେଠାରୁ ଫେରିଆସିଥିଲେ। ଇନ୍ଦିରାନଗର, ଇଚ୍ଛାପଡା ଏବଂ ତୁଳସୀନଗର ଉଚ୍ଛେଦ କରିବାକୁ ଯାଇ ପ୍ରଶାସନ ବାରମ୍ବାର ଫେରି ଆସୁଥିବାବେଳେ ଲୋକେ ଆଗ ଥଇଥାନ ପରେ ଉଚ୍ଛେଦ କଥା କରୁଛନ୍ତି। ଆଉ କିଛି ଲୋକ କୌଣସି ପରିସ୍ଥିତିରେ ଉଚ୍ଛେଦ ଗ୍ରହଣୀୟ ନୁହେଁ ବୋଲି କହୁଛନ୍ତି। ମ୍ୟୁନିସିପାଲିଟି ପୌରାଧ୍ୟକ୍ଷା, କାଉନସିଲରମାନେ ଲୋକଙ୍କ ପକ୍ଷଧର ହୋଇ ପ୍ରଶାସନ ଏବଂ ପୋଲିସକୁ ବାରମ୍ବାର ଉଚ୍ଛେଦ କରିବା ସ୍ଥାନରୁ ଫେରାଉଛନ୍ତି। ଏଭଳି ସ୍ଥିତିରେ ମହାରାଣୀ ସାଗର ପ୍ରକଳ୍ପ, ନୂଆ ଜିଲାପାଳ କାର୍ଯ୍ୟାଳୟ ଏବଂ ଜିଲା କୋର୍ଟ କୋଠା ତିଆରିର ଭବିଷ୍ୟତକୁ ନେଇ ସନ୍ଦେହ ଦେଖାଦେଇଛି।

### ଚର୍ଚ୍ଚାରେ କଳିକେଶଙ୍କ ପ୍ରସ୍ତାବ, ସରକାରୀ ଚିଠି

ବଲାଙ୍ଗୀର ସହର ଇନ୍ଦିରାନଗର ଅଞ୍ଚଳରେ ଥିବା ସରକାରୀ ଜମିରେ ନୂଆ ସିଭିଲ କୋର୍ଟ ତିଆରି ପାଇଁ ପ୍ରସ୍ତାବ ରହିଛି। ଏଠାରେ ସରକାରୀ ଜବରଦଖଲ ଜମିରେ ଜନବସତି ରହିଛି। ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ଓ ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି। ଏଭଳି ସମୟରେ ଓଡିଶା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ରାଜ୍ୟ ସରକାରଙ୍କୁ ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ ନ କରିବାକୁ ଚିଠି ଲେଖିଛନ୍ତି। ଚିଠିରେ ସେ ଲେଖିଛନ୍ତି ଯେ, ଇନ୍ଦିରାନଗରର ଯେଉଁ ଅଞ୍ଚଳରେ ନୂଆ କୋର୍ଟ କୋଠା ତିଆରି କରାଯିବା ପ୍ରସ୍ତାବ ରହିଛି ସେଠାରେ ୯ ଶହ ପରିବାରର ପ୍ରାୟ ୬ ହଜାର ଲୋକ ଘରକରି ରହୁଛନ୍ତି। ନୂଆ ବସ ଟର୍ମିନାଲ ନିକଟ ଉକ୍ତ ବସ୍ତିରେ ଲୋକେ ହୋଲ୍ଡିଂ ଟ୍ୟାକ୍ସ, ବିଦ୍ୟୁତ୍ ବିଲ ଏବଂ ଜଳକର ଦେଉଛନ୍ତି। ସେଠାରେ ସରକାରୀ ସ୍କୁଲ ଓ ଅଙ୍ଗନୱାଡି ସେଣ୍ଟର ରହିଛି। ଏହି ସ୍ଥାନରୁ ଏତେ ବଡ ସଂଖ୍ୟକ ବସ୍ତି ଉଚ୍ଛେଦ କଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇପାରେ। ହାଉସିଂ ବୋର୍ଡ ଅଧ୍ୟକ୍ଷଙ୍କ ଏଭଳି ଚିଠି ପାଇବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଚିଠି କରିଛନ୍ତି। ଯଦି କୋର୍ଟ ବିଚାରପତି ବିକଳ୍ପ ଜବରଦଖଲ ମୁକ୍ତ ଜମି ଯୋଗାଇ ଦିଆଯିବ ତେବେ ସେଠାରେ ନୂଆ କୋର୍ଟ ତିଆରି ପାଇଁ ରାଜି ହୁଅନ୍ତି ତେବେ ତୁରନ୍ତ ଏଦିଗରେ ଯଥା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚିଠି ଏବେ ଇନ୍ଦିରାନଗର ଅଞ୍ଚଳରେ ଭାଇରାଲ ହେବା ପରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ପୂର୍ବରୁ ଏମ୍‌ପି ସଙ୍ଗୀତା କୁମାର ସିଂଦେଓ ମଧ ଏଭଳି ଏକ ଚିଠି ରାଜ୍ୟ ସରକାରଙ୍କୁ ଲେଖି ଉଚ୍ଛେଦ କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିଥିଲେ।

### ବିଶିଷ୍ଟ ସାରସ୍ୱତ ସାଧକ ଅଭୟ ଚରଣ ଚଲାନଙ୍କ ଜୟନ୍ତୀ

**ଖଡିଆଳ,୮।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ କାଶିପଲା ଗ୍ରାମଠାରେ ଓଡିଶାର ବିଶିଷ୍ଟ ସାରସ୍ୱତ ସାଧକ, ଦକ୍ଷ ସଙ୍ଗଠକ ସ୍ୱର୍ଗତ ଅଭୟ ଚରଣ ଚଲାନଙ୍କ ୮୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ମାଲକାନଗିରୀ ଜିଲା କୋଷାଗାର ଅଧିକାରୀ ସାର୍ଥକ କୁମାର ନାୟକ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବାରିକ, ଖଡିଆଳ ଏନଏସି ପ୍ରାକ୍ତନ ଅଧ୍ୟକ୍ଷ ନିମାଇଁ ଚରଣ ତାଣ୍ଡି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପଲାଗାୟକ ଅର୍ଜୁନ ଛାତ୍ରୀୟ ଯୋଗଦାନ କରି ସ୍ୱର୍ଗତ ଚଲାନଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଖଡିଆଳ ରାଜ ପରିବାର ପଞ୍ଚାୟତ ନୀଳ ଲୋହିତ ସିଂଦେଓ ଅଧ୍ୟକ୍ଷତା କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ ତଥା ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ସୁଶାନ୍ତ କୁମାର ବିଶି ସମ୍ପାଦକୀୟ ବିବରଣୀ ପାଠନ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ରାଜାଏଟି ହାଇସ୍କୁଲ ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇଜୀବୀ ବିଭୁଦତ୍ତ ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ଅଭୟ ଚରଣ ଚଲାନଙ୍କ ବଡପୁଅ ଅଧ୍ୟାପକ ଡ. ଶରତ ଚନ୍ଦ୍ର ଚଲାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କବି ଲବଣେଶ୍ୱର ବାରିକ, ମିନିକେତନ ବାରିକ, ଉପେନ୍ଦ୍ର ମହାଭତି, ଦୟାନିଧି ବାରିକ, ବିଶିଷ୍ଟ ପାଲାଗାୟକ କୁନାଲ ଚରଣ ବେହେରା ସମେତ ଶତାଧିକ ସାହିତ୍ୟ ପ୍ରେମୀ ଯୋଗଦେଇଥିଲେ।

# ଜନପ୍ରତିନିଧି ବିଡିଓଙ୍କୁ ଫେରାଦ



ଜନ ପ୍ରତିନିଧିମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ମୁରିବାହାଲ, ୮।୨(ଡି.ଏନ.ଏ.)**

- ଚଣାବାହାଲ ପଞ୍ଚାୟତ: ହିତାଧିକାରୀ ପାଉନାହାନ୍ତି ଭତ୍ତା ଟଙ୍କା
- ପିଇଓଙ୍କ ବିରୋଧରେ ଥାନାରେ ଏତଲା ଦେଲେ ସରପଞ୍ଚ
- କାର୍ଯ୍ୟାନୁଷ୍ଠାନ ହେବ କହିଲେ ବିଡିଓ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଣାବାହାଲ ଗ୍ରାମ ପଞ୍ଚାୟତର ୨୫ ହିତାଧିକାରୀଙ୍କୁ ୪ମାସର ଭତ୍ତା ଟଙ୍କା ଦିଆଯାଇନାହିଁ। ପଞ୍ଚାୟତ କାର୍ଯ୍ୟନିର୍ବାହ ଅଧିକାରୀ(ପିଇଓ)ଙ୍କୁ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଏହାକୁ ନେଇ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧିମାନେ ବୁଧବାର ସ୍ଥାନୀୟ ବିଡିଓ ଓ ଜିଲାପାଳଙ୍କ ନିକଟରେ ଲିଖିତ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ୨୦୨୩ଜାନୁୟାରୀ ୧୯ ତାରିଖରେ ୧୬୦ଜଣଙ୍କର ଭତ୍ତା ଉଠା ଯାଇଥିଲେ ମଧ ବଣ୍ଟନ କରାଯାଇନାହିଁ। ମନେ ସେମାନେ ପଞ୍ଚାୟତ ଅଫିସକୁ ଦୋଡି ନିରାଶ ହେବାକୁ ପଡୁଛି। ସରପଞ୍ଚଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି କହିଥିଲେ। ଏହିବିଷୟକୁନେଇ ଗତ ୭ ତାରିଖରେ ସରପଞ୍ଚ କୁନ୍ତୀ ମେହେରଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ପଦ୍ମା ଧୀବର, ସୁରେନ୍ଦ୍ର ଦୀପ, ମିନା କୁମ୍ଭର, ସସ୍ମିତା ମାଝି, ଗୋପୀନାଥ କର୍ମୀ, ଦୁର୍ଯ୍ୟୋଧନ ମାଝି, ବସନ୍ତି ନିଆଲ, ଦୁର୍ଯ୍ୟୋଧନ ହାତୀ, କନକ ଚନ୍ଦ ପ୍ରମୁଖ ଜିଲାପାଳ ଚଞ୍ଚଳ ରଣାଙ୍କୁ ଗତ ୭ ତାରିଖରେ ଓ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ବୁଧବାର ଫେରାଦ ହୋଇଛନ୍ତି। ଏ ନେଇ ପିଇଓ ମିଳନ ରାଜପାଲିଆଙ୍କୁ ପଚାରିବାରୁ ସରକାରୀ କାର୍ଯ୍ୟ ଯୋଗୁ ଭତ୍ତା ବଣ୍ଟନ କରିବାରେ ବିଳମ୍ୱ ହୋଇଛି। ଦୁଇଦିନ ମଧରେ ଭତ୍ତା ବଣ୍ଟନ କରାଯିବ। ଯେଉଁମାନଙ୍କର ପୂର୍ବରୁ ବି ବାକି ରହି ଯାଇଥିବା ସେମାନଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ବିଡ଼ିଓ ପୁଟେଲଙ୍କୁ ପଚାରିବାରୁ ଏ ନେଇ ଅଭିଯୋଗ ପାଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ ମୁରିବାହାଲ ଥାନାରେ ସରପଞ୍ଚ ପିଇଓଙ୍କ ବିରୋଧରେ ବୁଧବାର ଏତଲା ଦେଇଥିବା ଜଣାପଡିଛି।

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଗୋଲାମୁଣ୍ଡା,୮।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଗୋଲାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ଷଷ୍ଠତମ ବାର୍ଷିକ ଉତ୍ସବ ସମାପନ ହୋଇଯାଇଛି। ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ ଏବଂ ସୁବାଷ ଚନ୍ଦ୍ର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋଦାବରୀଶ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଶିଶୁ ମନ୍ଦିର ଗୁରୁଜୀ ଅଶିନୀ ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ପରିଚାଳନା ସମିତି ସମ୍ପାଦକ ଅନିଲ କୁମାର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମା ପ୍ରସାଦ କାଣ୍ଡ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦା ପରେ ପରିଚାଳନା ସମିତି ସଭାପତି ସୁରେନ୍ଦ୍ର କୁମାର ମୁଣ୍ଡ ଧନ୍ୟବାଦ ଦେଇଥିଲେ। କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### କାଗଜକଲମରେ ଜଳସେଚନ

**ଦେଓଗାଁ, ୮।୨(ଡି.ଏନ.ଏ.)**

**ବିଭାଗୀୟ ଅଧିକାରୀଙ୍କୁ ଘେରିଲେ ଗଭୀର ନଳକୂଅ ପାଇବାରୁ ବଞ୍ଚିତ ଚାଷୀ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଘାଟ ନିକଟସ୍ଥ ତେଲନଦୀରୁ ଅଞ୍ଚଳର ଚାଷଜମିକୁ ଜଳସେଚନ ହେଉଛି। ହେଲେ ଖଗସୀକନା ଗାଁର କିଛି ଅଞ୍ଚଳକୁ କେବଳ କାଗଜକଲମରେ ଜଳସେଚନ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ ଚାଷୀମାନେ ଗଭୀର ନଳକୂପ ପାଇବାରୁ ବଞ୍ଚିତ ରହିବା ଆଶଙ୍କାରେ ବୁଧବାର ମେଗା ଜଳସେଚନ ପ୍ରକଳ୍ପର ସୋନପୁର କାର୍ଯ୍ୟାଳୟର ଅଧିକାରୀଙ୍କୁ ଘେରିଥିଲେ। ଦାବି ପୂରଣ ନ ହେବା ଯାଏ ଛାଡିବୁ ନାହିଁ ବୋଲି ସମ୍ପୃକ୍ତ ଅଧିକାରୀଙ୍କୁ ଘେରିଥିଲେ। ଖବରପାଇ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଓ ତୁଷୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ସମ୍ପୃକ୍ତ ମେଗାଜଳସେଚନ ପ୍ରକଳ୍ପର ଅଧିକାରୀ ସମସ୍ୟାର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ ତେଲନଦୀରୁ ହେଉଥିବା ଜଳସେଚନ ଖଗସୀକନା ଗାଁର ପ୍ରାୟ ୭୦ ଏକର ଚାଷଜମିକୁ ଜଳସେଚନ ହୋଇପାରୁନାହିଁ । ଫଳରେ ଉକ୍ତ ଅଞ୍ଚଳର ଚାଷୀ ପାଣି ନ ପାଇ ଚାଷ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ବର୍ଷ ଗାଁର ୧୪ଜଣ ଚାଷୀ ଗଭୀର ନଳକୂପ ଖନନ ପାଇଁ ଓଏଲଆଇସି ବିଭାଗରେ ଆବେଦନ କରିଥିଲେ। ଏଥିସହ ୟୁନିୟନ ବ୍ୟାଙ୍କରେ ୨୦ହଜାର ଟଙ୍କା ଲେଖାଏ ଜମା କରିଥିଲେ। ତେବେ ଉକ୍ତ ଅଞ୍ଚଳକୁ ମେଗା ଜଳସେଚନ ପ୍ରକଳ୍ପ ପକ୍ଷରୁ ଜଳସେଚିତ ଦର୍ଶାଇ ଦେଇଥିବାରୁ ଗଭୀର ନଳକୂପ ଖନନ ସମ୍ଭବପର ନୁହଁ ବୋଲି ଓଏଲଆଇସି ପକ୍ଷରୁ କୁହାଯାଇଥିଲା। ମେଗା ଜଳସେଚନ ବିଭାଗ ଜଳସେଚନ ହେଉ ନ ଥିବା ପ୍ରମାଣପତ୍ର ଦେଲେ ଗଭୀର ନଳକୂପ ଖୋଳା ଯାଇପାରିବ ନାହିଁ ବୋଲି ସୂଚନା ଦେବାପରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଆଗକୁ ଏହି ସମସ୍ୟାର ସମାଧାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାପାଇଁ ବାଧହେବୁ ବୋଲି କହିଛନ୍ତି।

# ୧୨ବର୍ଷ ପରେ ଖୋଲିଲା ଅଙ୍ଗନୱାଡି କେନ୍ଦ୍ର

**ଗୁଡ଼ଭେଲା, ୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଚିଞ୍ଚୋଡ ପଞ୍ଚାୟତ ଅଧିନ ଲଖାରପଦର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ୧୨ବର୍ଷ ପରେ ବୁଧବାର ଖୋଲିଛି। ଏହି ଅବସରରେ ବିଡିଓ ଗୁରେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ରୁଷୁଡା ସରପଞ୍ଚ କୈଳାସ ଚନ୍ଦ୍ର ବେହେରା, ଚିଞ୍ଚୋଡ ପଞ୍ଚାୟତର ସରପଞ୍ଚ ଡୋଲାନ୍ତି ନାଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅଙ୍ଗନୱାଡି କେନ୍ଦ୍ରରୁ ଶିଶୁ, ଗର୍ଭବତୀ ମା'ମାନେ କିପରି ଲାଭବାନ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବା ଉପରେ ବକ୍ତାମାନେ କହିଥିଲେ। ସୂଚନାଯୋଗ୍ୟ ଯେ, ଅଙ୍ଗନୱାଡି କର୍ମୀଙ୍କ ପ୍ରତି ଅସନ୍ତୋଷ ଦର୍ଶାଇ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରକୁ ନିଜ ଶିଶୁଙ୍କୁ ଛାଡୁ ନ ଥିଲେ। ଏହା ସହିତ ଗର୍ଭବତୀ ମା'ମାନେ ମଧ ଅଙ୍ଗନୱାଡି କେନ୍ଦ୍ରକୁ ଯାଉ ନଥିବାରୁ ଏହା ବନ୍ଦ ରହିଥିଲା।


ମଞ୍ଚାସୀନ ଅତିଥିବୃନ୍ଦ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ସଇଁତଳା, ୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବୁଢ଼ାବାହାଲ ପଞ୍ଚାୟତ ଧୁମାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ବିରୋଧ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ବୁଧବାର ବିଦ୍ୟାଳୟରେ ସେମାନେ ତାଲା ତାଲା ପକାଇଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀଯାଏ ରହିଛି। ପାଞ୍ଚଟି ଶ୍ରେଣୀକୁ ଶିକ୍ଷାଦାନ ପାଇଁ ୩ଜଣ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ସୁଧାଂଶୁ ନାୟକ ସ୍କୁଲର ସମସ୍ତ କାମ କରୁଥିବାରୁ ଅନ୍ୟ ଦୁଇ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏପରିସ୍ଥଳେ ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ପୃଷ୍ଟିଙ୍କୁ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଆଁରଗାଁକୁ ବଦଳି କରାଯାଇଛି। ଏହା ଜଣା ପଡ଼ିବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବଦଳି ବାତିଲ କରିବାକୁ ଦାବି କରିଥିଲେ। ହେଲେ ବ୍ଲକ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ସେମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିବା କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷକ ଭିନ୍ନକ୍ଷମ ହୋଇଥିବାବେଳେ ଅନ୍ୟ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏଥିଯୋଗୁ ଶିକ୍ଷାଦାନରେ ବାଧା ଉପୁଜିବ ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର ନାଗ କହିଛନ୍ତି। ଦୀର୍ଘ ୨ଘଣ୍ଟାର ଧାରଣା ପରେ ସିଆରସିସି ଲକ୍ଷରାଜ ମେହେର ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ କୁହାଯିବ ବୋଲି ଅଭିଭାବକ ଓ ଗ୍ରାମବାସୀଙ୍କୁ କହିବା ପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲା।


ତାଲା ପଡ଼ିଥିବା ଯୋଗୁଁ ଛାତ୍ରୀଛାତ୍ର ବିଦ୍ୟାଳୟ ବାହାରେ ବସିଛନ୍ତି।

**ଶିକ୍ଷକଙ୍କ ବଦଳି ବାତିଲ ଦାବି**

# ଜଳର ସୁଷମ ବଣ୍ଟନକୁ ଗୁରୁତ୍ୱ

ବରଗଡ଼ ଅଫିସ୍, ୮।୨

ବରଗଡ଼ କେନାଲ କଲୋନୀ ପରିସରରେ ଥିବା ପାଣି ପଞ୍ଚାୟତ ଭବନରେ ବୁଧବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ ପାଳିତ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ବୁର୍ଲା କେନାଲ ମଣ୍ଡଳର ମୁଖ୍ୟଯନ୍ତ୍ରୀ ସରୋଜକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ।

ପାଣିର ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟଅତିଥି ଆଚାର୍ଯ୍ୟ ଡ୍ରିପ୍ ପଦ୍ଧତିରେ ଅଣଧାନ ଚାଷ କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଚାଷୀଙ୍କୁ


ଜିଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜିଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ**

ଜୈବିକ ଚାଷ ଉପରେ ପ୍ରାଧାନ୍ୟ ଦେବା ସହିତ ତଳ ଅଞ୍ଚଳରେ ଜଳର ସୁଷମ ବଣ୍ଟନ ଯେଭଳି ଠିକ୍‌ଭାବେ ହୋଇ ପାରିବ ସେ ଉପରେ ଜିଲାପାଳ ବାନାର୍ଜୀ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଚାଷୀ ଅଜିତ ସାହୁ, ଜଗଦାନନ୍ଦ ମିଶ୍ର ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ପ୍ରତିନିଧି, ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପିକା ସଂଘମିତ୍ରା ମିଶ୍ର ସଭା ସଂଯୋଜନା କରିଥିଲେ। ବରଗଡ଼ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶହେ ଦିନରେ ପହଞ୍ଚିଲା କୃଷକ ସଙ୍ଗଠନ ଧାରଣା

ପଦ୍ମପୁର ୮।୨ (ଡି.ଏନ.ଏ.)

ବରଗଡ଼ ଜିଲା ରାଜ ବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଉପ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଶହେ ଦିନରେ ପହଞ୍ଚିଛି। ଇନପୁଟ ସବ୍‌ସିଡି, ଫସଲ ବୀମା, ବିଦ୍ୟୁତ୍ ବିଲ ସମ୍ପର୍କରେ ଚାଷୀମାନେ ଧାରଣାରତ ଅଛନ୍ତି। ଶଷହ ଦିନ ପୂରଣ ପରେ ଚାଷୀମାନେ ରଣନୀତତରେ ପରିବର୍ତ୍ତନ କରିଛନ୍ତି। ବୁଧବାର ପଦ୍ମପୁର ଗୋରୁ ବଜାରରେ କୃଷକ ସଙ୍ଗଠନ ଆବାହକ ଅଶୋକ ସାହୁଙ୍କ ସଭାପତିତ୍ୱରେ ଚାଷୀମାନେ ଚାଷ ଓ ଚାଷୀ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଇନପୁଟ ସବସିଡି ୭୨ହଜାର ହେକ୍ଟରରୁ ଏକ ଲକ୍ଷ ହେକ୍ଟର ବୃଦ୍ଧି କରିବାକୁ ସରକାର ସବୁଜ ସଙ୍କେତ ଦେଇଛନ୍ତି। ସମସ୍ତ ଧାନ ବିକ୍ରି କରିବା ସମ୍ଭାବନା ରହିଛି। ବୀମା ସମ୍ପର୍କରେ ମଧ୍ୟ ସରକାର କୋହଳ ମନୋବୃତ୍ତି ନେଇଛନ୍ତି। ଏହି ପରିସ୍ଥିତିରେ କୁସୁମ ଯୋଜନାକୁ ପଦ୍ମପୁର ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ ସଂପୃକ୍ତ ସଂସ୍ଥାକୁ ଆମନ୍ତ୍ରଣ କରି ଆଲୋଚନା କରିବାକୁ ମତ ପ୍ରକାଶ ପାଇଥିଲା। ଇନପୁଟ ସବସିଡି, ବୀମା ପ୍ରଦାନ, ଧାନ ବିକ୍ରିରେ ସରକାର ଚଞ୍ଚକତା କଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାରେ ଚାଷୀନେତା ରମେଶ ମହାପାତ୍ର, ଉପଦେଷ୍ଟା ଅଜିତ ଶତପଥୀ, ରୋହିତ ପ୍ରଧାନ,କୈଳାସ ବାରିକ,ପଂଚାନନ ସାହୁ,ଅରବିନ୍ଦ ପଣ୍ଡା,ସାମନ୍ତ ସାହୁ, ଅରକ୍ଷିତ ପ୍ରଧାନ, ଭଗବାନ ପ୍ରଧାନ, ତୁଳାରାମ ବେହେରା, ସୁଦାମ ଦାସ, ଚିତ୍ତ ପାଣ୍ଡେ, ଶେଷଦେବ ନାୟକ,କିଶୋର ଦାସ, ବୀରେନ୍ଦ୍ର ପ୍ରଧାନ, ସଫେଦ ବାରିକ, ଅମୃତଲାଲ ସାହୁ, କାହ୍ନୁ ମେହେର, ଶୁକଦେବ ମେହେର ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ୧୩ରେ ଦାବିପତ୍ର ପ୍ରଦାନ କରିବେ ଚିଟ୍‌ଫଣ୍ଡ ଜମାକାରୀ

ପଦ୍ମପୁର, ୮।୨(ଡି.ଏନ.ଏ.): କେନ୍ଦ୍ରୀୟ ମିଳିତ ମଞ୍ଚ ଆହ୍ୱାନକ୍ରମେ କେନ୍ଦ୍ରୀୟ ମିଳିତ ମଞ୍ଚ ସଭ୍ୟ ତଥା କୃଷକ ନେତା ରମେଶ ମହାପାତ୍ରଙ୍କ ନେତୃତ୍ୱରେ ବରଗଡ଼ ଜିଲା ଓ ରାଜ ବୋଡ଼ାସମ୍ବର ବ୍ଲକ ମିଳିତ ମଞ୍ଚ ପକ୍ଷରୁ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଫେବୃୟାରୀ ୧୩ରେ ବରଗଡ଼ ତହସିଲ ଓ ଜିଲାପାଳଙ୍କୁ ଚିଟ୍‌ଫଣ୍ଡ ଜମାକାରୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯିବ। ବୈଠକରେ ଜିଲା ସଂଯୋଜକ ସୁଶାନ୍ତ ମହାପାତ୍ର, ବ୍ଲକ ସଭାପତି ଦେବରାଜ ବେହେରା, ଲିଙ୍ଗରାଜ ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ସୁବାସ ମେହେର, ଇନ୍ଦ୍ରମଣି ଦୁବେ, ଡୋଳାମଣି ସାହା, ଡୋଳାମଣି ସାହୁ, ନରୋତ୍ତମ ବାରିକ,ସୌକିଲାଲ କୁମ୍ଭାର, ଜୀବର୍ଦ୍ଧନ ସାହୁ ଏବଂ ସାଇ ପ୍ରକାଶ, ସାଇ ପ୍ରସାଦ ଓ ବିଭିନ୍ନ କମ୍ପାନୀର ଜମାକାରୀ ଉପସ୍ଥିତ ଥିଲେ।

### ଜମରତଲା ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ପଦ୍ମପୁର, ୮।୨(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବ୍ଲକ ଜମରତଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ପ୍ରଧାନଶିକ୍ଷକ ରାଜେଶ କୁମାର ଖମାରୀଙ୍କ ତତ୍ତ୍ୱାବଧାନରେ ଅନଷ୍ଠିତ ହୋଇଯାଇଛି । ବୁଧବାର ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଦୁ ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥଇତ ଥିଲେ। ଶିକ୍ଷକ ରୂପଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାକଦାରହା କପ୍ କ୍ରିକେଟ: ଗୋଠୁଗୁଡା ବିଜୟୀ

ଝାରବନ୍ଧ, ୮।୨(ଡି.ଏନ.ଏ.): ବରଗଡ ଜିଲା ଝାରବନ୍ଧ ବ୍ଲକ କୋଟନାଡ୍ୟାମ ପଡିଆରେ ୨୮ତମ ଚାକଦରହା କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଝାରବନ୍ଧ ଥାନାଅଧିକାରୀ ଦିଲ୍ଲୀପ କୁମାର ବେହେରା, ସମ୍ମାନିତ ଅତିଥି ରଜନୀକାନ୍ତ ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୨୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ମ୍ୟାଚ ଗୋଠୁଗୁଡା ଓ ଝାରବନ୍ଧ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଝାରବନ୍ଧ ୮ ଓଭରରେ ସମସ୍ତ ଉଇକେଟ ହରାଇ ୬୦ରନ କରିଥିଲା। ଜବାବରେ ଗୋଠୁଗୁଡା ୭ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା।

### ରାଜ୍ୟସ୍ତରୀୟ କ୍ରୀଡ଼ା: ଟ୍ରିପିଏ ଜମ୍ପରେ ଆକାଶ ପ୍ରଥମ

ପଦ୍ମପୁର, ୮।୨ ( ଡି.ଏନ.ଏ.): ପାରାଦ୍ୱୀପ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରୀଡା ଚାମ୍ପିୟନଶିପରେ ପଦ୍ମପୁର ଜେନିଥ ଲାୟନ୍ସ ଗୁରୁକୁଳର ୧୦ମ ଶ୍ରେଣୀର ଛାତ୍ର ଆକାଶ ବରିହା ୧୪ବର୍ଷରୁ କମ ବର୍ଗରେ ସଫଳତା ଅର୍ଜନ କରିଛନ୍ତି। ସେ ଟ୍ରିପଲ ଜମ୍ପରେ ପ୍ରଥମ ଓ ହାଇ ଜମ୍ପରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ, କ୍ରୀଡା ଶିକ୍ଷକ ବିକାଶ ସାହୁ, ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଶିକ୍ଷକ ହରେକୃଷ୍ଣ ମେହେର, ଟାଉନ ହାଇସ୍କୁଲ ଶିକ୍ଷକ ଚନ୍ଦ୍ରମଣି ସାହୁ, ସହକାରୀ ଶିକ୍ଷକ ସତୀଶ ସାହୁ,ଅଧକ୍ଷ ମନୋଜ ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

## ଲୋକକଳା ମହୋତ୍ସବ ପ୍ରସ୍ତୁତି ବୈଠକ

ପଦ୍ମପୁର ୮।୨ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମରେ ବଜରଙ୍ଗବଲି କଳା ସଂଗଠନ ଆନୁକୂଲ୍ୟରେ ଲୋକକଳା ମହୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ପ୍ରବୀଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ୭ ପଞ୍ଚାୟତର ଲୋକ କଳାକାର ଯୋଗଦେଇ ମହୋତ୍ସବ ସଫଳତା ପାଇଁ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୪ ଓ ୫ ତାରିଖରେ ମହୋତ୍ସବ ପାଳନ ସ୍ଥିରୀକୃତ ହୋଇଛି। ଗ୍ରାମୀଣ ଲୋକକଳାର ପୁନରୁଦ୍ଧାର, ଲୋକ ପ୍ରତିଭାଙ୍କୁ ଉତ୍ସାହିତ କରିବା ଓ ଯୁବପୀଢ଼ିଙ୍କୁ ଲୋକ କଳା ପ୍ରତି ଆକୃଷ୍ଟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ମହୋତ୍ସବ ଦହିଗାଁ ପଞ୍ଚାୟତ ପଡ଼ିଆଠାରେ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ବୈଠକରେ ବୀର ବଜରଙ୍ଗବଲି କଳା ସଂଗଠନ ସଭାପତି ତୁଳାରାମ ପାଣ୍ଡେ, ସମ୍ପାଦକ ନିରାକାର ଭୋଇ, ଚନ୍ଦ୍ରମଣି ପଟେଲ, ଅଶ୍ୱିନୀ ଡ଼ନସନା, ଅନନ୍ତ ବାରିକ, ମଣି ପ୍ରଧାନ, ଲମ୍ବୋଦର ସାହୁ, ସାଂସ୍କୃତିକ ଗବେଷକ ସୁରେନ୍ଦ୍ର ସାହୁ, ଲୋକବାଦ୍ୟ ଗବେଷକ ରମେଶ ଗୁର୍ଲା, ଯୁବ ମୁହୁରୀ ଗବେଷକ ସୁଦାମ ମହାନନ୍ଦ, ସମାଜିକ କର୍ମୀ ଗୋପବନ୍ଧୁ ଶିକା ଉପସ୍ଥିତ ଥିଲେ। ଦହିଗାଁ ସରପଞ୍ଚ ଚଞ୍ଚଳା ଦାଶ ଧନ୍ୟବାଦ ଅର୍ପଣ କଲେ ।


ବୈଠକରେ ଉପସ୍ଥିତ କଳାକାର ଓ ଜନ ପ୍ରତିନିଧି।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ପଦ୍ମପୁର, ୮।୨ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଜ୍ଞାନ ଗ୍ରାମରେ ଚାଲିଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିସହ ପାଞ୍ଚ ଦିନ ଧରି ଚାଲିଥିବା ରାବଣ ଦରବାର ମଧ ଶେଷ ହୋଇଛି। ଶେଷ ସନ୍ଧ୍ୟାରେ ଲକ୍ଷ୍ମଣଙ୍କ ଶକ୍ତିଭେଦ, ହନୁମାନଙ୍କ ବିଶଲ୍ୟକରଣୀ ଖୋଜିବା, କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ, ରାମ-ରାବଣ ଯୁଦ୍ଧରେ ରାବଣଙ୍କ ମୃତ୍ୟୁ, ବିଭୀଷଣଙ୍କ ରାଜ୍ୟାଭିଷେକ ଓ ରାମଙ୍କ ଅଯୋଧା ପ୍ରତ୍ୟାବର୍ତ୍ତନ ଆଦି ଦୃଶ୍ୟ ପରିବେଷିତ ହୋଇଥିଲା। ଭୁବନେଶ୍ୱର ପ୍ରଧାନ ଓ ସାଥିଙ୍କ ଅଭିନୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସଙ୍କୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା। ଏଥିରେ ବର୍ଷାରାଣୀ ଚିରିଗୁନ, ଲିପ୍ସାରାଣୀ, ଶୈଳେନ୍ଦ୍ରି ଜାଲ, ସୁନୀତା ସାହୁ ଭଜନ ଗାନ କରିଥିଲେ। ଏହାସହ ଅଷ୍ଟପ୍ରହର ନାମଯଜ୍ଞ ବି ସମ୍ପନ୍ନ ହୋଇଛି। କର୍ତ୍ତାଭାବେ ଭ୍ରମର ଭୋଇ ଓ ହରେକୃଷ୍ଣ ସାହୁ ସସ୍ତ୍ରୀକ ଦାୟିତ୍ୱ ତୁଲାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ସଭାପତି ଅବସରପ୍ରାପ୍ତ ପ୍ରଫେସର ସାଧୁଚରଣ ଗଡତିଆ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟ ପଣ୍ୟାଗାର ନିଗମ ଅଧକ୍ଷ ମହେନ୍ଦ୍ର ବଢେଇ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ପ୍ରଫେସର ଗଡତିଆ, ମୁଖ୍ୟକର୍ତ୍ତା ଭୋଇ, ମନ୍ଦିର ଶିଳ୍ପୀ ଅର୍ଜୁନ ଗୀଙ୍ଗିରା, ମୁଖ୍ୟ ପଣ୍ଡିତ ଗିରିଶ ଚନ୍ଦ୍ର ହୋତା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡା.ତାରାକାନ୍ତ ସାହୁ, ଡା. ଦିଲୀପ ଭୋଇ, ଡ଼ା. ଲୋକପାଳ ଭୋଇ, ଗୁଣନିଧି ଭୋଇ, ସନ୍ତୋଷ ଭୋଇ, ବୀରେନ୍ଦ୍ର ଗଡତିଆ, ପ୍ରିୟବ୍ରତ ଭୋଇ, ଭାସ୍କର ଭୋଇ ପ୍ରମୁଖ ସହଯୋଗ ଥିଲେ।

## ଜବତ ଗାଡ଼ିର ନିଲାମ ପ୍ରକ୍ରିୟା ଆରମ୍ଭ

ପଦ୍ମପୁର, ୮।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଧିନରେ ଥିବା ଥାନାଗୁଡିକରେ ଅନେକ ଗାଡି ଜବତ ହୋଇ ରହିଛି। ଦୀର୍ଘ ଦିନ ହେବ ରହିବା ପରେ ଗାଡିଗୁଡିକ ନଷ୍ଟ ହୋଇଯାଇଛି। ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ସେହି ଗାଡିଗୁଡିକର ନିଲାମ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜଗଦଲପୁର, ପଦ୍ମପୁର, ଗାଇସିଲେଟ, ମେଲଛାମୁଣ୍ଡା, ପାଇକମାଲ, ଝାରବନ୍ଧ ଥାନାର ଗାଡିଗୁଡିକକୁ ପଦ୍ମପୁରଠାରେ ଏକତ୍ର କରି ତାର ନିଲାମ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ନିଲାମ ମୂଲ୍ୟ ଧାର୍ଯ୍ୟ ସମୟରେ ସମସ୍ତ ଥାନା ଅଧିକାରୀ, ଏମଭିଆଇ ସୁଷମା ସାହୁ, ଏସ୍‌ଡିଜେଏମ୍ ପ୍ରଜ୍ଞା ଲଳିତ ମିଶ୍ର, ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ ଉପସ୍ଥିତ ଥିଲେ। ଗାଡିଗୁଡିକର ମୂଲ୍ୟ ଓ ନିଲାମ ତାରିଖ ଓଏସଆରଟିସି ୱେବ ସାଇଟରୁ ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ୫୦ଟି ଗାଡିର ନିଲାମ ପ୍ରକ୍ରିୟା ହେବ। ପରେ ଅବଶିଷ୍ଟ ଗାଡି ନିଲାମ ହେବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।


ଗାଡି ନିରୀକ୍ଷଣ କରୁଛନ୍ତି ଏସଡିଜେଏମ୍ ଓ ପୋଲିସ ଅଧିକାରୀ।

## କ୍ରିକେଟ୍: ଶସ୍ତୁପାଲି ଚାମ୍ପିୟନ

ବରଗଡ଼ ଅଫିସ୍, ୮।୨

ବରଗଡ଼ ବ୍ଲକ ଅନ୍ତର୍ଗତ ଶସ୍ତୁପାଲି ଗ୍ରାମରେ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ବିଶିପାଲି, ଶସ୍ତୁପାଲି, ବାଲିଯୋରୀ, ସାହସପୁର, କଲଙ୍ଗାପାଲି, ଶ୍ରୀଗିଡ଼ା, ବାନ୍ଦେନବାହାଲ, ଚିକନିପାଲି ଦଳ ଅଂଶଗ୍ରହଣ କରିଥିଲେ । ଶସ୍ତୁପାଲି ଏବଂ ବାନ୍ଦେନବାହାଲ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ ଶସ୍ତୁପାଲି ଚାମ୍ପିୟନ ହୋଇଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପଞ୍ଚୁ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନାଏବ ସରପଞ୍ଚ ଚନ୍ଦ୍ରକାନ୍ତ ସାହୁ, ସାନନ୍ଦ ସାହୁ, ଗଙ୍ଗାଧର ରାଉତ, ରାଜେଶ ଦେବତା, ତ୍ରିଲୋଚନ ବର୍ଗର୍ତ୍ତୀ, ମିଟୁ ସାହୁ, ଲବ ସାହୁ, ଜଗବନ୍ଧୁ ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ ।


ବରଗଡ଼ ବିଧାୟକ ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

## ଗଡ଼ଭାଟି-ବୁବୁଡା ପ୍ରଧାନମନ୍ତ୍ରୀ ରାସ୍ତା ଶୋଚନୀୟ

ପଦ୍ମପୁର, ୮।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର-ଗାଇସିଲେଟ ରାସ୍ତାର କଂସର ପଞ୍ଚାୟତ ଗଡଭାଟି ବୁବୁଡା ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇପଡିଛି । ଏହି ରାସ୍ତାରେ ବ୍ୟବସାୟୀ, ଛାତ୍ରୀଛାତ୍ର ପଦ୍ମପୁରକୁ ଯିବା ଆସିବା କରିଥାନ୍ତି । ରାସ୍ତା ଦୁରାବସ୍ଥା ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ତୁରନ୍ତ ମରାମତି ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଭାଜପା ପ୍ରତିନିଧି ଦଳ ଏସ୍‌ପିଙ୍କୁ ଫେରାଦ


ଏସ୍‌ପିଙ୍କୁ ଫେରାଦ ହୋଇଥିବା ଭାଜପା ପ୍ରତିନିଧି ଦଳ ।

ବରଗଡ଼ ଅଫିସ୍,୮।୨

ବରଗଡ଼ ଜିଲାରେ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଚୋରି, ନିଶା, ଜୁଆ କାରବାର ଅବାଧରେ ଚାଲିଛି। ଲୋକେ ନିଜ ଧନ, ଜୀବନକୁ ଅସୁରକ୍ଷିତ ମଣୁଛନ୍ତି। ଏଭଳି ଅଭିଯୋଗ କରି ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଏସ୍‌ପି ପି.ଏସ.ମିନାଙ୍କୁ ଫେରାଦ ହୋଇଥିଲେ। ଜିଲାରୁ ନିଶା କାରବାର ହଟାଇବା ସହିତ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ଏବଂ ସେଭଳି ଅସାମାଜିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳରେ ସୁରେଶ୍ୱର ଶତପଥୀ, ରବିନାରାୟଣ ଦାଶ, ଅଶୋକ ପଣ୍ଡା, ପ୍ରୀତମ ସିଂ, ଗିରିଜେଶ ଖାଡ଼ାଙ୍ଗା, ଅବନୀକାନ୍ତ ପଣ୍ଡା, ଦେବେଶ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## ଯକ୍ଷ୍ମାରୋଗୀଙ୍କୁ ସହାୟତା


ଟିପିଡବ୍ଲୁଓଡିଏଲ ପକ୍ଷରୁ ଯକ୍ଷ୍ମାରୋଗୀଙ୍କୁ ସହାୟତା ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍,୮।୨

ବରଗଡ଼ ଜିଲାରେ ଟିପିଡବ୍ଲୁଓଡିଏଲ (ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍) ପକ୍ଷରୁ ଯକ୍ଷ୍ମାରୋଗୀଙ୍କୁ ଅତିରିକ୍ତ ଖାଦ୍ୟ ଓ ପୋଷଣ ସହାୟତା ପ୍ରଦାନ ଆରମ୍ଭ ହୋଇଛି। ଏହି ଅବସରରେ ଜିଲାପାଳ ଅଫିସ୍ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ନିକ୍ଷୟ ମିତ୍ର ଯୋଜନା ପରିପ୍ରେକ୍ଷୀରେ ଟିପିଡବ୍ଲୁଓଡିଏଲ ପକ୍ଷରୁ ଯକ୍ଷ୍ମାରୋଗୀଙ୍କୁ ଗହମ, ସୋୟା, ଦୁଗ୍ଧ ଗୁଣ୍ଡ ଆଦି ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ଏହାର ଶୁଭାରମ୍ଭ କରିଥିଲେ । ଜିଲାର ୭୫୩ ଯକ୍ଷ୍ମାରୋଗୀଙ୍କୁ ଏଭଳି ସହାୟତା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କ ସହିତ ଟାଟା ପାୱାରର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ପୁତନା ବଧ, କଂସ ବିଚଳିତ

ଅମ୍ବାଭୋନା,୮।୨(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲେଲେହର-ଚଣ୍ଡିପାଲିରେ ଚାଲିଥିବା ଧନୁଯାତ୍ରା ଉତ୍ସବରେ ବୁଧବାର ମଥୁରାନଗରୀରେ କୃଷ୍ଣ, ବଳରାମଙ୍କୁ ନିଧନ ପାଇଁ କଂସ ମହାରାଜ ପୁତନାକୁ ଗୋପପୁର ପଠାଇଥିଲେ। ଗୋପପୁରରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ପୁତନାଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ପାଇବା କ୍ଷଣି କଂସ ବିଚଳିତ ହୋଇ ପଡ଼ିଥିଲେ ଏବଂ ଷଣ୍ଢ, ଶକଟା, ଅଘା, ବକା, ଧେନୁକା, ତୃଣା ଆଦି ଅଷ୍ଟମଲ୍ଲଙ୍କୁ ଗୋପପୁର ପଠାଇଥିଲେ। ଏହି ଦୃଶ୍ୟାଭିନୟ ଦେଖିବାକୁ ପ୍ରବଳ ଦର୍ଶକଙ୍କ ଭିଡ଼ ହୋଇଥିଲା। କଂସ ଦରବାରରେ ଡୁଙ୍ଗୁରି ଚୂନପଥର ଖଣିର ଡେପୁଟି ମ୍ୟାନେଜର ପ୍ରଦୀପ କୁମାର ସାହୁ, ଇଞ୍ଜିନିୟର ସରୋଜ ସାହୁ ରାଜ ଅତିଥିଭାବେ ଯୋଗଦାନ କରିଥିଲେ।


କଂସ ଦରବାରରେ ରାଜ ଅତିଥି ।

**ଲେଲେହର-ଚଣ୍ଡିପାଲି ଧନୁଯାତ୍ରା**

## ବିକାଶରେ ସଫଳ ପରୀକ୍ଷା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୮।୨

ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନରେ ସଫଳ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିକ୍ଷାନୁଷ୍ଠାନର ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୨୦ଜଣ ଛାତ୍ରୀଛାତ୍ର ୩ପର୍ଯ୍ୟାୟରେ ପରୀକ୍ଷାରେ ଅଂଶଗ୍ରହଣ କରିଛନ୍ତି। ଏହି ପରୀକ୍ଷାରେ ବିଜ୍ଞାନ, ଗଣିତ, ଇଂଲିଶ ବିଷୟ ଜ୍ଞାନ ଦକ୍ଷତା ଅନଲାଇନ ମାଧ୍ୟମରେ କରାଯାଉଛି। ବୁଧବାର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ଜ୍ଞାନ ଦକ୍ଷତା ପରୀକ୍ଷା ସମ୍ପନ୍ନ ହୋଇଛି। ଆସନ୍ତା ୧୦ତାରିଖ ଗଣିତ ଏବଂ ୧୪ତାରିଖରେ ଇଂରାଜୀ ଜ୍ଞାନ ଦକ୍ଷତା ପରୀକ୍ଷା ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସୂଚନା ଦେଇଛନ୍ତି।


ବିକାଶରେ ଚାଲିଥିବା ସଫଳ ପରୀକ୍ଷା କାର୍ଯ୍ୟକ୍ରମ ।

# ନବ ଦାସଙ୍କ ହତ୍ୟା ଘଟଣାରେ ରାଜନୀତି

**ସମ୍ବଲପୁର,୮।୨(ବ୍ୟୁରୋ)**

■ ବିଜେଡି ନେତାଙ୍କ ମାନସିକ ଚିକିତ୍ସା ଆବଶ୍ୟକ: ନାଉରୀ

■ ହତ୍ୟାରେ ଭାଜପା ନେତାଙ୍କ ସମ୍ପୃକ୍ତି ଥିବା କହିଲା ବିଜେଡି

ଦୀର୍ଘ ୧୧ଦିନ ପରେ ମଧ୍ୟ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାର କାରଣ ଖୋଜି ପାଉନି କ୍ରାଇମ୍‌ବ୍ରାଞ୍ଚ। ଅଭିଯୁକ୍ତ ଗୋପାଳ ଦାସ କାହିଁକି ହତ୍ୟା କଲେ ତାହା ଉପରୁ ପରଦା ହଟିପାରି ନାହିଁ। ଘଟଣାକୁ ନେଇ ପ୍ରତିଦିନ କିଛି ନା କିଛି ନୂଆ ତଥ୍ୟ ସାମ୍ନାକୁ ଆସୁଛି। ସାମାଜିକ ଗଣମାଧ୍ୟମ, ଖବରକାଗଜରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ସମାଲୋଚନା କରାଯାଉଛି। ବିଜେଡି ପ୍ରବକ୍ତା ସଞ୍ଜୟ ବାବୁ କହିଛନ୍ତି, କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଠିକ୍ ଭାବେ କରାଯାଉଛି। ନିଶ୍ଚିତ ଭାବେ କାରଣ ପଦାକୁ ଆସିବ। ସିବିଆଇ ତଦନ୍ତ ଦାବି କରୁଥିବା ଭାଜପା ଭୟ ରହିଥିବାରୁ ଏଭଳି କହୁଛନ୍ତି। ଏହି ହତ୍ୟା ଘଟଣାରେ ଭାଜପା ନେତାଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହଘେରକୁ ଆସିଛି ବୋଲି ସେ ଅଭିଯୋଗ କରିଥିଲେ। ପାଲଟା ଜବାବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ କହିଛନ୍ତି, ଅଭିଯୁକ୍ତ ଗୋପାଳ ଦାସଙ୍କୁ ପାଗଳ ଘୋଷଣା କରି ରାଜ୍ୟ ସରକାର ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି। ନେତାମାନେ କ୍ରାଇମ୍‌ବ୍ରାଞ୍ଚ ଆଇମା ଗପ ଶୁଣାଇଲା ଭଳି ପ୍ରତିଦିନ ନୂଆ ଗପ କହୁଛନ୍ତି। ପାଇଖାନା ଟାଙ୍କିରୁ ହାତଲେଖା କାଗଜ ଜବତ କରିବାକୁ ଉଦାହରଣ ଭାବେ ନିଆଯାଇ ପାରେ। କିଭଳି ମାମଲାକୁ ଚପାଇଦେବେ ସେ ନେଇ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ଏହାକୁ ନେଇ ଭାଜପା ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଉଥିବା ବେଳେ ବିଜେଡିକୁ ଦରଦ ହେଉଛି। ନବ ଦାସ ଯେଭଳି ଆଗକୁ ବଢୁଥିଲେ ବିଜେଡିର ଶୀର୍ଷନେତାଙ୍କୁ ଭୟ ରହୁଥିଲା। ତେଣୁ ସେମାନଙ୍କ ସମ୍ପୃକ୍ତି ରହିଥିବା ରାଜ୍ୟବାସୀ କହୁଛନ୍ତି। ହେଲେ ଛବି ସୁଧାରିବାକୁ ଯାଇ ବିଜେଡି ନେତାମାନେ ଏଭଳି ମନ୍ତବ୍ୟ ଦେଉଛନ୍ତି। ତେଣୁ ସେମାନଙ୍କୁ ମାନସିକ ଚିକିତ୍ସାର ଆବଶ୍ୟକ ରହିଛି। ଭାଜପା ନେତାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଆଣୁଛନ୍ତି। ଯଦି ପ୍ରମାଣ ଅଛି ତା'ହେଲେ ନାମ ଘୋଷଣା କରନ୍ତୁ ଓ କ୍ରାଇମ୍‌ବ୍ରାଞ୍ଚ ଲଗାଇ ଗିରଫ କରନ୍ତୁ। ଗଣମାଧ୍ୟମରେ କହି ଦଳକୁ ବଞ୍ଚାଇବାକୁ କାହିଁକି ଚେଷ୍ଟା କରୁଛନ୍ତି ବୋଲି ସେ କହିଥିଲେ।

## ସଂକ୍ଷେପରେ

### ପଦଯାତ୍ରା ମାଧ୍ୟମରେ ନିଶା ନିବାରଣ ବାର୍ତ୍ତା



**କୁଚିଣ୍ଡା,୮।୨(ଡି.ଏନ.ଏ.):** ଝାରସୁଗୁଡା ଜିଲା ଦୁର୍ଲଗା ଗ୍ରାମର ୬୫ବର୍ଷିୟ ଅଭିରାମ ଶତପଥି ପ୍ରୌଢ ବୟସରେ ବି ପଦଯାତ୍ରା କରି ନିଶା ନିବାରଣ ବାର୍ତ୍ତାବହ ସାଜିଛନ୍ତି। ଗତ ଜାନୁୟାରୀ ୧୪ତାରିଖରେ ସେ ଏହି ଯାତ୍ରା ଆରମ୍ଭ କରିଥିଲେ। ନିଶା ନିବାରଣ ଓ ଶାରୀରିକ ସୁସ୍ଥତା ନେଇ ତାଙ୍କ ଏହି ଯାତ୍ରା ଯୁବବର୍ଗ ପାଇଁ ଏକ ଆହ୍ୱାନ। ଅଭିରାମ ଓଡ଼ିଶା ପାୱାର ଟ୍ରାନ୍ସପ୍ଲାଣ୍ଟ ବିଭାଗର ମୁଖ୍ୟ କିରାଣୀ ଭାବେ ୨୦୧୮ରେ ଅବସର ଗ୍ରହଣ କରିଥିଲେ। ୨୦୧୩ରେ ସେ ଏକ ରୋଗରେ ପୀଡିତ ହୋଇଥିଲେ। ଡାକ୍ତର ୫୦ହଜାର ଟଙ୍କା ନ ହେଲେ ତାଙ୍କ ରୋଗ ଭଲ ହେବନି ବୋଲି କହିବାରୁ ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଥିଲେ। ପରେ ତାଙ୍କର ଜଣେ ସମ୍ପର୍କୀୟଙ୍କଠାରୁ ପ୍ରେରଣା ପାଇ ସେ ପ୍ରାତଃ ଭ୍ରମଣ ଓ ଯୋଗ ଆରମ୍ଭ କରିଥିଲେ। ଏହା ଦ୍ୱାରା ବିନା ଅର୍ଥରେ ସେ ସୁସ୍ଥ ହୋଇଥିବା ଅଭିରାମ କହନ୍ତି। ତେଣୁ ଜନସାଧାରଣ ଏହା ଉପରେ ସଚେତନ ହେବାକୁ ଅନୁରୋଧ କରିଛନ୍ତି। ଅଭିରାମ ୨୦୧୩ରେ ୨୨,୪୦୦କି.ମି. ସାଇକେଲ ଯାତ୍ରା କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

### ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା, କଳାକାର ସମ୍ମିଳନୀ

**ସମ୍ବଲପୁର,୮।୨(ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଲୋକକଳାରେ ଶାସ୍ତ୍ରୀୟତା ଭରି ରହିଛି। ଏହାକୁ ସୁରକ୍ଷିତ ରଖିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ସାପ୍ତାହିକି ସ୍ୱୀକାର ପକ୍ଷରୁ ବୁଧବାର ସମ୍ବଲପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଓ କଳାକାର ସମ୍ମିଳନୀରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ବୃନ୍ଦାବନ ନିବାସୀ ମହାମଣ୍ଡଳେଶ୍ୱର ମହନ୍ତ ସଚ୍ଚିଦାନନ୍ଦ ଶାସ୍ତ୍ରୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଭାରତୀୟ ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ସମ୍ବର୍ଦ୍ଧା ଭଳି ଲୋକସଂସ୍କୃତିକୁ ପୁନଃରୁଦ୍ଧାର କରିବାକୁ ପଡିବ। ସାକ୍ଷୀପଡାସ୍ଥିତ ରାଧାମଦନ ଗୋପାଳ ମନ୍ଦିରର ମୁଖ୍ୟ ତ୍ରିଦଣ୍ଡୀ ଭିକ୍ଷୁ ବି.କେ. ଦାମୋଦର ମହାରାଜ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ସଂସ୍କୃତି ଗବେଷକ ପ୍ରାଧାପକ ଡ. ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାଧାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ, ସାମାଜିକ କର୍ମୀ ଉଦ୍ଧବ ମହାପାତ୍ର ଉପସ୍ଥିତ ଥିଲେ ।

# ଜଳ ସଂରକ୍ଷଣ, ସୁପରିଚାଳନା କରିବାକୁ ଆହ୍ୱାନ




ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ।

**ସମ୍ବଲପୁର,୯।୨(ବ୍ୟୁରୋ)**

**ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ**

ସମ୍ବଲପୁର ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ପାଳିତ ହୋଇଯାଇଛି। ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ସହ ସରକାରୀ ଯୋଜନାର ଲାଭ ଉଠାଇବାକୁ ଅତିଥିମାନେ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ସଦର ଉପଜିଲାପାଳ ପ୍ରଭାଶ ଡନସେନା, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲାପରିଷଦ ସଭାପତି କୁମୁଦିନି ନାଏକ, ୱାଟରସେଡ୍ ବିଭାଗ ସଚିବ ତ୍ରିବିକ୍ରମ ପ୍ରଧାନ ଉପସ୍ଥିତ ରହି ପାଣିପଞ୍ଚାୟତ ପକ୍ଷ ପାଳନ ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନେ ବିଭିନ୍ନ କେନାଲରେ ଥିବା ସମସ୍ୟା ଉପରେ କହି ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନାଲରେ ପାଣିଛାଡିବା ଓ ବନ୍ଦ କରିବା ସମୟ ଠିକ୍ ରହୁ ନାହିଁ। ଅନେକ କେନାଲରେ ମରାମତିର ଆବଶ୍ୟକ ରହିଛି। ହେଲେ ସରକାରୀ ଅନୁଦାନ ଅଭାବ ଯୋଗୁଁ କାମ ହୋଇ ପାରୁନାହିଁ। ତେଣୁ ପାଣିପଞ୍ଚାୟତ ପକ୍ଷ ପାଳନ କରିବାରେ ଚାଷୀଙ୍କୁ ବିଶେଷ ଲାଭ ହେଉ ନାହିଁ ବୋଲି କହିଥିଲେ। ଦେବେନ୍ଦ୍ର ପ୍ରଧାନ, ବିଭୁ ପଟ୍ଟନାୟକ, ବ୍ୟୋମକେଶ ଠାକୁର, ଏମ୍ ଗୋବିନ୍ଦୁ, ରାମ ସାଗର ସାହୁ ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ।

## ୨ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ରାଉରକେଲା,ଅଫିସ, ୮।୨**

ରାଉରକେଲା ଇସ୍ପାତ କାରଖାନା ଏବଂ ଦୀପିକା ମହିଳା ସଂଘତି ମିଳିତ ଆୟୋଜନକ୍ରମେ ନୂଆଗାଁ ବ୍ଲକ୍ ଖୁଣ୍ଟଗାଁ ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦୀପିକା ମହିଳା ସଂଘତି ଅଧକ୍ଷା ସୀମାଦେବ ଭୌମିକ ଯୋଗଦେଇ ଗ୍ରାମବାସୀଙ୍କ ସହିତ ଭାବ ବିନିମୟ କରିଥିଲେ। ସଂଘତି ଉପାଧକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ହିରଣ୍ମୟୀ ଶତପଥୀ, ପ୍ରଫେସର ସୁସ୍ମିତା ସାମଲ,ସମ୍ପାଦିକା ନିଧି ସିଂହଲଙ୍କ ସହିତ ସଂଘତିର ପରିଚାଳନା ସଦସ୍ୟ ରୋଗୀଙ୍କ ତଦାରଖ କରିଥିଲେ। ଡିଏମ୍‌ଏସର ସ୍ୱେଚ୍ଛାସେବୀମାନେ ଶିବିର ଆୟୋଜନରେ ସହଯୋଗୀ କରିଥିଲେ। ମାଗଣା ସ୍ୱାସ୍ଥ୍ୟ ଶିବିର ନେଇ ସିଏସ୍‌ଆର୍ ବିଭାଗର ଜିଏମ୍ ସୁଶ୍ରୀ ମୁନ୍‌ମୁନ୍ ମିତ୍ର ,ଏଜିଏମ୍ ଟି.ବି ଟପ୍ପୋଙ୍କ ସହ ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଓରାମ ଶିବର ପରିଚାଳନା କରିଥିଲେ। ଡାକ୍ତର ଓଷା ନାୟକ ସର୍ବମୋଟ୍ ୨ଶହ ରୋଗୀଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ପ୍ରେସକ୍ରିପସନ ଅନୁସାରେ ରୋଗୀଙ୍କୁ ଔଷଧ ବଣ୍ଟନ କରାଯାଇଥିଲା।

# ୧୪ରୁ ଏବିଭିପିର ଛାତ୍ରଜୀବନ ଦର୍ଶନ କାର୍ଯ୍ୟକ୍ରମ




ଏବିଭିପିର ଖବରଦାତା ସମ୍ମିଳନୀ ।

**ସମ୍ବଲପୁର,୮।୨(ବ୍ୟୁରୋ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପ୍ରୟାସରେ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ୧୪, ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବ। ସଂସ୍କୃତି ଓ ପରମ୍ପରା ସହ ଜଡିତ ହେବା ପାଇଁ ଉତ୍ତର-ପୂର୍ବାଞ୍ଚଳର ୩୦ଜଣ ଛାତ୍ରୀଛାତ୍ର ସମ୍ବଲପୁର ଆସୁଛନ୍ତି। ପ୍ରତ୍ୟେକ ବିଦ୍ୟାର୍ଥୀ ଗୋଟିଏ ଲେଖାଏ ପରିବାର ସହ ୩ଦିନ ସମୟ ଅତିବାହିତ କରିବେ। ଫଳରେ ସେମାନେ ଆମ ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ସମ୍ପର୍କରେ ଅବଗତ ହୋଇପାରିବେ। ଏହାସହ ସେମାନେ ବିଶ୍ୱବିଦ୍ୟାଳୟ, ଅନ୍ୟ ଶିକ୍ଷାନୁଷ୍ଠାନ ଓ ଐତିହ୍ୟ ସ୍ଥଳ ପରିଦର୍ଶନ କରିବେ। ଉତ୍ତର-ପୂର୍ବାଞ୍ଚଳର ଲୋକଙ୍କ ସହ ଅନ୍ୟ ରାଜ୍ୟର ଐତିହ୍ୟ ଓ ସଂସ୍କୃତି ସହ ପରିଚିତ କରାଇବା ପାଇଁ ଏବିଭିପି ପକ୍ଷରୁ ଏଭଳି ପ୍ରୟାସ କରାଯାଉଛି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

# ଫାଶିମାଲରେ ସଚେତନତା କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥି।

**ଜମନକିରା,୮।୨(ଡି.ଏନ.ଏ.)**

ଜମନକିରା ବ୍ଲକ ଅନ୍ତର୍ଗତ ଫାଶିମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଶମ୍ଭୁନାଥ ସାହୁ ଓ ମାନସ ଦେହୁରିଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଥିଲା। ଏଥିରେ ସମାଜସେବା, ଜଙ୍ଗଲରେ ନିଆଁ ଲାଗିବା, ନିଶା ନିବାରଣ ଆଦି ପ୍ରସଙ୍ଗ ଉପରେ ଯୁବ ଶକ୍ତିର ଭୂମିକା ଉପରେ ତାଲିମ ଦିଆଯାଇଥିଲା। ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗଙ୍କ ସମେତ ସାମାଜିକ କର୍ମୀ କରୁଣାକର କିଷାନ, ଜମନକିରା ଫରେଷ୍ଟ ରେଞ୍ଜର ଫରେଷ୍ଟ ଗାର୍ଡ ଝସକେତନ ପୃଷେଠ, କେନାଡିପା ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୟ ଧୁରୁଆ, ସୁବାସ ମିଞ୍ଜ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲବରୁ ୫୦ ଜଣ ଯୁବକ ସାମିଲ ହୋଇ ତାଲିମ ନେଇଥିଲେ।

# ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ

**ସମ୍ବଲପୁର,୮।୨(ବ୍ୟୁରୋ)**




ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ଯୁଯୁମୁରା ଥାନା ପରିସରରେ ବୁଧବାର ଜିଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ଜନ ପ୍ରତିନିଧି, ଘରୋଇ କମ୍ପାନୀ କର୍ମଚାରୀ, ମହିଳା, ଯୁବତୀଯୁବକ ରକ୍ତଦାନ କରିଥିଲେ। ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିବା ବେଳେ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା ସଂଯୋଜନା କରିଥିଲେ। ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବ୍ଲଡବ୍ୟାଙ୍କ ଅଧିକାରୀ ଡା. କଲ୍ଲେଶ କକ୍କଡ, ବରିଷ୍ଠ ଲାବ ଟେକ୍‌ନିସିଆନ ସନ୍ତୋଷ ଗୌଡ, କାଉନସିଲର କର୍ମଦେବ ପଟେଲ, ଏଲ୍‌ଟି ତାପସ ରଞ୍ଜନ ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଗୋଲାମୁଣ୍ଡା,୮।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଗୋଲାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ଷଷ୍ଠତମ ବାର୍ଷିକ ଉତ୍ସବ ସମାପନ ହୋଇଯାଇଛି। ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ ଏବଂ ସୁବାଷ ଚନ୍ଦ୍ର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋଦାବରୀଶ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଶିଶୁ ମନ୍ଦିର ଗୁରୁଜୀ ଅଶିନୀ ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ପରିଚାଳନା ସମିତି ସମ୍ପାଦକ ଅନିଲ କୁମାର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମା ପ୍ରସାଦ କାଣ୍ଡ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ମନ୍ତବ୍ୟକୁ ସ୍ୱାଗତ



ଖବରଦାତା ସମ୍ମିଳନୀରେ ଆର୍‌ଏସ୍‌ଏସ୍ କର୍ମକର୍ତ୍ତା।

**ସମ୍ବଲପୁର,୮।୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ଦେଇଥିବା ମନ୍ତବ୍ୟକୁ ସ୍ୱାଗତ କରାଯାଇଛି। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଅଧକ୍ଷ ନିହାଲ ସିଂ କହିଥିଲେ, ଧର୍ମକୁ ମଣିଷ ସୃଷ୍ଟି କରିଛନ୍ତି। ଭାରତ ବର୍ଷରେ ଜାତିର ପ୍ରାଧାନ୍ୟ ରହିଛି। ଅନେକ ମହାପୁରୁଷ ଜାତିପ୍ରଥା ରୁଢିବାଦି ବିରୋଧରେ ପ୍ରତିବାଦ କରିଛନ୍ତି। ଆର୍‌ଏସଏସ ଚାହିଁଲେ ଭାରତବର୍ଷରେ ମାନବବାଦ ହୋଇପାରିବ। ଜାତିବାଦ ଲାଗୁ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ମହାସଚିବ ମୋମିନା ଖାତୁନ, ଉପମହାସଚିବ ଆଇନଜୀବୀ ନାରାୟଣ ସୁନା, ଏସ୍.କେ. ଇନ୍ତିଖାପ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ବୈଷ୍ଣୋଦେବୀ ମନ୍ଦିରରେ ବିଶାଳ ଜାଗରଣ

**ସମ୍ବଲପୁର,୮।୨(ବ୍ୟୁରୋ)**

ସମ୍ବଲପୁର କ୍ଷେତରାଜପୁର ମାଁ ବୈଷ୍ଣୋ ଦେବୀ ମନ୍ଦିର ଟ୍ରଷ୍ଟ ଆୟୋଜିତ ବିଶାଳ ଜାଗରଣ ଉପଲକ୍ଷେ କଳସ ଓ ନିଶାନ ଯାତ୍ରା ବୁଧବାର ସମ୍ବଲପୁର ପରିକ୍ରମା କରିଛି। ସମ୍ବଲପୁର ସମଲେଇ ମନ୍ଦିର ମହାନଦୀ ଘାଟରୁ ୧୧୦୧ ଜଣ ମହିଳା ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିସହ କ୍ଷେତରାଜପୁର ଅଞ୍ଚଳର ମହିଳାପୁରୁଷ, ବାଳିକାବାଳକ ମଧ୍ୟ ମା' ବୈଷ୍ଣୋ ଦେବୀଙ୍କ ଝଣ୍ଡା ଧରି ଜୟଗାନ କରିଥିଲେ। ଶୋଭାଯାତ୍ରାରେ ସୁସଜ୍ଜିତ ବିମାନରେ ଦେବୀଙ୍କ ଫଟୋଚିତ୍ର ସ୍ଥାନୀତ ହୋଇଥିଲା। ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଜା, ଆଦିବାସୀ ନୃତ୍ୟ, କୀର୍ତ୍ତନରେ ଯାତ୍ରାପଥ ପ୍ରକମ୍ପିତ ହୋଇଥିଲା । ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଶୋଭାଯାତ୍ରା ସହର ପରିକ୍ରମା କରି ଉତ୍ସବସ୍ଥଳରେ ପହଞ୍ଚିଥିଲା। ସେଠାରେ ପଣ୍ଡିତମାନେ ପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। ସନ୍ଧ୍ୟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଓ ଜାଗରଣ, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



ବିଶାଳ ଜାଗରଣ ଉପଲକ୍ଷେ କଳସ ଓ ନିଶାନ ଯାତ୍ରା।

# ହାଇସ୍କୁଲ ଆଗରେ ମହିଳାଙ୍କ ଧାରଣା

**ନାକଟିଦେଉଳ,୮।୨(ଡି.ଏନ.ଏ.)**



ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମହିଳାମାନେ।

**ରାତ୍ର ଜଗୁଆଳି, ଝାଡୁଦାର ନିଯୁକ୍ତିରେ ଚଞ୍ଚକତା**

ନାକଟିଦେଉଳ ବ୍ଲକ ବାଟଗାଁସ୍ଥିତ କୁଞ୍ଜାମୁରା ସାଲେଇଢିପ ଉଚ୍ଚବିଦ୍ୟାଳୟରେ ରାତ୍ର ଜଗୁଆଳି ଓ ଝାଡୁଦାର ନିଯୁକ୍ତିରେ ଚଞ୍ଚକତା କରାଯାଇଥିବା ଅଭିଯୋଗରେ ବୁଧବାର କୁଞ୍ଜାମୁରା ଗ୍ରାମର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ଦୀର୍ଘଦିନ ହେଲା ରାତ୍ର ଜଗୁଆଳି ଓ ଝାଡୁଦାର ପଦବୀ ଖାଲି ରହିଥିଲା। ଏହି ପଦବୀ ପୂରଣ ପାଇଁ ମିଶନ ଶକ୍ତି ଦ୍ୱାରା ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ନିର୍ଦ୍ଦେଶ ଆସିଥିଲା। କିନ୍ତୁ କୁଞ୍ଜାମୁରା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀକୁ ନ ଜଣାଇ ବାଟଗାଁ ଓ ଗୋବିନ୍ଦପୁରର ୨ଟି ସ୍ୱୟଂସହାୟକ ଗୋଷ୍ଠୀ ତରଫରୁ ଏହି ଦୁଇ ଗ୍ରାମରୁ ନିଯୁକ୍ତି ଦିଆଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କୁଞ୍ଜାମୁରା ଗ୍ରାମରେ ୨୫ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଥିଲେ ମଧ୍ୟ ସେମାନଙ୍କ ଅଜାଣତରେ ମିଶନଶକ୍ତି ପକ୍ଷରୁ କିପରି ଅନ୍ୟ ଗ୍ରାମର ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଗଲା ବୋଲି ପ୍ରଶ୍ନ କରିଛନ୍ତି। ଗ୍ରାମର କୌଣସି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ନିଯୁକ୍ତି ଦେବାକୁ କୁଞ୍ଜାମୁରା ଗ୍ରାମବାସୀ ସମ୍ବଲପୁର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ନାକଟିଦେଉଳ ବିଡ଼ିଓ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରେ ଲିଖିତ ଦାବି କରିଥିଲେ। ଫେବୃୟାରୀ ୧୦ଠାରୁ ଏହି ନିଯୁକ୍ତି ଦିଆଯାଇଥିବାରୁ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ କୁଞ୍ଜାମୁରା ଗ୍ରାମର ୨୫ଟି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଶତାଧିକ ଗ୍ରାମବାସୀ ଉଚ୍ଚବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ନାକଟିଦେଉଳ ବିଇଓ ବିଜୟ କୁମାର ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇ ନାହିଁ। ତେଣୁ ସେମାନେ ମିଶନ ଶକ୍ତିର ଅଧିକାରୀଙ୍କ ସହିତ ଆଲୋଚନା କରିବାକୁ କହିଥିଲେ ମଧ୍ୟ ଗ୍ରାମବାସୀ ରାଜି ହୋଇ ନ ଥିଲେ। ନିଷ୍କର୍ଷ ନ ବାହାରିବାରୁ ଗୁରୁବାର ପୁଣି ଗ୍ରାମବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

**୨୪ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲାରେ ୨୪ ପ୍ରହର ଉପଲକ୍ଷେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗ୍ରାମର ଶତାଧିକ ମହିଳାପୁରୁଷ ନିକଟସ୍ଥ ସୋନଗଡ ନଦୀରୁ ପୂର୍ଣ୍ଣ ଜଳ କଳସ ଏକ ଶୋଭାଯାତ୍ରାରେ ଆଣି ପ୍ରହର ମଣ୍ଡପରେ ସ୍ଥାପନ ପରେ ଅଧିବାସ ହୋଇଥିଲା। ଗୁରୁବାର ସକାଳେ ନାମାରମ୍ଭ କରାଯିବ। ପ୍ରହରୀ କର୍ତ୍ତାଭାବେ ଟିକେଶ୍ୱର ଗଡତ୍ୟା ଓ କଳ୍ପନା ଗଡତ୍ୟା ଦାୟିତ୍ୱ ନିର୍ବାହ କରୁଛନ୍ତି।

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଖପ୍ରାଖୋଲ,୮।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅଧ୍ୟାପକ ବଳଭଦ୍ର ଦାଶ, ଅଧ୍ୟାପିକା ସୁନନ୍ଦା ଭୋଇ, ମିନା ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ସୋନାଲି ସାହୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ସହକାରୀ ଗ୍ରନ୍ଥାଗାରିକ ଦିଲିପ ନିଆଲ, ପିଇଟି ହରେଶ କୁମାର ବେହେରା, ନିରୋଜ ବାରିକ, ଜନାର୍ଦ୍ଦନ ସୁନା,ନନ୍ଦକିଶୋର ବାଗ, ବାଳକୃଷ୍ଣ ପୁଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।

### ମା' ଛାଟେଶ୍ୱଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼,୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମସ୍କାପଦରଠାରେ ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ଛାଟେଶ୍ୱଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପରମ୍ପରା ଅନୁଯାୟୀ, ପୂଜକମାନେ ମାଘ ମାସ ସପ୍ତମୀ ଦିନ ସାତ ଗୋଟି ନୂଆ ଚାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ବିରି, କୋଳଥ ଇତ୍ୟାଦି ବିହନ ପକାଇଥିଲେ। ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟାଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା' ଛାଟେଶ୍ୱନ ରୂପେଣ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମାଘ ମାସ ପୂର୍ଣ୍ଣିମା ଦିନ ମା'ଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଥିଲା। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆର୍ବିଭା ହୋଇଥିଲା। ଏହାପରେ ଦେବୀଙ୍କ କାଳସି ମୁଖ୍ୟ ପୀଠସ୍ଥଳୀ ଛାଟେଶ୍ୱଣ ରୂପେନ ପାହାଡ଼କୁ ଯିବା ସହ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲି ଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ରାଜଣା ମାଝି ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଳସି ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏଥିରେ ଛାଟେଶ୍ୱଣ ରୂପେନଙ୍କ ମୁଖ୍ୟ ପୂଜକ ଖଞ୍ଜା ଲୋହରା, ରାଶି ଲୋହରା, କୁଲୁ ଲୋହରା ଓ ବାହୁକ ହରିଶଙ୍କର ପ୍ରଧାନୀ ସମେତ ମସ୍କାପଦର ଛାଟେଶ୍ୱନ ରୂପେନ ଯୁବକ ସଂଘ ସଭାପତି ଧାନ ମାଝି, ସମ୍ପାଦକ ରାଜେନ୍ଦ୍ର ନାଏକ, ଉପସଭାପତି ଶୁଶାନ୍ତ ହରିଜନ, ସହ ସମ୍ପାଦକ ଜଗନ୍ନାଥ ପ୍ରଧାନୀ, ସତ୍ୟନାରାୟଣ ନାଏକ, ଭୈରବ କୁମାର ବହିଦାର, ସୁନାଧର ବାଗ, କେଶବ ମାଝି, ଗୌରାଙ୍ଗ ମାଝି, ଆଜିତ କୁମାର ହରିଜନ, ଭରତ ମାଝି, ପର୍ଶୁ ହରିଜନ, ନବୀନ ମାଝି, ମାଧବ ମାଝି ଓ ସମସ୍ତ କମିଟି ସଦସ୍ୟ ସମେତ ଗ୍ରାମବାସୀ ଦାୟିତ୍ୱ ତୁଲାଇଥିଲେ।

# ତେଲଙ୍ଗାନାରୁ ୫ ଦାଦନ ଶ୍ରମିକ ଉଦ୍ଧାର

- ୨ବର୍ଷ ଧରି ଇଟାଭାଟିରେ ବନ୍ଧକ ଥିଲେ
- ବିଧାୟକ ମୁକେଶ ମହାଲିଙ୍ଗ, ପଦ୍ମଶ୍ରୀ ସୁନିତା କ୍ରିଷ୍ଣନ୍‌ଙ୍କ ହସ୍ତକ୍ଷେପ ପରେ ମୁକୁଳିଲେ

ବଲାଙ୍ଗୀର ଅଫିସ/ଲୋଇସିଂହା, ୮।୨(ଡି.ଏନ.ଏ.)

ତେଲଙ୍ଗନା ପ୍ରଦେଶ ମେଡକ ଜିଲା ଅନ୍ତର୍ଗତ ରାମପୁର ଗ୍ରାମରେ ଥିବା ଏକ ଇଟାଭାଟିରେ ବଲାଙ୍ଗୀର ଜିଲାର ଜଣେ ଦେଢ଼ବର୍ଷର ଶିଶୁ ସହ ୫ଜଣ ଦାଦନ ଶ୍ରମିକଙ୍କୁ ଦୁଇବର୍ଷ ହେଲା ବନ୍ଧକ ରଖାଯାଇଥିଲା। ଏସମ୍ପର୍କରେ ପୀଡିତମାନେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କୁ ଯୋଗଯୋଗ କରିବା ପରେ ସେମାନଙ୍କୁ ଦୀର୍ଘ ଦୁଇବର୍ଷ ପରେ ଉକ୍ତ ଇଟାଭାଟିରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ୬ ଜଣ ଦାଦନଙ୍କ ମଧ୍ୟରେ ଦୁଇଜଣ ମହିଳା ଏବଂ ଜଣେ ଦେଢ଼ ବର୍ଷର ଶିଶୁ ରହିଛନ୍ତି।

ପ୍ରାୟ ଦୁଇବର୍ଷ ତଳେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଉପରବାହାଲ ଗ୍ରାମ ପଞ୍ଚାୟତର ରାଘୁପଦର ଗ୍ରାମର ଘାତୁଲ ରଣା (୬୦), ସୁନ୍ଦରୀ ରଣା (୫୦), ମୁକୁନ୍ଦ ରଣା (୨୫), ନିରୁ ବଢ଼େଇ (୨୫) ଓ ସୁଦାମ ରଣା (୧୬) ଦାଦନ ଖଟିବାକୁ ତେଲଙ୍ଗନା ଯାଇଥିଲେ। ସେଠାରେ ମେଡକ ଜିଲା ରାମପୁରଠାରେ ଥିବା ଲକ୍ଷ୍ମୀ ନାରାୟଣ ଇଟାଭାଟିରେ କାମ କରିଥିଲେ। ମାତ୍ର ଇଟାଭାଟି ମାଲିକ ସେମାନଙ୍କୁ ବନ୍ଧକ କରି ଜୋର ଜବରଦସ୍ତି କାମ କରାଉଥିଲେ। ବାରମ୍ବାର ସେଠାରୁ ଯିବାକୁ ଅନୁରୋଧ କଲେ ମଧ୍ୟ ଏହି ଦାଦନ ଶ୍ରମିକଙ୍କୁ ଇଟାଭାଟି ମାଲିକ ଆଉ ଛାଡି ନ ଥିଲେ। ସେଠାରୁ ଉଦ୍ଧାର କରିବା ପାଇଁ ଏବଂ ଖସି ଆସିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହି ଦାଦନ ଶ୍ରମିକମାନେ ସଫଳ ହୋଇ ନ ଥିଲେ। କୌଣସି ସୂତ୍ରରୁ ଲୋଇସିଂହା ବିଧାୟକ ଡ. ମହାଲିଙ୍ଗଙ୍କୁ ଫୋନ୍‌ରେ ଯୋଗଯୋଗ କରି ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହାପରେ ବିଧାୟକ ମହାଲିଙ୍ଗ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଶ୍ରମ ବିଭାଗ, ବଲାଙ୍ଗୀର ଜିଲାପାଳ ଏବଂ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜଣାଇଥିଲେ। ଏହାପରେ ମଧ୍ୟ ସେମାନଙ୍କୁ ଉଦ୍ଧାର କରାଯାଇ ନ ଥିଲା। ଦାଦନ ଶ୍ରମିକମାନେ ଆକୁଳ ନିବେଦନ କରିବା ପରେ ବିଧାୟକ ଡ ମହାଲିଙ୍ଗ ଘଟଣାକୁ ନେଇ ତେଲଙ୍ଗାନାର ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ପଦ୍ମଶ୍ରୀ ସୁନିଥା କ୍ରିଷ୍ଣନ୍‌ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମହାଲିଙ୍ଗଙ୍କଠାରୁ ସବୁ ତଥ୍ୟ ଜାଣିବା ପରେ ପଦ୍ମଶ୍ରୀ ସୁନିଥା ତେଲଙ୍ଗନା ସରକାର, ବିଭିନ୍ନ ଆନୁସଙ୍ଗିକ ବିଭାଗ, ସିଆଇଡି, ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରି ସ୍ୱେଚ୍ଛାସେବୀଙ୍କ ଜରିଆରେ ସମ୍ପୃକ୍ତ ଇଟାଭାଟିରେ ଚଢ଼ାଉ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ମଙ୍ଗଳବାର ଉଦ୍ଧାର କରିଥିଲେ। ବୁଧବାର ରାତିରେ ବନ୍ଧକ ୬ ଜଣ ଯାକ ଶ୍ରମିକ ବଲାଙ୍ଗୀର ପହଞ୍ଚିଥିବା ଜଣାପଡିଛି। ଏଭଳି ସହାୟତା ପାଇଁ ବିଧାୟକ ମହାଲିଙ୍ଗ ପଦ୍ମଶ୍ରୀ ସୁନିଥାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କୁ ପଚାରିବାରୁ ୫ ଦାଦନ ଶ୍ରମିକଙ୍କୁ ତେଲଙ୍ଗନାରୁ ଉଦ୍ଧାର କରି ବଲାଙ୍ଗୀର ଅଣାଯିବା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା କହିଛନ୍ତି। ଜିଲାରୁ କେତେ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଉଛନ୍ତି ଏବଂ ସେମାନେ କେଉଁଠିକୁ ଯାଉଛନ୍ତି ସେନେଇ କୌଣସି ନିରୀକ୍ଷଣ, ସୂଚନା ଶ୍ରମ ବିଭାଗ ପାଖରେ ରହୁନାହିଁ।


ତେଲଙ୍ଗାନାରୁ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଦୁଃଖୀଶ୍ୟାମ


@ ଯଦୁମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଡ଼ିଆଳ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମନ୍ତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ଖଡ଼ିଆଳ,୮।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ ଫଣିନ୍ଦ୍ରମ ସିଂଦେଓ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଡ ରାମଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଭା ପରିଚାଳନା କରିଥିଲେ ଅଧକ୍ଷ୍ୟା ଲିଜା ଆଚାର୍ଯ୍ୟ। ଦ୍ୱିତୀୟ ପର୍ଯ୍ୟାୟରେ ପରିଚାଳନା କମିଟି ସଭାପତି ଡ ଫଣିନ୍ଦ୍ରମ ସିଂ ଦେଓ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ସମ୍ପାଦକ ଡ ପଦ୍ମଲୋଚନ ବର୍ମା, ପରିଚାଳନା କମିଟି ଉପସଭାପତି ନିମାଇଁ ଚରଣ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ଅଧକ୍ଷ୍ୟା ଲିଜା ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ, ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ସ୍ୱାଗତ ଭାଷଣ ଏବଂ ଅଧ୍ୟାପିକା ଅର୍ପିତା ପଣ୍ଡା ଧନ୍ୟବାଦ ଦେଇଥିଲେ। ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିନୋଦ ଅଗ୍ରୱାଲ, ବିକାଶ ସିଙ୍ଘଲ, ଉଜ୍ଜଳ ଗୁପ୍ତା, ଆଶୁତୋଷ ପଣ୍ଡା, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମେଶର ଅଗ୍ରୱାଲ, ମନୀଷ ବଂଶଲ, ବଜରଙ୍ଗ ଅଗ୍ରୱାଲ, ରଶ୍ମି ରଞ୍ଜନ ଚଳାନ, ନରେଶ ଅଗ୍ରୱାଲ, ଭଳି ଅନେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବାର୍ଷିକ ଉତ୍ସବରେ କଲେଜ ପରିଚାଳନା ସଦସ୍ୟ ଡ଼ା.ମେଜର ରାମଚନ୍ଦ୍ର ମିଶ୍ର, ଡୋଳା ମୋହନ ସିଂ ବାବୁ, ଜଗଦୀଶ ପ୍ରଶାଦ ତ୍ରିବେଦୀ, ଅଜିତ ପଣ୍ଡା, ତପନ ଦାଶ, ମନୋରଞ୍ଜନ ମହାପାତ୍ର, ପ୍ରତାପ ପଟ୍ଟନାୟକ, ବିଜୟ ଶହିଷ, ସଲୋନ ସେନାପତି ପ୍ରମୁଖ ଯୋଗଦେଇଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଆଇଆରବିଏନ ଯବାନ ଗିରଫ

ଭବାନୀପାଟଣା,୮।୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତା ଯୁବତୀ ଜଣକ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ ୫୬/୨୩) ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଜଣେ ଆଇଆରବିଏନ୍ ଯବାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

### ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଆର୍ଥିକ ସ୍ୱାକ୍ଷରତା ସମ୍ବନ୍ଧୀୟ କର୍ମଶାଳା

ନୂଆପଡ଼ା ଅଫିସ,୮।୨

ଓଡିଶା ଜୀବିକା ମିଶନ ପକ୍ଷରୁ ମିଶନ ଶକ୍ତି ଓ ବ୍ୟାଙ୍କ ପରିଚାଳକମାନଙ୍କୁ ନେଇ ଆର୍ଥିକ ସ୍ୱାକ୍ଷରତା ସମ୍ବନ୍ଧୀୟ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ନାର୍ବାଡର ଡିଡିଏମ ଲିଡ ବ୍ୟାଙ୍କ ପରିଚାଳକ ସିତାରାମ ମେହେର, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ବୁ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଓଡିଶା ଜୀବିକା ମିଶନ ଜିଲା ପରିଚାଳକ ଟିମନ ବାରା, ଜୀବିକା ମିଶନ ଜୀବିକା ପ୍ରକଳ୍ପ ପରିଚାଳକ ନିହାର ରଞ୍ଜନ ସାହୁଙ୍କ ସମସ୍ତ ବିଡିଓ, ଶିଶୁ ମଙ୍ଗଳ ଅଧିକାରୀ, ବିପିଏମ, ବିପିସି ଓ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଆର୍ଥିକ ସ୍ୱାକ୍ଷରତା ଅଭିଯାନରେ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ପ୍ରଧାମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କ ବ୍ୟାଙ୍କ ସହ ଯୋଗାଯୋଗ ରଖିବା, ସୁକନ୍ୟା ସମୃଦ୍ଧି ଯୋଜନାକୁ ଅଗ୍ରାଧିକାର ଭିତିରେ ଶତ ପ୍ରତିଶତ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ସମସ୍ତେ ଅଗ୍ରାଧିକାର ଭିତିରେ ସଫଳ କରିବା ନେଇ ଗୁରୁତ୍ୱ ଦିଆଯାଇଛି।

### ଘାସିରାମ ଦୋରା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଜଣେ କୃତୀଙ୍କୁ ପୁରସ୍କୃତ କରାଯାଉଛି।

ତୁଣ୍ଡଲା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଗ୍ରାମପଞ୍ଚାୟତ ଘାସିରାମ ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ଭବାନୀପାଟଣା ମାଣିକେଶ୍ୱରୀ ଉଚ୍ଚବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ଭୋଇ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଓ ବ୍ଲକ ଜିଲା ପରିଷଦ ସଦସ୍ୟା ଦୀପାଞ୍ଜଳି ସାହୁ ରହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ସମିତି ସଭ୍ୟ ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୃତୀମାନଙ୍କୁ ପୁରସ୍କାର ସହିତ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବେଲଖଣ୍ଡି କ୍ଲଷ୍ଟର ସିଆରସିସି ଦିବ୍ୟ ସିଂ ମାଝି ସହଯୋଗ କରିଥିଲେ। ଶିକ୍ଷକ ସୁଜନ ଛତ୍ରିଆ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଧନଞ୍ଜୟ ରଣା ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ପଲମ,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଚାରିଛକରେ ଥିବା ଓଡିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲ ଉନ୍ନୟନ କମିଟି ପକ୍ଷରୁ କଳାହଣ୍ଡି ଜିଲାର ମୋହନଗିରି, ପଲମ, ମଦନପୁର ଏବଂ ବଲାଙ୍ଗୀରର ରୁଷୁଡା ଓ ସାନସୁରଡାକୁ ନେଇ ମିଳିତ ଭାବେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପଲମ ସରପଞ୍ଚ ହେମକିଶୋର ନାଗ, ମୁଖ୍ୟବକ୍ତା ଭାବେ ପଲମ କ୍ଲଷ୍ଟର ସିଆରସିସି ବିପ୍ର ବର୍ଗତ୍ତି, ମୁଖ୍ୟ ସମ୍ମାନିତ ଅତିଥି ଭାବେ ପଲମ ଫାଣ୍ଡି ଅଧିକାରୀ ଅକ୍ଷୟ ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ଓଏସବିଏସ ପଲମ ସଭାପତି ବଳରାମ ଭୋଇ, ଓଏସବିଏସ ମୋହନଗିରି ସଭାପତି ମହିଧର ବିଶ୍ୱାଳ, ଗ୍ରାମର ପୂଜକ ଗୋକୁଳ ଜାନୀ, ବଣିକ ସଂଘ ସଭାପତି ଯଶବନ୍ତ ସାହୁ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଭୋଇ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଏବଂ ମୁଖ୍ୟବକ୍ତା ଭାବେ ରିଷିଡା ଅବସରପ୍ରାପ୍ତ ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନର୍ଲା ଜୋନ ୧ର ଜିଲା ପରିଷଦ ସଦସ୍ୟା ନମ୍ରତା ସାହୁ, ସାମାଜିକ କର୍ମୀ ଶୁକଦେବ ସାହୁ, ଓଏସବିଏସ ସମ୍ପାଦକ ବିଶ୍ୱାଲଲା ମାଝି, ମଦନପୁରର ହରିଶ୍ଚନ୍ଦ୍ର ବର୍ଗତ୍ତି, ସାନସୁରଡାର ରଘୁନାଥ ଭୋଇ, ପଲମର ପ୍ରଦିପ କୁମାର ଭୋଇ, ମୋହନଗିରିର ଦିବାକର ସାହୁ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ କରିଥିଲେ। କ୍ରୀଡାରେ କୃତୀ ପ୍ରତିଯୋଗୀଙ୍କୁ ପରସ୍କୃତ କରାଯାଇଥିଲା। ଅନ୍ୟ ବିଦ୍ୟାଳୟରୁ ଆସିଥିବା ଓଏସବିଏସ ମୁଖପାତ୍ର ତଥା ଅଭିଭାବକମାନେ ଯୋଗଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଉଦ୍ଦେଶ୍ୟ ମହତ, କାମରେ ଲାଗୁନାହିଁ

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ**

- ସିଂହଭାଗ ଅର୍ଥ ଅଧିକାରୀ ଖାଇ ଯାଉଛନ୍ତି: ନରସିଂହ

ବଲାଙ୍ଗୀର ଅଫିସ, ୮।୨

ବଲାଙ୍ଗୀର ଜଳସେଚନ ବିଭାଜନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ସମାରୋହ ସ୍ଥାନୀୟ ଟାଉନ ହଲରେ ବୁଧବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର, ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ପୌରାଧକ୍ଷା ଲିକା ସାହୁ, ସମ୍ମାନିତ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଫେସର ବିଶ୍ୱଜିତ ମହାପାତ୍ର ଯୋଗଦେଇଥିଲେ।

ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ସରକାରଙ୍କ ପାଣି ପଞ୍ଚାୟତ ଯୋଜନାର ଉଦ୍ଦେଶ୍ୟ ମହତ, ମାତ୍ର ଏହା ଚାଷୀଙ୍କ କାମରେ ଲାଗୁ ନାହିଁ ବୋଲି କହିଥିଲେ। ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର ଦେଓଗାଁ ଓ ସଦର ବ୍ଲକରୁ ମାତ୍ର ୪ଜଣ ଚାଷୀଙ୍କ ଉପସ୍ଥିତି ଏହି ଯୋଜନାର ସଫଳ ରୂପାୟନ ଉପରେ ନିଶ୍ଚିତଭାବେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଥିବାବେଳେ ଏକ ସର୍ବେକ୍ଷଣରୁ ଜଣାଯାଇଥିଲା ଯେ ବଲାଙ୍ଗୀରରେ ନିଶ୍ଚିତ ଜଳସେଚନ ମାତ୍ର ୩ ପ୍ରତିଶତ । ଆଜି ବି ଦେଖାଗଲେ ଜିଲାରେ ଯେତେ ବି ଜଳସେଚନର ମାଧମ ଯଥା ମେଗା ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏ ସମସ୍ତଙ୍କୁ ମିଳାଇଲେ ମଧ୍ୟ ସରକାର ଦାବି କରୁଥିବା ଜଳସେଚନର ମାତ୍ରାକୁ କେବେ ହେଁ ଛୁଇବ ନାହିଁ। ୨୩ ବର୍ଷ ହେଲା ଲୋୟର ସୁକତେଲ କାମ ଚାଲିଛି ଯେ ଚାଲିଛି । ଧନ୍ୟବାଦ ଦେବି ଜିଲାପାଳଙ୍କୁ ସେ ଆସିଲା ପରେ ଲୋୟର ସୁକତେଲ କାମରେ ପ୍ରଖରତା ଆସିଛି । ସରକାରଙ୍କ ମନ୍ତ୍ରୀ ଦାବି କରୁଛନ୍ତି ୨୩ ଡିସେମ୍ବରରେ ସମ୍ପୂର୍ଣ୍ଣ ହେବ କିନ୍ତୁ ସ୍ଥିତି ଦେଖିଲେ ଜଣା ପଡୁଛି ଏହା ସମ୍ଭବ ନୁହେଁ। ୨୦୨୪ ଆଡକୁ ଏହା ସମ୍ପୂର୍ଣ୍ଣ ହୋଇପାରେ ବୋଲି ସେ କହିଥିଲେ। ଏହି ଅଞ୍ଚଳରେ ପାଣି ଘୋର ଅଭାବ ଥିବାବେଳେ ପାଣି ପଞ୍ଚାୟତ କାହାକୁ ନେଇ ପାଣିର ସୁଷମ ବଣ୍ଟନ କରିବ ବୋଲି ପ୍ରଶ୍ନ କରିଥିଲେ। ସରକାର ପାଣି ପଞ୍ଚାୟତକୁ ଦେଉଥିବା ଅନୁଦାନ ଯଦି ହିସାବ କରାଯାଏ ତେବେ ବ୍ଲକ ପିଛା ଗୋଟିଏ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପଡିବ। କିନ୍ତୁ କ୍ଷେତ୍ର ପରିଦର୍ଶନ କଲେ ଜଣାଯାଉଛି ଏହା ସିଂହଭାଗ ପଇସା ବିଭାଗୀୟ ଅଧିକାରୀମାନେ ଖାଇ ଯାଉଛନ୍ତି । ଆହୁରି ମଧ୍ୟ ଯେତେ ସବୁ ଜଳସେଚନ ପ୍ରକଳ୍ପ କ୍ଷୁଦ୍ର ଜଳସେଚନ ଦ୍ୱାରା ତିଆରି ହୋଇଛି ଗୋଟିଏ ବର୍ଷାରେ ଧୋଇ ହୋଇ ଯାଉଛି ବୋଲି କହିଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଜଳ ପରିଚାଳନାରେ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ପାଣି ପଞ୍ଚାୟତ ସଶକ୍ତ ହେଲେ ଜଳର ଉତ୍ତମ ପରିଚାଳନା ହୋଇପାରିବ ବୋଲି କହିଥିଲେ। ପୁରୀ ଜିଲା ମାଁ ଜାଗୁଲାଇ ପାଣି ପଞ୍ଚାୟତ ସଭାପତି ତଥା ସାଧନ କର୍ମୀ ଗୀତାରାଣୀ ସାହୁ ଯୋଗଦେଇ ପାଣି ପଞ୍ଚାୟତର ଗଠନ ଓ କାର୍ଯକାରିତା ଉପରେ କହିଥିଲେ। ସଭା ପ୍ରାରମ୍ଭରେ ପାଣି ପଞ୍ଚାୟତ ଶପଥ ପାଠ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କୁଇଜ, ଚିତ୍ରାଙ୍କନ, ଓଡିଆ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ଜିଲାର ୪ ଜଣ ଅଗ୍ରଣୀ ଚାଷୀ ଟିଟିଲାଗଡ ବ୍ଲକ ତରାସିଂହାର ଲଳିତ ବେହେରା, ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡାର ନରେଶ ମେହେର, ଲୋଇସିଂହା ବ୍ଲକ ବରକାନିର ଦେବର ବିଶ୍ୱାଳ ଓ ଲୋଇସିଂହା ବ୍ଲକ ସାନଖାଙ୍କରପାଲିର ସୁମନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲାର ୩ଟି ଅଗ୍ରଣୀ ପାଣି ପଞ୍ଚାୟତର ସଭାପତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷୁଦ୍ର ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ଅଗ୍ରୱାଲ, ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ, ଉଠା ଜଳ ସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସଚ୍ଚିଦାନନ୍ଦ ଦଳାଇଙ୍କ ସମେତ ଜଳସେଚନ ବିଭାଜନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ବିଭାଗ ଅଧିକାରୀ ଓ ବିଭିନ୍ନ ପାଣି ପଞ୍ଚାୟତରୁ ଆସିଥିବା ସଦସ୍ୟ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ପାଣି ପଞ୍ଚାୟତ ସମାରୋହରେ ଉପସ୍ଥିତ ଅତିଥି।

**୨୪ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲାରେ ୨୪ ପ୍ରହର ଉପଲକ୍ଷେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗ୍ରାମର ଶତାଧିକ ମହିଳାପୁରୁଷ ନିକଟସ୍ଥ ସୋନଗଡ ନଦୀରୁ ପୂର୍ଣ୍ଣ ଜଳ କଳସ ଏକ ଶୋଭାଯାତ୍ରାରେ ଆଣି ପ୍ରହର ମଣ୍ଡପରେ ସ୍ଥାପନ ପରେ ଅଧିବାସ ହୋଇଥିଲା। ଗୁରୁବାର ସକାଳେ ନାମାରମ୍ଭ କରାଯିବ। ପ୍ରହରୀ କର୍ତ୍ତାଭାବେ ଟିକେଶ୍ୱର ଗଡତ୍ୟା ଓ କଳ୍ପନା ଗଡତ୍ୟା ଦାୟିତ୍ୱ ନିର୍ବାହ କରୁଛନ୍ତି।



## ସଂକ୍ଷେପରେ

### ଇଟାଭାଟିରେ ଦାଦନ ଶ୍ରମିକ ନିର୍ଯାତିତ

ଲୋଇସିଂହା,୮।୨(ଡି.ଏନ.ଏ): ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ବାହାର ରାଜ୍ୟରେ ନିର୍ଯାତିତ ଖବର ଅନେକ ସମୟରେ ଶୁଣିବାକୁ ମିଳିଥାଏ। ହେଲେ ପଡୋଶୀ ବରଗଡ ଜିଲାର ଏକ ଦାଦନ ପରିବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ଏକ ଇଟାଭାଟିରେ ନିର୍ଯାତିତ ହେଉଥିବା ନେଇ ବୁଧବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଦୁଇଜଣଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଇଟାଭାଟି ମାଲିକ ଠିକ୍‌ଭାବେ ଖାଇବା ବାବଦ ଟଙ୍କା ଦେଉନାହାନ୍ତି। ଘରକୁ ବି ଛାଡୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବରଗଡ ଜିଲା ଝାରବନ୍ଧ ବ୍ଲକ ସଦର ଗ୍ରାମର ଅମରଦାସ ସତନାମୀ(୨୨), ତାଙ୍କ ସ୍ତ୍ରୀ ତୁଳସୀବାଇ ସତନାମୀ, ମା’ ସାନି ସତନାମୀଙ୍କ ସହ ଜଣେ ନାବାଳକ ଓ ଶିଶୁ ଗତ ୧୫ ଜାନୁୟାରୀରୁ ଇଟାଭାଟିରେ ଅଛନ୍ତି। ସେମାନେ ୨୦ହଜାର ଇଟା ଗଢି ସାରିଲେଣି। ଭାଟି ମାଲିକ ଅଗ୍ରୀମ ବାବଦକୁ ୧୦ ହଜାର ଟଙ୍କା ଦେଇଥିଲେ। ଇତିମଧ୍ୟରେ ଉକ୍ତ ଟଙ୍କା ସରି ଗଲାଣି। ଚଳଣି ପାଇଁ ଟଙ୍କା ମାଗିଲେ ଇଟାଭାଟି ମାଲିକ ଦେଉ ନ ଥିବାରୁ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅମରଦାସ ସତନାମ ଅଭିଯୋଗ କରିଛନ୍ତି। ଘରକୁ ଛାଡି ଦେବାକୁ କହିଲେ ମାଲିକ ଓଲଟି ଧମକଚମକ ଦେଉଥିବାରୁ ସେମାନେ ଭୟଭୀତ ହୋଇ ପଡିଥିବା ଅମର ଏବଂ ନାବାଳକ ତିଲକରାମ ଏସଆଇ ଅଭିନାଷ ନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ମା’ ଛାଟେଶ୍ୱେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼,୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମସ୍କାପଦରଠାରେ ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା’ ଛାଟେଶ୍ୱେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପରମ୍ପରା ଅନୁଯାୟୀ, ପୂଜକମାନେ ମାଘ ମାସ ସପ୍ତମୀ ଦିନ ସାତ ଗୋଟି ନୂଆ ଟାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ବିରି, କୋଳଥ ଇତ୍ୟାଦି ବିହନ ପକାଇଥିଲେ। ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟାଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା’ ଛାଟେଶ୍ୱେନ ରୂପେଣ କଣ୍ଟା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମାଘ ମାସ ପୂର୍ଣ୍ଣିମା ଦିନ ମା’ଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଥିଲା। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆର୍ବିଭା ହୋଇଥିଲା। ଏହାପରେ ଦେବୀଙ୍କ କାଲସି ମୁଖ୍ୟ ପୀଠସ୍ଥଳୀ ଛାଟେଶ୍ୱେଣ ରୂପେନ ପାହାଡ଼କୁ ଯିବା ସହ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲି ଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ରାଜଣା ମାଝି ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଲସି ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏଥିରେ ଛାଟେଶ୍ୱେଣ ରୂପେନଙ୍କ ମୁଖ୍ୟ ପୂଜକ ଖଞ୍ଜା ଲୋହରା, ସମସ୍ତ କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ଦାୟିତ୍ୱ ତୁଲାଇଥିଲେ।

# ତେଲଙ୍ଗାନାରୁ ୫ ଦାଦନ ଶ୍ରମିକ ଉଦ୍ଧାର

ବଲାଙ୍ଗୀର ଅଫିସ/ଲୋଇସିଂହା, ୮।୨(ଡି.ଏନ.ଏ.)

- ୨ବର୍ଷ ଧରି ଇଟାଭାଟିରେ ବନ୍ଧକ ଥିଲେ
- ବିଧାୟକ ମୁକେଶ ମହାଲିଙ୍ଗ, ପଦ୍ମଶ୍ରୀ ସୁନିତା କ୍ରିଷ୍ଣନ୍‌ଙ୍କ ହସ୍ତକ୍ଷେପ ପରେ ମୁକୁଳିଲେ

ତେଲଙ୍ଗନା ପ୍ରଦେଶ ମେଡକ ଜିଲା ଅନ୍ତର୍ଗତ ରାମପୁର ଗ୍ରାମରେ ଥିବା ଏକ ଇଟାଭାଟିରେ ବଲାଙ୍ଗୀର ଜିଲାର ଜଣେ ଦେଢ଼ବର୍ଷର ଶିଶୁ ସହ ୫ଜଣ ଦାଦନ ଶ୍ରମିକଙ୍କୁ ଦୁଇବର୍ଷ ହେଲା ବନ୍ଧକ ରଖାଯାଇଥିଲା। ଏସମ୍ପର୍କରେ ପୀଡିତମାନେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କୁ ଯୋଗଯୋଗ କରିବା ପରେ ସେମାନଙ୍କୁ ଦୀର୍ଘ ଦୁଇବର୍ଷ ପରେ ଉକ୍ତ ଇଟାଭାଟିରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ୬ ଜଣ ଦାଦନଙ୍କ ମଧ୍ୟରେ ଦୁଇଜଣ ମହିଳା ଏବଂ ଜଣେ ଦେଢ଼ ବର୍ଷର ଶିଶୁ ରହିଛନ୍ତି।

ପ୍ରାୟ ଦୁଇବର୍ଷ ତଳେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଉପରବାହାଲ ଗ୍ରାମ ପଞ୍ଚାୟତର ରାଘୁପଦର ଗ୍ରାମର ଘାସୁଲ ରଣା (୬୦), ସୁନ୍ଦରୀ ରଣା (୫୦), ମୁକୁନ୍ଦ ରଣା (୨୫), ନିରୁ ବଡ଼େଇ (୨୫) ଓ ସୁଦାମ ରଣା (୧୬) ଦାଦନ ଖଟିବାକୁ ତେଲଙ୍ଗନା ଯାଇଥିଲେ। ସେଠାରେ ମେଡକ ଜିଲା ରାମପୁରଠାରେ ଥିବା


ତେଲଙ୍ଗାନାରୁ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

ଲକ୍ଷ୍ମୀ ନାରାୟଣ ଇଟାଭାଟିରେ କାମ କରିଥିଲେ। ମାତ୍ର ଇଟାଭାଟି ମାଲିକ ସେମାନଙ୍କୁ ବନ୍ଧକ କରି ଜୋର ଜବରଦସ୍ତି କାମ କରାଉଥିଲେ। ବାରମ୍ବାର ସେଠାରୁ ଯିବାକୁ ଅନୁରୋଧ କଲେ ମଧ୍ୟ ଏହି ଦାଦନ ଶ୍ରମିକଙ୍କୁ ଇଟାଭାଟି ମାଲିକ ଆଉ ଛାଡି ନ ଥିଲେ। ସେଠାରୁ ଉଦ୍ଧାର କରିବା ପାଇଁ ଏବଂ ଖସି ଆସିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହି ଦାଦନ ଶ୍ରମିକମାନେ ସଫଳ ହୋଇ ନ ଥିଲେ। କୌଣସି ସୂତ୍ରରୁ ଲୋଇସିଂହା ବିଧାୟକ ଡ. ମହାଲିଙ୍ଗଙ୍କୁ ଫୋନ୍‌ରେ ଯୋଗଯୋଗ କରି ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହାପରେ ବିଧାୟକ ମହାଲିଙ୍ଗ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଶ୍ରମ ବିଭାଗ, ବଲାଙ୍ଗୀର ଜିଲାପାଳ ଏବଂ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜଣାଇଥିଲେ। ଏହାପରେ ମଧ୍ୟ ସେମାନଙ୍କୁ ଉଦ୍ଧାର କରାଯାଇ ନ ଥିଲା। ଦାଦନ ଶ୍ରମିକମାନେ ଆକୁଳ ନିବେଦନ କରିବା ପରେ ବିଧାୟକ ଡ ମହାଲିଙ୍ଗ ଘଟଣାକୁ ନେଇ ତେଲଙ୍ଗାନାର ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ପଦ୍ମଶ୍ରୀ ସୁନିଥା କ୍ରିଷ୍ଣନ୍‌ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମହାଲିଙ୍ଗଙ୍କଠାରୁ ସବୁ ତଥ୍ୟ ଜାଣିବା ପରେ ପଦ୍ମଶ୍ରୀ ସୁନିଥା ତେଲଙ୍ଗନା ସରକାର, ବିଭିନ୍ନ ଆନୁସଙ୍ଗିକ ବିଭାଗ, ସିଆଇଡି, ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରି ସ୍ୱେଚ୍ଛାସେବୀଙ୍କ ଜରିଆରେ ସମ୍ପୃକ୍ତ ଇଟାଭାଟିରେ ଚଢ଼ାଉ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ମଙ୍ଗଳବାର ଉଦ୍ଧାର କରିଥିଲେ। ବୁଧବାର ରାତିରେ ବନ୍ଧକ ୬ ଜଣ ଯାକ ଶ୍ରମିକ ବଲାଙ୍ଗୀର ପହଞ୍ଚିଥିବା ଜଣାପଡିଛି। ଏଭଳି ସହାୟତା ପାଇଁ ବିଧାୟକ ମହାଲିଙ୍ଗ ପଦ୍ମଶ୍ରୀ ସୁନିଥାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କୁ ପଚାରିବାରୁ ୫ ଦାଦନ ଶ୍ରମିକଙ୍କୁ ତେଲଙ୍ଗନାରୁ ଉଦ୍ଧାର କରି ବଲାଙ୍ଗୀର ଅଣାଯିବା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା କହିଛନ୍ତି। ଜିଲାରୁ କେତେ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଉଛନ୍ତି ଏବଂ ସେମାନେ କେଉଁଠିକୁ ଯାଉଛନ୍ତି ସେନେଇ କୌଣସି ନିରୀକ୍ଷଣ, ସୂଚନା ଶ୍ରମ ବିଭାଗ ପାଖରେ ରହୁନାହିଁ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଦୁଃଖିଶ୍ୟାମ


@ ଯଦୁମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖଡ଼ିଆଳ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମନ୍ତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ଖଡ଼ିଆଳ,୮।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ ଫଣିନ୍ଦମ ସିଂଦେଓ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଡ ରାମଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଭା ପରିଚାଳନା କରିଥିଲେ ଅଧକ୍ଷ୍ୟା ଲିଜା ଆଚାର୍ଯ୍ୟ। ଦିତୀୟ ପର୍ଯ୍ୟାୟରେ ପରିଚାଳନା କମିଟି ସଭାପତି ଡ ଫଣିନ୍ଦମ ସିଂ ଦେଓ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ସମ୍ପାଦକ ଡ ପଦ୍ମଲୋଚନ ବର୍ମା, ପରିଚାଳନା କମିଟି ଉପସଭାପତି ନିମାଇଁ ଚରଣ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ଅଧକ୍ଷ୍ୟା ଲିଜା ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ, ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ସ୍ୱାଗତ ଭାଷଣ ଏବଂ ଅଧ୍ୟାପିକା ଅର୍ପିତା ପଣ୍ଡା ଧନ୍ୟବାଦ ଦେଇଥିଲେ। ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିନୋଦ ଅଗ୍ରୱାଲ, ବିକାଶ ସିଙ୍ଘଲ, ଉଜ୍ଜ୍ୱଳ ଗୁପ୍ତା, ଆଶୁତୋଷ ପଣ୍ଡା, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମେଶର ଅଗ୍ରୱାଲ, ମନୀଷ ବଂଶଲ, ବଜରଙ୍ଗ ଅଗ୍ରୱାଲ, ରଶ୍ମି ରଞ୍ଜନ ଚଳାନ, ନରେଶ ଅଗ୍ରୱାଲ, ଭଳି ଅନେକ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବାର୍ଷିକ ଉତ୍ସବରେ କଲେଜ ପରିଚାଳନା ସଦସ୍ୟ ଡ଼ା.ମେଜର ରାମଚନ୍ଦ୍ର ମିଶ୍ର, ଡୋଳା ମୋହନ ସିଂ ବାବୁ, ଜଗଦୀଶ ପ୍ରଶାଦ ତ୍ରିବେଦୀ, ଅଜିତ ପଣ୍ଡା, ତପନ ଦାଶ, ମନୋରଞ୍ଜନ ମହାପାତ୍ର, ପ୍ରତାପ ପଟ୍ଟନାୟକ, ବିଜୟ ଶହିଷ, ସଲୋନ ସେନାପତି ପ୍ରମୁଖ ଯୋଗଦେଇଥିଲେ।

## ବ୍ଲକସ୍ତରୀୟ କୃଷକ ମେଳା

ବିନିକା, ୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତ ସିଆଲି ଗ୍ରାମରେ ବ୍ଲକସ୍ତରୀୟ କୃଷକ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ବିନୋଦ କୁମାର ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିନିକା କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ ଯୋଗ ଦେଇଥିଲେ। ଅଶୋକ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ଚାଷ ପାଇଁ ଅଧିକାରୀମାନେ ଚାଷ ଜମି ପରିଦର୍ଶନ କରି ଚାଷୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ମୃତ୍ତିକା ରସାୟନବିତ୍ ନିରୁପମା ଗଣିକ, ଆତ୍ମା ଅଧ୍ୟକ୍ଷ ପ୍ରତାପ ଚାନ୍ଦ, କୃଷିଯନ୍ତ୍ରୀ ରଶ୍ମିତା ଦଳେଇ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଦେବ ବଘାର, ପ୍ରାଣୀ ଚିକିତ୍ସକ କମଳ ପଧାନ, ମହଦା ସରପଞ୍ଚ ଭୀମସେନ ସିଂଦେଓ, ସମିତି ସଭ୍ୟ ମକରଧ୍ୱଜ ଚୌଧୁରୀ, ସରପଞ୍ଚ ସଂଘ ସଭାପତି ରଜତ ପଧାନ, ସୋନପୁର କୃଷି ଅଧିକାରୀ ଲଳିତ କୁମାର ସାହୁ ଯୋଗଦେଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃଷକ ମେଳାରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଏଥିରେ ସହକାରୀ କୃଷି ଅଧିକାରୀ ଡି.ଆର.ମହାଲିଙ୍ଗ, ଭାଗୀରଥି ମାଝୀ, ହେମନ୍ତ ଭୋଇ, ରାଜେଶ ନାୟକ, ରାଜେନ୍ଦ୍ର ମିଶ୍ର, ଧରିତ୍ରୀ ମିଶ୍ର, ଶର୍ମିଷ୍ଠା କ୍ଷେତି, ତରଣୀ ସେନ ଭୋଇଙ୍କ ସମେତ ସିଆଲି ଗ୍ରାମବାସୀ ସହଯୋଗ କରିଥିଲେ।

## କାଗଜକଲମରେ ଜଳସେଚନ

ଦେଓଗାଁ, ୮।୨(ଡି.ଏନ.ଏ.)

**ବିଭାଗୀୟ ଅଧିକାରୀଙ୍କୁ ଘେରିଲେ ଗଭୀର ନଳକୂଅ ପାଇବାରୁ ବଞ୍ଚିତ ଚାଷୀ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଘାଟ ନିକଟସ୍ଥ ତେଲନଦୀରୁ ଅଞ୍ଚଳର ଚାଷଜମିକୁ ଜଳସେଚନ ହେଉଛି। ହେଲେ ଖଗସୀକନା ଗାଁର କିଛି ଅଞ୍ଚଳକୁ କେବଳ କାଗଜକଲମରେ ଜଳସେଚନ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ ଚାଷୀମାନେ ଗଭୀର ନଳକୂପ ପାଇବାରୁ ବଞ୍ଚିତ ରହିବା ଆଶଙ୍କାରେ ବୁଧବାର ମେଗା ଜଳସେଚନ ପ୍ରକଳ୍ପର ସୋନପୁର କାର୍ଯ୍ୟାଳୟର ଅଧିକାରୀଙ୍କୁ ଘେରିଥିଲେ। ଦାବି ପୂରଣ ନ ହେବା ଯାଏ ଛାଡିବୁ ନାହିଁ ବୋଲି ସମ୍ପୃକ୍ତ ଅଧିକାରୀଙ୍କୁ ଘେରିଥିଲେ। ଖବରପାଇ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଓ ତୁଷୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ସମ୍ପୃକ୍ତ ମେଗାଜଳସେଚନ ପ୍ରକଳ୍ପର ଅଧିକାରୀ ସମସ୍ୟାର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ ତେଲନଦୀରୁ ହେଉଥିବା ଜଳସେଚନ ଖଗସୀକନା ଗାଁର ପ୍ରାୟ ୭୦ ଏକର ଚାଷଜମିକୁ ଜଳସେଚନ ହୋଇପାରୁନାହିଁ। ଫଳରେ ଉକ୍ତ ଅଞ୍ଚଳର ଚାଷୀ ପାଣି ନ ପାଇ ଚାଷ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ବର୍ଷ ଗାଁର ୧୪ଜଣ ଚାଷୀ ଗଭୀର ନଳକୂପ ଖନନ ପାଇଁ ଓଏଲଆଇସି ବିଭାଗରେ ଆବେଦନ କରିଥିଲେ। ଏଥିସହ ୟୁନିୟନ ବ୍ୟାଙ୍କରେ ୨୦ହଜାର ଟଙ୍କା ଲେଖାଏ ଜମା କରିଥିଲେ। ତେବେ ଉକ୍ତ ଅଞ୍ଚଳକୁ ମେଗା ଜଳସେଚନ ପ୍ରକଳ୍ପ ପକ୍ଷରୁ ଜଳସେଚିତ ଦର୍ଶାଇ ଦେଇଥିବାରୁ ଗଭୀର ନଳକୂପ ଖନନ ସମ୍ଭବପର ନୁହଁ ବୋଲି ଓଏଲଆଇସି ପକ୍ଷରୁ କୁହାଯାଇଥିଲା। ମେଗା ଜଳସେଚନ ବିଭାଗ ଜଳସେଚନ ହେଉ ନ ଥିବା ପ୍ରମାଣପତ୍ର ଦେଲେ ଗଭୀର ନଳକୂପ ଖୋଳା ଯାଇପାରିବ ନାହିଁ ବୋଲି ସୂଚନା ଦେବାପରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗକୁ ଏହି ସମସ୍ୟାର ସମାଧାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାପାଇଁ ବାଧ୍ୟହେବୁ ବୋଲି କହିଛନ୍ତି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ,ଆଇଆରବିଏନ ଜବାନ ଗିରଫ

ଭବାନୀପାଟଣା,୮।୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତା ଯୁବତୀ ଜଣକ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ ୫୬/୨୩) ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଜଣେ ଆଇଆରବିଏନ୍ ଜବାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

ସଇଁତଳା, ୮।୨(ଡି.ଏନ.ଏ.)

**ଶିକ୍ଷକଙ୍କ ବଦଳି ବାତିଲ ଦାବି**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବୁଢ଼ାବାହାଲ ପଞ୍ଚାୟତ ଧୁମାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ବିରୋଧ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ବୁଧବାର ବିଦ୍ୟାଳୟରେ ସେମାନେ ତାଲା ତାଲା ପକାଇଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀଯାଏ ରହିଛି। ପାଞ୍ଚଟି ଶ୍ରେଣୀକୁ ଶିକ୍ଷାଦାନ ପାଇଁ ୩ଜଣ ଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ସୁଧାଂଶୁ ନାୟକ ସ୍କୁଲର ସମସ୍ତ କାମ କରୁଥିବାରୁ ଅନ୍ୟ ଦୁଇ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏପରିସ୍ଥଳେ ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ପୃଷ୍ଟିଙ୍କୁ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଆଁରଗାଁକୁ ବଦଳି କରାଯାଇଛି। ଏହା ଜଣା ପଡ଼ିବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବଦଳି ବାତିଲ କରିବାକୁ ଦାବି କରିଥିଲେ। ହେଲେ ବ୍ଲକ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ସେମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିବା କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷକ ଭିନ୍ନକ୍ଷମ ହୋଇଥିବାବେଳେ ଅନ୍ୟ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏଥିଯୋଗୁ ଶିକ୍ଷାଦାନରେ ବାଧା ଉପୁନ୍ନ ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର ନାଗ କହିଛନ୍ତି। ଦୀର୍ଘ ୨ଘଣ୍ଟାର ଧାରଣା ପରେ ସିଆରସିସି ଲକ୍ଷରାଜ ମେହେର ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ କୁହାଯିବ ବୋଲି ଅଭିଭାବକ ଓ ଗ୍ରାମବାସୀଙ୍କୁ କହିବା ପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲା।


ତାଲା ପଡ଼ିଥିବା ଯୋଗୁଁ ଛାତ୍ରାଛାତ୍ର ବିଦ୍ୟାଳୟ ବାହାରେ ବସିଛନ୍ତି।

# ‘ବୌଦ୍ଧ ରାଜ୍ୟର ସର୍ବାଧିକ ଜଳସେଚିତ ଜିଲା ହେବ’

ବୌଦ୍ଧ,୮।୨(ସ୍ୱ.ପ୍ର.)

ବୌଦ୍ଧ ଟାଉନହଲଠାରେ ଉଠାଜଳସେଚନ ବିଭାଜନ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ବୁଧବାର ଦିନ ପାଳିତ ହୋଇଯାଇଛି। ବିଭାଗୀୟ ନିର୍ବାହୀଯନ୍ତ୍ରୀ ସେଲାଇ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଜିଲାରେ ଉଠାଜଳସେଚନର ସଫଳ କାର୍ଯ୍ୟକାରିତା ଯୋଗୁ ବହୁ ପରିମାଣର ଜମି ଜଳସେଚିତ ହୋଇ ପାରିଥିବା କହିଥିଲେ। କୃଷି ପାଇଁ ଜଳର ସୁବିନିଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାନଦୀରେ ଜଳ ସଙ୍କଟ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ସମୟରେ ଚାଷ ପାଇଁ ଜଳର ସୁବିନିଯୋଗ ଓ ସୁଷମ ବଣ୍ଟନର ଆବଶ୍ୟକତା ରହିଛି। ଜିଲାରେ ପାଣି ପଞ୍ଚାୟତଗୁଡିକ ଶୃଙ୍ଖଳାର ସହିତ କାର୍ଯ୍ୟ କଲେ ତଳମୁଣ୍ଡ ଜମିକୁ ପାଣି ମାଡିପାରିବ। ଏହାଛଡା ଆଗାମୀ ଦିନରେ ବୌଦ୍ଧ ରାଜ୍ୟର ସର୍ବାଧିକ ଜଳସେଚିତ ଜିଲାରେ ପରିଣତ ହୋଇପାରିବ ବୋଲି ମନ୍ତ୍ରୀ ଅମାତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ


ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅତିଥିଙ୍କ ଦ୍ୱାରା ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ**

ମିଶ୍ର ଯୋଗଦେଇ ଜିଲାରେ ସବୁଦିନିଆ କୃଷି ଭିତ୍ତିଭୂମିର ବିକାଶରେ ଉଠାଜଳସେଚନ ବିଭାଗର ବଡ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ଜିଲା ଜଳସମ୍ପଦ ବିଭାଜନର ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ର କୁମାର ସୀଠ, ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀ,ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉତ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଖିଳ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ସହକାରୀ ଯନ୍ତ୍ରୀ ଯୋଗେନ୍ଦ୍ର କୁମାର ରଥ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**୨୪ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲାରେ ୨୪ ପ୍ରହର ଉପଲକ୍ଷେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗ୍ରାମର ଶତାଧିକ ମହିଳାପୁରୁଷ ନିକଟସ୍ଥ ସୋନଗଡ ନଦୀରୁ ପୂର୍ଣ୍ଣ ଜଳ କଳସ ଏକ ଶୋଭାଯାତ୍ରାରେ ଆଣି ପ୍ରହର ମଣ୍ଡପରେ ସ୍ଥାପନ ପରେ ଅଧିବାସ ହୋଇଥିଲା । ଗୁରୁବାର ସକାଳେ ନାମାରମ୍ଭ କରାଯିବ । ପ୍ରହରୀ କର୍ତ୍ତାଭାବେ ଟିକେଶ୍ୱର ଗଡତ୍ୟା ଓ କଳ୍ପନା ଗଡତ୍ୟା ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଖପ୍ରାଖୋଲ,୮।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅଧ୍ୟାପକ ବଳଭଦ୍ର ଦାଶ, ଅଧ୍ୟାପିକା ସୁନନ୍ଦା ଭୋଇ, ମିନା ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ସୋନାଲି ସାହୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ସହକାରୀ ଗ୍ରନ୍ଥାଗାରିକ ଦିଲିପ ନିଆଲ, ପିଇଟି ହରେଶ କୁମାର ବେହେରା, ନିରୋଜ ବାରିକ, ଜନାର୍ଦ୍ଦନ ସୁନା,ନନ୍ଦକିଶୋର ବାଗ, ବାଳକୃଷ୍ଣ ପୁଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।

### ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼,୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମସ୍କାପଦରଠାରେ ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପରମ୍ପରା ଅନୁଯାୟୀ, ପୂଜକମାନେ ମାଘ ମାସ ସପ୍ତମୀ ଦିନ ସାତ ଗୋଟି ନୂଆ ଚାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ବିରି, କୋଳଥ ଇତ୍ୟାଦି ବିହନ ପକାଇଥିଲେ। ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟାଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା' ଛାଞ୍ଚେନ ରୂପେଣ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମାଘ ମାସ ପୂର୍ଣ୍ଣିମା ଦିନ ମା'ଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଥିଲା। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆର୍ବିଭା ହୋଇଥିଲା। ଏହାପରେ ଦେବୀଙ୍କ କାଳସି ମୁଖ୍ୟ ପୀଠସ୍ଥଳୀ ଛାଞ୍ଚେଣ ରୂପେନ ପାହାଡ଼କୁ ଯିବା ସହ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲି ଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ରାଜଣା ମାଝି ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଳସି ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏଥିରେ ଛାଞ୍ଚେଣ ରୂପେନଙ୍କ ମୁଖ୍ୟ ପୂଜକ ଖଞ୍ଜା ଲୋହରା, ରାଶି ଲୋହରା, କୁଲୁ ଲୋହରା ଓ ବାହୁକ ହରିଶଙ୍କର ପ୍ରଧାନୀ ସମେତ ମସ୍କାପଦର ଛାଞ୍ଚେନ ରୂପେନ ଯୁବକ ସଂଘ ସଭାପତି ଧାନ ମାଝି, ସମ୍ପାଦକ ରାଜେନ୍ଦ୍ର ନାଏକ, ଉପସଭାପତି ଶୁଶାନ୍ତ ହରିଜନ, ସହ ସମ୍ପାଦକ ଜଗନ୍ନାଥ ପ୍ରଧାନୀ, ସତ୍ୟନାରାୟଣ ନାଏକ, ଭୈରବ କୁମାର ବହିଦାର, ସୁନାଧର ବାଗ, କେଶବ ମାଝି, ଗୌରାଙ୍ଗ ମାଝି, ଆଜିତ କୁମାର ହରିଜନ, ଭରତ ମାଝି, ପର୍ଶୁ ହରିଜନ, ନବୀନ ମାଝି, ମାଧବ ମାଝି ଓ ସମସ୍ତ କମିଟି ସଦସ୍ୟ ସମେତ ଗ୍ରାମବାସୀ ଦାୟିତ୍ୱ ତୁଲାଇଥିଲେ।

# ତେଲଙ୍ଗାନାରୁ ୫ ଦାଦନ ଶ୍ରମିକ ଉଦ୍ଧାର

- ୨ବର୍ଷ ଧରି ଇଟାଭାଟିରେ ବନ୍ଧକ ଥିଲେ
- ବିଧାୟକ ମୁକେଶ ମହାଲିଙ୍ଗ, ପଦ୍ମଶ୍ରୀ ସୁନିତା କ୍ରିଷ୍ଣନ୍‌ଙ୍କ ହସ୍ତକ୍ଷେପ ପରେ ମୁକୁଳିଲେ

ବଲାଙ୍ଗୀର ଅଫିସ/ଲୋଇସିଂହା, ୮।୨(ଡି.ଏନ.ଏ.)


ତେଲଙ୍ଗାନାରୁ ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

ତେଲଙ୍ଗନା ପ୍ରଦେଶ ମେଡକ ଜିଲା ଅନ୍ତର୍ଗତ ରାମପୁର ଗ୍ରାମରେ ଥିବା ଏକ ଇଟାଭାଟିରେ ବଲାଙ୍ଗୀର ଜିଲାର ଜଣେ ଦେଢ଼ବର୍ଷର ଶିଶୁ ସହ ୫ଜଣ ଦାଦନ ଶ୍ରମିକଙ୍କୁ ଦୁଇବର୍ଷ ହେଲା ବନ୍ଧକ ରଖାଯାଇଥିଲା। ଏସମ୍ପର୍କରେ ପୀଡିତମାନେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କୁ ଯୋଗାଯୋଗ କରିବା ପରେ ସେମାନଙ୍କୁ ଦୀର୍ଘ ଦୁଇବର୍ଷ ପରେ ଉକ୍ତ ଇଟାଭାଟିରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ୬ ଜଣ ଦାଦନଙ୍କ ମଧ୍ୟରେ ଦୁଇଜଣ ମହିଳା ଏବଂ ଜଣେ ଦେଢ଼ ବର୍ଷର ଶିଶୁ ରହିଛନ୍ତି।

ପ୍ରାୟ ଦୁଇବର୍ଷ ତଳେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଉପରବାହାଲ ଗ୍ରାମ ପଞ୍ଚାୟତର ରାଘୁପଦର ଗ୍ରାମର ଘାତୁଲ ରଣା (୬୦), ସୁନ୍ଦରୀ ରଣା (୫୦), ମୁକୁନ୍ଦ ରଣା (୨୫), ନିରୁ ବଢ଼େଇ (୨୫) ଓ ସୁଦାମ ରଣା (୧୬) ଦାଦନ ଖଟିବାକୁ ତେଲଙ୍ଗନା ଯାଇଥିଲେ। ସେଠାରେ ମେଡକ ଜିଲା ରାମପୁରଠାରେ ଥିବା ଲକ୍ଷ୍ମୀ ନାରାୟଣ ଇଟାଭାଟିରେ କାମ କରିଥିଲେ। ମାତ୍ର ଇଟାଭାଟି ମାଲିକ ସେମାନଙ୍କୁ ବନ୍ଧକ କରି ଜୋର ଜବରଦସ୍ତି କାମ କରାଉଥିଲେ। ବାରମ୍ବାର ସେଠାରୁ ଯିବାକୁ ଅନୁରୋଧ କଲେ ମଧ୍ୟ ଏହି ଦାଦନ ଶ୍ରମିକଙ୍କୁ ଇଟାଭାଟି ମାଲିକ ଆଉ ଛାଡି ନ ଥିଲେ। ସେଠାରୁ ଉଦ୍ଧାର କରିବା ପାଇଁ ଏବଂ ଖସି ଆସିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହି ଦାଦନ ଶ୍ରମିକମାନେ ସଫଳ ହୋଇ ନ ଥିଲେ। କୌଣସି ସୂତ୍ରରୁ ଲୋଇସିଂହା ବିଧାୟକ ଡ. ମହାଲିଙ୍ଗଙ୍କୁ ଫୋନ୍‌ରେ ଯୋଗାଯୋଗ କରି ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହାପରେ ବିଧାୟକ ମହାଲିଙ୍ଗ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଶ୍ରମ ବିଭାଗ, ବଲାଙ୍ଗୀର ଜିଲାପାଳ ଏବଂ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜଣାଇଥିଲେ। ଏହାପରେ ମଧ୍ୟ ସେମାନଙ୍କୁ ଉଦ୍ଧାର କରାଯାଇ ନ ଥିଲା। ଦାଦନ ଶ୍ରମିକମାନେ ଆକୁଳ ନିବେଦନ କରିବା ପରେ ବିଧାୟକ ଡ ମହାଲିଙ୍ଗ ଘଟଣାକୁ ନେଇ ତେଲଙ୍ଗାନାର ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ପଦ୍ମଶ୍ରୀ ସୁନିଥା କ୍ରିଷ୍ଣନ୍‌ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମହାଲିଙ୍ଗଙ୍କଠାରୁ ସବୁ ତଥ୍ୟ ଜାଣିବା ପରେ ପଦ୍ମଶ୍ରୀ ସୁନିଥା ତେଲଙ୍ଗନା ସରକାର, ବିଭିନ୍ନ ଆନୁସଙ୍ଗିକ ବିଭାଗ, ସିଆଇଡି, ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରି ସ୍ୱେଚ୍ଛାସେବୀଙ୍କ ଜରିଆରେ ସମ୍ପୃକ୍ତ ଇଟାଭାଟିରେ ଚଢ଼ାଉ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ମଙ୍ଗଳବାର ଉଦ୍ଧାର କରିଥିଲେ। ବୁଧବାର ରାତିରେ ବନ୍ଧକ ୬ ଜଣ ଯାକ ଶ୍ରମିକ ବଲାଙ୍ଗୀର ପହଞ୍ଚିଥିବା ଜଣାପଡିଛି। ଏଭଳି ସହାୟତା ପାଇଁ ବିଧାୟକ ମହାଲିଙ୍ଗ ପଦ୍ମଶ୍ରୀ ସୁନିଥାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କୁ ପଚାରିବାରୁ ୫ ଦାଦନ ଶ୍ରମିକଙ୍କୁ ତେଲଙ୍ଗନାରୁ ଉଦ୍ଧାର କରି ବଲାଙ୍ଗୀର ଅଣାଯିବା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା କହିଛନ୍ତି। ଜିଲାରୁ କେତେ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଉଛନ୍ତି ଏବଂ ସେମାନେ କେଉଁଠିକୁ ଯାଉଛନ୍ତି ସେନେଇ କୌଣସି ନିରୀକ୍ଷଣ, ସୂଚନା ଶ୍ରମ ବିଭାଗ ପାଖରେ ରହୁନାହିଁ।




**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com


@ ଦୁଃଖୀଶ୍ୟାମ


@ ଯଦୁମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଚେରି ପଡ଼ି ଠିକା ଶ୍ରମିକ ମୃତ

**ପିଡବ୍ଲ୍ୟୁଡି ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ**

ରାଉରକେଲା ଅଫିସ, ୮।୨



ରଘୁନାଥପାଲି ଥାନା ଅନ୍ତର୍ଗତ ରାଉରକେଲା ସରକାରୀ କଲେଜ ପରିସରରେ ଏକ ପାଚେରି ଗଳିପଡିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ କୈଳାସ ଜେନା (୩୪) । ସୂଚନାଯୋଗ୍ୟ, ରାଉରକେଲା ସରକାରୀ କଲେଜ ପରିସରରେ ରମେଶ ଚନ୍ଦ୍ର ଜେନା ପରିବାର ସହ ବାସ କରନ୍ତି। ରମେଶ ଉକ୍ତ କଲେଜରେ ୱାଚମ୍ୟାନ ଭାବେ କାର୍ଯ୍ୟରୁ ଅବସର ନେଇ ସେଠାରେ ରହି ଆସୁଥିଲେ। ତାଙ୍କର ବଡ ପୁଅ କୈଳାସ ଆରଏସ୍‌ପିରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ରାତି ସାଢେ ୧୦ଟାରେ କୈଳାସ ଉକ୍ତ ପାଚେରି ପାଖରେ ଲାଗିଥିବା ପିଏଚଡି ନଳକୁ ପାଣିଆଣିବାକୁ ଯାଇଥିବାବେଳେ ହଠାତ କୌଣସି କାରଣରୁ ପାଚେରୀ ଗଳି ପଡିଥିଲା। ଫଳରେ ରମେଶ ପାଚେରି ତଳେ ଚାପି ହୋଇ ଯାଇଥିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷେ କୈଳାସଙ୍କ ଭାଇ ସୂରଜ ଉକ୍ତ ପାଚେରୀ ପାଖରେ ହାତ ଧୋଉଥିବାବେଳେ ପାଚେରି ପଡିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଭାଜପା ଯୁବନେତା ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ କ୍ଷତିପୂରଣ ପାଇଁ ରାଉରକେଲା ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟା ସମୟରେ ରାଉରକେଲା ପିଡବ୍ଲ୍ୟୁଡି ଅଧିକାରୀ ମନୋଜ ମହାନନ୍ଦ ମୃତକଙ୍କ ପରିବାରର କ୍ଷତିପୂରଣ ପାଇଁ ଯାହା ସହଯୋଗ ହୋଇପାରିବ ତାହା କରିବା ସହ ତାଙ୍କ ଭାଇଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଖର୍ଚ୍ଚ ଓ ଶବଦାହ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି ବିକ୍ଷୋଭରେ ଭରତ ବେହେରା, ବିକି ପରିଡା, ବିଶ୍ୱଜିତ ତ୍ରିପାଠୀ, ଦୀପକ ସାହୁ, ରାଜେଶ ମଲ୍ଲିକ, ଅଜୟ ଜେନା, ଅରୁପାନନ୍ଦ ବାରିକ, ଶୁଶାନ୍ତ ବିଶ୍ୱାଳ, ଶେଖ ମୁଜାହିଦ, ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଆଇଆରବିଏନ ଯବାନ ଗିରଫ

ଭବାନୀପାଟଣା,୮।୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତା ଯୁବତୀ ଜଣକ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ ୫୬/୨୩) ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଜଣେ ଆଇଆରବିଏନ୍ ଯବାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

### ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଆର୍ଥିକ ସ୍ୱାକ୍ଷରତା ସମ୍ବନ୍ଧୀୟ କର୍ମଶାଳା

ନୂଆପଡ଼ା ଅଫିସ,୮।୨

ଓଡିଶା ଜୀବିକା ମିଶନ ପକ୍ଷରୁ ମିଶନ ଶକ୍ତି ଓ ବ୍ୟାଙ୍କ ପରିଚାଳକମାନଙ୍କୁ ନେଇ ଆର୍ଥିକ ସ୍ୱାକ୍ଷରତା ସମ୍ବନ୍ଧୀୟ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ନାର୍ବାଡର ଡିଡିଏମ ଲିଡ ବ୍ୟାଙ୍କ ପରିଚାଳକ ସିତାରାମ ମେହେର, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ଭୁ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଓଡିଶା ଜୀବିକା ମିଶନ ଜିଲା ପରିଚାଳକ ଟିମନ ବାରା, ଜୀବିକା ମିଶନ ଜୀବିକା ପ୍ରକଳ୍ପ ପରିଚାଳକ ନିହାର ରଞ୍ଜନ ସାହୁଙ୍କ ସମସ୍ତ ବିଡିଓ, ଶିଶୁ ମଙ୍ଗଳ ଅଧିକାରୀ, ବିପିଏମ, ବିପିସି ଓ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଆର୍ଥିକ ସ୍ୱାକ୍ଷରତା ଅଭିଯାନରେ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ପ୍ରଧାମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କ ବ୍ୟାଙ୍କ ସହ ଯୋଗାଯୋଗ ରଖିବା, ସୁକନ୍ୟା ସମୃଦ୍ଧି ଯୋଜନାକୁ ଅଗ୍ରାଧିକାର ଭିତିରେ ଶତ ପ୍ରତିଶତ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ସମସ୍ତେ ଅଗ୍ରାଧିକାର ଭିତିରେ ସଫଳ କରିବା ନେଇ ଗୁରୁତ୍ୱ ଦିଆଯାଇଛି।

## ଘାସିରାମ ଦୋରା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଜଣେ କୃତୀଙ୍କୁ ପୁରସ୍କୃତ କରାଯାଉଛି।

ତୁଣ୍ଡଲା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଗ୍ରାମପଞ୍ଚାୟତ ଘାସିରାମ ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ଭବାନୀପାଟଣା ମାଣିକେଶ୍ୱରୀ ଉଚ୍ଚବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ଭୋଇ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଓ ବ୍ଲକ ଜିଲା ପରିଷଦ ସଦସ୍ୟା ଦୀପାଞ୍ଜଳି ସାହୁ ରହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ସମିତି ସଭ୍ୟ ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୃତୀମାନଙ୍କୁ ପୁରସ୍କାର ସହିତ ମାନପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବେଲଖଣ୍ଡି କ୍ଲଷ୍ଟର ସିଆରସିସି ଦିବ୍ୟ ସିଂ ମାଝି ସହଯୋଗ କରିଥିଲେ। ଶିକ୍ଷକ ସୁଜନ ଛତ୍ରିଆ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଧନଞ୍ଜୟ ରଣା ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ପଲମ,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଚାରିଛକରେ ଥିବା ଓଡିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲ ଉନ୍ନୟନ କମିଟି ପକ୍ଷରୁ କଳାହଣ୍ଡି ଜିଲାର ମୋହନଗିରି, ପଲମ, ମଦନପୁର ଏବଂ ବଲାଙ୍ଗୀରର ରୁଷୁଡା ଓ ସାନସୁରଡାକୁ ନେଇ ମିଳିତ ଭାବେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପଲମ ସରପଞ୍ଚ ହେମକିଶୋର ନାଗ, ମୁଖ୍ୟବକ୍ତା ଭାବେ ପଲମ କ୍ଲଷ୍ଟର ସିଆରସିସି ବିପ୍ର ବର୍ଗତି, ମୁଖ୍ୟ ସମ୍ମାନିତ ଅତିଥି ଭାବେ ପଲମ ଫାଣ୍ଡି ଅଧିକାରୀ ଅକ୍ଷୟ ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ଓଏସବିଏସ ପଲମ ସଭାପତି ବଳରାମ ଭୋଇ, ଓଏସବିଏସ ମୋହନଗିରି ସଭାପତି ମହିଧର ବିଶ୍ୱାଳ, ଗ୍ରାମର ପୂଜକ ଗୋକୁଳ ଜାନୀ, ବଣିକ ସଂଘ ସଭାପତି ଯଶବନ୍ତ ସାହୁ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ଭୋଇ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ ଏବଂ ମୁଖ୍ୟବକ୍ତା ଭାବେ ଟିଷିଡା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନର୍ଲା ଜୋନ ୧୧ ଜିଲା ପରିଷଦ ସଦସ୍ୟା ନମ୍ରତା ସାହୁ, ସାମାଜିକ କର୍ମୀ ଶୁକଦେବ ସାହୁ, ଓଏସବିଏସ ସମ୍ପାଦକ ବିଶ୍ୱାଳଲା ମାଝି, ମଦନପୁରର ହରିଶ୍ଚନ୍ଦ୍ର ବର୍ଗତି, ସାନସୁରଡାର ରଘୁନାଥ ଭୋଇ, ପଲମର ପ୍ରଦିପ କୁମାର ଭୋଇ, ମୋହନଗିରିର ଦିବାକର ସାହୁ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ କରିଥିଲେ। କ୍ରୀଡାରେ କୃତୀ ପ୍ରତିଯୋଗୀଙ୍କୁ ପରସ୍କୃତ କରାଯାଇଥିଲା। ଅନ୍ୟ ବିଦ୍ୟାଳୟରୁ ଆସିଥିବା ଓଏସବିଏସ ମୁଖପାତ୍ର ତଥା ଅଭିଭାବକମାନେ ଯୋଗଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ଜଳ ଯୋଗାଣ ବନ୍ଦ, ଲୋକେ ହନ୍ତସନ୍ତ

**ପାଇପ ଫାଟି ୧୫ ଦିନ ବିତିଲା**

ବୋଡେନ,୮।୨(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଟିଖାଲି ଡ୍ୟାମଠାରୁ ପାଣି ଯୋଗାଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ନିମ୍ନମାନର କାମ ଯୋଗୁଁ ବାରମ୍ବାର ପାଣି ପାଇପ ଫାଟୁବାରୁ ପାଣି ଯୋଗାଣ ଠପ ହୋଇଯାଇଛି। ଫଳରେ ଲୋକେ ବାଧ୍ୟ ହୋଇ ନଳକୂପର ଫ୍ଲୋରାଇଡ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏପରି କି ଅନେକ ଗାଁଗୁଡିକରେ ନଳକୂପ ନ ଥିବାରୁ ମହିଳାମାନେ ଦୀର୍ଘ କି.ମି. ଦୂର ଚାଲି ପାଣି ସଂଗ୍ରହ କରୁଛନ୍ତି। ବର୍ତ୍ତମାନ ବୋଡେନ, ବିନପୁର, ବୋଇରଗାଁ, ସୁନାପୁର, ବାଗବାହାଲ, ଆମ୍ବଗୁଡା ସର୍ଗିଗୁଡା ନାଗପଡା, କର୍ଲାକୋଟ ଖଇରା, କେଶରାଜପୁର, ଡୁର୍କାମୁଣ୍ଡା, ସାଲେପଡା, ବୁଡାପଡା, ଡମଝର, ମରଗାଁ ସିର୍ଲୀ, ମାକରବିର୍ଲି, ଲିଟିସର୍ଗି ଆଦି ଗାଁକୁ ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଲୋକମାନେ ପାଣି ପାଇଁ ଅସୁବିଧା ଭୋଗ କରୁଛନ୍ତି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଏବେଠୁ ଲୋକେ ପାଣି ପାଇଁ ଚିନ୍ତାରେ ପଡ଼ିଛନ୍ତି।

# ଶୀତ, ଭୋକରେ ଚାଲିଗଲା ବୃଦ୍ଧାଙ୍କ ଜୀବନ

**ମୃତା ବୃଦ୍ଧାଙ୍କ ପାଇଁ ଦେବଦୂତ ସାଜିଲା ଆଶ୍ରା ମହିଳା ସଙ୍ଗଠନ**

ରାଉରକେଲା ଅଫିସ, ୮।୨


ବେଦବ୍ୟାସ ଶ୍ମଶାନକୁ ଆଶ୍ରା ମହିଳାମାନେ ବୃଦ୍ଧାଙ୍କ ମୃତଦେହ ବୋହି ନେଉଛନ୍ତି।

ରାଉରକେଲା ଇସ୍ପାତ ସହର ପଧାନପାଲିର ସାଇମନ୍ଦିର ପରିସରରୁ ଆସିଛି ଏକ କରୁଣମୟ ଘଟଣା। ଘଟଣା ହେଉଛି ଜଣେ ନିଃସହାୟ ଅପରିଚିତ ବୃଦ୍ଧଙ୍କର। ଗତ ୩୧ ତାରିଖ ଜନୈକ ଅପରିଚିତ ଅସହାୟ ବୃଦ୍ଧା ଜଣକ ଭୋକ ଉପାସରେ ନିବସ୍ତ୍ର ଅବସ୍ଥାରେ ପଧାନପାଲି ସାଇମନ୍ଦିର ନିକଟସ୍ଥ ଜନୈକ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଘର ବାରଣ୍ଡାରେ ଶୀତରେ କବଳିତ ହୋଇ ପଡି ରହିଥିଲେ। ଯେଉଁଠି ବୃଦ୍ଧା ଜଣକ ନିବସ୍ତ୍ର ହୋଇ ପଡିଥିଲେ ସେଠି ଅନେକ ବିଜ୍ଞବ୍ୟକ୍ତି ଓ ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ରୁହନ୍ତି। ମାତ୍ର ପରିତାପର ବିଷୟ ଘୃଣାରେ ହେଉ ବା ମାନବିକତାର ଭାବନାର ଅଭାବରେ ହେଉ ନିବସ୍ତ୍ର ନିସହାୟ ବୃଦ୍ଧାଙ୍କୁ କେହି ଜଣେ ସୁଦ୍ଧା ଖାଇବା ପାଇଁ ମୁଠାଏ ଦାନା ଦେଲେ ନାହିଁ କି ଶୀତଦାଉରୁ ବୃଦ୍ଧାଙ୍କୁ ବଞ୍ଚାଇବା ପାଇଁ କନା ଖଣ୍ଡିଏ ଦେଲେ ନାହିଁ । ଫଳରେ ଗତ ୫ତାରିଖ ଅପରିଚିତ ବୃଦ୍ଧାଙ୍କର ଭୋକ ଓ ଅତ୍ୟଧିକ ଥଣ୍ଡା ଯୋଗୁ ରାଉରକେଲା ଆର୍‌ଜିଏଚ୍‌ରେ ଚିକିତ୍ସାଧିନ ଅବସ୍ଥାରେ ହିଁ ମୃତ୍ୟୁ ହୋଇଗଲା। ମାତ୍ର ଏହିଭଳି ସ୍ୱାର୍ଥପର ଦୁନିଆଁରେ ଏବେବି କିଛି ମାନବବାଦୀ ଲୋକ ଅଛନ୍ତି। ଯାହାକି ରାଉରକେଲା ଆଶ୍ରା ସଙ୍ଗଠନର ମହିଳାମାନେ ଏଘଟଣାରେ ମାନବିକତା ଦେଖାଇ ପ୍ରମାଣ କରିଛନ୍ତି। ଗତ ୨ ତାରିଖରେ ଆଶ୍ରା ସଙ୍ଗଠନର ମହିଳାମାନେ ଜଣେ ବୃଦ୍ଧା ସାଇମନ୍ଦିର ପରିସରରେ ନିବସ୍ତ୍ର ହୋଇ ପଡି ରହିଥିବା ସୂଚନା ପାଇଲେ । ସୂଚନା ପାଇବା କ୍ଷଣି ଆଶ୍ରା ସଙ୍ଗଠନର ପ୍ରତିଷ୍ଠାତା ତଥା ସାମାଜିକ ନେତ୍ରୀ ମିନତୀ ଦେବତା ଓ ତାଙ୍କର ସହଯୋଗୀ ମହିଳା ସାଥି ନିବସ୍ତ୍ର ବୃଦ୍ଧଙ୍କର ପାଖକୁ ଗଲେ। ବୃଦ୍ଧାଙ୍କୁ ଖାଇବା ଦ୍ରବ୍ୟ ଦେବା ସହ ଘୋଡେଇ ହେବା ପାଇଁ କମ୍ବଳ ଆଦି ଶୀତବସ୍ତ୍ର ଦେଲେ। ବୃଦ୍ଧଙ୍କ ଅବସ୍ଥା ଶୀତରେ ଗୁରୁତ୍ୱର ହୋଇଥିବା ଜାଣି ତୁରନ୍ତ ୧୦୮ ଆମ୍ବୁଲାନ୍ସରେ ଆରଜିଏଚ୍ ମେଡିକାଲକୁ ନେଇ ଭର୍ତ୍ତି କରାଇଲେ । ପରେ ବୃଦ୍ଧଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ମାତ୍ର ଭୋକ ଓ ପ୍ରବଳ ଥଣ୍ଡାରେ ବୃଦ୍ଧାଙ୍କ ସର୍ବାଙ୍ଗ ଶରୀର ନିଷ୍କ୍ରିୟ ହୋଇ ଯାଇଥିବା ଯୋଗୁଁ ଗତ ୫ ତାରିଖ ବୃଦ୍ଧାଙ୍କ ମୃତ୍ୟୁ ହେଲା। ପରେ ଆଶ୍ରା ସଙ୍ଗଠନର ମହିଳାମାନେ ବୃଦ୍ଧଙ୍କର କୌଣସି ଚିହ୍ନା ପରିଚିତ ବ୍ୟକ୍ତିଙ୍କ ଅନୁସନ୍ଧାନ ଲଗାଇବା ପାଇଁ ଛେଣ୍ଡ ଥାନାକୁ ଅବଗତ କଲେ। ପୋଲିସ ୩ଦିନ ଧରି ବୃଦ୍ଧଙ୍କର ମରଶରୀର ସୁରକ୍ଷିତ ଭାବରେ ରଖି ମୃତକଙ୍କ ଚିହ୍ନା ପରିଚୟ ଅନୁସନ୍ଧାନ କଲା। ମାତ୍ର ବୃଦ୍ଧାଙ୍କର କୌଣସି ଚିହ୍ନା ପରିଚତ ଲୋକ ଅନୁସନ୍ଧାନ ନ ମିଳିବାରୁ ଶେଷରେ ବୁଧବାର ନିଜେ ଆଶ୍ରା ମହିଳା ସଙ୍ଗଠନର ମୃତ ବୃଦ୍ଧାଙ୍କର ଉତ୍ତରାଧିକାରୀ ସାଜି ହିନ୍ଦୁ ରିତୀନିତୀରେ ବେଦବ୍ୟାସ ଶ୍ମସାନ ମାଟି ତଳେ ପୋତି ଅନ୍ତିମ ସତ୍କାର କରିଛନ୍ତି। ଗୋଟେପଟେ ଆଶ୍ରା ମହିଳା ସଙ୍ଗଠନ ଏଭଳି ମହତ୍ କାର୍ଯ୍ୟକୁ ସଭିଏଁ ପ୍ରଶଂସା କରୁଛନ୍ତି। ବୃଦ୍ଧାଙ୍କର ଅନ୍ତିମ ସଂସ୍କାର କରିଥିଲେ ଆଶ୍ରା ସଙ୍ଗଠନର ମିନତୀ ଦେବତା, ବାସନ୍ତୀ ଦାଶ, ବନିତା ଦାସ ,ସବିତା ଜାମୁଡା ଓ ପଙ୍କଜିନୀ ପ୍ରମୁଖ ମହିଳାମାନେ।



ବଜେଟ୍ ଅଧିବେଶନ ଅବସରରେ ବୁଧବାର ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ନବଙ୍କୁ କାଳ ହେଲା ମୁଖ୍ୟମନ୍ତ୍ରୀ ଆଶା: ଭାଜପା

- **କାରସାଦି କରି ଚାପିଦେବାକୁ ବସିଛନ୍ତି ସରକାର: ଜୟନାରାୟଣ**
- **ତଦନ୍ତ କାହିଁକି ଏପରି ହେଉଛି : ସୁରେଶ**
- **ଏମାନେ ହୀନ ରାଜନୀତି କରି ନବଙ୍କୁ ମାରିଛନ୍ତି: ସଞ୍ଜୟ**

ଭୁବନେଶ୍ୱର,୮।୨(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟାକାଣ୍ଡକୁ ନେଇ ପ୍ରତିଦିନ ବିରୋଧୀ ରାଜ୍ୟର ଶାସନ ବ୍ୟବସ୍ଥା ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ ଏଏସ୍ଆଇ ମନ୍ତ୍ରୀଙ୍କୁ ହତ୍ୟାକରିବା ପଛରେ କିଛି ବଡ଼ ଧରଣର ଷଡ଼ଯନ୍ତ୍ର ଥିବା ବିରୋଧୀ ଅଭିଯୋଗ କରୁଥିବା ବେଳେ ଭାଜପା ନେତା ପ୍ରଦୀପ ପୁରୋହିତ ବୁଧବାର ଏକ ସାଙ୍ଘାତିକ ତଥ୍ୟ ଚର୍ଚ୍ଚା ହେଉଥିବା କହିଛନ୍ତି। ସେପଟେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଧ୍ୟ ପୁଣି ଏହି ପ୍ରସଙ୍ଗରେ ଅଭିଯୋଗ ଆଣିଛନ୍ତି। ତେବେ ବିଜେଡି ଏହି ହତ୍ୟାକାଣ୍ଡ ପଛରେ ଭାଜପା ନେତାଙ୍କ ହାତ ଥିବା ନେଇ ଅଭିଯୋଗ କରିଛି। ତେବେ ନବଙ୍କୁ ଗୁଳି ଚଳାଇଥିବା ପୋଲିସ ଏଏସ୍ଆଇଙ୍କୁ ପୁଣି ୫ ଦିନ ରିମାଣ୍ଡରେ ନେବାକୁ କରାଯାଇଥିବା ଆବେଦନ ଗ୍ରହଣ ହୋଇଥିବା ବେଳେ ଜଷ୍ଟିସ୍ ଜେ.ପି. ଦାସ ଏବଂ ପୋଲିସ ଡିଜି ଘଟଣାସ୍ଥଳକୁ ଯାଇ ସବୁ ଦିଗରୁ ସମୀକ୍ଷା କରିଛନ୍ତି।

ଭାଜପା ନେତା ପୁରୋହିତ କହିଛନ୍ତି, ମୁଖ୍ୟମନ୍ତ୍ରୀ ହେବାର ଆଶା ନବଙ୍କ ପାଇଁ କାଳ ହେଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରେ କିଏ ମୁଖ୍ୟମନ୍ତ୍ରୀ ହେବେ ସେହି ବିବାଦ ହିଁ ହତ୍ୟାର କାରଣ ବୋଲି ଶୁଣାଯାଉଛି। ମୁଖ୍ୟମନ୍ତ୍ରୀ ଆଶାରେ ନବ ଶନିଙ୍କ ପାଖକୁ ଯାଇଥିଲେ। ଯିଏ ବିଜେଡିରୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖିଛନ୍ତି ସେ ହିଁ ନବଙ୍କ ହତ୍ୟାକାରୀ।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ନବଙ୍କ ହତ୍ୟାରେ ଗୋପାଳ କେବଳ ସୁଟର। ହେଲେ ଏହି ହତ୍ୟାର ହ୍ୟାଣ୍ଡେଲର କିଏ ପୋଲିସ ତାହା ଖୋଜୁନାହିଁ। ନବଙ୍କ ହତ୍ୟା ପଛରେ ବହୁ ବଡ଼ ବଡ଼ ମୁଣ୍ଡ ରହିଛନ୍ତି। ଓଡ଼ିଶା ପୋଲିସ ତଦନ୍ତ ନାଁରେ କେବଳ ଡ୍ରାମା କରୁଛି। କାରସାଦି କରି ଏହି ଘଟଣାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଚାପିଦେବାକୁ ବସିଛନ୍ତି ବୋଲି ଜୟନାରାୟଣ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ତଦନ୍ତରେ ସେ ଖୁସି ନାହାନ୍ତି। ଜଣେ ଅବସରପ୍ରାପ୍ତ ଜଜ୍‌ଙ୍କ ଦ୍ୱାରା ତଦନ୍ତର ତଦାରଖ କରିବା କେବଳ ଥଟ୍ଟା କରିବା ସହିତ ସମାନ। ମୁଖ୍ୟମନ୍ତ୍ରୀ ନବ ଦାସଙ୍କ ଦେହାନ୍ତ ପରେ ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ହେଲେ ତଦନ୍ତ କାହିଁକି ଏପରି କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସାନ୍ତ୍ୱନା କେବଳ ପାଣିର ଗାର ବୋଲି ସୁରେଶ କହିଛନ୍ତି।

ଅପରପକ୍ଷେ ବିଜେଡି ନେତା ସଞ୍ଜୟ ବାବୁ କହିଛନ୍ତି, ନବ ଦାସ ବିଜେଡି ପାଇଁ ବଡ଼ ସମ୍ପତ୍ତି ଥିଲେ। ଭାଜପା ନେତାମାନେ ଅସହିଷ୍ଣୁ ହେବାର କାରଣ ମଧ୍ୟ ରହିଛି। କାରଣ ନବ ଦାସଙ୍କ ଉପସ୍ଥିତିରେ ପଶ୍ଚିମ ଓଡ଼ିଶାରେ ସେମାନେ ଅଗ୍ରଗତି କରିପାରୁ ନ ଥିଲେ। ଗତ ପଦ୍ମପୁର ଉପନିର୍ବାଚନରେ ନବଙ୍କ ବିରୋଧରେ ଭାଜପାର ଶୀର୍ଷନେତାମାନେ ବହୁ ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିଲେ। ତେଣୁ ସେମାନେ ଅସହିଷ୍ଣୁ ହୋଇ ଏଭଳି କାର୍ଯ୍ୟ କରିଥାଇପାରନ୍ତି। ପଶ୍ଚିମ ଓଡ଼ିଶାର ଜଣେ ନେତାଙ୍କ ହତ୍ୟା ପଛରେ ଏମାନଙ୍କ ଭୂମିକା ଥିବା ସନ୍ଦେହ କରାଯାଉଛି। ଆଗକୁ ବରଗଡ଼ ଲୋକ ସଭା ପ୍ରାର୍ଥୀ ହେବାକୁ ଆଶା ରଖିଥିବା ଜଣେ ଶୀର୍ଷସ୍ତରର ଭାଜପା ନେତାଙ୍କ ସମ୍ପୃକ୍ତି ଥିବା ମଧ୍ୟ ଆଶଙ୍କା କରାଯାଉଛି। ଏମାନେ ହୀନ ରାଜନୀତି କରି ନବଙ୍କ ଯେପରି ଜୀବନ ନେଇଛନ୍ତି ଏହାକୁ ବିଜେଡି ନିନ୍ଦା କରୁଛି ବୋଲି ସେ କହିଛନ୍ତି।

# ଅଧିକ ସହାୟତା ଦାବିକଲା ବିଜେଡି

**ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା**

**ଭୁବନେଶ୍ୱର,୮।୨(ବ୍ୟୁରୋ):** ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଅଂଶଗ୍ରହଣ କରି କହିଛନ୍ତି, ଦେଶର ଦ୍ରୁତତମ ଅଭିବୃଦ୍ଧି କରୁଥିବା ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ। ରାଜ୍ୟର ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଗଲେ ଏହାର ବାସ୍ତବତା ହୃଦୟଙ୍ଗମ ହେବ। ଓଡ଼ିଶାକୁ ଭିତ୍ତିଭୂମି ବଢ଼ାଇବା ସହ ସହାୟତା ପ୍ରଦାନ ଉପରେ ଅଧିକ ଧ୍ୟାନଦେବା ଜରୁରୀ। ଜାତୀୟ ରାଜପଥ, ଡିଜିଟାଲ କନେକ୍ଟିଭିଟି ଓ ବ୍ୟାଙ୍କିଙ୍ଗ୍ ସେବା ଭିତ୍ତିଭୂମି ବିକାଶର ପ୍ରମୁଖ କ୍ଷେତ୍ର। ରାଜ୍ୟରେ ଏହାର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟରେ ବହୁ ଜାତୀୟ ରାଜପଥ ପ୍ରକଳ୍ପ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। କଟକ-ସମ୍ବଲପୁର ପରି ବହୁ ଜାତୀୟ ରାଜପଥ ପ୍ରକଳ୍ପ ଦୀର୍ଘ ବର୍ଷ ଧରି ଦୁର୍ବଳ ଅବସ୍ଥାରେ ଅଛି। ଉପକୂଳ ରାଜପଥ ପ୍ରକଳ୍ପ କେବଳ ଫାଇଲରେ ସୀମିତ ରହିଛି। ଏହି ପ୍ରକଳ୍ପରେ ଗୋଟିଏ ବି ଇଟା ପଡ଼ିନାହିଁ। ରେଳପଥରେ ଓଡ଼ିଶାକୁ ଅବହେଳା କରାଯାଉଛି। ବହୁ ରେଳପଥ ପାଇଁ ରାଜ୍ୟ ସରକାର ମାଗଣା ଜମି ଯୋଗାଇ ଦେଉଛନ୍ତି। ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ପ୍ରକଳ୍ପ ପାଇଁ ୫୦% ଅର୍ଥ ରାଜ୍ୟ ଦେଉଛି। ଏହିସବୁ ପ୍ରକଳ୍ପରେ କୌଣସି ଅଗ୍ରଗତି ହେଉନାହିଁ। ପାରାଦୀପ-ହରିଦାସପୁରକୁ ଯାତ୍ରୀବାହୀ ଟ୍ରେନ୍ ଚାଲିପାରୁନାହିଁ। ପୁରୀ-କୋଣାର୍କ ନୂଆ ରେଳଲାଇନ ପ୍ରସ୍ତାବ ଉପରେ ରେଳ ମନ୍ତ୍ରଣାଳୟ କୌଣସି ନିଷ୍ପତ୍ତି ନେଉନାହିଁ। ଏହି ପ୍ରକଳ୍ପ ପାଇଁ ଜମି ଓ ପ୍ରକଳ୍ପ ଖର୍ଚ୍ଚର ୫୦% ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟର ୧୨ଟି ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ କରିବାକୁ ଚୁକ୍ତିନାମା ହୋଇଥିଲା। କେବଳ ଭୁବନେଶ୍ୱରକୁ ବାଦ୍ ଦେଲେ ଅନ୍ୟ ୧୧ ଷ୍ଟେଶନର ବିକାଶ ହୋଇନାହିଁ। ରାଜ୍ୟରେ ମୋବାଇଲ ଓ ଡିଜିଟାଲ ଯୋଗାଯୋଗ ଅତ୍ୟନ୍ତ ଦୁର୍ବଳ। ଆଦିବାସୀ ଅଧ୍ୟୁଷିତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଲୋକେ ଏହି ସେବା ପାଇପାରୁନାହାନ୍ତି। ଏବେ ବି ଲୋକେ ଗଛରେ ଚଢ଼ି ମୋବାଇଲ ନେଟ୍‌ୱର୍କ ବ୍ୟବହାର କରୁଛନ୍ତି। ରାଜ୍ୟର ବହୁ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ନାହିଁ। ପଞ୍ଚାୟତରେ ବ୍ୟାଙ୍କର କାର୍ଯ୍ୟାଳୟ ନ ଥିବାରୁ ଲୋକେ ପ୍ରଭାବିତ ହେଉଛନ୍ତି। ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର ଧ୍ୟାନଦେବାକୁ ପାର୍ଲାମେଣ୍ଟରେ ମଙ୍ଗରାଜ ଦାବି ରଖିଛନ୍ତି।



ମାନସ ମଙ୍ଗରାଜ

# ୨୦୨୪ ନିର୍ବାଚନ ଲଢ଼ିବେ ଆସିକାର ପୂର୍ବତନ ସ୍ୱାଧୀନ ବିଧାୟକ

ଆସିକା,୮।୨(ଡି.ଏନ୍.ଏ.)



ସରୋଜ କୁମାର ପାଢ଼ୀ

ଗଞ୍ଜାମ ଜିଲା ଆସିକାର ପୂର୍ବତନ ସ୍ୱାଧୀନ ବିଧାୟକ ସରୋଜ କୁମାର ପାଢ଼ୀ ୨୦୨୪ ନିର୍ବାଚନରେ ଆସିକା ବିଧାନସଭା ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସୂଚନା ଦେଇଛନ୍ତି। ବୁଧବାର ଚାରିମାଇଲି ନିକଟସ୍ଥ ନିଜ ଫାର୍ମ ହାଉସରେ ସମର୍ଥକଙ୍କୁ ନେଇ ଆୟୋଜନ କରିଥିବା ବନ୍ଧୁମିଳନରେ ସେ ଏହା ସ୍ପଷ୍ଟ କରିଛନ୍ତି। ତେବେ ସେ କୌଣସି ଦଳୀୟ ପ୍ରାର୍ଥୀ ହେବେ କି ନାହିଁ ତାହା ଠିକ୍ ସମୟରେ ଜଣାଇବେ ବୋଲି କହିଛନ୍ତି। ବିଭିନ୍ନ ଦଳରୁ ଡାକରା ଆସୁଥିଲେ ବି ସମର୍ଥକଙ୍କୁ ନେଇ ଗଠିତ ସରୋଜ ସେନାଙ୍କ ମତାମତ ନେବା ପରେ ହିଁ ଏ ବିଷୟରେ ଜଣାଇବେ ବୋଲି ସୂଚନା ଦେଇଛନ୍ତି। ବନ୍ଧୁମିଳନରେ ଆସିକା ବ୍ଲକର ୨୭ ପଞ୍ଚାୟତ ଓ କବିସୂର୍ଯ୍ୟନଗର ବ୍ଲକର ୧୨ ପଞ୍ଚାୟତର ସରୋଜଙ୍କ ସମର୍ଥକ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୨୦୦୪ ନିର୍ବାଚନରେ ସରୋଜ ଆସିକାର ସ୍ୱାଧୀନ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସ୍ୱାଧୀନ ଓ ୨୦୧୪ରେ କଂଗ୍ରେସର ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନରେ ଭାଜପା ପକ୍ଷରୁ ତାଙ୍କୁ ପ୍ରାର୍ଥୀ ଚୟନ କରାଯିବାର ଦିନକ ପରେ ତାଙ୍କ ପ୍ରାର୍ଥିତ୍ୱକୁ ଦଳ ପକ୍ଷରୁ ପ୍ରତ୍ୟାହାର କରାଯାଇଥିଲା।

# ଭାଜପା କହିଲା 'ପିନାକୀ ଅସହିଷ୍ଣୁ'

ଭୁବନେଶ୍ୱର, ୮।୨(ବ୍ୟୁରୋ)

ବରିଷ୍ଠ ବିଜେଡି ଏମ୍‌ପି ପିନାକୀ ମିଶ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଓଡ଼ିଶା ପ୍ରତି ଥିବା ଅବଦାନରେ ଅସହିଷ୍ଣୁ ହୋଇଯାଇଛନ୍ତି । ତେଣୁ ସେ ଲୋକ ସଭାରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ମଙ୍ଗଳବାର ପିନାକୀ ମିଶ୍ର ଲୋକ ସଭାରେ ଯେଉଁ ବକ୍ତବ୍ୟ ରଖିଛନ୍ତି, ତାହା ଆଉ କାହା ଲେଖାକୁ ପଢ଼ିଲା ଭଳି ମନେହେଉଛି । ସେ ଜଣେ ଭଲ ଓକିଲ ବୋଲି ପୂର୍ବରୁ ଆମର ଧାରଣା ଥିଲା, ମାତ୍ର ମଙ୍ଗଳବାରର ବକ୍ତବ୍ୟ ପରେ ସେହି ଧାରଣା ଦୂର ହୋଇଛି । ସେ ତାଙ୍କ ମନର କଥା ନ କହି ଆଉ କାହା ଲେଖାକୁ ପଢୁଛନ୍ତି,ଯେଉଁ ତଥ୍ୟ ସମ୍ପୂର୍ଣ୍ଣ ଅସତ୍ୟ । ତାଙ୍କ କଥାରେ କେତେ ସତ୍ୟତା ରହିଛି, ଏନେଇ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଟୁଇଟ୍ ମଧ୍ୟ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ୨୦୧୪ ପରଠାରୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଏଲ ମାର୍କେଟିଂ କମ୍ପାନୀ (ଓଏମସି) ଏପ୍ରିଲ ୧୪ରୁ ଡିସେମ୍ବର ୨୨ ମଧ୍ୟରେ ୧୯ କୋଟିରୁ ଊର୍ଦ୍ଧ୍ୱ ଏଲ୍‌ପିଜି ସଂଯୋଗ ପ୍ରଦାନ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କୁ ନେଇ ପିନାକୀ ମିଶ୍ର ଦେଇଥିବା ମନ୍ତବ୍ୟ ଗପ ସଦୃଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ଓଡ଼ିଶା ଓ ଭାରତବର୍ଷରେ ପେଟ୍ରୋଲିୟମ ସମେତ ଦକ୍ଷତା ବିକାଶ ଓ ଅନ୍ୟାନ୍ୟ କ୍ଷେତ୍ରରେ ଯେତେ କାମ ହୋଇଛି ଏବଂ କୋଭିଡ୍ ସମୟରେ ତାଙ୍କର ସକ୍ରିୟ ଭୂମିକାକୁ ତୁଳନା କରିବା ସମ୍ଭବ ନୁହେଁ ।ଧର୍ମେନ୍ଦ୍ରଙ୍କ କାର୍ଯ୍ୟରେ ଅସହିଷ୍ଣୁ ହୋଇ ପିନାକୀ ଏଭଳି ମନ୍ତବ୍ୟ ରଖିଛନ୍ତି । ସେ କେଉଁ ଗାଁ ବୁଲି ତଦାରଖ କରିଥିବେ କି ନାହିଁ ସେଥିନେଇ ସନ୍ଦେହ ହେଉଛି ବୋଲି ସ୍ମୃତି କହିଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ।

# ଯାଜପୁର ପୂର୍ବତନ ଜିଲା ପରିଷଦ ସଭାପତି ବିଜେଡିରୁ ନିଲମ୍ବିତ

**ଦଳ ବିରୋଧୀ କାର୍ଯ୍ୟ ପାଇଁ ନରେଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**



ନରେଶ ଚନ୍ଦ୍ର ମହାନ୍ତି

ଭୁବନେଶ୍ୱର(ବ୍ୟୁରୋ)/ ରସୁଲପୁର,୮।୨(ଡି.ଏନ.ଏ.)

ଯାଜପୁର ପୂର୍ବତନ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତିଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନରେଶଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ନିଲମ୍ବନ କରାଯାଇଥିବା ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ଏହି ନିଲମ୍ବନ ଖବର ତାଙ୍କ ବିରୋଧୀଙ୍କ ମହଲରେ ଖୁସି ଆଣିଦେଇଥିବା ବେଳେ ଏହା ବିଜେଡି ଓ ନରେଶଙ୍କ ପାଇଁ ଏକ ଶକ୍ତ ଧକ୍କା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ନରେଶ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହାନ୍ତି। ତାଙ୍କ ନିଲମ୍ବନ ପଛରେ ଧର୍ମଶାଳା ବିଧାୟକଙ୍କ ହାତ ରହିଛି। କଳ୍ପତରୁ ଦାସଙ୍କ ପରେ ୨୦୧୪ ମସିହାରୁ ତାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉନାହିଁ। ଜିଲାରେ ବିଧାୟକ ଓ ଏମ୍‌ପିଙ୍କ ସହ ତାଙ୍କର ସୁସମ୍ପର୍କ ରହିଛି। ମାତ୍ର ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସହ ତାଙ୍କର ସମ୍ପର୍କରେ ତିକ୍ତତା ରହିଆସୁଛି। ତେଣୁ ତାଙ୍କୁ ଦଳରୁ ନିଲମ୍ବନ ଲାଗି ଏହା ଏକମାତ୍ର କାରଣ ହୋଇପାରେ ବୋଲି ନରେଶ କହିଛନ୍ତି। ଏକ ସ୍ୱତନ୍ତ୍ର ପ୍ରତିନିଧିଦଳ ଦ୍ୱାରା ଧର୍ମଶାଳା ନିର୍ବାଚନମଣ୍ଡଳୀର ସ୍ଥିତି ଅନୁଧ୍ୟାନ ସହିତ ଦଳରେ ଦୟନୀୟ ଅବସ୍ଥାରେ ଥିବା ବହୁ ପୁରୁଖା ନେତାଙ୍କୁ ନ୍ୟାୟ ପ୍ରଦାନ ଲାଗି ସଭାପତି ପଦକ୍ଷେପ ନିଅନ୍ତୁ ବୋଲି ସେ ପ୍ରକାଶ କରିଛନ୍ତି।


GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**

Letter No. 662 Dt.04.02.2023

**1st CORRIGENDUM TO TENDER CALL NOTICE No. Tender Online RWC 35/2023 invited by Chief Construction Engineer, Rural Works Circle, Cuttack**

No. O-1773: The tender for the bridge works under BSY Scheme invited vide this office NIT No. Tender Online RWC-35/2023 and issued vide this office Ltr. No. 540, Dt.30.01.2023 is hereby cancelled due to some unavoidable circumstances.

Sd./- Chief Construction Engineer
Rural Works Circle, Cuttack

OIPR-25097/11/0045/2223



ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ,ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ୍, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫେକ୍ସ-୦୬୬୩-୨୫୪୮୭୪୩

ଇ-ମେଲ୍-dfo.hirakudwl@odisha.gov.in

**TENDER CALL NOTICE NO. 566/1F-73 (ACTT.)2022-23 Dt.08.02.2023**

**No.MM-455:** Sealed tenders are invited in two bid systems from established/ reputed, registered, experienced and accredited manufacture for supply of following items for use at Hirakud Reservoir under Hirakud Wildlife Division, Sambalpur.

| Item | Quantity | Cost of Tender Paper | EMD to be deposited | Dimension |
|---|---|---|---|---|
| Supply, Installation & Commissioning of HDPE Floating Jetty with walkway | 01 (One) | 6,000/- | 2% of the quoted price | HDPE Floating Jetty with walkway Dimension- 8 mtrsx3 mtrs. & Depth of 600 mm with walkway of 1.2 mtr. Width & 10 mtr. length |

Non transferable tender documents for supply of the items stated above will be available from the office of the Divisional Forest Officer, Hirakud Wildlife Division, Sambalpur on payment of tender document cost specified above.

The tender documents cost which is non-refundable, should be payable in shape of crossed Demand Draft drawn in favour of the Divisional Forest Officer, Hirakud Wildlife Division, Sambalpur.

1. Sale of Tender Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from Dt. 10.02.2023 to dt. 18.02.2023 (during office hours).

2. Receiving of Tender Papers will from dt. 10.02.2023 to 18.02.2023 till 4.00 PM.

3. Tender Opening 11.00 AM of Dt.28.02.2023 by Divisional Level Purchase Committee under Chairmanship of Divisional Forest Officer, Hirakud Wildlife Division, Sambalpur.

Sd./- Divisional Forest Officer
Hirakud Wildlife Division, Sambalpur

OIPR-08078/11/0007/2223



No. MM-454

**GOVERNMENT OF ODISHA**
**"e" Procurement Notice**

**1st CORRIGENDUM NOTICE**

e-mail: dfo.keonjhar@odisha.gov.in
Bid Identification No. FE&CC-DFO(T) KJR-04/2022-23

No. 57 Dt.08.02.2023

In partial modification to this office Bid Identification No. FE&CC-DFO(T) KJR-04/2023 uploaded vide e-Tender ID No. 2023_DFOKJ_85749-1 for the work as mentioned below the category of Bidder and last date & time on online receipt of Bids and opening of the Tender is changed as follows.

1. No. of the work : Development of Community Centre at Kanjipani, P.O.: Kanjipani, P.S.: Kanjipani, Dist.: Keonjhar under Bhuyan Juanga Pidha Range, Keonjhar Forest Division - Cottage with Tensile Fabric, Retaining Wall, Paver Block & Gabion Structure, Kerb Wall, Saucer Drain, RCC Drain, Boundary Wall including External, Internal EI & PH Works, furnitures along with land scaping on Turnkey basis.
2. Initial Last date/time for receipt of bids in the portal : 17.00 hours of 14.02.2023
3. Extended Last date/time for receipt of bids in the portal : 17.00 hours of 18.02.2023
4. Initial Date & time of opening of Technical Bid from portal : 11.30 hours on 15.02.2023
5. Extended Date & time of opening of Technical Bid from portal : 11.30 hours on 20.02.2023
6. Class of Contractor : A Class & Above
7. EMD : 1% of Quoted Amount

Sd./- Divisional Forest Officer
Keonjhar Division

OIPR-08042/11/0015/2223



**OFFICE OF THE EXECUTIVE ENGINEER RWS&S DIVISION, KENDRAPARA**

At: Ichhapur, Post: Shree Baladevjew
No. O-1776 Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
Bid Identification No. RWS/73/2022-23

Letter No. 639 Dated: 06.02.2023

1. The Executive Engineer, RWS&S Division, Kendrapara on behalf of Governor of Odisha invites on lump sum bid in **SINGLE** cover system in **ONLINE MODE** from eligible contractors for sinking of 200 mm dia Production wells for different Rural Piped Water Supply Schemes in Kendrapara District.
2. Name of the Work : Sinking of 200 mm dia Production wells through Mud Rotary Rig in Kendrapara district
3. No. of Work : 05 Nos. (Five) only.
4. Value of the work : Rs.5.61 lakhs to Rs.7.14 lakhs
5. Concerned tender inviting authority : Executive Engineer, RWS&S Division, Kendrapara
6. Cost of Bid documents (Rs.) (Online) : Rs.4000/-
7. Cost of Security Deposit (Online) : Rs.5700/- to Rs.7200/-
8. Class of Bidder : "D" and "C"
9. Period of Completion : 45 days
10. Availability of bid documents in the website : From Date: 10.02.2023 at 10.00 A.M. to Date: 17.02.2023 till 5.30 P.M.
11. Last date & time of seeking tender clarification : Upto 13.02.2023 till 5.30 P.M.
12. Date of Opening of Bid : 20.02.2023 at 11.00 A.M.

The bidders have to participate in the tender through **ONLINE** bidding only. Further details can be had from the website i.e. **http://tendersodisha.gov.in**.
Subsequent Corrigendum/Addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara

OIPR-25004/11/0077/2223



**ODISHA JOINT ENTRANCE EXAMINATION-2023 (OJEE-2023)**

No: OJEE/064 DATE : 08-02-2023

**NOTICE FOR ONLINE APPLICATION FOR OJEE - 2023**

No.h-23:Odisha Joint Entrance Examination (OJEE) - 2023 will be conducted during 1st - 2nd week of May, 2023 (tentative) for admission to B.Pharm / MCA / MBA / Int. MBA / B. CAT / M.Tech / M.Tech (Part-Time) / M.Arch / M.Plan / M.Pharm and Lateral Entry to B.Tech / B.Pharm Courses in Government and Private Universities and Colleges of Odisha.

The Entrance Examination will be conducted in Computer Based Test (CBT) mode for all the courses as mentioned above.

Interested candidates are advised to fill up the respective Application Forms online through OJEE website (www.ojee.nic.in) only.

**Filling-up of Online Application through OJEE website begins on 10th February, 2023 and will end on 20th March, 2023.**

Please read, carefully, the 'Information Brochure' and the 'Instructions to fill On-line Application Form', which are available in the OJEE websites to get detailed information regarding eligibility criteria, reservation policy, examination pattern, syllabus etc.

Please note that **Outside State candidates** are not eligible for admission in Government Colleges, but they are eligible for admission in Private Colleges as per Odisha Government rule.

Candidates may install OJEE android App from Google Play Store for latest information and notices.

**(For Admission to B.Tech/B.Arch/B.Plan/Int. MSc and MBBS/BDS/BAMS/BHMS courses in Government and Private Colleges of Odisha, candidates have to appear and qualify in JEE (MAIN)-2023 / NEET (UG)-2023 conducted by National Testing Agency, Govt. of India)**

For other details, please visit OJEE website: www.ojee.nic.in / www.odishajee.com.

OIPR-14020/11/0031/2223 Sd/- CHAIRMAN, OJEE, Odisha



**BHUBANESWAR DEVELOPMENT AUTHORITY**

Akash Shova Building, Pandit Jawaharlal Nehru Marg, Bhubaneswar - 751001, Odisha
Telephone: (0674) 2396437, 2390998, 2392801, Fax: 0674-2390633

No.4495/BDA, Bhubaneswar Date: 07.02.2023
ALMT-V-09/2023

**NOTICE**

No. CAD-4759: Applications are hereby invited for auction sale of 17 (Seventeen) shops at K-8, Neighborhood Market Complex, Bhubaneswar on "as is where is basis" through e-auction to be held on 24.03.2023.

| Sl. No. | Shop No. | Carpet area in Sq.ft. | Reserved Price | Earnest Money |
|---|---|---|---|---|
| 1 | G/1 | 77.47 | Rs.7,36,000/- | Rs.73,600/- |
| 2 | G/2 | 77.47 | Rs.7,36,000/- | Rs.73,600/- |
| 3 | G/3 | 153.33 | Rs.14,57,000/- | Rs.1,45,700/- |
| 4 | G/4 | 77.47 | Rs.7,36,000/- | Rs.73,600/- |
| 5 | G/5 | 77.47 | Rs.7,36,000/- | Rs.73,600/- |
| 6 | G/6 | 77.47 | Rs.7,36,000/- | Rs.73,600/- |
| 7 | G/7 | 77.47 | Rs.7,36,000/- | Rs.73,600/- |
| 8 | G/8 | 77.47 | Rs.7,36,000/- | Rs.73,600/- |
| 9 | F/1 | 77.47 | Rs.7,05,000/- | Rs.70,500/- |
| 10 | F/2 | 77.47 | Rs.7,05,000/- | Rs.70,500/- |
| 11 | F/3 | 153.33 | Rs.13,96,000/- | Rs.1,39,600/- |
| 12 | F/4 | 77.47 | Rs.7,05,000/- | Rs.70,500/- |
| 13 | F/5 | 77.47 | Rs.7,05,000/- | Rs.70,500/- |
| 14 | F/6 | 77.47 | Rs.7,05,000/- | Rs.70,500/- |
| 15 | F/7 | 77.47 | Rs.7,05,000/- | Rs.70,500/- |
| 16 | F/8 | 77.47 | Rs.7,05,000/- | Rs.70,500/- |
| 17 | F/9 | 153.33 | Rs.13,96,000/- | Rs.1,39,600/- |

Details of the scheme brochure are available in the BDA website **www.bda.gov.in**. The receipt of online application will commence at 11.00 A.M. on 10.02.2023 and will continue till 11.59 P.M. on 09.03.2023. Duly filled in online applications for participating in the e-auction must be submitted to the Bhubaneswar Development Authority by 09.03.2023 with requisite earnest money.

OIPR-13033/11/0494/2223 Sd./- Secretary, Bhubaneswar Development Authority

**ଆଜିଠାରୁ ୨ ଦିନିଆ ଆଇଏସି-୨୩ର ୧ମ ସଂସ୍କରଣ**

**ଭୁବନେଶ୍ୱର:** ଦେଶର ପ୍ରମୁଖ ଆଲୁମିନିୟମ ଶିଳ୍ପ ସଂଘ 'ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ ଓ ବେଦାନ୍ତ ଆଲୁମିନିୟମର ମିଳିତ ସହଯୋଗରେ ଏକ ୨ଦିନିଆ ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ-୨୦୨୩ (ଆଇଏସି-୨୩) ର ପ୍ରଥମ ସଂସ୍କରଣ ଝାରସୁଗୁଡ଼ାଠାରେ ହେବାକୁ ଯାଉଛି। ବିଶେଷକରି ମେକିଂ ଇଣ୍ଡିଆକୁ ଆଲୁମିନିୟମ କ୍ୟାପିଟାଲ ଅଫ୍ ୱାର୍ଲଡରେ ପରିଣତ କରିବା ଲକ୍ଷ୍ୟରେ ଏଭଳି ଏକ ଜାତୀୟସ୍ତରର ସମ୍ମିଳନୀ ଚଳିତ ମାସ ୯ ଓ ୧୦ ତାରିଖରେ ବେଦାନ୍ତ ଆଲୁମିନିୟମ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ୨୦୨୪ ପୂର୍ବରୁ ସାରା ରାଜ୍ୟରେ ୪ଜି ସେବା

ଭୁବନେଶ୍ୱର,୮।୨

ଭାରତ ସରକାରଙ୍କ ମେକ ଇନ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆ ପରିକଳ୍ପନାକୁ ସାକାର କରିବାକୁ କେନ୍ଦ୍ର ସରକାରଙ୍କ ଟେଲିକମ ବିଭାଗ (ଡିଓଟି) ବେଶ ଗୁରୁତ୍ୱାରୋପ କରୁଥିବା ଜଣାପଡିଛି। ଏପରିକି ଦେଶର ଟେଲି ଯୋଗାଯୋଗକୁ ଅଗ୍ରାଧିକାର ଭିତ୍ତିରେ ବିକଶିତ କରିବାକୁ ଡିଓଟି ବ୍ୟାପକ ଯୋଜନା କରିଛି। ଉକ୍ତ ଯୋଜନା ଆଧାରରେ ଡିଓଟି ପକ୍ଷରୁ ଓଡିଶା ଟେଲିକମ କ୍ଷେତ୍ର ପାଇଁ ବ୍ୟାପକ ଯୋଜନା କରିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଡିଓଟିର ଓଡିଶା କ୍ଷେତ୍ର ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ଡିଓଟିର ଓଡିଶା ଏଲଏସଏ ତଥା ଓଡିଶା ମୁଖ୍ୟ ବି.କେ.ନାୟକ କହିଛନ୍ତି ୨୦୨୪ ପୂର୍ବରୁ ସାରା ରାଜ୍ୟରେ ୪ଜି ସେବା ଉପଲବ୍ଧ କରାଇବାକୁ ଡିଓଟି ପକ୍ଷରୁ କୁରୁତ୍ୱ ଦିଆଯାଇଛି। ଏପରିକି ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଶତ ପ୍ରତିଶତ ଲକ୍ଷଧାର୍ଯ୍ୟ ପୂରଣ କୁ ଡିଓଟି ବେଶ ଗୁରୁତ୍ୱ ଦେଇଛି। ବର୍ତ୍ତମାନ ଓଡ଼ିଶାରେ ୫୧, ୩୧୩ (୨୦୧୧ ଜନଗଣନା ଅନୁଯାୟୀ) ଗ୍ରାମ ରହିଛି, ସେଥିମଧ୍ୟରୁ ୪୭, ୬୭୭ଟି ଗ୍ରାମରେ ଜନବସତି ରହିଛି। ଏପରିକି ୪୭,୬୭୭ଟି ଗ୍ରାମ ମଧ୍ୟରୁ ୪୨,୪୨୫ଟି ଗ୍ରାମରେ କୌଣସି ପ୍ରକାରର ମୋବାଇଲ ସେବା (୨ଜି, ୩ଜି ଏବଂ ୪ଜି) ସେବା ପହଞ୍ଚିପାରିଛି। ହେଲେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ବଳକା ପ୍ରାୟ ୫୦୦୦ ଗାଁରେ କୌଣସି ପ୍ରକାରର ଟେଲିକମ ସେବା ନାହିଁ। ସେହିପରି ରାଜ୍ୟରେ ୨୫,୧୧୫ଟି ଟାୱାର ସହ ୭୪,୦୭୨ ବେସ ଟର୍ମିନାଲ ଷ୍ଟେସନ (ବିଟିଏସ) ରହିଛି। ଏପରିକି ରାଜ୍ୟରେ ୩.୩୨ କୋଟି ମୋବାଇଲ ଉପଭୋକ୍ତା ଥିବାବେଳେ ୨.୨୧ କୋଟି ମୋବାଇଲ ବ୍ରଡବ୍ୟାଣ୍ଡ ଉପଭୋକ୍ତା ରହିଛନ୍ତି। ବିଶେଷ କରି ୩.୩୨ କୋଟି ଉପଭୋକ୍ତାଙ୍କ ମଧ୍ୟରୁ ୨.୨୧ କୋଟି ଗ୍ରାମାଞ୍ଚଳ ଏବଂ ୧.୧ କୋଟି ସହରାଞ୍ଚଳ ମୋବାଇଲ ଉପଭୋକ୍ତା ଅଛନ୍ତି। ସେହିପରି ରାଜ୍ୟରେ ସାମଗ୍ରିତ ଦୂରସଞ୍ଚାର ସାନ୍ଦ୍ରତା ବା ଟେଲି ଡେନସିଟୀ ହାରା ୮୦% ଥିବା ବେଳେ ଜାତୀୟସ୍ତରରେ ଏହି ହାର ୮୫% ରହିଛି, ଭାରତ ସରକାରଙ୍କ ପୂର୍ଣ୍ଣ ସହାୟତା ଓ ପାଣ୍ଠି ଯୋଗାଣ ଜରିଆରେ ବିଭିନ୍ନ ୟୁଏସଓଏଫ (ସାର୍ବଜନୀନ ସେବା ଉତ୍ତରଦାୟିତ୍ୱ ପାଣ୍ଠି) ମାଧ୍ୟମରେ ୨୦୨୩ ଡିସେମ୍ବା ଶେଷସୁଦ୍ଧା ଜନସଂଖ୍ୟା ନିର୍ବିଶେଷରେ ଦେଶର ପ୍ରତ୍ୟେକ ଗ୍ରାମକୁ ଅତିକମରେ ୪ଜି ସେବା ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଦେଶରେ ୭୧୧୩ଟି ୪ଜି ସେବା ଅପହଞ୍ଚ ଥିବା ଗ୍ରାମ ରହିଛି। ଓଡ଼ିଶାରେ ଥିବା ଏପରି ଗ୍ରାମରେ ୪ ଜି ସେବା ପହଞ୍ଚାଇବା ଲାଗି ଉଭୟ ସରକାର ଓ ବିଭାଗ ବିଭିନ୍ନ ପ୍ରକଳ୍ପଗୁଡ଼ିକ ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଉଛନ୍ତି। ଅପରପକ୍ଷରେ ମାଓବାଦୀ ପ୍ରବଣ ଅଞ୍ଚଳରେ ବର୍ତ୍ତମାନ ୨ଜି ସେବା ଥିବା ୨୫୬ଟି ଟାୱାର ରହିଛି। ତେବେ ଏଲଡବ୍ଲୁଇ ପର୍ଯ୍ୟାୟ ୨ ଅଧୀନରେ ୪୮୩ଟି ଟାୱାର କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।



# ଟାଟା ଷ୍ଟିଲ୍‌ର ପିଏଟି ୬,୫୦୯କୋଟି

ନୂଆଦିଲ୍ଲୀ,୮।୨

ଟାଟା ଷ୍ଟିଲ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ମାସରେ ଟିକସ ପରବର୍ତ୍ତୀ ଲାଭ (ପିଏଟି) ପ୍ରାୟ ୬,୫୦୯କୋଟି ଟଙ୍କାରେ ରହିଛି। ବିଶେଷକରି ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଅସ୍ଥିର ପରିଚାଳନା ପରିବେଶ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ମାସରେ କମ୍ପାନୀର ରାଜସ୍ୱ ବର୍ଷକୁ ବର୍ଷ ଭିତ୍ତିରେ ୩% ବୃଦ୍ଧି ପାଇ ୧,୮୦,୩୯୧ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ କହିଛନ୍ତି, ଅସ୍ଥିର ପରିଚାଳନା ପରିବେଶ ସତ୍ତ୍ୱେ ଟାଟା ଷ୍ଟିଲ୍ ଭାରତରେ ଦ୍ରୁତ ଅଭିବୃଦ୍ଧି ପ୍ରଦାନ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଦେଶ ଭିତରେ ଡେଲିଭରି ୧୩.୭ନିୟୁତ ଟନ୍ ରହିଛି, ଯାହା ବର୍ଷକୁ ବର୍ଷ ଭିତ୍ତିରେ ୪% ଅଧିକ ବୋଲି ଜଣାପଡ଼ିଛି। ସବୁ କ୍ଷେତ୍ରରେ ଅଭିବୃଦ୍ଧି ଦେଖିବାକୁ ମିଳିଛି।

# ରିଲାଏନ୍ସ ଡିଜିଟାଲରେ ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍ ୨୩

ନୂଆଦିଲ୍ଲୀ,୮।୨

Reliance digital – We bring technology to life for you

ରିଲାଏନ୍ସ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ରିଲାଏନ୍ସ ଡିଜିଟାଲରେ ପ୍ରିମିୟର ବର୍ଗର ସ୍ମାର୍ଟଫୋନ ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍୨୩ ସିରିଜ୍‌ର ଉନ୍ମୋଚନ କରାଯାଇଛି। ବିଶେଷକରି ଗାଲାକ୍ସି ଏସ୍୨୩ ଅଲଟ୍ରା, ଗାଲାକ୍ସି ଏସ୍୨୩ପ୍ଲସ୍ ଏବଂ ଗାଲାକ୍ସି ଏସ୍୨୩ ଭଳି ମଡେଲ ସାମିଲ ରହିଛି। ଏପରିକି ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍ ୨୩ ଅଲଟ୍ରାରେ ଗ୍ରାହକ ୨୦୦ଏମ୍‌ପି କ୍ୟାମେରା ସହ ୧୦୦ ଏକ୍ସ ଜୁମ୍ ଏବଂ ବର୍ଦ୍ଧିତ ନାଇଟୋଗ୍ରାଫି ଭଳି ବିଶେଷ କ୍ଷମତା ଲାଭ କରିପାରିବେ। ସେହିଭଳି ପାୱାରଫୁଲ ଜୁମ୍ ଫିଚରକୁ ବ୍ୟବହାରକରି ମୁମ୍ବାଇର ସ୍କାଏ ଲାଇଟ ଫଟୋ ଉଠାଇବା ପାଇଁ ମଧ ଗ୍ରାହକଙ୍କୁ ଆବଶ୍ୟକ ସୁବିଧା ଦିଆଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ଡିଜିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ବ୍ରିଆନ ବେଡ୍ କହିଛନ୍ତି, ସାମ୍‌ସଙ୍ଗ୍ ସହ ବାଣିଜ୍ୟିକ ସହଯୋଗିତାରେ ସାମିଲ ହୋଇ ଆମେ ବହୁତ ଖୁସି ଅଛୁ। ଏପରିକି ଗାଲାକ୍ସି ଏସ୍ ୨୩ ସିରିଜରେ ସଦ୍ୟତମ ଟେକ୍ନୋଲୋଜି ସୁବିଧା ଭାରତୀୟ ଗ୍ରାହକଙ୍କ ପାଇଁ ଘୋଷଣାକରି ଅତ୍ୟନ୍ତ ଖୁସି। କେବଳ ଫଟୋଗ୍ରାଫି ପ୍ରେମୀ ନୁହନ୍ତି ଗେମ୍ ପ୍ରେମୀମାନେ ମଧ୍ୟ ଏହାର ଆମୋଲେଡ ଡିସ୍‌ପ୍ଲେ, ଅଲଟ୍ରା ଫାଷ୍ଟ ମୋବାଇଲ ଗ୍ରାଫିକ୍ସ, ୨୪୦ ଏଚ୍‌ଜେଡ୍ ଟଚ୍ ଫିଚର ଲାଭ କରିପାରିବେ। ଏହି ସିରିଜ୍ ପାଇଁ ରିଲାଏନ୍ସ ଡିଜିଟାଲ ପ୍ରି-ବୁକିଂ ଅଫ୍‌ର ସମ୍ପର୍କରେ ଘୋଷଣା କରିଛି। ଗାଲାକ୍ସି ଏସ୍ ୨୩ ଏବଂ ଏସ୍ ୨୩ ପ୍ଲସ୍ ଗ୍ରାହକ ଗାଲାକ୍ସି ୱାଚ୍ ୪ ବ୍ଲୁଟୁଥ୍ ୨୯୯୯ ଟଙ୍କାରେ ପାଇପାରିବେ। ଗାଲାକ୍ସି ଏସ୍ ୨୩ ଅଲଟ୍ରା ଗ୍ରାହକମାନେ ୱାଚ୍ ୪ କ୍ଲାସିକ ଏଲଟିଆଇ ଆଣ୍ଡ ଗାଲାକ୍ସି ବଡ୍‌ସ୨ ମାତ୍ର ୪,୯୯୯ ଟଙ୍କାରେ ପାଇପାରିବେ। ସବୁ ଭାଇବ୍ରାଣ୍ଟ ଗ୍ରାହକଙ୍କୁ ସାମ୍‌ସଙ୍ଗ୍ ଅପ୍‌ଗ୍ରେଡ୍ ପ୍ଲସ୍‌ରେ ୮ ହଜାର ଟଙ୍କା ଯାଏ ଏବଂ ସାମ୍‌ସଙ୍ଗ୍ ଏକ୍ସିସ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ୧୦ ପ୍ରତିଶତ କ୍ୟାଶ୍‌ବ୍ୟାକ୍ ମିଳିବ।

# ଜେଇଇ ମେନ୍‌ରେ ଭୁବନେଶ୍ୱର ଆକାଶ ବାଇଜୁସ୍‌ର ବାଜିମାତ୍

Aakash + BYJU'S

ଭୁବନେଶ୍ୱର, ୮।୨

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ନିକଟରେ ଚଳିତ ବର୍ଷର ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ(ଜେଇଇ) ମେନ୍‌ର ପ୍ରଥମ ସେସନ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ଆକାଶ-ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟରର ୧୭ ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଶେଷକରି ୨୦୨୩ ଶିକ୍ଷାବର୍ଷର ଇଞ୍ଜିନିୟରିଂ ଶିକ୍ଷା ନିମନ୍ତେ ନିର୍ଦ୍ଧାରିତ ୨ଟି ଜେଇଇ ପରୀକ୍ଷା ମଧ୍ୟରୁ ଏହା ପ୍ରଥମ ପରୀକ୍ଷା ଥିଲା। ଏପରିକି ଆକାଶ-ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟରରୁ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ପ୍ରିୟଙ୍କା ସର, ଅଲିଭ ସାହୁ, ସଙ୍କେତ ଦାସ, ପ୍ରିୟାଂଶୁ ସାମନ୍ତରାୟ, ପ୍ରତ୍ୟୁଷ କୁମାର ସ୍ୱାଇଁ, ଦେବାଶିଷ ପଟ୍ଟନାୟକ, ସ୍ନେହିଲ ସଂଯୋଗ, ସଙ୍କେତ ରାଉତ, ସମସ୍ମିତା ଘୋଷ, ରୌନକ ମିଶ୍ର, ବରୁଣ ମିଶ୍ର, ପ୍ରାଞ୍ଜଲ ଆଚାର୍ଯ୍ୟ, ସୁପ୍ରଜିତ ସୁମନ, ଶାଶ୍ୱତ ପାଢ଼ୀ, ରିଶିତ ଦତ୍ତ, ଅର୍ମାନ ପ୍ରତୀକ ପଶାୟତ ଏବଂ ତୋୟାଜ କବି ପ୍ରମୁଖ ସମ୍ମାନଜନକ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ୯୯ ପର୍ସେଣ୍ଟାଇଲରୁ ଅଧିକ ନମ୍ବର ରଖିଛନ୍ତି। ଏ ସମ୍ପର୍କରେ ଆକାଶ-ବାଇଜୁସ୍‌ର ରିଜିଓନାଲ ଡାଇରେକ୍ଟର ଅଜୟ ବାହାଦୁର ସିଂ କହିଛନ୍ତି, ଆମେ ଆମର କୃତୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଦୃଷ୍ଟାନ୍ତଯୋଗ୍ୟ ସଫଳତା ନିମନ୍ତେ ଅଭିନନ୍ଦନ ଜଣାଉଛୁ।

# ରାମ୍‌କୋ ସିମେଣ୍ଟ ପକ୍ଷରୁ 'ରାମ୍‌କୋ ସୌଭାଗ୍ୟ'

ଭୁବନେଶ୍ୱର, ୮।୨

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ରାମ୍‌କୋ ସିମେଣ୍ଟସ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶା ବଜାରରେ ଏକ ଆକର୍ଷଣୀୟ ଯୋଜନା 'ରାମ୍‌କୋ ସୌଭାଗ୍ୟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଏହି ସ୍କିମ ଚଳିତ ବର୍ଷ ପ୍ରାରମ୍ଭରୁ ଆରମ୍ଭ ହୋଇଯାଇଛି। ଉକ୍ତ ଯୋଜନା ଅଧୀନରେ ଗ୍ରାହକମାନେ ୩୦ବ୍ୟାଗ୍ ରାମ୍‌କୋ ସିମେଣ୍ଟ ଭିଜ, ରାମ୍‌କୋ ସୁପରଫାଇନ୍ ଇଏଫ୍‌ସି କିମ୍ବା ରାମ୍‌କୋ ସୁପର ଷ୍ଟିଲ୍ ଅଥବା ଏକତ୍ର ରାମ୍‌କୋ ସୁପରଫାଇନ୍ ଇଏଫ୍‌ସି ଏବଂ ରାମ୍‌କୋ ସୁପର ଷ୍ଟିଲ୍ କ୍ରୟ ଉପରେ ଏକ ନିଶ୍ଚିତ ଉପହାର ଦିଆଯାଉଛି। ଏ ସମ୍ପର୍କରେ ରାମ୍‌କୋ ସିମେଣ୍ଟ ଓଡ଼ିଶାର ବିକ୍ରୟ ମୁଖ୍ୟ ପ୍ରତୀକ ରାୟ କହିଛନ୍ତି, ଉକ୍ତ ସ୍କିମ ଲାଗୁ ପରଠାରୁ ଗ୍ରାହକମାନଙ୍କର ବହୁ ଆଗ୍ରହ ଦେଖିବାକୁ ମିଳୁଛି। ଏହି ସ୍କିମ ଚଳିତ ବର୍ଷ ଫେବୃୟାରୀ ୨୮ରେ ଶେଷ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲା ବାରିପଦାର ଗ୍ରାହକ ଭୀମ ଚରଣ ମହାନ୍ତ ନିକଟରେ ଏକ ହୋଣ୍ଡା ଆକ୍ଟିଭା ୬ଜି ଜିତିଛନ୍ତି। ସେ ବାରିପଦାସ୍ଥିତ ରାମ୍‌କୋ ସିମେଣ୍ଟସର ପ୍ରାଧିକୃତ ଡିଲର ଏମ୍‌ଏସ୍ ମା ତାରିଣୀ ଟ୍ରେଡର୍ସରୁ ରାମ୍‌କୋ ସୁପର ଷ୍ଟିଲ୍ ସିମେଣ୍ଟ କିଣିଥିଲେ। ଏହି ପରିପ୍ରେକ୍ଷୀରେ ରାମ୍‌କୋ ସିମେଣ୍ଟର ଓଡ଼ିଶା ଡେପୁଟି ଜେନେରାଲ ମ୍ୟାନେଜର (ମାର୍କେଟିଂ) ରଞ୍ଜନ ସାହୁ ଏବଂ ରାମ୍‌କୋ ସିମେଣ୍ଟର ବାରିପଦା ସି ଆଣ୍ଡ ଏଫ୍ ହୃଷୀକେଶ ମହାପାତ୍ର ମିଳିତ ଭାବେ ବିଜେତା ଭୀମ ଚରଣଙ୍କୁ ହୋଣ୍ଡା ଆକ୍ଟିଭାର ଚାବି ପ୍ରଦାନ କରିଥିଲେ।




# ସାମାଜିକ ନବସୃଜନକୁ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୮।୨

ଦେଶର ପ୍ରମୁଖ ସାମାଜିକ ଅନୁଷ୍ଠାନ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷ ପାଇଁ 'ଆରୋହଣ ସାମାଜିକ ଅଭିନବ ପୁରସ୍କାରର ୩ୟ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତରେ ସାମାଜିକ ନବସୃଜନକୁ ଆଗକୁ ନେବା ପାଇଁ ଫାଉଣ୍ଡେଶନ ଉକ୍ତ ପୁରସ୍କାର କାର୍ଯ୍ୟକ୍ରମରେ ଭାଗନେବାକୁ ଦେଶର ବିଭିନ୍ନ ସ୍ଥାନରୁ ଅଭିନବ ଓ ସାମାଜିକ ଉଦ୍ୟୋଗୀଙ୍କୁ ଆମନ୍ତ୍ରଣ କରୁଛି। ବିଶେଷକରି ଆରୋହଣ ସୋସିଆଲ ଇନୋଭେଶନ ପୁରସ୍କାର-୨୦୨୩ ବ୍ୟକ୍ତିବିଶେଷ, ଦଳ ଓ ଏନ୍‌ଜିଓଗୁଡ଼ିକୁ ସ୍ୱତନ୍ତ୍ର ବୈଷୟିକ ଆଧାରିତ ସମାଧାନର ବିକାଶ ପାଇଁ ଉତ୍ସାହିତ ଓ ପୁରସ୍କୃତ କରିଥାଏ। ଫଳରେ ଦେଶର ଅଳ୍ପ ସଂଖ୍ୟକ ଲୋକଙ୍କ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟ ଆଣିବାରେ ସାମର୍ଥ୍ୟ ରଖେ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଇନ୍‌ଫୋସିସ୍ ଫାଉଣ୍ଡେଶନର ବିଜେତାଙ୍କୁ ୫୦ ଲକ୍ଷ ପର୍ଯ୍ୟନ୍ତ ମୋଟ ୨କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିବ।

ଏ ସମ୍ପର୍କରେ ଇନ୍‌ଫୋସିସ୍ ଫାଉଣ୍ଡେଶନର ପ୍ରମୁଖ ସୁମିତ ଭିରାମଣୀ କହିଛନ୍ତି, ଆମେ ସର୍ବଦା ସାମାଜିକ କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରିବାର ଶକ୍ତି ଉପରେ ବିଶ୍ୱାସ ରଖିଥାଉ। ଏପରିକି ଆରୋହଣ ସୋସିଆଲ ଫାଉଣ୍ଡେଶନର ପୁରସ୍କାରଗୁଡ଼ିକ ଏକ ପ୍ଲାଟ୍‌ଫର୍ମ ମାଧ୍ୟମରେ ଉକ୍ତ ଲକ୍ଷ୍ୟକୁ ଆଗକୁ ବଢାଇଥାଏ। ଯେଉଁଠାରେ ସାମାଜିକ କାର୍ଯ୍ୟକୁ ପ୍ରଭାବିତ କରିବାର ସାମର୍ଥ୍ୟ ସହ ସର୍ବୋତ୍ତମ ଉଦ୍ଭାବନଗୁଡ଼ିକ ମୂଲ୍ୟବାନ୍, ଉତ୍ସାହିତ ଓ ପୁରସ୍କୃତ ହୋଇଥାଏ।

## ଫୁର୍‌ସତ୍

# ଦୁନିଆର ସବୁଠାରୁ ମୂଲ୍ୟବାନ୍ କୀଟ

**ନୂଆଦିଲ୍ଲୀ:** ପୃଥିବୀରେ ମଣିଷ ରହିବା ଯେତିକି ଜରୁରୀ ଜୀବଜନ୍ତୁଙ୍କର ରହିବା ମଧ ସେତିକି ଦରକାର। ଲୋକେ ଘରେ ବିଭିନ୍ନ ପ୍ରକାର ଜୀବଙ୍କୁ ପାଳୁଛନ୍ତି। ସେମାନଙ୍କୁ ବହୁତ ଟଙ୍କାରେ କିଣି ସେମାନଙ୍କ ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ମଧ ପଛାନ୍ତି ନାହିଁ। ତେବେ ପୃଥିବୀରେ ଏମିତି କିଛି ଜୀବ ଅଛନ୍ତି, ଯେଉଁମାନଙ୍କ ମୂଲ୍ୟ ବହୁ ଅଧିକ। ଅର୍ଥାତ୍ ଏକ ଆରାମଦାୟକ କାର୍‌ଠାରୁ ମଧ ଅଧିକ ଦାମୀ। ଷ୍ଟାଗ୍ ବିଟଲ କୀଟ ହେଉଛି ପୃଥିବୀର ସବୁଠାରୁ ଛୋଟ, ଅଦ୍ଭୁତ ଏବଂ ବିରଳ ପ୍ରଜାତି ମଧ୍ୟରୁ ଅନ୍ୟତମ। ଏମାନେ ଲୁକାନାଇଡା ପରିବାରଭୁକ୍ତ, ଯେଉଁଥିରେ ୧୨୦୦ ପ୍ରଜାତି ଅଛନ୍ତି। ଏମାନେ ୪ଟି ଉପପ୍ରଜାତିରେ ବିଭକ୍ତ। ମୁଖ୍ୟତଃ ୨ ଏବଂ ୪.୮ ଇଞ୍ଚର ହୋଇଥାନ୍ତି। ସବୁଠାରୁ ବଡ଼ ବିଟଲ ୮.୫ ସେମି ପର୍ଯ୍ୟନ୍ତ ବଡ଼ ହୋଇଥା'ନ୍ତି। ଏମାନଙ୍କ ମୁଣ୍ଡରେ ଥିବା ଶିଙ୍ଗରୁ ଏମାନଙ୍କୁ ଚିହ୍ନଟ କରାଯାଇଥାଏ। ଏହି କୀଟକୁ ବିଭିନ୍ନ ପ୍ରକାରର ମୂଲ୍ୟବାନ୍ ଔଷଧ ପାଇଁ ବ୍ୟବହାର କରାଯାଇଥାଏ। ସେଥିପାଇଁ ଏମାନଙ୍କ ମୂଲ୍ୟ ଏତେ ଅଧିକ । କିଛିବର୍ଷ ପୂର୍ବେ ଏହି କୀଟକୁ ଜାପାନିଜ୍ ବ୍ରିଡର ୮୯ ହଜାର ଡଲାର ଅର୍ଥାତ୍ ୬୫ ଲକ୍ଷରେ କିଣିଥିଲେ। ଏବେ ଲୋକେ ଏହି କୀଟ ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ଏମାନଙ୍କ ପ୍ରଜାତି ବିଲୁପ୍ତ ହେବାରେ ଲାଗିଛି। ଏହି କୀଟ ଅତ୍ୟଧିକ ଥଣ୍ଡାକୁ ସହ୍ୟ କରିପାରନ୍ତି ନାହିଁ। ଏମାନେ ଶୀତରୁ ନିଜକୁ ରକ୍ଷା କରିବାରେ ସକ୍ଷମ ନ ଥିବାରୁ ମରିଯା'ନ୍ତି। କେବଳ ଗରମ ଜଳବାୟୁରେ ଦେଖିବାକୁ ମିଳିଥାଏ। ବଗିଚା, ଗଛରେ ସାଧାରଣତଃ ବାସକରନ୍ତି। ଏମାନେ ୭ ବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି। ହେଲେ ଯୁବାବସ୍ଥାକୁ ଆସିବାର କିଛି ସପ୍ତାହ ପରେ ଏମାନେ ମରିଯାନ୍ତି। ଏହାର ଜିଭ କମଳା ରଙ୍ଗର । ଅନେକ ଦେଶରେ ଏହି କୀଟକୁ ବିଲୁପ୍ତ ବର୍ଗରେ ରଖାଯାଇଛି।



# ଘୁଞ୍ଚିଲା ଶକୁନ୍ତଳମ୍ ରିଲିଜ୍ ତାରିଖ

**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ଆଗାମୀ ଫିଲ୍ମ 'ଶକୁନ୍ତଳମ୍' ଫେବୃୟାରୀ ୧୭ରେ ରିଲିଜ୍ ହେବାକୁ ଥିଲା। ଯାହାର ଟ୍ରେଲର ରିଲିଜ୍ ପରେ ଦର୍ଶକ ଏହାକୁ ଉତ୍ସାହର ସହ ଅପେକ୍ଷା କରିଥିଲେ। ହେଲେ ଫିଲ୍ମର ରିଲିଜ୍ ତାରିଖ ଘୁଞ୍ଚିଥିବା ନେଇ ଫିଲ୍ମ ନିର୍ମାତା ଗୁଣଶେଖର ସୋସିଆଲ ମିଡିଆରେ ସିନେମାର ଫଟୋ ଶେୟାର କରି ଏହି ସୂଚନା ଦେଇଛନ୍ତି। ହେଲେ କେବେ ମୁଭି ରିଲିଜ୍ ହେବ ସେ ନେଇ କୌଣସି ଘୋଷଣା କରିନାହାନ୍ତି। ଏଥିରେ ଦର୍ଶକ ନିରାଶ ହୋଇଛନ୍ତି। ତେବେ ଫିଲ୍ମ 'ଶକୁନ୍ତଳମ୍' ୫ଟି ଭାଷା ତେଲୁଗୁ, ହିନ୍ଦୀ, ତାମିଲି, କନ୍ନଡ଼ ଏବଂ ମାଲୟାଲମ୍‌ରେ ପରଦାକୁ ଆସିବ। ଏହି ଫିଲ୍ମ ନିର୍ମାତା ଭାବେ ଗୁଣଶେଖରଙ୍କ ଝିଅ ନୀଳିମା ଗୁଣ ଏବଂ ଫିଲ୍ମ ନିର୍ମାତା ଦିଲ୍ ରାଜୁ ମଧ ସାମିଲ ଅଛନ୍ତି। ଫିଲ୍ମଟି ଐତିହାସିକ ଡ୍ରାମା କାଳୀ ଦାସଙ୍କ ଉପରେ ଆଧାରିତ। ସାମନ୍ଥା ଏଥିରେ ମୁଖ୍ୟ ଚରିତ୍ରରେ ନଜରକୁ ଆସୁଛନ୍ତି। ଏଥିସହ ଦେବ ମୋହନ, ମୋହନ ବାବୁ, ଗୌତମୀ, ଅଦିତି ବଲାନ, ଅନନ୍ୟା ନାଗାଲାଙ୍କୁ ମଧ ଏଥିରେ ଦେଖିବାକୁ ମିଳିବ। ପୂର୍ବରୁ ଏହି ଫିଲ୍ମ ନଭେମ୍ବର ୪ରେ ରିଲିଜ୍ ହେବାର ଥିଲା। କିନ୍ତୁ ସେହି ତାରିଖ ବଦଳାଇ ୧୭ ଫେବୃୟାରୀକୁ ଘୁଞ୍ଚା ଯାଇଥିଲା। ତେବେ ସାମନ୍ଥା ଶେଷ ଥର ପାଇଁ ଯଶୋଦାରେ ଦେଖିବାକୁ ମିଳିଥିଲେ। ଅନ୍ୟପଟେ ସାମନ୍ଥା ବର୍ତ୍ତମାନ ତାଙ୍କ ଆଗାମୀ ଫିଲ୍ମ 'ସିଡାଟେଲ୍ ଇଣ୍ଡିଆ'ର ଶୁଟିଂରେ ବ୍ୟସ୍ତ ରହିଛନ୍ତି। ଏଥିରେ ତାଙ୍କ ସହ ବରୁନ୍ ଧାୱନ୍ ଏବଂ ବିଜୟ ଦେବରକୋଣ୍ଡାଙ୍କୁ ଦେଖିବାକୁ ମିଳିବ।


ସାମନ୍ଥା ରୁଥ୍ ପ୍ରଭୁ

# ତୁର୍କୀକୁ ଦାନକଲେ ସଞ୍ଚିତ ଅର୍ଥ

**ଆଙ୍କାରା:** ବର୍ତ୍ତମାନ ତୁର୍କୀ ଭୂକମ୍ପର ସମ୍ମୁଖୀନ ହୋଇଛି। ଫଳରେ ସେଠାରେ ମୃତ୍ୟୁସଂଖ୍ୟା ୧୧ ହଜାରରେ ପହଞ୍ଚିଛି। ଏହା ମଧ୍ୟରେ ଜଣେ ଛୋଟ ବାଳକ ତାଙ୍କର ଏପର୍ଯ୍ୟନ୍ତ ସଞ୍ଚିତ ସମସ୍ତ ଟଙ୍କା ତୁର୍କୀକୁ ଦାନ କରିଛନ୍ତି। ଏଥିସହ ଏକ ଚିଠି ମଧ ଲେଖିଛନ୍ତି। ଯାହାକି ହୃଦୟସ୍ପର୍ଶୀ । ସେଥିରେ ସେ ଲେଖିଛନ୍ତି, 'ଯଦି ମୁଁ ଚକୋଲେଟ୍ କିଣିନି ଠିକ୍ ଅଛି। ସେଠାରେ ପିଲାମାନେ ଥଣ୍ଡାରେ ଭୋକିଲା ରହିବା ଉଚିତ ନୁହେଁ।' ୯ ବର୍ଷର ବାଳକ ଆଲ୍‌ଫାରସ୍ଲାନ୍ ଇଫି ଡେମିର୍ କହିଛନ୍ତି, ତୁର୍କୀ ଏବଂ ସିରିଆରେ ହୋଇଥିବା ଭୂକମ୍ପରେ ଅନେକ ଲୋକ ମରିଛନ୍ତି। ଆହୁରି ଅନେକଙ୍କୁ ବିଭିନ୍ନ ଦେଶ ସହାୟତା ଯୋଗାଉଛି। ତେବେ ସେ ଗତବର୍ଷ ନଭେମ୍ବରରେ ତୁର୍କୀର ସହର ଡୁଜେସ୍‌ରେ ଅନୁଭୂତ ହୋଇଥିବା ଭୂକମ୍ପର ଅନୁଭୂତି ନେଇଥିଲେ। ସେଠାରେ ଭୂକମ୍ପର ଶିକାର ହୋଇଥିବା ଲୋକଙ୍କ ଅବସ୍ଥା ସେ ଦେଖିଛନ୍ତି। ସେଥିପାଇଁ ସେ ତାଙ୍କର ସମସ୍ତ ସଞ୍ଚିତ ଅର୍ଥ ତୁର୍କୀକୁ ଦାନ କରିଥିବା କହିଛନ୍ତି।



# ୨୦ ଲକ୍ଷରେ ନିଲାମ ହେଲା ଷଣ୍ଢ ଶୁକ୍ରାଣୁ

କାନବେରା

ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡରେ ସବୁଠାରୁ ଅଧିକ ଟଙ୍କାରେ ବିକ୍ରି ହୋଇଥିବା ଷଣ୍ଢର ଶୁକ୍ରାଣୁ ୨୦ ଲକ୍ଷ ଟଙ୍କା (୨୪ହଜାର ଡଲାର)ରେ ନିଲାମ ହୋଇଛି। ଷଣ୍ଢର ଶୁକ୍ରାଣୁକୁ ଷ୍ଟ୍ରିପ୍‌ରେ ତରଳ ନାଇଟ୍ରୋଜେନ୍ ମଧ୍ୟରେ ରଖାଯାଇଥିଲା। ଅଷ୍ଟ୍ରେଲିଆର ବାସିନ୍ଦା ତଥା ପଶୁପାଳକ ମାର୍କ ଏବଂ ପାମ୍ ପ୍ରିଚର୍ଡ ଏହାର ୧୦ଟି ଷ୍ଟ୍ରିପ୍ କିଣିଛନ୍ତି। ତେବେ ସେ ଦୁହେଁ ନିଜ ଗାଈ ପାଇଁ ଶୁକ୍ରାଣୁ ସନ୍ଧାନରେ ଥିଲେ। ସେମାନେ ବିଗ୍ କଣ୍ଟ୍ରି ବ୍ରାହ୍ମଣ ସେଲ୍ ଜରିଆରେ ଏହି ଶୁକ୍ରାଣୁ କିଣିଥିବା କହିଛନ୍ତି। ୨୦୧୭ରେ ଅଷ୍ଟ୍ରେଲିଆର ଏଲରୋଜ୍ ବ୍ରାହ୍ମଣ ଷ୍ଟୁଡ୍ କମ୍ପାନୀ ଚଲାଉଥିବା ରୋଜର ଏବଂ ଲାରେନ୍ ଷଣ୍ଢକୁ ୨ କୋଟି ୬୮ ଲକ୍ଷରେ କିଣିଥିଲେ। ଯାହାକି ଐତିହାସିକ ବିକ୍ରି ବୋଲି କୁହାଯାଏ। ସେତେବେଳେ ଏହି ଷଣ୍ଢ ଚର୍ଚ୍ଚାକୁ ଆସିଥିଲା। ପାମ୍ ପ୍ରିଚର୍ଡଙ୍କ ଏହି ଷଣ୍ଢ ଉପରେ ନଜର ଥିଲା। ଏବେ ତାଙ୍କୁ ସେହି ଷଣ୍ଢର ଶୁକ୍ରାଣୁ ମିଳିଥିବାରୁ ଗୋରୁଙ୍କ ଜେନେଟିକ୍ସ ଭଲ ହେବ ବୋଲି କହିଛନ୍ତି।

# ଗାଈର ସାଦଖିଆ ପାଳିଲେ ଗ୍ରାମବାସୀ

**ଚେନ୍ନାଇ:** କାଲାକୁରିଚି ଜିଲାର ଶଙ୍କରପୁରମ୍‌ରେ ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳିଛି। ସୋମବାର ମେଲାପଟୁ ଗାଁର ୫୦୦ ମହିଳା ଗୋଟିଏ ଗର୍ଭିଣୀଗାଈର ସାଦଖିଆ ପାଳନ କରିଛନ୍ତି। ସାଧାରଣତଃ ଗୋରୁଙ୍କୁ ହିନ୍ଦୁଧର୍ମର ପବିତ୍ର ପ୍ରାଣୀ ବୋଲି ଧରାଯାଇଥାଏ। ବିଭିନ୍ନ ପରମ୍ପରା ଅନୁସାରେ ସେମାନଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ତେବେ ମେଲାପଟୁରେ ମହିଳାମାନେ ଗୋଟିଏ ଗାଈକୁ ନୂତନ ବସ୍ତ୍ର ଓ ଫୁଲମାଳ ପିନ୍ଧାଇ ପୂଜାର୍ଚ୍ଚନା କରିଛନ୍ତି। ସେଥିପାଇଁ ଗ୍ରାମବାସୀ ୨୪ ପ୍ରକାରର ଖାଦ୍ୟ ରାନ୍ଧିଥିଲେ। ମହିଳାମାନେ ମିଶି ଗାଈ ଶିଙ୍ଗରେ ୪୮ ପ୍ରକାର ବିଭିନ୍ନ ରଙ୍ଗର ଚୁଡ଼ିରେ ସଜାଇଛନ୍ତି। ଥିରୁପୁରସୁନ୍ଦରିଆମାୟୀ ମନ୍ଦିର ପରିସରରେ ସେହି ଟ୍ରଷ୍ଟର ଅନେକ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ।

# ଭାରତ ବନାମ ଅଷ୍ଟ୍ରେଲିଆ

ନାଗପୁର,୮।୨(ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବହୁ ପ୍ରତୀକ୍ଷିତ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍ ଗୁରୁବାରଠାରୁ ନାଗପୁରରେ ଆରମ୍ଭ ହେବ। ଭାରତୀୟ ଟେଷ୍ଟ ଦଳର ଅଧିନାୟକ ହେବା ପରଠାରୁ ରୋହିତ ଶର୍ମା ମାତ୍ର ୨ଟି ଟେଷ୍ଟ ଖେଳିଛନ୍ତି। ସୀମିତ ଓଭର କ୍ରିକେଟରେ ଜଣେ ଷ୍ଟାର ରହିଥିବା ରୋହିତ ଟେଷ୍ଟ କ୍ରିକେଟରେ ମଧ୍ୟ ନିଜକୁ ପ୍ରମାଣିତ କରିବାକୁ ଚାହିଁବେ। ଅନ୍ୟପକ୍ଷରେ ୨୦୧୭ ପରଠାରୁ ବର୍ଡର ଗାଭାସ୍କର ଟ୍ରଫି ଜିତି ନ ଥିବା ଅଷ୍ଟ୍ରେଲିଆ ୨୦୨୧ ଘରୋଇ ପରାଜୟର ପ୍ରତିଶୋଧ ଲକ୍ଷ୍ୟରେ ରହିବ। ଖେଳ ଆରମ୍ଭ ହେବା ପୂର୍ବରୁ ଏହି ସିରିଜର ଗୁରୁତ୍ୱ ଅନେକ ପରିମାଣରେ ବୃଦ୍ଧି ପାଇଛି। ଏପରି କି ଏହି ସିରିଜରେ ପ୍ରଦର୍ଶନ ଠିକ୍ ନ ରହିଲେ ଉଭୟ ଦଳର ଏକାଧିକ ଖେଳାଳିଙ୍କୁ ନିଜ ସ୍ଥାନ ହରାଇବାକୁ ପଡ଼ିପାରେ। ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ପାଇଁ ଏହି ସିରିଜ୍ ବିଜୟୀ ହେବା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ପ୍ୟାଟ୍ କୁମିନ୍ସଙ୍କ ଶର୍ଟ ବଲ୍ ଓ ରୋହିତ ଶର୍ମାଙ୍କ ପୁଲ୍ ଶଟ୍ ମଧ୍ୟରେ କଡ଼ା ସଂଘର୍ଷର ଆଶା ରହିଥିବା ବେଳେ ଭ୍ରମଣକାରୀ ସ୍ପିନରଙ୍କ ବିପକ୍ଷରେ ବିରାଟ କୋହଲିଙ୍କ ରଣନୀତି ଉପରେ ସମସ୍ତଙ୍କ ନଜର ରହିବ। ନିକଟରେ ସୀମିତ ଓଭରରେ କୋହଲି ଚମତ୍କାର ଫର୍ମ ଦେଖାଇଛନ୍ତି। ନାଗପୁରରେ ନାଥାନ ଲିୟନ୍ ଓ ଆଷ୍ଟନ୍ ଆଗରଙ୍କ ବିପକ୍ଷରେ ସମାନ ଫର୍ମ ଆଶା କରାଯାଉଛି। ସେହିପରି କ୍ରିକେଟର ମିଷ୍ଟର ୩୬୦ ଡିଗ୍ରୀ ସୂର୍ଯ୍ୟକୁମାର ଯାଦବ ଉପ ଅଧିନାୟକ ଲୋକେଶ ରାହୁଲ ଓ ଶୁବମାନ ଗିଲଙ୍କୁ ପଛରେ ପକାଇ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ଭରସା ଜିତିପାରିବେ କି ନାହିଁ ତାହା ମଧ୍ୟ ଦେଖିବାକୁ ବାକି ଅଛି। ପ୍ରଥମ ଦୁଇ ସ୍ପିନର ଭାବରେ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଖେଳିବା ଆପାତତଃ ସ୍ଥିର ଥିବାବେଳେ ତୃତୀୟ ସ୍ପିନର ଭାବରେ ଅକ୍ଷର ପଟେଲ ଏବଂ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି। ଉଭୟ ଖେଳାଳିଙ୍କ ଦକ୍ଷତା ଭିନ୍ନ ଭିନ୍ନ ରହିଥିବା ବେଳେ ନିକଟ ଅତୀତର ଫର୍ମକୁ ଦେଖିଲେ କୁଲଦୀପ ଖେଳିପାରନ୍ତି। ୨୦୧୮-୧୯ ଓ ୨୦୨୦-୨୧ ସିଜନରେ ଘରୋଇ ମାଟିରେ ପରାଜିତ ହୋଇଛି ଅଷ୍ଟ୍ରେଲିଆ। ତେବେ ନାଗପୁରର ପିଚ୍ ପ୍ରଥମ ଦିନରୁ ହିଁ ସ୍ପିନରଙ୍କୁ ସହାୟତା ପ୍ରଦାନ କରିବ। ଭାରତୀୟ ବ୍ୟାଟର ନାଥାନ ଲିୟନଙ୍କୁ ସତର୍କତାର ସହିତ ଖେଳିବାକୁ ପଡ଼ିବ। ୨୦୦୧ ପରଠାରୁ ଦୁଇ ଦେଶ ମଧ୍ୟରେ ଖେଳା ଯାଉଥିବା ସିରିଜ୍‌ଗୁଡ଼ିକ ବେଶ୍ ସଂଘର୍ଷପୂର୍ଣ୍ଣ ରହିଛି। ଭାରତୀୟ ଦଳ ରିଷଭ ପନ୍ତଙ୍କୁ ସବୁଠାରୁ ଅଧିକ ମିସ୍ କରିବ। କେ. ଏସ୍. ଭରତଙ୍କ ନାମରେ ଗୋଟିଏ ପ୍ରଥମ ଶ୍ରେଣୀ ତ୍ରିଶତକ ରହିଥିଲେ ମଧ୍ୟ ଅନ୍ତର୍ଜାତୀୟ ମ୍ୟାଚରେ ସେ ବ୍ୟାଟିଂ କରିନାହାନ୍ତି। ଦିଲ୍ଲୀର ବୋଲିଂ ପିଚ୍‌ରେ ସେ ୮୦ ରନ୍ କରିଥିଲେ ହେଁ ଅଫ ସ୍ପିନର ହ୍ରିତିକ୍ ଶୋକିନ୍ ତାଙ୍କୁ ଅଡୁଆରେ ପକାଇଥିଲେ। ଅନ୍ୟତମ ଉଇକେଟ କିପର ବ୍ୟାଟର ରହିଥିବା ଇଶାନ କିଶନଙ୍କ ବିକଳ୍ପ ମଧ୍ୟ ଭାରତ ନିକଟରେ ରହିଛି। ଲୋକେଶ ରାହୁଲ ଦଳକୁ ଫେରିଥିବା ବେଳେ ସୂର୍ଯ୍ୟକୁମାର ଯାଦବ କିମ୍ବା ଶୁବମାନ ଗିଲଙ୍କ ମଧ୍ୟରୁ ଜଣେ ବାଦ୍ ପଡ଼ିପାରନ୍ତି। ମହମ୍ମଦ ଶାମି ଓ ମହମ୍ମଦ ସିରାଜ ପେସ୍ ବୋଲିଂ ଆକ୍ରମଣର ନେତୃତ୍ୱ ନେଇପାରନ୍ତି। ଡେଭିଡ୍ ୱାର୍ନର, ଉସ୍‌ମାନ ଖ୍ୱାଜା, ଟ୍ରାଭିସ୍ ହେଡ୍ ଓ ଆଲେକ୍ସ କେରୀଙ୍କ ଖେଳିବା ଆପାତତଃ ନିଶ୍ଚିତ। ଏହି ୪ ଖେଳାଳି ବାମହାତୀ ହୋଇଥିବା ବେଳେ ଷ୍ଟିଭ୍ ସ୍ମିଥ୍ ଏବଂ ମାର୍ନସ ଲାବୁଶେନ୍ ଡାହାଣହାତୀ ବ୍ୟାଟର ଭାବରେ ରହିବେ। ଆହତ କାମେରନ ଗ୍ରୀନ୍‌ଙ୍କ ସ୍ଥାନରେ ଦ୍ୱିତୀୟ ସ୍ପିନର ଭାବରେ ଖେଳିପାରନ୍ତି ଆଷ୍ଟନ୍ ଆଗର। ନିମ୍ନକ୍ରମରେ ବ୍ୟାଟିଂ କରିବାର ଦକ୍ଷତା କାରଣରୁ ମାଇକେଲ ସ୍ୱେପ୍‌ସନଙ୍କ ସ୍ଥାନରେ ତାଙ୍କୁ ପ୍ରାଧାନ୍ୟ ମିଳିପାରେ। ସେହିପରି ଆହତ ଜୋଶ ହେଜେଲଉଡଙ୍କ ସ୍ଥାନରେ ସ୍କଟ ବୋଲାଣ୍ଡ ଖେଳିବେ।



ସିରିଜ ଆରମ୍ଭ ପୂର୍ବରୁ ବୁଧବାର ଟ୍ରଫି ସହ ଦୁଇ ଅଧିନାୟକ ରୋହିତ ଶର୍ମା ଓ ପ୍ୟାଟ୍ କୁମିନ୍ସ।

**ଆଜିଠୁ ପ୍ରଥମ ଟେଷ୍ଟ**
**ମ୍ୟାଚ୍ ସ୍ଥାନ: ନାଗପୁର**
**ସମୟ: ସକାଳ ୯.୩୦**

# ହୋଇପାରେ ଏହି ସବୁ ରେକର୍ଡ

ନାଗପୁର,୮।୨(ପି.ଟି.)

ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ ନାଗପୁରର ଭିସିଏ ଷ୍ଟାଡିୟମରେ ଖେଳାଯିବ। ଏହି ସିରିଜରେ ଏକାଧିକ ନୂତନ ରେକର୍ଡ ହେବାର ସମ୍ଭାବନା ଦେଖା ଦେଇଛି।

### କୋହଲିଙ୍କ ୨୫ ହଜାର ରନ୍

ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ନିଜର ୨୫ ହଜାର ରନ୍ ପୂରଣରୁ ମାତ୍ର ୬୪ ରନ୍ ଦୂରରେ ଅଛନ୍ତି। ପ୍ରଥମ ଟେଷ୍ଟରେ ସେ ଏହି ମାଇଲଖୁଣ୍ଟ ହାସଲ କରିବାର ସମ୍ଭାବନା ରହିଛି। ୪୯୦ ଅନ୍ତର୍ଜାତୀୟ ମ୍ୟାଚରୁ ସେ ୭୪ ଶତକ ଓ ୧୨୯ ଅର୍ଦ୍ଧଶତକ ସହିତ ୨୪,୯୩୬ ରନ୍ ସ୍କୋର କରିଛନ୍ତି। ଏହି ମାଇଲଖୁଣ୍ଟ ହାସଲରେ ସେ ସଚିନ୍ ତେନ୍ଦୁଲକରଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳି ପାଲଟିବେ।

### ପୂଜାରାଙ୍କ ୨୦୦୦ ରନ୍

ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହକାରୀ ଭାରତୀୟଙ୍କ ତାଲିକାରେ ୪ର୍ଥ ସ୍ଥାନରେ ରହିଛନ୍ତି ଚେତେଶ୍ୱର ପୂଜାରା। ୨୦ ଟେଷ୍ଟରୁ ୫ ଶତକ ଓ ୧୦ ଅର୍ଦ୍ଧଶତକ ସହିତ ୧୮୯୩ ରନ୍ କରିଛନ୍ତି ପୂଜାରା। ଆଉ ୧୦୭ ରନ୍ କଲେ ପୂଜାରା କଙ୍ଗାରୁ ଦଳ ବିପକ୍ଷରେ ୨ ହଜାର ରନ୍ ପୂରଣ କରିବେ। ରାହୁଲ ଦ୍ରାବିଡ୍ (୨୧୪୩), ଭିଭିଏସ୍ ଲକ୍ଷ୍ମଣ (୨୪୩୪) ଓ ସଚିନ୍ ତେନ୍ଦୁଲକର (୩୬୩୦) ତାଙ୍କଠାରୁ ଆଗୁଆ ଅଛନ୍ତି। ଏହା ସହିତ ଚଳିତ ସିରିଜରେ ୨୫୦ ରନ୍ କରିପାରିଲେ ଦ୍ରାବିଡଙ୍କୁ ଅତିକ୍ରମ କରିବେ ପୂଜାରା।

### ଅଶ୍ୱିନଙ୍କ ୪୫୦ ଉଇକେଟ

ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନିଜର ୪୫୦ ତମ ଟେଷ୍ଟ ଉଇକେଟରୁ ଏକ ଉଇକେଟ ଦୂରରେ ଅଛନ୍ତି। ଗୋଟିଏ ଉଇକେଟ ନେଲେ ସେ ବିଶ୍ୱର ନବମ ଓ ତୃତୀୟ ଭାରତୀୟ ବୋଲର ଭାବରେ ଟେଷ୍ଟ କ୍ରିକେଟରେ ୪୫୦ ଉଇକେଟ ହାସଲ କରିବେ। ଏହା ପୂର୍ବରୁ କପିଳ ଦେବ୍ ଓ ଅନୀଲ କୁମ୍ବଲେ ଏହି ସଫଳତା ହାସଲ କରିଛନ୍ତି। ୮୮ଟେଷ୍ଟରୁ ସେ ୪୪୯ ଉଇକେଟ ନେଇଛନ୍ତି।

ଲିୟନଙ୍କ ୧୦୦ ଉଇକେଟ: ଆଉ ୬ ଉଇକେଟ ନେଲେ ତୃତୀୟ ବୋଲର ଭାବେ ଭାରତ ବିପକ୍ଷରେ ୧୦୦ ଉଇକେଟ ପୂରଣ କରିବେ ନାଥାନ ଲିୟନ। ୨୨ ଟେଷ୍ଟରୁ ସେ ୯୪ ଉଇକେଟ ଅକ୍ତିଆର କରିଛନ୍ତି। ଇଂଲଣ୍ଡର ଜେମ୍ସ ଆଣ୍ଡରସନ୍ ୧୩୯ ଉଇକେଟ ଓ ମୁଥିଆ ମୁରଲୀଧରନ ୧୦୫ ଉଇକେଟ ନେଇଛନ୍ତି।

# ପୂର୍ବ ପ୍ରଦର୍ଶନର ଚାପ ରହିବନି: କୁମିନ୍ସ

ନାଗପୁର,୮।୨(ପି.ଟି.)

ପ୍ରଥମ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆ ଦଳ ଚାପରେ ରହିବ ନାହିଁ ବୋଲି କହିଛନ୍ତି ଅଧିନାୟକ ପ୍ୟାଟ କୁମିନ୍ସ। ଭାରତ ମାଟିରେ ବିଗତ ୧୯ ବର୍ଷ ଧରି ଅଷ୍ଟ୍ରେଲିଆ ଦଳ ଟେଷ୍ଟ ସିରିଜ୍ ଜିତିନାହିଁ। ତେବେ ଉକ୍ତ ମ୍ୟାଚଗୁଡ଼ିକର ଚାପ ଦଳ ଉପରେ ରହିବ ନାହିଁ ବୋଲି କହିଛନ୍ତି କୁମିନ୍ସ। ଆମ ପୂର୍ବରୁ ଖେଳୁଥିବା ଖେଳାଳି ବିଜୟୀ ହୋଇଛନ୍ତି କି ପରାଜିତ ହୋଇଛନ୍ତି ସେଥିରୁ ବର୍ତ୍ତମାନର ଦଳକୁ କିଛି ଫରକ ପଡ଼ି ନ ଥାଏ। ଦଳର ଅନେକ ଖେଳାଳି ପୂର୍ବରୁ ଭାରତରେ ଖେଳି ସାରିଛନ୍ତି। ଭାରତରେ ସଫଳତା ପାଇବାକୁ ହେଲେ ପ୍ରଥମ ଇନିଂସରେ ବୃହତ ସ୍କୋର ଛିଡ଼ା କରିବାକୁ ହେବ ବୋଲି ସେ କହିଛନ୍ତି। ଭାରତ ମାଟିରେ ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ, ମାତ୍ର ଆମେ ଏହି ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ବୋଲି କୁମିନ୍ସ କହିଛନ୍ତି। ପ୍ରଥମ ମ୍ୟାଚ ପୂର୍ବରୁ ପିଚ୍‌କୁ ନେଇ ଢେର ଆଲୋଚନା ହେଉଥିବା ବେଳେ କୁମିନ୍ସ ଏହା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ପିଚ୍ ଶୁଷ୍କ ରହିଥିବା ବେଳେ ଏହା ସ୍ପିନରଙ୍କୁ ସହାୟତା ଦେବା ସ୍ପଷ୍ଟ ହୋଇଛି। ବୋଲରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପାଦଚିହ୍ନରୁ ଦଳ ଫାଇଦା ଉଠାଇବାକୁ ପ୍ରୟାସ କରିବ ବୋଲି ମଧ୍ୟ ସେ କହିଛନ୍ତି। କୌଣସି ନିର୍ଦ୍ଦିଷ୍ଟ ପ୍ରଥମ ଇନିଂସ ସ୍କୋର ଆକଳନ କରି ନ ଥିଲେ ହେଁ ଭିସିଏ ପିଚ୍‌ରେ ୨୫୦ ରନ୍ ବିପକ୍ଷ ଦଳ ପାଇଁ ଚ୍ୟାଲେଞ୍ଜିଂ ରହିବ ବୋଲି ସେ କହିଛନ୍ତି। ସେହିପରି ଭାରତୀୟ ବ୍ୟାଟିଂ ଲାଇନଅପ୍ ବିରୋଧରେ ନାଥାନ ଲିୟନଙ୍କୁ ଅଧିକ ଓଭର ବୋଲିଂ କରିବାକୁ ପଡ଼ିବ ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ।

# ଭୂମିକମ୍ପରେ ତୁର୍କୀ ଗୋଲକିପରଙ୍କ ମୃତ୍ୟୁ


ଅହମତ୍ ଇୟୁପ୍ ତୁର୍କସଲାନ

**ଅଙ୍କାରା,୮।୨:** ତୁର୍କୀ ଓ ଇଜିପ୍ଟରେ ଘଟିଥିବା ଭୟାବହ ଭୂମିକମ୍ପରେ ତୁର୍କୀ ଗୋଲକିପରଙ୍କ ମୃତ୍ୟୁ ଘଟିଛି। ତୁର୍କୀ ପାଇଁ ୫ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଅହମତ୍ ଇୟୁପ୍ ତୁର୍କସଲାନ ସୋମବାର ପ୍ରାଣ ହରାଇଛନ୍ତି। ଅହମତଙ୍କ କ୍ଲବ ୟେନି ମାଲାଟୟାସ୍ପୋର ପକ୍ଷରୁ ଏହି ଖବର ଟୁଇଟ୍ କରାଯାଇଛି। ନିଜ ଘରେ ଥିବା ସମୟରେ ଭୂମିକମ୍ପ କାରଣରୁ ଘର ଭୁଷୁଡ଼ି ପଡ଼ିଥିଲା। ଏଥିରେ ଅହମତଙ୍କ ସମେତ ତାଙ୍କ ସ୍ତ୍ରୀ ମଧ୍ୟ ଭଗ୍ନାବଶେଷ ମଧ୍ୟରେ ଫଶି ଯାଇଥିଲେ। ତେବେ ସ୍ତ୍ରୀଙ୍କୁ ଜୀବନ୍ତ ଭାବରେ ଉଦ୍ଧାର କରାଯାଇଥିବା ବେଳେ ୨୮ ବର୍ଷୀୟ ଅହମତଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରୁ ଅହମତ ୟେନି ମାଲାଟୟାସ୍ପୋର ପାଇଁ ଖେଳୁଛନ୍ତି। କ୍ଲବ ପକ୍ଷରୁ ଅହମତଙ୍କୁ ଜଣେ ଚମତ୍କାର ମଣିଷ କୁହାଯିବା ସହିତ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଅହମତଙ୍କ ସାଥୀ ଖେଳାଳି ତଥା କ୍ରିଷ୍ଟାଲ ପ୍ୟାଲେସ୍ ଓ ଏଭରଟନ୍ ଖେଳାଳି ୟାନିକ୍ ବୋଲସି ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।




ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ବୁଧବାର ନେଟ୍ସ ସେସନରେ ଭାରତୀୟ ଦଳର ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ଓ ଅଷ୍ଟ୍ରେଲିଆର ଡେଭିଡ ୱାର୍ନରଙ୍କ ଅଭ୍ୟାସ।

# ଉଭୟ ବର୍ଗର ଗ୍ରାଣ୍ଡ ଫାଇନାଲରେ ପଞ୍ଜାବ

ପୁରୀ ଅଫିସ, ୮।୨

ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୪୪ତମ ସର୍ବଭାରତୀୟ ସଫ୍ଟବଲ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ବୁଧବାର ଉଭୟ ପୁରୁଷ ଓ ମହିଳା ବିଭାଗର ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମହିଳା ବିଭାଗର ପ୍ରଥମ ସେମିଫାଇନାଲରେ ମହାରାଷ୍ଟ୍ର ଓ କେରଳ ପରସ୍ପରକୁ ଭେଟିଥିଲେ। ଏଥିରେ ମହାରାଷ୍ଟ୍ର ୧-୦ରେ କେରଳକୁ ହରାଇ ସିଧାସଳଖ ଗ୍ରାଣ୍ଡ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପଞ୍ଜାବ ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଜାବ ୪-୦ରେ ଛତିଶଗଡ଼କୁ ହରାଇ ଫାଇନାଲ୍‌କୁ ଯାଇଥିଲା। ପରେ ଫାଇନାଲ ମ୍ୟାଚରେ ପଞ୍ଜାବ ୫-୦ରେ କେରଳକୁ ହରାଇ ଗ୍ରାଣ୍ଡ ଫାଇନାଲରେ ପ୍ରବେଶ କରିଛି। ଫଳରେ ଗ୍ରାଣ୍ଡ ଫାଇନାଲରେ ମହାରାଷ୍ଟ୍ର ଓ ପଞ୍ଜାବ ସାମ୍ନାସାମ୍ନି ହେବେ।

ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ ପଞ୍ଜାବ ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଜାବ ୬-୫ରେ ଛତିଶଗଡ଼କୁ ହରାଇ ସିଧାସଳଖ ଗ୍ରାଣ୍ଡ ଫାଇନାଲରେ ପହଞ୍ଚିଛି। ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆନ୍ଧ୍ରପ୍ରଦେଶ ୨-୦ରେ ମଧ୍ୟପ୍ରଦେଶକୁ ହରାଇଛି। ଗୁରୁବାର ପ୍ରଥମେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ ହେବ। ଉକ୍ତ ମ୍ୟାଚର ବିଜେତା ଦଳ ଗ୍ରାଣ୍ଡ ଫାଇନାଲରେ ଚାମ୍ପିଅନ ପାଇଁ ପଞ୍ଜାବ ସହିତ ଲଢେଇ କରିବ। ତୃତୀୟ ଦିବସରେ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଓ ସମାଜସେବୀ ଚକ୍ରଧର ମହାପାତ୍ର ଯୋଗଦେଇଥିଲେ।

**ସର୍ବଭାରତୀୟ ସଫ୍ଟବଲ ଚାମ୍ପିୟନଶିପ୍**


ପଞ୍ଜାବ ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ।

# ବାଙ୍କୁଆଳ-ଶୁଆଙ୍ଗ ଫାଇନାଲ

ପୁରୁଣା ଭୁବନେଶ୍ୱର, ୮।୨ (ଡି.ଏନ.ଏ.)

ସ୍ଥାନୀୟ ବାଙ୍କୁଆଳ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୧୨ତମ ଜଗବନ୍ଧୁ ସ୍ୱାଇଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ବାଙ୍କୁଆଳ ଓ ଶୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ। ପୂର୍ବରୁ ବାଙ୍କୁଆଳ ଫାଇନାଲରେ ପ୍ରବେଶ କରିଥିବାବେଳେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଖୋର୍ଦ୍ଧାର ଭାଲିଆବାଡ଼ି କ୍ରିକେଟ କ୍ଲବକୁ ହରାଇ ଭୁବନେଶ୍ୱରର ଶୁଆଙ୍ଗ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ଟସ ଜିତି ବ୍ୟାଟିଂ କରିଥିବା ଶୁଆଙ୍ଗ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୬୪ରନ କରିଥିଲା। ଜବାବରେ ଭଲିଆବାଡ଼ି ଦଳ ସମସ୍ତ ଉଇକେଟ ହରାଇ ୧୪୩ରନ କରିବାକୁ ସକ୍ଷମ ହେଇଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ ବଡ଼ଜେନା ୧୧୮ରନ କରିବା ସହ ୪ ଉଇକେଟ ନେଇଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତ ବଡ଼ଜେନା ୬୦ ରନ କରିଥିଲେ।

# ସେମିଫାଇନାଲରେ ରାମେଶ୍ୱର

ଭୁବନେଶ୍ୱର,୮।୨ (କ୍ରୀଡ଼ା ପ୍ରତିନିଧି)

କେଶୁରା ପଡ଼ିଆରେ ଚାଲିଥିବା ତୃତୀୟ ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ୨୮ ରନରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଏଥିସହ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। କଟକର ଦୁଇ ଦଳ ରାଇଜିଂ ଷ୍ଟୁଡେଣ୍ଟ ଓ ସୋଲାର କ୍ରିକେଟ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହେବ।

ଟସ୍‌ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୭ ଉଇକେଟ ହରାଇ ୩୦୭ ରନ କରିଥିଲା। ଦଳ ପକ୍ଷରୁ ସାରାଂଶ କୁମାର ସର୍ବାଧିକ ୭୮, ସମ୍ମିତ ବରାଳ ୭୬* ଓ ଏମ.ଜି. ଗୋପାଳ ୫୦ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଶ୍ରୀରାଜ ପଟ୍ଟନାୟକ ୩ଟି ଓ ଶୁଭମ୍ ଶ୍ରୀ ୨ଟି ଉଇକେଟ ନେଇଥିଲେ। ୩୦୮ ରନ ବିଜୟ ଲକ୍ଷ୍ୟର ପିଛା କରି ମୁକ୍ତେଶ୍ୱର ୩୩.୩ ଓଭରରେ ୨୭୯ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ପ୍ରତୀକ ଦାସ (୧୩୯ ରନ, ୧୦୬ ବଲ) ଶତକ ହାସଲ କରିଥିଲେ ହେଁ ଦଳକୁ ଜିତାଇ ପାରି ନ ଥିଲେ। ବିଜୟୀ ଦଳର ନିରଞ୍ଜନ ଗୌଡ଼ ୪ଟି ଏବଂ ଜଗଦୀଶ ମହାନ୍ତି, ବିଶ୍ୱଜିତ ମଲ୍ଲିକ ଓ ଶୁଭ୍ରକାନ୍ତ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। କ୍ରିକେଟ କୋଚ୍ ରାଧେଶ୍ୟାମ ନାୟକ ଅତିଥିଭାବେ ଯୋଗଦେଇ ଶତକୀୟ ଇନିଂସ ପାଇଁ ମୁକ୍ତେଶ୍ୱରର ପ୍ରତୀକ ଦାସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଶରତ ଚନ୍ଦ୍ର ସାହୁ ଓ ବିଭୁ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ।

**ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ**



ପ୍ରତୀକ ଦାସଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଗିଲ୍‌ଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ

**ଦୁବାଇ,୮।୨(ପି.ଟି.):** ଆଇସିସି ପକ୍ଷରୁ ବୁଧବାର ଟି୨୦ ର୍‌ୟାଙ୍କିଙ୍ଗ ପ୍ରକାଶ ପାଇଛି। ଭାରତର ସୂର୍ଯ୍ୟକୁମାର ଯାଦବ ଏକ ନମ୍ବର ସ୍ଥାନ ବଜାୟ ରଖିଥିବା ବେଳେ ଓପନର ଶୁବମନ ଗିଲ୍‌ଙ୍କୁ ମିଳିଛି କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ। ସୂର୍ଯ୍ୟକୁମାର ଟି୨୦ରେ ନିଜର ଚମତ୍କାର ଫର୍ମ ବଜାୟ ରଖିବା ସହିତ ୯୦୬ ରେଟିଂ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ତେବେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି ୨୦ରେ ୬୩ ବଲରୁ ଧୂଆଁଧାର ୧୨୬ ରନ୍ କରିଥିବା ଶୁବମନ ଗିଲ କ୍ୟାରିୟର ଶ୍ରେଷ୍ଠ ୩୦ତମ ସ୍ଥାନରେ ପହଞ୍ଚିଛନ୍ତି। ୩ଟି ଯାକ ଫର୍ମାଟରେ ଶତକ ହାସଲ କରି ସାରିଥିବା ଗିଲ୍ ଦିନିକିଆରେ ଷଷ୍ଠ ଓ ଟେଷ୍ଟରେ ୬୨ ତମ ସ୍ଥାନରେ ରହିଛନ୍ତି। ନିକଟରେ ଭାରତୀୟ ଦଳର ବାଦ ପଡ଼ିଥିବା ବିରାଟ କୋହଲି ଗୋଟିଏ ସ୍ଥାନ ତଳକୁ ଖସି ୧୫ ନମ୍ବର ସ୍ଥାନରେ ରହିଥିବା ବେଳେ ଲୋକେଶ ରାହୁଲ ୨୭ ଓ ରୋହିତ ଶର୍ମା ୨୯ ତମ ସ୍ଥାନରେ ରହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରିୟାଂଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜନ୍ମଦିନ ଶୁଭେଚ୍ଛା



**ପ୍ରିୟାଂଶା ଖମାରୀ**
ବୁଗବୁଗା (ଗହ୍ଲାଟିକ୍ରା), ବରଗଡ଼
ତୋର ଚଳାପଥ କୁସୁମିତ ହେଉ। ଆଜି ତୋର ଜନ୍ମଦିନ ପାଳନରେ ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ- ଅଭିଳାଷା, ଅଭିଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍ସା, ଅଭିଜିତ୍, ସତ୍ୟଜିତ୍।
ଧ-୨୭୦୨

BADRIPRASAD
Institute of Medical Science
Approved by Odisha Nurses & Midwives Registration Council under DMET, Govt. of Odisha
B.Sc Nursing
Now at Sambalpur
In campus Hostel Facility Available
For Admission Contact-
At- Debaipali, Majhipali Chowk, PO-Sason, Dist-Sambalpur
Call:9937380097,9853435210,9238400140,8908119285


# ନିଷ୍ଠାପର ବୃତ୍ତିଗତ ପଥ ଅନୁସରଣ ଲାଗି ପରାମର୍ଶ

### ନବନିଯୁକ୍ତ ଓଏଏସ୍ ଅଧିକାରୀଙ୍କ ପ୍ରଶିକ୍ଷଣ ଉଦ୍‌ଘାଟିତ

**ଭୁବନେଶ୍ୱର,୮।୨ (ବ୍ୟୁରୋ)**

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ରେ ନବନିଯୁକ୍ତ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ବୁଧବାର ଉଦ୍‌ଘାଟିତ ହୋଇଛି। ପ୍ରଶିକ୍ଷାର୍ଥୀମାନଙ୍କୁ ନିଷ୍ଠାପର ତଥା ବୃତ୍ତିଗତ ସଫଳତାର ପଥ ଅନୁସରଣ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲ୍‌କ୍ରିଷ୍ଣନ୍, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଏବଂ ଏକାଡେମୀର ମହାନିର୍ଦ୍ଦେଶକ ରାଜକୁମାର ଶର୍ମା ପ୍ରମୁଖ ଅଧିକାରୀମାନଙ୍କୁ ଏହି ମର୍ମରେ ସାଧୁତା ଓ ପ୍ରଶାସନିକ ପ୍ରତିବଦ୍ଧତା ରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆର୍.ବାଲ୍‌କ୍ରିଷ୍ଣନ୍ ଓଡ଼ିଶାରେ ତାଙ୍କର ସୁଦୀର୍ଘ ବୃତ୍ତିଗତ ଅଭିଜ୍ଞତା ଉପରେ ଆଲୋକପାତ କରିବା ସହିତ ଦେଶରେ ଏକ ଅଗ୍ରଣୀ ଓ ସଫଳ ରାଜ୍ୟ ଭାବେ ଓଡ଼ିଶା ଉଭା ହୋଇଛି ବୋଲି କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତଥା ବିବିଧ ମାନବସମ୍ବଳ ବିକାଶ ସୂଚକାଙ୍କଗୁଡ଼ିକରେ ଓଡ଼ିଶାର ସଫଳତା ବହୁ ଭାବରେ ଉଚ୍ଚ ପ୍ରଶଂସିତ ହୋଇଛି। ବିଶ୍ୱକପ୍ ହକି ଓ ମେକ୍ ଇନ୍ ଓଡ଼ିଶା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନରେ ୫-ଟି ନୀତି ସଫଳତା ଆଣିବାରେ ସାହାଯ୍ୟ କରିଛି ବୋଲି ସେ କହିଛନ୍ତି। ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ପାଇଁ ବାଗ୍‌ଚୀ ଆହ୍ୱାନ ଦେଇଛନ୍ତି। ନିଜର ବିବେକ, ନିଷ୍ଠାପର, ସାଧୁତା ଓ ଅଙ୍ଗୀକାରବଦ୍ଧତା ସହିତ କୌଣସି ପରିସ୍ଥିତିରେ ସାଲିସ ନ କରିବାକୁ ସେ ଶିକ୍ଷାନବିସମାନଙ୍କୁ ପରାମର୍ଶ ଦେଇଛନ୍ତି। ଏକାଡେମୀର ମହାନିର୍ଦ୍ଦେଶକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଶିକ୍ଷାନବିସମାନେ ଚରିତ୍ର, ଦକ୍ଷତା ଓ ସହାନୁଭୂତି ପରି ତିନୋଟି ସ୍ତମ୍ଭ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଶିକ୍ଷାନବିସମାନଙ୍କ ମଧ୍ୟରୁ କିରଣ କୁମାର ମହାନ୍ତି ଏପରି ପ୍ରଶିକ୍ଷଣର ପାଠ୍ୟକ୍ରମରେ ନେତୃତ୍ୱ, ସମୟ ଓ ଲୋକପରିଚାଳନାକୁ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଏକାଡେମୀର ନୂତନ ଲୋଗୋ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୩୧ ଜଣ ଯୁବ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ମେ’ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକାଡେମୀର ଅତିରିକ୍ତ କମିଶନର ହିମାଂଶୁ ଭୂଷଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପମହାନିର୍ଦ୍ଦେଶକ ପ୍ରତାପ ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି। ଉପନିର୍ଦ୍ଦେଶକ ମମତା ରାଣୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ କାନନବାଳା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶିକ୍ଷକଙ୍କଠାରୁ ୯୦ ହଜାର ଲୁଟ୍

**ସାରସକଣା,୮।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ବନ୍ଧେଛକ-ବାରିପଦା ବସ୍ ଷ୍ଟପ ନିକଟରୁ ଜଣେ ଶିକ୍ଷକଙ୍କ ନିକଟରୁ ୯୦ ହଜାର ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାଇକରାୟଙ୍କ ଅଭିଯୋଗ ମୁତାବକ ବୁଧବାର ଅପରାହ୍ନରେ ସେ ବିଦ୍ୟାଳୟରୁ ଆସି ଖାରପୋଖରିଆସ୍ଥିତ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଦୁଇ ଯୁବକ ବାଇକ୍‌ରେ ଆସି ଟଙ୍କା ବ୍ୟାଗ ଛଡ଼ାଇ ନେଇ ବାରିପଦା ଆଡ଼କୁ ପଳାଇ ଯାଇଥିଲେ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385
9178722970, 8018240892
7894447167, 9338226625

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA | MBA | BCA | MCA | BA | B.Sc. | B.Com. | MA | M.Sc. | M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

ଫାଇନାନ୍ସ
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୩ ବର୍ଷରେ ଓଡ଼ିଶାରେ ୫୭ ହଜାର ମେଟ୍ରିକ୍ ଟନ୍ ମିଲେଟ୍ ଉତ୍ପାଦନ ହୋଇଛି: ତୋମାର

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ଗତ ୩ ବର୍ଷରେ ଓଡ଼ିଶାରେ ୫୭ ହଜାର ମେଟ୍ରିକ୍ ଟନ୍ ମିଲେଟ୍ ଉତ୍ପାଦନ ହୋଇଛି। ସେହିଭଳି ମିଲେଟ୍‌ର ପ୍ରୋତ୍ସାହନ ପାଇଁ ଓଡ଼ିଶା ସମେତ ଆସାମ, ଛତିଶଗଡ଼, କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ଆଦି ରାଜ୍ୟ ମିଲେଟ୍ ମିଶନ ଗଠନ କରିଛନ୍ତି। ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପାର୍ଲାମେଣ୍ଟରେ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି,୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ୧୭ କୋଟି ମେଟ୍ରିକ୍ ଟନ୍‌ରୁ ଅଧିକ ମିଲେଟ୍ ଦେଶରେ ଉତ୍ପାଦନ ହୋଇଥିବାବେଳେ ଓଡ଼ିଶାରେ ଏହି ସମୟ ମଧ୍ୟରେ ୫୭ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ମିଲେଟ୍ ଉତ୍ପାଦନ ହୋଇଛି। ତେବେ ଏହି ସମୟରେ ରାଜସ୍ଥାନରେ ସର୍ବାଧିକ ୪.୮୬ କୋଟି ଟନ୍ ଅଧିକ ମିଲେଟ୍ ଉତ୍ପାଦନ ହୋଇଥିବା ବେଳେ କର୍ନାଟକରେ ପ୍ରାୟ ୨.୪୦ କୋଟି ଟନ୍, ଉତ୍ତରପ୍ରଦେଶରେ ୨.୨୩ କୋଟି ଟନ୍ ଏବଂ ମଧ୍ୟପ୍ରଦେଶରେ କୋଟିଏ ଟନ୍ ଅଧିକ ମିଲେଟ ଉତ୍ପାଦନ ହୋଇଛି। ଦେଶ ଓ ବିଦେଶରେ ମିଲେଟ୍‌ର ଚାହିଦା ବୃଦ୍ଧି ସହିତ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଘୋଷଣା ପାଇଁ ଭାରତ ସରକାର ମିଳିତ ଜାତିସଂଘକୁ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ୭୨ଟି ଦେଶ ସମର୍ଥନ କରିଥିବା ସେ କହିଛନ୍ତି। ଏଥିସହିତ ଭାରତର ମିଲେଟ୍‌କୁ ସହାୟତା ପାଇଁ ୫ଲକ୍ଷ ଆମେରିକୀୟ ଡଲାର ପ୍ରଦାନ କରାଯାଇଛି। ସେହିଭଳି ମିଲେଟ୍‌ର ପ୍ରୋତ୍ସାହନ ପାଇଁ କୃଷି ମନ୍ତ୍ରଣାଳୟ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ ମିଲେଟ୍ ମିଶନକୁ ୨୦୧୮-୧୯ ବର୍ଷରୁ ୧୪ ରାଜ୍ୟର ୨୧୨ ଜିଲାରେ କାର୍ଯ୍ୟକାରୀ କରୁଛି। ୨୦୨୩-୨୪ ବଜେଟରେ କେନ୍ଦ୍ର ସରକାର ଭାରତକୁ ମିଲେଟ୍ ହବ୍‌ରେ ପରିଣତ ପାଇଁ ଘୋଷଣା କରିଛନ୍ତି। ମିଲେଟ୍‌ର ଚାହିଦାକୁ ଦେଖି ଗୁଆନାର ରାଷ୍ଟ୍ରପତି ତାଙ୍କ ଦେଶରେ ୨୦୦ ଏକର ଜମିରେ ମିଲେଟ୍ ଚାଷ ପାଇଁ ଆଗ୍ରହ ପ୍ରକାଶ କରିଥିବା କେନ୍ଦ୍ର କୃଷିମନ୍ତ୍ରୀ ସୂଚନା ଦେଇଛନ୍ତି।


Classified Everyday
0674-2580101, 2549949


AUTOMOBILE
SALE

Bhubaneswar Carz (Preowned Car) for sale. Vehicle price- Honda Jazz V (2017) 5,30,000/-, Tata Tiagoxz (2021) 7, 15, 000/-, Alto 800 Lxi (2015) 2, 30, 000/-, Alto Lxi (2010) 1, 30, 000/-. Contact person- 7764076680, 9776080658. D-2652


REAL ESTATE
SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980. D-74187

Highly developed gated society gharabari plot sale near Toshali Square, Puri opposite Medical College. 9937373013. D-74802

Land for sale Puri: Sipasurubali, land size: (i) Ac 1.575, (ii) Ac 1.03. Please contact: 8599011545. D-2688

Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186. D-74638

ଜଟଣୀ NISER ସାମ୍ନାରେ ଘରବାରି yellowzone ଥାଇ possession plot କିଣି immediate ଘର କରନ୍ତୁ। 9938066403, 9438315973. D-74809

Sum Hospitalରୁ 4.5 k.m. ଘଙ୍ଗାପାଟଣାରେ ଏବଂ ଖଣ୍ଡଗିରିରୁ 14 k.m. ମଧ୍ୟରେ NH-16 ପିତାପଲ୍ଲୀଠାରେ ରୋଡ୍, ଇଲେକ୍ଟ୍ରି ସହ ସ୍ଥିତିବାନ ପ୍ଲଟ୍ ମିଳୁଛି। 9938228797. D-74811

Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390. D-74812

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

30’road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/- ରେ ମିଳୁଛି। 9937391249, 6371915941. D-74195

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197




Newly open full body massage ladies and gents. 9861883292, 8093860513. D-74637

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Relax, Refresh your body, Mind at Saikrupa Spa with best therapies. 8984068077. D-2586

Newly open SPA positively health benefits with expert therapist. 7849011931. D-73680

Full body massage, refresh, relaxed by expert lady therapist. Contact: 8480939300. D-2644

Your classified advertisement published in Dharitri will be listed free in Dharitri online edition: dharitriepaper.in


BUSINESS

Solar Light / Solar Water Pumpର Contractor / Liaison Agent କାମ ପାଇଁ ବ୍ଲକ୍ / ପଞ୍ଚାୟତ ସ୍ତରରେ ଯୋଗାଯୋଗ କରନ୍ତୁ। 7328077336. D-73681

AFFIDAVIT

By virtue of an affidavit sworn before the Executive Magistrate, Balangir, I, Balaram Sahu, Father- Shyam Sundar Sahu, Mother- Snehamayee Panigrahi, R/o. Palace Line, P.O./ P.S/Dist. Balangir do hereby declare that I want to change my surname from Sahu to Panigrahi. Henceforth, I will be known as Balaram Panigrahi instead of Balaram Sahu for all purposes. D-2697

By the virtue of an affidavit dt.08.02.2023 before the Court of Executive Magistrate, Bhubaneswar, I, Debendra Pradhan, At- Brenguda, P.O. Gadaguda, P.S. - G. Udayagiri, Dist.- Kandhamal, Odisha, PIN No. 762100. Daughter of name Aaradhya Pradhan, Birth of date- 08.09.2019 all future purposes. D-2696

I, Shradhanjali Hota, alias Anjali Hota, D/o- Jitendra Hota, Baradeswar, Todanga, Dist.- Bhadrak. I have a LIC Policy bearing No. 598125939, where my name is Shradhanjali Hota. I declare that Shradhanjali Hota and Anjali Hota is same and one person. D-2705

LOST

I, Sabita Khosla, W/o- Aditya Sen have lost the Sale Deed RSD No.10881603295/2016 dtd. 28.09.2016, of Plot No.-989/2875, Mouza- Boringpadar, Khata No.-356/646 on the way on dtd. 12.01.2023, when I was travelled by bus from Kesinga to Junagarh. I searched the same but couldn’t traced. I have reported it at Junagarh P.S. of G.D. No.008 dt.12.01.2023. Also I wishes to create mortgage for a loan from State Bank of India, Kesinga Branch (Code- 02076). D-2704


**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅବକାରୀ ବିଭାଗକୁ ଇ-ଗଭର୍ନାନ୍ସ ପୁରସ୍କାର

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗର ଇ-ଅବକାରୀ ଇ-ଗଭର୍ନାନ୍ସ ପୁରସ୍କାର ପାଇଁ ମନୋନୀତ ହୋଇଛି। ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ନୂଆଦିଲ୍ଲୀର ନେତାଜୀ ସୁଭାଷ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଇ-ଗଭର୍ନାନ୍ସ ଟ୍ରାକ୍ ଅଧିବେଶନରେ ଏହି ପୁରସ୍କାର ପ୍ରଦାନ କରାଯିବ। କମ୍ପ୍ୟୁଟରୀକରଣ ଏବଂ ଆଇଟି ପଦକ୍ଷେପରେ ସଫଳତା ପାଇଁ ଅବକାରୀ ବିଭାଗକୁ ଏହି ପୁରସ୍କାର ମିଳିବ।

ଉଲ୍ଲେଖଯୋଗ୍ୟ, ସରକାରଙ୍କ ୫-ଟି ପଦକ୍ଷେପ ସହିତ ରାଜ୍ୟ ଅବକାରୀ ବିଭାଗ ୨୦୧୯-୨୦ରୁ ଏନ୍‌ଆଇସି ସହାୟତାରେ ଇ-ଅବକାରୀ ଡିଜିଟାଲ କାର୍ଯ୍ୟକ୍ଷେତ୍ରରେ ରୂପାନ୍ତରିତ ହୋଇଛି। ଇ-ଲଟେରି ଭଳି ୩୦ରୁ ଅଧିକ ଅନ୍‌ଲାଇନ ମଡ୍ୟୁଲ୍ ଯଥା ତତ୍କାଳ ଇସ୍ୟୁ ଏବଂ ନବୀକରଣ, ବ୍ରାଣ୍ଡ ଲେବଲ୍ ରେଜିଷ୍ଟ୍ରେଶନ ସହିତ ୧୦୦% ଅନ୍‌ଲାଇନ ଦେୟ ପ୍ରଦାନ, ଡିପିଆର, ସିସିଆଇଏସ୍, ଏସ୍ଆଇଆର, ରେଡ୍ ସ୍ପଟ୍ ଏବଂ ଏକ୍ସାଇଜ୍ ଦୋକାନ ଇତ୍ୟାଦି ଟ୍ରାକିଂ ପାଇଁ ମୋବାଇଲ୍ ଆପ୍ ବିକଶିତ କରାଯାଇଛି। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛତା ଉପାୟରେ କାର୍ଯ୍ୟକାରୀ ହେବା ସହିତ ଧାର୍ଯ୍ୟ ସମୟରେ ସେବା ଯୋଗାଣ, ଶାରୀରିକ କାର୍ଯ୍ୟ ହ୍ରାସ, ତତ୍କାଳ ଫଇସଲା ଆଦି ସେବା ପ୍ରଦାନ କରୁଛି। ଏହାଦ୍ୱାରା ଏନ୍‌ଫୋର୍ସମେଣ୍ଟ, କାର୍ଯ୍ୟକଳାପର ଠିକ୍ କାର୍ଯ୍ୟକାରିତା ଏବଂ ମନିଟରିଂ, ବିଷାକ୍ତ ଓ ଚୋରା ମଦକୁ ରୋକିବା, ବିଭିନ୍ନ ସ୍ତରରେ ସମୟାନୁବର୍ତ୍ତୀ ସେବା ବିତରଣ, ଉତ୍ପାଦନ ଏବଂ ଉତ୍ପାଦନ ନିୟନ୍ତ୍ରଣ ସହିତ ଉପଯୁକ୍ତ ଯୋଗାଣ ଶୃଙ୍ଖଳା ପରିଚାଳନା ଏବଂ ସର୍ବୋପରି ବ୍ୟବସାୟରେ ସହଜ ଏବଂ ବିଭାଗ ପ୍ରତି ଜନସାଧାରଣଙ୍କ ଧାରଣାରେ ପରିବର୍ତ୍ତନ କରାଯାଇ ପାରିଛି।

ବ୍ୟାପକ ଧରପଗଡ ଯୋଗୁ ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ଶେଷସୁଦ୍ଧା ରେକର୍ଡ ସଂଖ୍ୟକ ୫୦୦୨୮ ଅବକାରୀ ମାମଲା ରୁଜୁ ହୋଇଛି, ଯାହା ଗତ ବର୍ଷର ଏହି ସମୟ ତୁଳନାରେ ୫୧% ଅଧିକ। ଗତ ଆର୍ଥିକ ବର୍ଷର ଜାନୁୟାରୀ ଶେଷ ସୁଦ୍ଧା ରାଜ୍ୟରେ ୩୩୦୬୪ ଅବକାରୀ ମାମଲା ରୁଜୁ ହୋଇଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ଜାନୁୟାରୀ ଶେଷ ସୁଦ୍ଧା ୧୪୫୯ ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ୧୨୬% ଅଧିକ। ଗତ ଆର୍ଥିକ ବର୍ଷର ଏହି ସମୟରେ ୬୪୬ ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଛି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ଅଧିକାରୀ

### ଦୃଷ୍ଟିବାଧିତ ମହିଳାଙ୍କଠାରୁ ଲାଞ୍ଚ ନେଉଥିଲେ

**ବାରିପଦା ଅଫିସ,୮।୨**

ମୟୂରଭଞ୍ଜ ଜିଲା ଶୁଳିଆପଦା ତହସିଲର ରାଜସ୍ୱ ସୁପରଭାଇଜର ଜଣେ ଦୃଷ୍ଟିବାଧିତ ମହିଳାଙ୍କଠାରୁ ଅଢ଼େଇ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ କେମିକାଲ୍ ବୋଳା ସମସ୍ତ ନୋଟ୍ ଜବତ କରାଯାଇଛି। ସୁପରଭାଇଜର ଜଣକ ହେଲେ ବାରିପଦା ସହର ବାଘଡ଼ାରୋଡ୍ ଅଞ୍ଚଳର ସଞ୍ଜୟ କୁମାର ପାଢ଼ୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳକୁ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ବାସଭବନ ଓ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୩/୨୩) ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ଶୁଳିଆପଦା ଥାନା ଧଡାଙ୍ଗଗିରି ଗ୍ରାମର ଦେବୀ ବେଶ୍ରା ଜଣେ ଦୃଷ୍ଟିବାଧିତ ମହିଳା। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ୨ଲକ୍ଷ ୫୦ହଜାର ଟଙ୍କା ବିବାହ ପ୍ରୋତ୍ସାହନ ରାଶି ମଞ୍ଜୁର ସକାଶେ ପ୍ରମାଣପତ୍ର ପାଇଁ ସେ ରାଜସ୍ୱ ସୁପରଭାଇଜର ପାଢ଼ୀଙ୍କ ନିକଟକୁ ଯାଇଥିଲେ। ସୁପରଭାଇଜର ଅଢ଼େଇ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂକ୍ରାନ୍ତରେ ଦେବୀ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ବୁଧବାର ଅପରାହ୍ନରେ ସୁପରଭାଇଜର ପାଢ଼ୀ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଏହି ଚଢ଼ାଉରେ ବାଲେଶ୍ୱର ଓ ବାରିପଦା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସାମିଲ ଥିଲେ।


ରାଜସ୍ୱ ସୁପରଭାଇଜର ସଞ୍ଜୟ କୁମାର ପାଢ଼ୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ଫେବୃୟାରୀ, ୨୦୨୩



ଅପେରା ହାଲ୍‌ଚାଲ୍

## ତପସ୍ୟାର ନୂଆ ଯୋଜନା

ଅଭିନୟ କ୍ଷେତ୍ରରେ ନୂଆ କଳାକାର ସୃଷ୍ଟି କରିବାରେ ତପସ୍ୟା ଗୁରୁକୁଳର କେତେ ଭୂମିକା ରହିଛି ତାହା କହିବା ବାହୁଲ୍ୟ। ସଙ୍ଗୀତ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତାପସ ଦାସ ଓରଫ ଟିଟନ୍‌ଙ୍କର ଏହି ପରିକଳ୍ପନା ଆଜି ଅନେକ ନବାଗତଙ୍କ ସ୍ୱପ୍ନକୁ ସାକାର କରିବାରେ ସକ୍ଷମ ହୋଇଛି। ଚଳିତ ବର୍ଷ ଟିଟନ୍ ଆଉ ଏକ ପରୀକ୍ଷା ନିରୀକ୍ଷା କରିବାକୁ ଯାଉଛନ୍ତି। ଏଥର ସେ ପ୍ରତିଷ୍ଠା କରିଛନ୍ତି 'ତପସ୍ୟା ରଙ୍ଗମଞ୍ଚ'। ଏ ନେଇ ଟିଟନ୍ କହନ୍ତି, 'ମୋ ନୂଆ ଯୋଜନାରେ କଳାକାର ନିଜ କ୍ୟାରିୟରକୁ ନେଇ ଆହୁରି ଆଗକୁ ଆଗେଇବେ। ମୋର ନୂଆ ଅନୁଷ୍ଠାନ ଏବର୍ଷଠାରୁ ପ୍ରତିବର୍ଷ ପାଖାପାଖି ୪ ମାସ ଅପେରା ନାଟକ ପରିବେଷଣ କରିବ। ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବାରେ ଏହି ଅନୁଷ୍ଠାନର କଳାକାର ନିଶ୍ଚୟ ସଫଳ ହେବେ ମୋର ଦୃଢ଼ ବିଶ୍ୱାସ ରହିଛି।' ଚଳିତ ବର୍ଷ ପ୍ରସ୍ତୁତ ତିନୋଟି ନାଟକ ହେଲା–'ଦି ଟୋପା ଲୁହକୁ ଚେନାଏ ହସ' (ରଚନା–ଇଂ. ଆଶୁତୋଷ ମହାପାତ୍ର, ନିର୍ଦ୍ଦେଶନା–ଏସ.ପ୍ରଣୟ କୁମାର, ସଙ୍ଗୀତ–ଟିଟନ୍ ଦାସ), 'କାନ୍ଦିବାକୁ ଆଖି କାନ୍ଧ ଖୋଜୁଛି' (ରଚନା–ଡ. ଦୀପକ ଜେନା, ନିର୍ଦ୍ଦେଶନା ବିକ୍ରମ ନାୟକ ଓରଫ ନନ୍ଦୁ ସାର୍, ସଙ୍ଗୀତ–ଟିଟନ୍ ଦାସ) ଏବଂ ଦିଲୀପ ବିଶ୍ୱାଳଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'କେମିତି ଏ କଳିଯୁଗ', ଯାହାର ସ୍ୱର ସଂଯୋଜନା କରିଛନ୍ତି ମିହିର ମହାନ୍ତି। ଏହି ରଙ୍ଗମଞ୍ଚର ଏଥର ମୁଖ୍ୟ ଆକର୍ଷଣ ସାଜିବେ ଧାରାବାହିକ ଅଭିନେତା ମିଳନ (ସାଇ) ଏବଂ ଅଭିନେତ୍ରୀ ସାରା। ଖୋର୍ଦ୍ଧାର ବେଗୁନିଆରେଠାରେ ସ୍ଥାପିତ ଏହି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅଛନ୍ତି ଶିଶିର କୁମାର ଆଚାର୍ଯ୍ୟ ଏବଂ ପ୍ରମୋଦ କୁମାର ସାହାଣୀ।


ସାରା

## ସବୁ ଭାଗ୍ୟର ଦୋଷ


କିଆରା

କିଆରା ଆଡଭାନୀ ଏବେ ଟେନ୍‌ସନ୍‌ରେ। ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ସେ ଘର ସଂସାର ତ କରିସାରିଲେଣି। ହେଲେ ପୁଣି କ'ଣ ପାଇଁ ଟେନ୍‌ସନ୍ ? କଥା କ'ଣ କି ସେ ପୂର୍ବରୁ ସାଇନ୍ କରିଥିବା ଏକ ସିନେମା ପାଇଁ ଚିନ୍ତାରେ ପଡିଯାଇଛନ୍ତି ଏହି ଅଭିନେତ୍ରୀ। କିଆରାଙ୍କ କହିବା ଅନୁଯାୟୀ ଏହି ଅନଟାଇଟଲ୍‌ଡ ଫିଲ୍ମର କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ହେଲେ ତାହା ପୂର୍ବରୁ ତାଙ୍କ ସହ କିଛି ଆଲୋଚନା କରାଯାଇନାହିଁ। ସେ କୁଆଡ଼େ ଶୁଣିବାକୁ ପାଉଛନ୍ତି ଯେ କାହାଣୀଟିକୁ ଆହୁରି ରଙ୍ଗିନ କରିବା ଲାଗି ସେଥିରେ କେତୋଟି ଗରମାଗରମ ଶଟ୍ ଯୋଡ଼ାଯାଇଛି। ଯେତେବେଳେ ଏକଥା କିଆରାଙ୍କ କାନରେ ପଡିଲା ସେତେବେଳେ ତାଙ୍କର ଅକଲ ଗୁଡୁମ୍। ଏ ନେଇ କିଆରା କହନ୍ତି, ନିକଟରେ ମୁଁ ଏକ ଫିଲ୍ମ ପାଇଁ ସାଇନ୍ କରିଥିଲି, ଯାହାର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର କାହାଣୀରେ କିଛି ପରବର୍ତ୍ତନ କରାଯିବା ସହ ସେଥିରେ କେତୋଟି ବୋଲ୍ଡ ଶଟ୍ ଯୋଡାଯାଇଛି ବୋଲି ଶୁଣୁଛି। ଏ ନେଇ ମୁଁ ଖୁବ୍‌ଶୀଘ୍ର ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କରିବି। ପାଖାପାଖି ୮–୧୦ ଦିନ ଏଥିଲାଗି ଚେଷ୍ଟା କରିବି। ଏଭଳି କଥା ଶୁଣିବା ପରେ ମୋର ଟେନ୍‌ସନ ବଢ଼ିଯାଇଛି। ତେବେ ପ୍ରଯୋଜକଙ୍କ ସହ ଭଲ ଭାବରେ ଆଲୋଚନା କରିବା ପରେ ସେ ବିଷୟରେ ମୁଁ କନ୍‌ଫର୍ମ ହେବି।' ତେବେ ଏହି ଘଟଣା ଆଗକୁ କି ମୋଡ଼ନେଉଛି ତାହା ଦେଖିବାକୁ ବାକି ରହିଲା।

## ଅଗ୍ନି ପରୀକ୍ଷା

ପ୍ରେମିକ ହେବାକୁ ଅନେକେ ସ୍ୱପ୍ନ ଦେଖିଥାଆନ୍ତି। ହେଲେ ସେଥିରେ ସଫଳ ହେବା ସହଜ କଥା ନୁହେଁ। ଦେଖୁନାହାନ୍ତି ଦେଖୁ ଦେଖୁ ନେହାଙ୍କ ପ୍ରେମରେ ପଡିଯାଇଥିଲେ ଅମିତ। ହେଲେ ଅଧା ବାଟରେ ଏମିତି ଘଟିବ ବୋଲି ସେ କଦାପି ବିଶ୍ୱାସ କରି ନ ଥିଲେ। ଏକ ଅତୃପ୍ତ ଆତ୍ମା ସେମାନଙ୍କ ପ୍ରେମରେ କଣ୍ଟା ହୋଇ ଠିଆ ହୋଇଛି। ହେଲେ ପ୍ରେମର ଏଭଳି ଅଗ୍ନି ପରୀକ୍ଷାରେ ଏହି ଯୋଡି ଉତ୍ତୀର୍ଣ୍ଣ ହେଉଛନ୍ତି ତ ? ହଁ, ଏଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଜହ୍ନ ରାତିର ସାଥୀ'। ଏଭଳି ଏକ ରହସ୍ୟ, ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ସନେମାଟି ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଦୃଢ଼ ଆଶାବାଦୀ ଅଛନ୍ତି ଏହାର ପ୍ରଯୋଜକ ଅଜୟ କୁମାର ରାଉତ। ଚିତ୍ରଟିର କାର୍ଯ୍ୟନିର୍ବାହୀ ପ୍ରଯୋଜନା କରିଛନ୍ତି ବିକାଶ କୁମାର ରାଉତ। ନିର୍ଦ୍ଦେଶନା ଦେଇଛନ୍ତି ଜିତେନ୍ଦ୍ର ଜେନା। ଫିଲ୍ମଟିର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସମ୍ମିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ସମରେଶ ରାଉତରାୟ, ପ୍ରଜ୍ଞା ଖଟୁଆ, ପୃଥ୍ୱୀରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚିତ୍ରଟିର ସମସ୍ତ କାମ ଶେଷ ହେବା ସହ ସେନ୍‌ସର କାମ ଶେଷ ହୋଇଛି ଏବଂ ଏହା ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଅଜୟ।


'ଜହ୍ନ ରାତିର ସାଥୀ' ଚଳଚ୍ଚିତ୍ରରେ ସର୍ମିତ – ଶୀତଲ

## ଅପେକ୍ଷା ଶୁଭଦିନକୁ


ବବି

ଅଭିନେତା ବବି ମିଶ୍ର। ପୂର୍ବରୁ ଆମେ ତାଙ୍କୁ ଅଭିନୟ କରୁଥିବାର ଦେଖିଥିଲେ। ହେଲେ ଏଥର ସେ ଆଉ ଦୁଇ ପାଦ ଆଗେଇଛନ୍ତି। ଏକ ମନଛୁଆଁ କାହାଣୀଟିଏ ରଚନା କରିବା ସହ ତାହାକୁ ଆଧାର କରି ନିର୍ମାଣ କରିଛନ୍ତି ଓଡ଼ିଆ ଚଳଚ୍ଚିତ୍ରଟିଏ। ଏହାର ଟାଇଟଲ ରହିଛି 'ଫେରିଲେ ମୁଁ ତୁମର'। ବବି ମିଶ୍ର ଫିଲ୍ମସ ବ୍ୟାନରରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତେବେ କେବଳ ଅପେକ୍ଷା ଏକ ଶୁଭ ଦିନକୁ, ଯେଉଁଦିନ ଫିଲ୍ମଟି ପରଦା ଉପରକୁ ଆସିବ। ବବିଙ୍କ କାହାଣୀକୁ ଆଧାର କରି ଚିତ୍ରଟିର ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏକ ତ୍ରିକୋଣୀୟ ପ୍ରେମକାହାଣୀ ଉପରେ ଏହି ଚିତ୍ରକୁ ନିର୍ମାଣ କରାଯାଇଛି। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡ଼ିର ଭରପୂର ତଡ଼କା ରହିଛି ବୋଲି କହନ୍ତି ବବି। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ମିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ଥୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡ୍‌ଲି ରଥ। ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର–କମ୍–ନିର୍ଦ୍ଦେଶକ ସୁଧାକର ବସନ୍ତ।

## ସ୍ପେଶାଲ ମ୍ୟାରେଜ

ଏହି ମ୍ୟାରେଜ ସ୍ପେଶାଲ। ହେଲେ କାହା ପାଇଁ ଜାଣନ୍ତି ? ପିଲାମାନଙ୍କ ପାଇଁ। କାରଣ ସେମାନଙ୍କର ଲକ୍ଷ୍ୟ ସେମାନେ କିପରି ମା'–ବାପାଙ୍କ ବିବାହ କରାଇବେ। ହେଲେ ସେମାନେ ଏହି କାମକୁ କିପରି ସମ୍ପାଦନ କରୁଛନ୍ତି ଏବଂ ତା' ପଛରେ କି କାରଣ ରହିଛି ତାହାକୁ ଆଧାର କରି କାହାଣୀ ଗତିଶୀଳ। ଏଭଳି ଏକ ଭିନ୍ନଧରଣର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ମାମା ୱେଡ୍‌ସ ପାପା'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି। ଆପୁ କାନୁନ୍‌ଗୋଙ୍କ ନିର୍ଦ୍ଦେଶିତ ଏହି ଚିତ୍ରର ବିଭିନ୍ନ ଭୂମିକାରେ ଅଭିଷେକ, ରିଷିତା, ପ୍ରିୟଙ୍କା, ବଲିଉଡ୍ ଅଭିନେତା କ୍ରିଷ୍ଣା ଅଭିଷେକ, ଜ୍ୟୋତି ମିଶ୍ର, ଦେବୁ ପଟ୍ଟନାୟକ, ଗୁଡୁ, ଐଶ୍ୱର୍ଯ୍ୟା ଏବଂ ଶିଶୁ କଳାକାର ମୁନି ଅଭିନୟ କରିଛନ୍ତି। ଫିଲ୍ମଟିର ସମସ୍ତ କାମ ଶେଷ ହୋଇଛି ଏବଂ ଏହା ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ମାମା ୱେଡ୍‌ସ ପାପା' ଚଳଚ୍ଚିତ୍ରରେ (ବାମରୁ)ଅଭିଷେକ–ମୁନି–ରିଷିତା

## ଦୁଇ ଶହରୁ ଜଣେ

ବଡ଼ ପରଦାରେ ନିଜ ଅଭିନୟ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ହୁମ୍ମା କ୍ୟୁରେସି ଥିଏଟର ସହ ଜଡ଼ିତ ଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଗ୍ୟାଙ୍ଗ୍‌ସ ଅଫ୍ ୱାସିପୁର'। ହେଲେ ଏହି ଫିଲ୍ମ ପାଇଁ ଚୟନ ହେବା ଲାଗି ତାଙ୍କୁ ଅଡିଶନ୍ ଦେବାକୁ ପଡ଼ିଥିଲା। ଏ ନେଇ ହୁମ୍ମା କହନ୍ତି, 'ମୋତେ ପ୍ରଥମେ ହିନ୍ଦୀ ସିନେମାରେ ସୁଯୋଗ ଦେଇଥିଲେ ଅନୁରାଗ କାଶ୍ୟପ। ଯେତେବେଳେ ମୁଁ ଏହାର ଅଡିଶନ ଦେବାକୁ ଗଲି ସେତେବେଳେ ସେଠାରେ ମୋ ପରି ଆହୁରି ୨୦୦ ଜଣ ନବାଗତା ଥିଲେ। ଶଙ୍କା ଆଶଙ୍କା ଭିତରେ ଅଡିଶନ ଦେଇ ଫେରିଥିଲି। ମୁଁ କଦାପି ଭରସା ରଖି ନ ଥିଲି ଯେ ଏହି ଫିଲ୍ମ ପାଇଁ ମୋତେ ସୁଯୋଗ ମିଳିବ। ହେଲେ ଯେତେବେଳେ ଅନୁରାଗ ସାର୍ ମୋତେ ଫୋନ୍ କରି ଏହି ଖୁସି ଖବର ଜଣାଇଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା।' କେବଳ ହିନ୍ଦୀ ସିନେମା ନୁହେଁ, କେତୋଟି ଧାରାବାହିକ ଏବଂ ୱେବ୍ ସିରିଜ୍‌ରେ ମଧ୍ୟ ଅଭିନୟ କରିସାରିଛନ୍ତି ହୁମ୍ମା। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ମୋନିକା ଓ ମାଇଁ ଡାର୍ଲିଂ' ଗତ ବର୍ଷ ରିଲିଜ ହୋଇଥିଲା। ଏବେ ତାଙ୍କ ହାତରେ ଥିବା ସିନେମାଗୁଡ଼ିକ ହେଲା– 'ତାରିଆ' ଏବଂ 'ପୂଜା ମେରି ଜାନ୍'।

## ଆକ୍ସନ ନିଶା

ଦିଶା ପଟାନିଙ୍କୁ ଏବେ ଏକ ନୂଆ ନିଶା ଘାରିଛି। ପୁଣି ସେଭଳି ଏକ ସିନେମାର ନାୟିକା ସାଜିବା ପରେ ତାଙ୍କର ଏଭଳି ନିଶା ଦ୍ୱିଗୁଣିତ ହୋଇଛି। କଥା କ'ଣ କି ସେ ଅଭିନୟ କରିଥିବା 'ଯୋଦ୍ଧା'ର ପ୍ରମୋଟିଂ କାର୍ଯ୍ୟକ୍ରମରେ ସେ ନିଜ ମନକଥା କହିବାକୁ ପଛାଇ ନ ଥିଲେ। ଏହି ସମୟରେ ଦିଶା କହିଥିଲେ ଯେ, 'ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାର ମଜା ନିଆରା। ବିଶେଷଭାବରେ 'ଯୋଦ୍ଧା' ଫିଲ୍ମରେ ଅଭିନୟ କରିବା ପରେ ସତେଯେମିତି ମୋତେ ଏକ ନୂଆ ବାଟ ମିଳିଛି। ଏଭଳି ଫିଲ୍ମରେ ରୋଲ୍ କରିବା ପୂର୍ବରୁ ପ୍ରଥମେ ନିଜକୁ ଫିଟ୍ ରଖିବା ନିହାତି ଜରୁରୀ। ମୁଁ ମଧ୍ୟ ମୋ ଫିଟ୍‌ନେସ୍ ପାଇଁ ସବୁବେଳେ ସଚେତନ ଥାଏ। ଏଥିଲାଗି ଜଣେ ଆକ୍ସନ ମାଷ୍ଟରଙ୍କ ନିକଟରୁ ଟ୍ରେନିଂ ନେବାକୁ ସ୍ଥିର କରିଛି। ଏଣିକି ଯଦି ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳେ ତେବେ ମନା କରିବି ନାହିଁ। ଏ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି।' ଧରମ ପ୍ରଡକ୍ସନ ବ୍ୟାନରରେ 'ଯୋଦ୍ଧା' ଫିଲ୍ମର ପ୍ରଯୋଜନା କରିଛନ୍ତି କରନ୍ ଜୋହର। ନିର୍ଦ୍ଦେଶକ ସାଗର ଆମ୍ବ୍ରେ ଏବଂ ପୁଷ୍କର ଯୋଡ଼ି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମରେ ଦିଶାଙ୍କ ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା। ଚିତ୍ରଟି ଚଳିତ ବର୍ଷ ଜୁଲାଇ ୭ରେ ପରଦା ଉପରକୁ ଆସିବ।


ଦିଶା

## ଚାଲେଞ୍ଜ ପାଇଁ ତତ୍ପର

ସାନ୍ୟାଙ୍କୁ ଥରେ ମନେପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ଦଙ୍ଗଲ'ର ବବିତା ପୋଘାଟ ଭୂମିକାରେ। ଏହି ରୋଲ୍‌ରେ ସାନ୍ୟା ମାଲହୋତ୍ରାଙ୍କୁ ବ୍ରେକ୍ ମିଳିଥିଲା। ଅଭିନୟ ପୂର୍ବରୁ ଫିଲ୍ମ ଜଗତ ସହ ଜଡ଼ିତ ଥିଲେ ସେ। ଆମିର ଖାନ୍ ପ୍ରଡକ୍ସନରେ ସେ କିଛି ଦିନ ଇଣ୍ଟର୍ନ ଭାବରେ କାମ କରିଥିଲେ। ପ୍ରି–ପ୍ରଡକ୍ସନ, ପୋଷ୍ଟ–ପ୍ରଡକ୍ସନ, ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଏବଂ ଭିଏଫ୍‌ଏକ୍ସ ବିଷୟରେ ତାଙ୍କର ଅଭିଜ୍ଞତା ରହିଛି। ନିଜ କ୍ୟାରିୟର ବିଷୟରେ ସାନ୍ୟା କହନ୍ତି, 'ସବୁବେଳେ ଚାଲେଞ୍ଜ ଗ୍ରହଣ କରିବାକୁ ମୁଁ ଭଲ ପାଏ। କାରଣ କୌଣସି କଥାକୁ ଏକ ରିସ୍କ ଭାବରେ ନେଲେ ତାହାକୁ ତୁଲାଇବାର ମଜା ନିଆରା। ହେଲେ ଏ ନେଇ ନିଜକୁ ଠିକ୍ ଭାବରେ ପ୍ରସ୍ତୁତ କରିବା ଆବଶ୍ୟକ। ଯେତେବେଳେ ମୁଁ ବବିତା ପୋଘଟ ଭୂମିକା ପାଇଁ ସିଲେକ୍ଶନ ହେଲି ସେତେବେଳେ ମାଇଣ୍ଡ ମେକ୍‌ଅପ୍ କରିନେଇଥିଲି ଯେ ଏଭଳି କାମକୁ ମୁଁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିବି। ବାକି ଯାହା ଘଟିଲା ତାହା ସମସ୍ତେ ଜାଣନ୍ତି।' ସାନ୍ୟା ନନ୍–ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।


ସାନ୍ୟା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୯/୨୦୨୩ Bhubaneswar, Thursday, February 9/ 2023

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ, ୧୦ ଫେବୃଆରୀ ୨୦୨୩

DSPL-440

ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରେ ୧୦ଟି ଫାଇଲେରିଆ ପ୍ରବଣ ଜିଲ୍ଲା (ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନୂଆପଡା, ନୟାଗଡ ଏବଂ ରାୟଗଡା) ରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି ବଟିକା ଓ ଆଲବେଣ୍ଡାଜଲ୍ ବଟିକା ସେବନର ବ୍ୟବସ୍ଥା କରାଯାଇଅଛି ।



- ଆଶା କିମ୍ବା ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ବୟସ ଅନୁପାତରେ ବଟିକା ଖୁଆଇବେ ।
- କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ ।
- ଯଦି କୌଣସି କାରଣବଶତଃ ଉକ୍ତ ଦିନ ଏହି ଔଷଧଟି ଖାଇପାରିନଥିବେ ତେବେ ପରବର୍ତ୍ତି ସମୟରେ (୧୯ ଫେବୃଆରୀ ମଧ୍ୟରେ) ଖାଇପାରିବେ ।

କିଛି ଖାଦ୍ୟ ଖାଇସାରିଲା ପରେ ହିଁ ଏହି ବଟିକା ସେବନ କରିବା ଉଚିତ ।

ମଶା କାମୁଡିବାରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ ।

OIPR-10003/13/0140/2223

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ଘରାମି, ମଜୁମଦାରଙ୍କ ଶତକ

ଇନ୍ଦୋର, ୮।୨

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ସେମିଫାଇନାଲ ବୁଧବାରଠାରୁ ଆରମ୍ଭ ହୋଇଛି। ସୁଦୀପ କୁମାର ଘରାମି ଓ ଅନୁସ୍ତୁପ ମଜୁମଦାରଙ୍କ ଶତକ ସହାୟତାରେ ବେଙ୍ଗଲ ଏଠାରେ ଚାଲିଥିବା ମଧ୍ୟପ୍ରଦେଶ ବିପକ୍ଷ ପ୍ରଥମ ସେମିଫାଇନାଲରେ ନିଜର ସ୍ଥିତିକୁ ମଜଭୁତ କରିଛି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ବେଙ୍ଗଲ ୪ ଉଇକେଟ ହରାଇ ୩୦୭ ରନ

**ରଣଜୀ ଟ୍ରଫି ସେମିଫାଇନାଲ**

ସଂଗ୍ରହ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବେଙ୍ଗଲ ୫୧ ରନରେ ଦୁଇ ଓପନର କରନ ଲାଲ (୨୩) ଓ ଅଭିମନ୍ୟୁ ଈଶ୍ୱରନ (୨୭)ଙ୍କ ଉଇକେଟ ହରାଇଥିଲେ ହେଁ ଘରାମି ଓ ମଜୁମଦାର ତୃତୀୟ ଉଇକେଟରେ ଦ୍ୱିଶତକୀୟ (୨୪୧ ରନ) ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ୨୦୬ ବଲ୍ ଖେଳିଥିବା ମଜୁମଦାର ୧୩ ଚୌକା ଓ ୧ ଛକା ସହାୟତାରେ ୧୨୦ ରନକରି ଆଉଟ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ମଜୁମଦାର ଆଉଟ ହେବାର ପରବର୍ତ୍ତୀ ଓଭରରେ ଘରାମି ବ୍ୟକ୍ତିଗତ ୧୧୨ (୨୧୩ ବଲ୍, ୧୨ ଚୌକା, ୨ ଛକା) ରନ କରିଥିବାବେଳେ ଅନୁଭବ ଅଗ୍ରୱାଲଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ମନୋଜ ତିୱାରୀ ୫ ଓ ଶାହାବାଜ ଅହମଦ ୬ ରନକରି ଅପରାଜିତ ରହିଥିଲେ। ମଧ୍ୟପ୍ରଦେଶ ବୋଲରଙ୍କ ମଧ୍ୟରେ ଅନୁଭବ ଅଗ୍ରୱାଲ ୨ଟି ଏବଂ ଆଭେଶ ଖାଁ ଓ ଗୌରବ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଦ୍ୱିଶତକୀୟ ଭାଗୀଦାରି ଅବସରରେ ସୁଦୀପ କୁମାର ଘରାମି ଓ ଅନୁସ୍ତୁପ ମଜୁମଦାର।

## ବ୍ୟାଟିଂ ବିପର୍ଯ୍ୟୟ ପରେ କର୍ଣ୍ଣାଟକ ଦୃଢ଼

ବେଙ୍ଗାଲୁରୁଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ସେମି ଫାଇନାଲରେ କିନ୍ତୁ ପ୍ରଥମ ଦିବସର ସମ୍ମାନ ଉଭୟ ଦଳ ଭାଗ କରିଛନ୍ତି। ସୌରାଷ୍ଟ୍ର ବୋଲରମାନେ ଘାତକ ବୋଲିଂ କରି ୧୧୨ ରନରେ କର୍ଣ୍ଣାଟକର ୫ ଉଇକେଟ ପତନ ଘଟାଇଥିଲେ। ଅନ୍ୟପକ୍ଷରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ କର୍ଣ୍ଣାଟକ ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ସେହି ୫ ଉଇକେଟ ହରାଇ ୨୨୯ ରନ ସଂଗ୍ରହ କରି ନେଇଛି। ଅଧିନାୟକ ମୟଙ୍କ ଅଗ୍ରୱାଲ ୧୧୦ (୨୪୬ ବଲ, ୧୧ ଚୌକା, ୧ ଛକା) ଓ ଶ୍ରୀନିବାସ ଶରଥ ୫୮ (୧୪୩ ବଲ, ୪ ଚୌକା) ରନରେ ଅପରାଜିତ ରହିଛନ୍ତି। ଅସମାପ୍ତ ୬ଷ୍ଠ ଉଇକେଟରେ ଦୁହେଁ ୧୧୭ ରନ ସଂଗ୍ରହ କରିଛନ୍ତି। ରବିକୁମାର ସମର୍ଥ ୩, ଦେବଦତ୍ତ ପଡିକାଲ ୯, ନିକିନ ଜୋସ ୧୮, ମନୀଷ ପାଣ୍ଡେ ୭ ଓ ଶ୍ରେୟାସ ଗୋପାଳ ୧୫ ରନକରି ଆଉଟ ହୋଇଛନ୍ତି। ସୌରାଷ୍ଟ୍ର ପକ୍ଷରୁ କୁଶାଙ୍ଗ ପଟେଲ ୨ଟି ଏବଂ ଚେତନ ସାକାରିଆ ଓ ପ୍ରେରକ ମଙ୍କଡ଼ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ଓଭାଲରେ ଖେଳାଯିବ ଫାଇନାଲ ମ୍ୟାଚ

**ଦୁବାଇ, ୮।୨ (ପି.ଟି.):** ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଦ୍ୱିତୀୟ ସଂସ୍କରଣର ଫାଇନାଲ ମ୍ୟାଚ ଓଭାଲରେ ଖେଳାଯିବ। ଜୁନ୍ ୭-୧୧ ମଧ୍ୟରେ ମ୍ୟାଚ୍ ଖେଳାଯିବ ଏବଂ ୧୨ ତାରିଖକୁ ରିଜର୍ଭ ଡେ ରଖାଯାଇଛି। ସାଉଥ୍ ଲଣ୍ଡନରେ ରହିଥିବା ଏହି ଭେନ୍ୟୁରେ ୧୦୦ରୁ ଅଧିକ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଦୁଇ ବର୍ଷର କଡ଼ା ମୁକାବିଲା ପରେ ଦୁଇ ଫାଇନାଲିଷ୍ଟ ଦଳ ଟେଷ୍ଟ ଗଦା ପାଇଁ ଲଢେଇ କରିବେ। ଦୁଇ ବର୍ଷ ମଧ୍ୟରେ ୨୪ଟି ସିରିଜ ଓ ୬୧ ମ୍ୟାଚ ଖେଳାଯାଇଛି। ଅଷ୍ଟ୍ରେଲିଆ ବର୍ତ୍ତମାନ ଡବ୍ଲ୍ୟୁଟିସି ପଏଣ୍ଟ ଟେବଲରେ ଶୀର୍ଷସ୍ଥାନରେ ରହିଥିବା ବେଳେ ଫାଇନାଲ ଖେଳିବା ପ୍ରାୟ ସ୍ପଷ୍ଟ ହୋଇ ଯାଇଛି। ଭାରତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଉଭୟ ଦଳ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବେ। ଡବ୍ଲ୍ୟୁଟିସି ଫାଇନାଲ ଖେଳିବା ଆମ ଦଳର ସମସ୍ତ ଖେଳାଳିଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ। ଏହା ସହିତ ଓଭାଲ ପରି ନିରପେକ୍ଷ ଭେନ୍ୟୁରେ ଖେଳିବା ମ୍ୟାଚକୁ ଆହୁରି ରୋମାଞ୍ଚକ ବନେଇ ଦେବ। ଅନ୍ୟ ପକ୍ଷରେ ଦ୍ୱିତୀୟ ସ୍ଥାନରେ ରହିଥିବା ଭାରତର ଅଧିନାୟକ ରୋହିତ ଶର୍ମା ମଧ୍ୟ ଫାଇନାଲ ପ୍ରବେଶ ନେଇ ଆଶାବାଦୀ ଅଛନ୍ତି। ପଡିଆରେ ହେଉ କିମ୍ବା ଡବ୍ଲ୍ୟୁଟିସି ଫାଇନାଲ ଭାରତର ନେତୃତ୍ୱ ନେବା ମୋ ପାଇଁ ସର୍ବଦା ଗର୍ବର ବିଷୟ। ତେବେ ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ହରାଇବା ଆମର ପ୍ରଥମ ଲକ୍ଷ୍ୟ ବୋଲି କହିଛନ୍ତି ରୋହିତ ଶର୍ମା।

# ଡବଲ୍ସରେ ଭାରତ ଚାମ୍ପିୟନ

ଭୁବନେଶ୍ୱର, ୮।୨
(କ୍ରୀଡ଼ା ପ୍ରତିନିଧି)

**ଅନ୍ତର୍ଜାତୀୟ ମାଷ୍ଟର୍ସ ଗେମ୍ସ ଗେଟ୍‌ବଲ୍**

ଥାଇଲାଣ୍ଡର ସି-ରଚାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମାଷ୍ଟର୍ସ ଗେମ୍ସର ଗେଟବଲ୍ ଡବଲ୍ସରେ ଭାରତ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ଓଡିଶାର ୨ଟି ଦଳ ଓ ୫ ଜଣିଆ କ୍ଲାସିକ୍ ଟିମ୍ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତିନୋଟି ଯାକ ଦଳ ନିଜ ବିଭାଗରେ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ଶେଷରେ ଭାରତ-ଏ ଦଳ ଡବଲ୍ସରେ ଚାମ୍ପିୟନ ହୋଇଥିଲା। ଭାରତ-ଏ କ୍ୱାର୍ଟରଫାଇନାଲରେ ଥାଇଲାଣ୍ଡ, ସେମିଫାଇନାଲରେ ଦକ୍ଷିଣ କୋରିଆ ଓ ଫାଇନାଲରେ ହଂକଂକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା ବୋଲି ଭାରତୀୟ ଗେଟବଲ ୟୁନିୟନ ସଭାପତି ଦ୍ୱୈପାୟନ ପଟ୍ଟନାୟକ ଓ ସମ୍ପାଦକ ଦିଲୀପ ଦାସ ଏକ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ଟାଇଟଲ ବିଜୟୀ ଭାରତୀୟ ଦଳର ସଦସ୍ୟମାନେ ହେଲେ ସତୀଶ ପୃଷ୍ଟି, ରଞ୍ଜନ ମିଶ୍ର ଓ ସମରେନ୍ଦ୍ର ମହାରଣା। ଭାରତୀୟ ଦଳର ଅନ୍ୟ ସଦସ୍ୟ ମାନେ ହେଲେ ବିଶ୍ୱରଞ୍ଜନ ମିଶ୍ର, ଅଭିଷେକ ମହାନ୍ତି, ରଞ୍ଜନ ପାତ୍ର, ଗିରିଜା ଶଙ୍କର ଭଞ୍ଜ ଓ ରାଜେନ୍ଦ୍ର ମୁର୍ମୁ। ଟିମ୍ ମ୍ୟାନେଜର ଥିଲେ ବସନ୍ତ ମିଶ୍ର।




ଥାଇଲାଣ୍ଡର ସି-ରଚାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମାଷ୍ଟର୍ସ ଗେମ୍ସର ଗେଟବଲ୍‌ରେ ଭାଗ ନେଇଥିବା ଭାରତୀୟ ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଉତ୍କଳ ଓପନ ଟେନିସ ୧୦ରୁ

ଭୁବନେଶ୍ୱର, ୮।୨
(କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ଅନ୍ୟତମ ସମ୍ମାନଜନକ ଟେନିସ ଟୁର୍ନାମେଣ୍ଟ ଉତ୍କଳ ଓପନ ଚଳିତ ମାସ ୧୦ରୁ ୧୨ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଏଥର ପ୍ରଥମଥରପାଇଁ ୧୨ ବର୍ଷରୁ କମ୍ ବର୍ଗର ବାଳକ ପ୍ରତିଯୋଗିତାକୁ ସାମିଲ କରାଯାଇଛି। ଏହା ବ୍ୟତୀତ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ, ମହିଳା ଓ ପୁରୁଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ ଏବଂ ୪୦, ୫୦ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୨.୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ମହିଳା ଓ ପୁରୁଷ ବର୍ଗର ବିଜେତାଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

# ମୁକ୍ତେଶ୍ୱର-ଜ୍ୟୋତି ମୋଟର୍ସ ପ୍ରଥମ ମ୍ୟାଚ

ଭୁବନେଶ୍ୱର, ୮।୨
(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ବିଜେବି କଲେଜ ଖେଳ ପଡ଼ିଆରେ ଗୁରୁବାରଠାରୁ ୬ଷ୍ଠ ନବ ଦାସ ଏବଂ ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ନବ ଦାସ ସ୍ମୃତି କମିଟି ଏବଂ ମୁନ୍ ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଏବଂ କଟକ ସହରର ୮ଟି ଦଳ ଅଂଶ ଗ୍ରହଣ କରିବେ। ରଙ୍ଗିନ ପୋଷାକ ଏବଂ ଧଳା ବଲରେ ମ୍ୟାଚଗୁଡ଼ିକ ଖେଳାଯିବ। ଚଳିତ ମାସ ୧୨ ତାରିଖରେ ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ଆବାହକ ନରେନ୍ଦ୍ର ଦାସ ସୂଚନା ଦେଇଛନ୍ତି। ମ୍ୟାଚଗୁଡ଼ିକୁ ଓସିଏ ପାନେଲ

**ଆଜିଠୁ ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ସ୍ମାରକୀ କ୍ରିକେଟ**

ଅମ୍ପାୟର ପରିଚାଳନା କରିବେ। ସାମାଜିକ କର୍ମୀ ନବ ଦାସ ଏବଂ ପୂର୍ବତନ ରଣଜୀ ଖେଳାଳି ତଥା ବିସିସିଆଇ ମ୍ୟାଚ୍ ରେଫରି ପ୍ରଶାନ୍ତ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ପ୍ରତିବର୍ଷ ଆୟୋଜନ ହୋଇଆସୁଛି।

**କାର୍ଯ୍ୟସୂଚୀ**

**ଫେବୃୟାରୀ ୯:** ମୁକ୍ତେଶ୍ୱର କ୍ରିକେଟ କ୍ଲବ ବନାମ ଜ୍ୟୋତି ମୋଟର୍ସ (ପୂର୍ବାହ୍ନ ୯ଟା)
ପାରାମାଉଣ୍ଟ ସ୍ପୋର୍ଟିଂ ବନାମ ରାମେଶ୍ୱର ସ୍ପୋର୍ଟିଂ (ଅପରାହ୍ନ ୧ଟା)
**ଫେବୃୟାରୀ ୧୦:** ସୋଲାର କ୍ରିକେଟ କ୍ଲବ ବନାମ ବାପୁଜୀ କ୍ରିକେଟ କ୍ଲବ (ପୂର୍ବାହ୍ନ ୯ଟା)
ପ୍ରଗତି ସ୍ପୋର୍ଟିଂ ବନାମ ୟୁନିୟନ ସ୍ପୋର୍ଟିଂ (ଅପରାହ୍ନ ୧ଟା)
**ଫେବୃୟାରୀ ୧୧:** ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ (ପୂର୍ବାହ୍ନ ୯ଟା ଓ ଅପରାହ୍ନ ୧ଟା)
**ଫେବୃୟାରୀ ୧୨:** ଫାଇନାଲ (ପୂର୍ବାହ୍ନ ୧୦ଟା)




PRASA-2023




6 Airbags
4 Airbags standard (Driver, passenger & side)
Fabric seat upholstery with NIOS branding
Tyre pressure monitoring system (TPMS) - highline
LED tail lamps
20.25 cm (8") touchscreen display audio with smartphone navigation*
ESC, VSM & HAC
Wireless phone charger

Available in CNG and AMT options.

HYUNDAI

To know more, WhatsApp us on 8447228019 | my Hyundai app | Hyundai Click to Buy | 3 years 100 000km Warranty Coverage** | 3 years Road Side Assistance (RSA)* | 7 years Extended Warranty^ | 5 years Shield of Trust Running Repair Package* | 5 years Shield of Trust Super Maintenance Package* | Lowest cost of maintenance*

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449803; BHADRAK, PH: 9938449812; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736590; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Segment is defined by comparable high compact segment hatchbacks whose length lies between 3 700-3 845 mm, width between 1 680-1 735 mm & petrol engine capacity 1 197 cc. **Warranty upto 3 Years or 1 00 000 km whichever occurs earlier. ^Upto 7 years extended warranty is applicable only for petrol variants. *The new Grand i10 NIOS (Petrol) has lowest average yearly periodic maintenance service cost in its segment of ₹2 754 for 5 years in Delhi, Source: Cardekho.com. Hyundai Motor India reserves the right to change specifications, colour, equipment and schemes at any time without prior notice. Technical specifications have been rounded-off to the nearest value. Deployment of Airbags depends upon number of factors explained in detail in Owners Manual, available on Hyundai website. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ